Spreading Knowledge amongst Mankind.......

ନଭେମ୍ବର - ୨୦୧୭ NOVEMBER - 2017



# ବେଦାନ୍ତୀ

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର

## ଯୋଗାଯୋଗ

Whatsapp: + 91 9594993733

ଭ୍ରାମ୍ୟଭାଷ - + 91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

# ଏଣୁତେଣୁ......

ନମସ୍କାର ।

ବେଦାନ୍ତୀ ଆଗେଇ ଚାଲିଛି ତା ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାପାଇଁ । ବେଦାନ୍ତୀ ଆରମ୍ଭ ହୋଇଥିଲା ୨ ବର୍ଷ ପୂର୍ବେ ଏବଂ ପ୍ରଥମ ସଂଖ୍ୟା ଥିଲା ୫୨ ପୃଷ୍ଠାର ପତ୍ରିକା । ଆଜି ଏହା ପହଞ୍ଚିପାରିଛି ୨୦୦ ପୃଷ୍ଠାର ପତ୍ରିକା ଏବଂ ଆଦୃତ ହୋଇପାରିଛି ସାରା ବିଶ୍ୱରେ । ଏହା କେବଳ ସମ୍ଭବ ହୋଇପାରିଛି ଆପଣମାନଙ୍କ ଯୋଗୁ । କାରଣ କୌଣସି ପତ୍ରିକା ନିଜର ପରିଚୟ ହରାଇଥାଏ ଯଦି ଏହା ପାଠକମାନଙ୍କ ଦ୍ୱାରା ଆଦୃତ ହୋଇପାରିନଥାଏ । ଆଜିକାଲି ଅନେକ ପତ୍ରିକା ବାହାରି ଚାଲିଛି । କିନ୍ତୁ ସେଥିମଧ୍ୟରୁ ୭୦ ଭାଗ ପତ୍ରିକା ପାଠକଙ୍କ ଅଭାବରୁ ଧିରେ ଧିରେ ବନ୍ଦ ହୋଇଯାଉଛି ।

ବହୁ ଶୀଘ୍ର ବେଦାନ୍ତୀର ୱେବସାଇଟ୍ ଆରମ୍ଭ ହେବାକୁ ଯାଉଛି । ଏଥିପାଇଁ ପଦକ୍ଷେପ ନିଆଯାଉଛି ଯାହାର ନାମ ହେବ : **www.vedantimagazine.com** । ଆଶା ନିଶ୍ଚୟ ଏହାଦ୍ୱାରା ବେଦାନ୍ତୀ ପହଞ୍ଚି ପାରିବ ପ୍ରତ୍ୟେକ ଓଡିଆଙ୍କ ପାଖରେ, ଯାହାକି ହେଉଛି ବେଦାନ୍ତୀର ଲକ୍ଷ୍ୟ ।

ବେଦାନ୍ତୀ ଧନ୍ୟବାଦ ଦେଉଛି ଏହାର ଲେଖକ ଲେଖିକାବୃନ୍ଦଙ୍କୁ ଯେଉଁମାନେ ନିଜର ବହୁମୂଲ୍ୟ ସମୟ ଦେଇ ବେଦାନ୍ତୀ ପାଇଁ ନିଜର ଲେଖା ପଠାଉଛନ୍ତି ପ୍ରତିମାସରେ । ଏଣୁ ଏହି ପତ୍ରିକାଟିର ଶ୍ରେୟ ସେମାନଙ୍କୁ ସମର୍ପଣ କରୁଛି । ଆଶା, ଆପଣମାନଙ୍କର ସହଯୋଗ ଏହିପରିଭାବରେ ମିଳୁଥିବ ଆଉ ବେଦାନ୍ତୀ ସହ ଜଡିତ ରହି ଆପଣମାନେ ମଧ୍ୟ ଓଡିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ କାର୍ଯ୍ୟ କରୁଥିବେ ।

ଜୟ ଉତ୍କଳ, ଜୟ ଓଡିଆବାସୀ ।

ଅରବିନ୍ଦ ମିଶ୍ର

# ଭିତର ପୃଷ୍ଠାରେ....


| | | |
|---|---|---|
| ସମର୍ପଣ | ଆଶା ସାହୁ | ୦୭ |
| ବୁଦ୍ଧତ୍ୱ | ବିନୟ ମହାପାତ୍ର | ୧୭ |
| କବିତା | ଆଶୁତୋଷ ମେହେର | ୧୮ |
| ମାଛ ଭଜା | ଶାନ୍ତିଲତା ମିଶ୍ର | ୧୯ |
| ମାଗୁନାହିଁ କେହି ସରଗ ସୁଖ | ଶଶଧର ମହାପାତ୍ର | ୨୩ |
| ଭୈରବର ଅମୋକ୍ଷ ଆତ୍ମା | ଦୀପକ ଷଡଙ୍ଗୀ | ୨୪ |
| ଭୀତା | ଭଗିରଥୀ ବେହେରା | ୩୧ |
| ରାସଲୀଳା | ଅନୁସୂୟା ମିଶ୍ର | ୩୩ |
| ରଙ୍ଗ | ଭାସ୍କର ଚନ୍ଦ୍ର ଖଣ୍ଡା | ୩୭ |
| ଶବ୍ଦ | ବରୁଣ କୁମାର ଦାସ | ୩୮ |
| ବିବାହ ଯନ୍ତ୍ରଣା | ଡ. ବିଜ୍ଞାନୀ ଦାସ | ୩୯ |
| ଆରକେ ବିଶ୍ୱ | ସୁସ୍ମିତା ମହାପାତ୍ର | ୪୯ |
| ମୁଁ ପଦ୍ମପତ୍ରଟିଏ | ଜୟନ୍ତୀ ବେହେରା | ୫୦ |
| ସମୟ କଥା କୁହେ | ସୁଲୋଚନା ପଟ୍ଟନାୟକ | ୫୨ |
| ଚିଲିକା – ଏକ ଅନନ୍ୟ କାବ୍ୟର ନାୟିକା | ମଧୁସ୍ମିତା ପଟ୍ଟନାୟକ | ୫୮ |
| କଳାପାହାଡ | ହିମାଂଶୁ ଶେଖର ବାରିକ୍ | ୬୦ |
| ରଶ୍ମି-ରଞ୍ଜନ | ପ୍ରତିଭା ପ୍ରିୟଦର୍ଶିନୀ | ୬୧ |
| ତୁମ ପାଇଁ | ପ୍ରଦେଶ କୁମାର ପ୍ରଧାନ | ୬୬ |
| ଦୂରେଇ ଯା | ଶମ୍ଭୁନାଥ ଦାସ | ୬୭ |
| ମଦ ରାକ୍ଷସ | ସୁବଳ ମହାପାତ୍ର | ୬୯ |
| ବରଷା ରାଣୀଲୋ ବରଷା ରାଣୀ | ସୁମିତ୍ରା ରାଉଳ | ୭୨ |
| ଅନାସ୍ଥାର ଜୟ | କାଳକଙ୍କର | ୭୪ |
| ଏକ ସଂନ୍ଧ୍ୟାର ବୃତାନ୍ତ | ଅଶୋକ ବିଶ୍ୱାଳ | ୭୬ |

| | | |
|---|---|---|
| କଥା ଦିଅ ଆଜି ତୁମେ | ପୁଷ୍ପିତା ଭୂୟାଁ | ୮୮ |
| ଆଶା/ପ୍ରତୀକ୍ଷା | ପ୍ରଫେସର ଅନତା ପଣ୍ଡା | ୮୯ |
| ବୋତଲେ ରକ୍ତ | ସୁବ୍ରତ କୁମାର ମୁଦୁଲି | ୯୧ |
| ଆମ୍ଭ ଚନ୍ଦନ ଓ ପରମାମ୍ଭ ଚନ୍ଦନ | ସନାତନ ମହାକୁଡ | ୯୨ |
| ଅବଗ୍ରେହ | ସିପ୍ରା ନାମତା | ୯୪ |
| ସୁମନ | ନୃସିଂହ ଚରଣ ବେହେରା | ୯୫ |
| ଭାଙ୍ଗିଯିବ ସ୍ୱାର୍ଥର ବନ୍ଧ | ବଲବନ୍ତ ସାହୁ (ବବଲୁ) | ୧୦୦ |
| କୋହିମା,ନାଗାଲ୍ୟାଣ୍ଡ (କୋହିମା ଗଳର କୁକୁର ) | ପ୍ରିୟବ୍ରତ ପାତ୍ର | ୧୦୧ |
| ପ୍ରେମ ଥିଲା ବୋଲି | ସଚ୍ଚିଦା ନନ୍ଦ ବାରିକ | ୧୦୬ |
| ପ୍ରେମ ଫୁଲ ମରେନା | ସତ୍ୟବ୍ରତ ସାହୁ | ୧୦୮ |
| ବର୍ଷା ଆଉ ବୁଢା ବରଗଛ | ପ୍ରଶାନ୍ତ କୁମାର ନାଥ | ୧୦୯ |
| ଜୀବନଟା ଏମିତି କଟିଯାଆନ୍ତା କ... | ଅନୁପମ ବେହେରା | ୧୧୨ |
| ଅକ୍ଟୋବର ଅଣତିରିଶ | ଦେବସ୍ମିତା ବେହେରା | ୧୧୩ |
| ହାଲ୍ଲା ଗାଡି | ସୁଧାଂଶୁ ଦ୍ୱିବେଦୀ | ୧୧୫ |
| ବନ୍ଦ କୋଠରୀ | ମାମାଜିନ ପ୍ରଧାନ | ୧୨୩ |
| ଅପାତତଃ ବଞ୍ଚିଛି ଯେତେ ଦିନ | ଦିଲ୍ଲୀପ କୁମାର ଘୋଷ | ୧୨୪ |
| ରହ ଶୁଣୁ! ଗୋଟେ କଥା ଅଛି | ଗ୍ରାଧାକାନ୍ତ ଦାଶ | ୧୨୬ |
| ଜନ୍ମଭୂମି | ବିଜୟ ପଣ୍ଡା | ୧୩୦ |
| ପଥରିଆ ମୁନୁଷ | ଫିଗ୍ରେଜ କୁମାର ପଟେଲ | ୧୩୧ |
| ଟଙ୍କା ଭାଇରସ୍ | ସୂରଜ କୁମାର ମେହେର | ୧୩୨ |
| ବାଜୀଆ ଅମର ରହେ | କଶୋର ପଣ୍ଡା | ୧୪୮ |
| ସନ୍ଦେହି ପ୍ରିୟତମା | ପ୍ରକାଶ ସାହୁ | ୧୫୧ |
| ଚିକଲି | ମମତା ସାମଲ | ୧୫୫ |
| ମହାବାହୁ | ଶୁଭମ ନାୟକ | ୧୫୬ |

| | | |
|---|---|---|
| ମଶାନ୍ ଘାଟ୍ | ପ୍ରସନ୍ନ କୁମାର ଭୁଏ | ୧୫୮ |
| ପ୍ରଥମ ପ୍ରେମର ବଳ | ବିକେଶ ସାହୁ | ୧୫୯ |
| ପଶୁ | ସିପୁନୁ ଜେନା | ୧୬୪ |
| ଗୁଂଗୀଝିଅ | ଦିପୁନ୍ ପୁହାଣ | ୧୬୫ |
| ଆମ୍ଭର ବୈଜ୍ଞାନିକ ବିଶ୍ଳେଷଣ | ବାଲ୍ମୀକ ନାୟକ | ୧୬୭ |
| କେବେ ପାହିବ ସକାଳ | ଅନନ୍ତ ବାଗ | ୧୭୫ |
| ବି.ଏଡ୍ - ବିନାସ | ଏମ୍. ବିଜୟ କୁମାର | ୧୭୬ |
| ପୁରୁଣା ଦିନର ଭିଜା ଅନୁଭୂତି | ସତ୍ୟବ୍ରତ ପ୍ରଧାନ | ୧୭୮ |
| ବନ୍ଧୁତାର ପ୍ରପାତ | ଜ୍ୟୋତିରାଦିତ୍ୟ ପୁଝାରୀ | ୧୭୯ |
| ରେଳ ଗାଡି | ପ୍ରକାଶ ସାହୁ | ୧୮୧ |
| ଛଠି ଆଉ ମା | ପ୍ରକାଶ ସାହୁ | ୧୮୪ |
| ପୁସ୍ତକ ସମୀକ୍ଷା<br>ତଟଶୁନ୍ୟ ଶୂନ୍ୟତା – ଏକ<br>କାହାଣୀମୟ ଗଳ୍ପ ସଂକଳନ | ବେଦାନ୍ତୀ ପରିବାର | ୧୮୮ |
| ଲେଖକ ପରିଚୟ | ବେଦାନ୍ତୀ ପରିବାର | ୧୯୧ |
| ଆପଣଙ୍କ ମତାମତ | | ୧୯୩ |
| ବିଦେଶ ଖବର | | ୧୯୪ |
| ନଭେମ୍ବର ମାସରେ<br>ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୧୯୬ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୧୯୭ |

# ସମର୍ପଣ



ଆଶା ସାହୁ

"ଗୋଧୂଳି ବେଳାରେ ସମସ୍ତେ ନିଜ ନିଜ ନୀଡକୁ ଉତ୍ସାହର ସହ ଫେରିଥିଲାବେଳେ ମୋ ପଥ ହୁଏ ଭାରାକ୍ରାନ୍ତ । କାହିଁକି ନା ମନ ମୋର ବାରମ୍ବାର ଜଣାଇଦିଏ ଯେ ସେ ନୀଡ ମୋର ନୁହେଁ। କଥାରେ ହେଉ ବା ବ୍ୟବହାରରେ ହେଉ ଜଣେଇ ଦିଆ ଯାଇଥାଏ । କିନ୍ତୁ ମୋର ଯଦି ସଠିକ୍ ମନେ ଅଛି, ତେବେ ମୁଁ ମଧ୍ୟ କେତେ ଖଣ୍ଡ କାଠିକୁଟା ସେ ନୀଡରେ ଯୋଡିଥିଲି ମୋର ଦୁଇ ଚଢେଇ ଭାଇଙ୍କ ପରି ।

ତେବେ ଆଜି ଯେତେବେଳେ ମୋର ଟିକି ଚେଢେଇକୁ ରକ୍ଷା କରିବା ଆଶାରେ ଏଇ ବସାକୁ ଫେରି ଆସିଛି, ମୋ ସହ କାହିଁକି ବୈମାତୃକ ବ୍ୟବହାର କରାଯାଉଛି ।

ମୁଁ ତ ମୋର ଓ ମୋର ଟିକି ଚଢେଇର ଆଧାର ପାଇଁ କାହାକୁ କେବେହେଲେ ବ୍ୟସ୍ତ କରିନି । ନିଜେ ହିଁ ଯୋଗାଡିଛି ଆଧାର । "ମୁଁ କି ଏଇ ନୀଡରେ ଆଜି ଶରଣାର୍ଥି**?**" ବାରମ୍ବାର ଏଇ ପ୍ରଶ୍ନ ମୋର ମନକୁ ଆନ୍ଦୋଳିତ କରେ । ମୋର ଟିକି ଚଢେଇ ଯେବେ ନିଜେ ଆଧାର ଯୋଗାଡିବ, ଆତ୍ମନିର୍ଭରଶୀଳ ହେବ, ମୁଁ ଏ ନୀଡ ଛାଡିଦେବି । ଏଇ କଥା ମୋ ବାପା, ମାଆ ଚଢେଇ କି ଅନ୍ୟ ଦୁଇ ଚେଢେଇଭାଇ କଣ ବୁଝିପାରୁ ନାହାନ୍ତି**?**

ଟିକି ଚେଢେଇ ତ ମୋର ଝିଅଟିଏ, ତେଣୁ ବସାପାଇଁ ସୁରକ୍ଷିତ ସ୍ଥାନଟିଏ ନ ମିଳିବା ଯାଏ ମୁଁ ଯାଇ ମଧ୍ୟ ପାରୁନି କୁଆଡେ । ଶହଶହ ଚିଲ ଶାଗୁଣାଙ୍କ ମେଳରେ କୁଆଡେ ହଜିଯିବନି ତ ମୋର ଟିକି ଚଢେଇ**?**

ବେଳେ ବେଳେ ଭାବେ ମୋର ଟିକି ଚେଢେଇଟା ଝିଅ ନହୋଇ ଯଦି ପୁଅଟିଏ ହୋଇଥାଆନ୍ତା, ତେବେ ଆଜି ମୁଁ ଏତେ ଅପମାନ ସହି ପଡି ରହିନଥାନ୍ତି ଏ ନୀଡରେ ।**.....**"

କାହାଣୀଟା ଅଧାରେ ରଖିଛି ଶୁଚସ୍ମିତା। ତାକୁ ଛିଡେଇବ କେମିତି ଏକଥା ଭାବିବାକୁ ଯେମିତି ତା ପାଖରେ ସମୟ ନାହିଁ। ସିଆଡୁ ମେଗାଜିନ୍ ମାନଙ୍କର ଏଡିଟର ମାନେ ବାରମ୍ବାର ଫୋନ୍ କରୁଛନ୍ତି, ଲେଖା ପଠାଇବା ପାଇଁ। କିନ୍ତୁ ସତରେ ତା ପାଖରେ ସମୟର ଘୋର ଅଭାବ। ବେକାର ଥିଲାବେଳେ କେବଳ କାହାଣୀ ଲେଖିବା ଗୋଟେ ଅଭ୍ୟାସରେ ପଡିଯାଇଥିଲା ତାର। କିନ୍ତୁ ଯେଉଁଦିନଠାରୁ ଗୋଟେ ଘରୋଇ କମ୍ପାନୀରେ ଯୋଗ ଦେଇଛି, ନିଶ୍ୱାସ ମାରିବାକୁ ସମୟ ନାହିଁ।

ଦଶ ବାର ଦିନରୁ ଅଧିକ ହୋଇଗଲାଣି କାହାଣୀଟା ଆରମ୍ଭ କରିଛି। ଭାବୁଛି କାଲି ଶନିବାରଟା ଛୁଟୀ ନେଇଯିବ ଓ ଦୁଇଦିନଆ ସପ୍ତାହାନ୍ତ ମିଳିଗଲେ ଏଇ କାହାଣୀଟା ପୂରା କରିବା ସହ ଆଉ ଗୋଟେ ଦୁଇଟା କାହାଣୀ ଲେଖିଦେବ।

ଏଇ କେତେଦିନ ହେଲା ସେ ଅନୁଭବ କରୁଛି ଯେ ବ୍ୟସ୍ତ ରହିବାଟା ତାର ଶରୀର ଓ ମନପାଇଁ କେତେ ଲାଭଦାୟକ। ଚାକରୀ ନଥିଲା ବେଳେ ସେ କାହାଣୀ ଲେଖୁଥିଲା ସତ, କିନ୍ତୁ ମାନସୀକ ଦୁଶ୍ଚିନ୍ତାରେ କେତେ ଯନ୍ତ୍ରଣା ମଧ ପାଉଥିଲା।

ଏବେ ସକାଳୁ ଶୀଘ୍ର ଉଠି ନିଜର ଓ ଝିଅର ସବୁ ନିତ୍ୟକର୍ମ ସାରି ସେ ନିଜ ଝିଅକୁ ଓ ଭାଇ ଝିଅକୁ ସାଥିରେ ନେଇଯାଏ। ତାଙ୍କୁ ସ୍କୁଲରେ ଛାଡି ନିଜେ ଚାଲିଯାଏ ଅଫିସ୍ କୁ। ଅଫିସରେ ମଧ ମନପ୍ରାଣ ଦେଇ କାମ କରେ। ସେ ମନେ ମନେ ହସେ, ସିଏ ଯେତେ ଭଲ ଓ ଅଧିକ କାମ କରୁଛି ତା ପାଖକୁ ସେତିକି ବେଶି କାମ ଆସୁଛି। ଶନିବାରଟା ଛୁଟି ଦେବେ କି ନାହିଁ କେଜାଣି। ଏଇକଥା ଭାବୁଭାବୁ କେତେବେଳେ ଯେ ଲଞ୍ଚ୍ ଟାଇମ୍ ଓଭର ହୋଇଗଲା ସେ ଜାଣିପାରିଲାନି। ଲଞ୍ଚ୍ ବକ୍ସ ଖୋଲିବାକୁ ଯାଉଛି ପିଅନ ଆସିଲା ଗୋଛେ ଫାଇଲ୍ ଧରି। "ଯାଃ, କାଲିର ଛୁଟିଟା ଗଲା। ଏତେଗୁଡେ ଫାଇଲ୍? ଆଜି କଣ କାମ ସରିବ?"

ଲଞ୍ଚ୍ ବକ୍ସଟା ପୁଣି ବନ୍ଦ କରିଦେଲା। ଆଜି ଖାଇବାର ଯୋଗନାହିଁ। ଚେଷ୍ଟା କରି ଦେଖିବ କାଳେ କାମ ସରିଯିବ। ଫାଇଲ୍ ଭିତରେ ନିଜ ମୁଣ୍ଡକୁ ପୂରାଇଦେଲା। ଘଡି ଦେଖିବାକୁ ଫୁରସତ୍ ନାହିଁ। ପୂରାପୂରି ହଜିଯାଇଥାଏ କାମରେ।

"ଦିଦି, ଘରକୁ ଯିବନି?"

ଚମକି ପଡିଲା। ସାମନାରେ ପିଅନ ଓ ବଡବାବୁ।

ଏ ଭିତରେ କଣ ଏତେ ସମୟ ହୋଇଗଲା ।

ବଡବାବୁ ପ୍ରଶଂସାପୂର୍ଣ୍ଣ ଆଖିରେ ଗୁହିଁ କହିଲେ, "କାମ ଯଦି ସରିନ ତୁମେ ଘରକୁ ଯାଅ । କାଲି ତ ରାମନବମୀ ଛୁଟି । ଯଦି ପାରିବ ଫାଇଲଗୁଡା ନେଇଯାଅ । ଘରେ କାମ ସାରିଦେବ, ଦୁଇ ଦୁଇଟା ଛୁଟି ପଡିଛି ।"

ମୁଣ୍ଡ ଟୁଙ୍ଗାରି ଫାଇଲ୍ ସଜାଡିଲା । ଭାବିଲା, ଯା ହେଉ ଛୁଟିଟାଏ ବଞ୍ଚିଗଲା । ତା ସହ ସେ କାହାର ହାତଗୋଡ ଧରି ନେହୁରା ହେବାରୁ ମଧ୍ୟ ମୁକ୍ତି ମିଳିଗଲା, ଯାହା ତା ପାଞ୍ଚିରେ ନାହିଁ ।

ଘରେ ପହଞ୍ଚୁ ପହଞ୍ଚୁ ପ୍ରାୟ ସାଢେ ଆଠଟା ହୋଇଗଲା । ଏତେ ଡେରିରେ ସେ କେବେ ଘରକୁ ଫେରିନ । ମା ବାହାର ଭିତର ହେଉଥାନ୍ତି । ଝିଅଟା କାଳେ କାନ୍ଦୁଥିବ । କିନ୍ତୁ ଦେଖିଲାବେଳକୁ ଝିଅ ତାର ନିର୍ବିକାର ଭାବରେ ନିଜ ମାମୁଁ ଝିଅ ଭଉଣୀ ସହ ବସି ଛବି ଆଙ୍କୁଥାଏ ।

ସେ ଗଲାମାତ୍ରେ ଝିଅ ଧାଇଁ ଆସିଲା । "ମାମା, ଦେଖ୍, ମୁଁ ଓ ଦିଦି କେମିତି ଚିତ୍ର ଆଙ୍କିଛୁ ।" ଚିତ୍ରଟାରେ ଆଖି ପକେଇଲା ଶୁଚସ୍ମିତା । ଡାଇନିଂ ଟେବୁଲର ଚିତ୍ରଟାଏ । ତା ଚାରିପାଖରେ ଗୁଡାଏ ଚେୟାର । ସେ ସବୁରେ ବାପା, ମାଆ, ଦୁଇ ଭାଇ, ଦୁଇ ଭାଉଜ, ଭାଇଝିଅ, ତା ଝିଅ ଓ ଶୁଚସ୍ମିତାର ଛବି, ନାଁ ସହ । ଗୋଟିଏ ଚେୟାର କିନ୍ତୁ ଖାଲି । କୌତୁହଳୀ ହୋଇ ପଚାରିଲା, "ଆଉ, ଏଇ ଚେୟାରଟା ଖାଲି ଯେ?"

"ଓହୋଃ ମାମା, ତୁ କିଛି ବୁଝୁନୁ । ସେଥିରେ ପରା ମୋ ପାପା ଆସି ବସିବେ ।" ଶୁଚସ୍ମିତା ହସିବ ନା କାନ୍ଦିବ? ନିରୀହ, ସରଳ ପିଲାଦୁହିଁଙ୍କର ମୁଣ୍ଡ ଆଉଁସି ଭିତରକୁ ଗଲା ।

ମା ପାଣି ଗିଲାସେ ଧରି ପାଖକୁ ଆସିଲେ, ଆସ୍ତେ ପଚାରିଲେ, "ଏତେ ଡେରି କଲୁ ଯେ ମାଆ?"

ଚଷମା ଫାଙ୍କରୁ ବାପା ଅନେଇଲେ ମାଆଙ୍କୁ । ଶୁଚସ୍ମିତା ଅସହିଷ୍ଣୁ ହୋଇ ମାଆ ଉପରେ ପ୍ରଶ୍ନୀଳ ଦୃଷ୍ଟି ପକାଇଲା, ଯେମିତି ପଚାରୁଛି, "ମୁଁ କଣ ଆଉ କୁଆଡେ ଯାଇଥିଲି?"

ମାଆ ଶଙ୍କିଗଲେ ।

"ନା, କେବେହେଲେ ଏତେ ଡେରି ହୁଏନା ତ?"

"କାମ ଥିଲା ।"

ସଂକ୍ଷିପ୍ତ ଉତ୍ତରଟାଏ ଫୋପାଡି ସେ ତା ରୁମ୍ କୁ ପଶି ଯାଉଯାଉ କଣ ହେଲା କେଜାଣି, ପୁଣି ବାହାରି ଆସିଲା । ଯଥା ସମ୍ଭବ ନମ୍ର ସ୍ୱରରେ କହିଲା, "ଆଜି ଭାଇମାନେ ଆସି ଖାଇସାରିଲେ ମୁଁ ତୁମମାନଙ୍କ ସହ ଖାଇବି ।" ସାଧାରଣତଃ ସେ ପିଲାମାନଙ୍କୁ ଖୁଆଇଲାବେଳେ ନିଜେ ମଧ୍ୟ ଖାଇଦିଏ ।

ଉତଫୁଲ୍ଲ ହୋଇଉଠୁଥିବା ମାଆଙ୍କର ଆଖି ଦୁଇଟିକୁ ଦେଖି ସେ ଭିତରେ ଭିତରେ ଗୁମୁରୁ ଥିଲା ।

ପରିସ୍ଥିତି କବଳରେ ପଡି ସେ କେତେ ହୃଦୟହୀନ ହୋଇଯାଇଛି ସତେ? ମାସ ମାସ ହେଲା ସେ ବାପାଙ୍କ ସହ କଥା ହୋଇନାହିଁ । ଭାଇମାନଙ୍କ ସାଙ୍ଗରେ ଦରକାର ମୁତାବକ ହୁଁ, ହାଁ କଥାବାର୍ତ୍ତା । ଭାଉଜମାନେ ତାର ଚଡଚଡା ସ୍ୱଭାବକୁ ଡରନ୍ତି ।

ଏମିତି ନୁହେଁ ଯେ ସେ କାହାକୁ ଭଲପାଏ ନାହିଁ । କିନ୍ତୁ ଯେବେଠାରୁ ପ୍ରତାପଙ୍କ ସହ ତାର ମତଭେଦ ସୃଷ୍ଟି ହୋଇଛି, ତା ପରଠାରୁ ସେ ଯେମିତି ହସିବା ଭୁଲିଯାଇଛି । ସ୍ନେହ ଶ୍ରଦ୍ଧା ପାସୋରି ଦେଇଛି । କେବଳ ନିଜ ଝିଅ "ଲୁନା" ଓ ଭାଇ ଝିଅ "ସୁନା" ସହ ସେ ଭଲଭାବରେ କଥାବାର୍ତ୍ତା କରେ । ମନ ନଥିଲେ ମଧ୍ୟ ଅନ୍ତରର ବେଦନା ଲୁଚିରଖି ହସେ ଓ ହସାଏ । ସାନଭାଇର ଆଠମାସର ପୁଅକୁ ଗେଲ ମଧ୍ୟ କରେ ।

ଭାଇମାନେ ଘରେ ପାଦ ଦେଉ ଦେଉ ପ୍ରଥମ ପ୍ରଶ୍ନ ଥାଏ, "ଶୁଚି ଆସିଲାଣି?" ପ୍ରତିଦିନ ସେ ଏ ପ୍ରଶ୍ନଶୁଣି ଭିତରେ ନିଆଁବାଣ ହୋଇଯାଏ ।

ବର୍ତ୍ତମାନ କିନ୍ତୁ, କେଜାଣି କାହିଁକି ସେ ସ୍ଥିର କରିଛି ଆଉ ଚଡଚଡା ହେବନି । ତେଣୁ ଭାଇମାନଙ୍କର ପ୍ରଶ୍ନ ତାକୁ ଖରାପ ଲାଗିଲାନି । ବରଂ ସେ ହୃଦୟଙ୍ଗମ କଲା ଯେ ଭାଇମାନେ ତା ପାଇଁ କେତେ ଚିନ୍ତାଶୀଳ ।

ଭାଇମାନେ ଓ ବାପା ଖାଇଲାବେଳେ ସେ ଛୁଆ ଦୁହିଁଙ୍କୁ ଖୁଆଇ ଦେଲା । ବାପାଙ୍କ ମୁହଁରେ ଏକ ନିଶ୍ଚିନ୍ତ ଭାବ ଠାବ କରି ପାରିଲା ସେ । ବାପାଙ୍କର ଖାଲି ହୋଇଯାଇଥିବା ଗ୍ଲାସ୍ ରେ ପାଣି ଢାଳିଲା । ଭାଇମାନଙ୍କ ଦୃଷ୍ଟିରେ ବିସ୍ମୟ ଭାବ ।

ଅଇଁଠା ଥାଳି ସେ ନିଜେ ଗୋଟେଇ ପକାଇଲା । ଦୁଇ ଭାଉଜଯାକ ଧାଇଁଆସିଲେ, କାତର ଦୃଷ୍ଟିରେ ଅନାଇଲେ ତାକୁ, ସତେକି ସେମାନେ କିଛି ପାପ କରି ପକାଇଛନ୍ତି । ସେ ତାଙ୍କୁ ଅନାଇ ହସିଦେଲା ।

ତାପରେ ସେମାନେ ଖାଇବସିଲେ । ତାର ମନେ ପଡୁନଥାଏ ଏପରି ଏକାସାଙ୍ଗରେ ସେମାନେ କେବେ ଖାଇଥିଲେ । ଆଜି ଘର ଗୋଟାକଯାକ ଉଶ୍ୱାସ ଲାଗୁଛି । ତାକୁ ମଧ୍ୟ ହାଲକା ଲାଗୁଥିଲା । ସେ ନିଜେ ମଧ୍ୟ ବୁଝି ପାରୁନଥିଲା ଯେ ପିଲାଙ୍କର ସେ ଛବିଟିରେ ଏମିତି କି ପରଶମଣୀ ଥିଲା ଯେ ତା ହୃଦୟକୁ ସୁନା କରିଦେଲା ।

ରୁମ୍ କୁ ଆସି ଦେଖିଲା ପିଲାଯୋଡିକ ବେକକୁ ପରସ୍ପର ଛନ୍ଦାଛନ୍ଦି ହୋଇ ଶୋଇଛନ୍ତି । କିଛି ମୂହୁର୍ତ୍ତ ପାଇଁ ସେ ଚାହିଁ ରହିଲା ତାଙ୍କୁ । ଭାବିଲା, ଏମିତି ହୁଅନ୍ତାନି, ଭାଇଭଉଣୀ, ମାଆବାପା ହିଁ ଗୋଟିଏ ପରିବାରରେ ରୁହନ୍ତେ । କେହି ବାହାହୋଇ ବିଦା ହୁଅନ୍ତାନି କି କେହି ବିଦା ହୋଇ ମଧ୍ୟ ଆସନ୍ତାନି । ଅସଂଭବ, ଅସଂଗତ ଖିଆଲଟିଏ!

ଭାଉଜ ଆସିଲେ ସୁନାକୁ ନେଇଯିବାକୁ । ସେ ହାତଠାରି ମନା କରିଦେଲା । ଛୁଆ ଦୁହିଁଙ୍କ ଉପରେ ଗୋଟାଏ ହାତ ଓ ମୁଣ୍ଡତଳେ ଗୋଟେ ହାତ ଭରା ଦେଇ ଝରକା ବାହାରକୁ ଅନାଇଲା । ତୋଫା ଜହ୍ନ ଆଲୁଅରେ କାମିନି ଫୁଲର ପେନ୍ଥାସବୁ ବଡ ମନୋହର ଦେଖାଯାଉଥାନ୍ତି । ସୁଗନ୍ଧିତ ପବନ ଦଲକାଏ ନାକରେ ପଶିଯାଏ ତାର । ତାର ମନେହେଲା ଅନେକ ଯୁଗ ପରେ ଆସିଛି ଏ ଜହ୍ନରାତି ଆଉ କାମିନୀ ଫୁଲ ଏଇମାତ୍ର ଫୁଟିବା ଆରମ୍ଭ ହୋଇଛି ଦୀର୍ଘ ସାତବର୍ଷର ବ୍ୟତିକ୍ରମ ପରେ ।

ସେ ମନସ୍ଥ କରି ଆସିଥିଲା ଆଜି ରାତିରେ ସେ ଦରଖାସ୍ତିଆ ଗପଟା ପୂରା କରିବ ଓ କାଲି ତାକୁ ପୋଷ୍ଟ କରିଦେବ । ଅଫିସ୍ କାମ ପଛକୁ ଥାଉ । କିନ୍ତୁ ଆଜିର ଏ ଦୁର୍ଲଭ ରାତିରେ କ'ଣ କ'ଣ ସବୁ ଭାବିଯିବାକୁ ମନ ହେଉଛି ଏମିତି ଜହ୍ନକୁ ଚାହିଁ ଚାହିଁ, କାମିନୀର ସୁଗନ୍ଧ ଆକଣ୍ଠ ଆଘ୍ରାଣ କରି ।

ପିଲାବେଳରୁ ଏକଜିଦିଆ ଶୁଚସ୍ମିତା । ଯାହା କହିଥିବ ସେଇଆ ହେବ । ମାଆ, ବାପା ଓ ଭାଇମାନଙ୍କର ଅତ୍ୟନ୍ତ ଅଲ୍ୟଳ । ତା ଉପରକୁ ଫୁଲର ଭାର୍ ମଧ୍ୟ ଦିଆହେଉ ନଥିଲା ।

ତାର ଜିଦି ପୂରଣ କରୁକରୁ କେତେବେଳେ ଯେ ସେ ଏମିତି ଜିଦ୍ ଖୋର ପାଲଟିଗଲା, କେହି ଜାଣିପାରିଲେ ନାହିଁ । ଜିଦଖୋର୍ ହେବା ସହ କଟୁ ଭାଷିଣୀ ମଧ୍ୟ, ଅପ୍ରିୟ ସତ୍ୟ କହିବାରେ ସିଦ୍ଧହସ୍ତା ।

ଅପ୍ରିୟ ସତ୍ୟକହି ତଥା ଅନ୍ୟାୟକୁ ଅଙ୍ଗୁଳ ଦେଖାଇ ସେ ଯେ କେତେ ଲୋକଙ୍କର ଚକ୍ଷୁଶୂଳ ପାଲଟିଛି ତାର କଳନା ନାହିଁ । ମୁହେଁ ମୁହେଁ ଜବାବ୍ ଦେଇ ପଛରେ ସେ ନିଜେ ମଧ୍ୟ ଖୁବ୍ ପଶ୍ଚାତାପ କରେ, କିନ୍ତୁ ଲାଭ କ'ଣ? ସ୍ୱଭାବରେ ଖୁବ୍ ସ୍ନେହି କିନ୍ତୁ ତାହା ମଧ୍ୟ କାମ ଦିଏନା ।

ପ୍ରିୟଂବଦା ନହୋଇ ସତ୍ୟଂବଦା ରହିଥିବାରୁ ହିଁ ତାର ମତଭେଦ ସୃଷ୍ଟି ହୁଏ ପ୍ରତାପଙ୍କ ସହ । ପ୍ରତାପଙ୍କ ସହ ତାର ବିବାହ ମଧ୍ୟ ପରିସ୍ଥିତିର ଏକ ବିଡମ୍ବନାଠାରୁ କୌଣସି ପ୍ରକାର ଭିନ୍ନ ନୁହେଁ ।

ଅନେକ ପ୍ରସ୍ତାବ ଆସୁଥିଲା ତା ପାଇଁ । କିନ୍ତୁ କେତେବେଳେ ବାପା ପସନ୍ଦ କରୁନଥିଲେ ତ କେବେ ମାଆ । ସେମାନଙ୍କ ଯଦି ମନ ମାନିଲା ଭାଇମାନେ ନାକଚ କରି ଦେଉଥିଲେ । ତାର ମତାମତର ଆବଶ୍ୟକତା କେହି ହେଲେ ଅନୁଭବ କରୁନଥିଲେ ।

ନିଜ ରୂପ ପ୍ରଦର୍ଶନୀରୁ ଧିରେ ଧିରେ ସେ ଥକି ପଡୁଥିଲା । ତାର କ୍ରୋଧ ବା ଜିଦି ସେତେବେଳେ କୌଣସି କାମ ଦେଉନଥିଲା । ସେ ବିବାହ ପ୍ରତି ବିତସ୍ପୃହ ହୋଇପଡୁଥିଲା ।

ସେତେବେଳେ ସେ ଘରୋଇ ଭାବରେ ପି.ଜି. କରୁଥିଲା ସୋସିଓଲୋଜି ନେଇ । କେବେ କେମିତି କ୍ଲାସ ମଧ୍ୟ ଏଟେଣ୍ଡ କରୁଥିଲା । ଏହି ସମୟରେ ହିଁ ପ୍ରତାପଙ୍କର ଆବିର୍ଭାବ ଘଟେ ତା ଜୀବନରେ । ଯେଉଁ କଲେଜରେ ସେ କ୍ଲାସ୍ କରୁଥିଲା, ସେହି କଲେଜରେ ହିଁ ପ୍ରତାପ ଏଡହକ୍ ଲେକ୍ଚର ଥିଲେ ସାଇକୋଲୋଜୀ ବିଭାଗରେ ।

ଦିନେ ସେ କଲେଜରୁ ରିକ୍ସାରେ ଫେରିଲାବେଳେ କେମିତି କେଜାଣି ରିକ୍ସାଟା ଓଲଟି ପଡେ । ତାର ଗୋଡଟା ମକଚ ହୋଇଯିବା ସଙ୍ଗେ ସଙ୍ଗେ ରିକ୍ସାବାଲାଟି ମଧ୍ୟ ଆହତ ହୋଇପଡେ ।

ସେ ଜାଣିନଥାଏ ଯେ ତା ପଛେ ପଛେ ପ୍ରତାପ ବାଇକ୍ ରେ ଆସୁଛନ୍ତି। ପ୍ରତାକୁ ତାକୁ ଉଠାଇ ପାଖ କ୍ଲିନିକ୍ ରେ ତାର ପ୍ରାଥମିକ ଚିକିତ୍ସା କରାଇ ଘରେ ଛାଡି ଦିଅନ୍ତି ।

କିଛି ସମୟ ମାଆବାପାଙ୍କ ସାଙ୍ଗରେ କଥା ହୋଇ ସେ ଫେରିଯାଆନ୍ତି। ପରେ ପରେ ତାଙ୍କ ଘରୁ ପ୍ରସ୍ତାବ ଆସେ। ଏଭଳି ଭଲ ଓ ସଜାତୀୟ ପ୍ରସ୍ତାବ ସମସ୍ତଙ୍କ ମନକୁ ଯାଏ। ସୌମ୍ୟକାନ୍ତ ହେବା ସହ ପ୍ରତାପ ତାଙ୍କ ଗାଁରେ ଅନେକ ଚଳାଚଳ ସମ୍ପତ୍ତିର ଅଧିକାରୀ ମଧ୍ୟ ଥିଲେ ।

ଶୁଚସ୍ମିତାର ମଧ୍ୟ ମନର କେଉଁ ଏକ ନିଭୃତ କୋଣରେ ପ୍ରତାପଙ୍କ ପରୋପକାରୀ ଛବିଟିଏ ଆଙ୍କି ହୋଇ ରହିଯାଇଥିଲା । ତେଣୁ ତାର ମତାମତର ଆବଶ୍ୟକତା ସେ ମଧ୍ୟ ଅନୁଭବ କରିନଥିଲା । କିନ୍ତୁ ସେହି ପରୋପକାରୀ ଦରଦୀ ଗୁଣଟି ଯେ ତାଙ୍କ ଦାମ୍ପତ୍ୟରେ ଫାଟ ସୃଷ୍ଟି କରିବ ଏହା ସେ ମୋଟେ ଭାବିନଥିଲା ।

ମହାଆଡମ୍ବରରେ ବିବାହ ସମ୍ପନ୍ନ ହୋଇଥିଲା । ସେ ବୋହୂ ହୋଇ ତାଙ୍କ ଗାଁକୁ ଗଲା । ନିପଟ ଗାଉଁଲି ବାତାବରଣ ଓ ଅତି ପଛୁଆ ମନୋବୃତ୍ତିର ଲୋକମାନଙ୍କ ଗହଣରେ ତାର ଶ୍ୱାସ ରୁଦ୍ଧ ହୋଇଯାଉଥିଲା। ପ୍ରଥମେ ପ୍ରଥମେ ସମ୍ପନ୍ନତାର କୌଣସି ଚିହ୍ନବର୍ଣ୍ଣ ସେ ପାଇଲାନାହିଁ। କିନ୍ତୁ ପରେ ଜାଣିଲା ଯେ ଅନେକ ଭୂସମ୍ପତ୍ତି ଏମାନଙ୍କର ଅଛି ଓ ଘରର ସମସ୍ତେ ଟଙ୍କା ଗଚ୍ଛିତ ରଖିବାକୁ ବେଶି ଭଲପାଆନ୍ତି। ଯେନତେନ ପ୍ରକାରେଣ ଚଳଯାଆନ୍ତି ଓ ଯାହାତାହା ଖାଇଦିଅନ୍ତି ।

ସେ ଭାବୁଥିଲା, ଏଥିରେ ତାର କ'ଣ ଯାଏ, ସେ ତ ପ୍ରତାପଙ୍କ ସହ ନିଜ ସହରରେ ରହିବ। କୌଣସି ମତେ କିଛିଦିନ ଚଳିଗଲେ ଯାଏ। ପ୍ରତାପଙ୍କର ବିଧବା ବଡ ଭାଉଜ ଘରର ହର୍ତ୍ତାକର୍ତ୍ତା ବିଧାତା ଥିଲେ। ପ୍ରତାପ ତାଙ୍କର କୌଣସି କଥାକୁ ତଳେ ପକାଉନଥିଲେ। ଭାଉଜ ଚାପ ପକାଇଲେ ଚାକିରୀ ଛାଡି ଗାଁରେ ରହିବାକୁ। ସେହି ବିନ୍ଦୁରେ ହିଁ ଶୁଚସ୍ମିତା ଓ ପ୍ରତାପଙ୍କ ମଧ୍ୟରେ ମତଭେଦର ସୂତ୍ରପାତ ହୋଇଥିଲା। ଏତେ ପ୍ରତିଭାବାନ୍ ପ୍ରତାପ ଗାଁରେ ନିଜର ପ୍ରତିଭା କାହିଁକି ନଷ୍ଟ କରିବେ ସେ ବୁଝିପାରୁନଥିଲା। ଏବେ ଘରୋଇ କଲେଜରେ ଅଛନ୍ତି, କାଲି ହୁଏତ ସରକାରୀ କଲେଜରେ ଅଧ୍ୟାପକ ହେବେ। ତା ଛଡା ଏଇ ନିପଟ ମଫସଲରେ ସେ ନିଜେ କ'ଣ ରହିପାରିବ ସବୁଦିନ ପାଇଁ। କାଲିକୁ ଛୁଆପିଲା

ହେଲେ ତାଙ୍କ ଭବିଷ୍ୟତ କ'ଣ ହେବ । ସେ ଯଦି କୌଣସି ଗାଁରୁ ଆସିଥାଆନ୍ତା ତେବେ ହୁଏତ ତାକୁ ଏଠାରେ କୌଣସି ଅସୁବିଧା ହୋଇନଥାନ୍ତା । ସହରୀ ସଭ୍ୟତାଠାରୁ ଖାପଛଡା ହୋଇ ରହିଥିବା ସେ ଗାଁରେ ବିଜୁଳୀ ମଧ୍ୟ ଥିବା ନଥିବା ସମାନ ଥିଲା । ଦିନରେ ଅତି ବେଶିରେ ତିନି ଚାରିଘଣ୍ଟା ବିଜୁଳୀ ରହୁଥିଲା । ସେ ବି ଭୋଲ୍ଟେଜ୍ ଏତେ କମ ଯେ କେବଳ ମୋବାଇଲ୍ ଚାର୍ଜ ହୋଇପାରୁଥିଲା । କାହାରି ଘରେ ଟିଭି, ଫ୍ରିଜ୍, ଇନଭର୍ଟର୍ ଭଳି ସାମାନ୍ୟ ଇଲେକ୍ଟ୍ରୋନିକ୍ସ ଜିନିଷ ମଧ୍ୟ ନଥିଲା । ଢଙ୍ଗର ସେନଟାରି ସୁବିଧା ମଧ୍ୟ ନଥିଲା । ସେ କଣ ସତରେ ଏଠାରେ ରହିପାରିବ? ମନ ତାର ବିଦ୍ରୋହୀ ହୋଇ ଉଠୁଥିଲା ।

ଅଗତ୍ୟା ସେ ଅଡି ବସିଲା ପ୍ରତାପ ଚାକିରୀ ନଛାଡନ୍ତୁ, କିନ୍ତୁ ତାର କଥାକୁ କେହି ମହତ୍ତ୍ୱ ଦେଲେନାହିଁ । ଶେଷକୁ ସେ ନିଜେ ପରିସ୍ଥିତି ସହ ସାଲିସ୍ କରିବାକୁ ଚେଷ୍ଟା କଲା । ସେଠାକାର ବାତାବରଣରେ ମଧ୍ୟ କେବଳ ଈର୍ଷ୍ୟା, ଦ୍ୱେଷ ଓ ଛଳନା ବ୍ୟତୀତ ଆଉ କିଛି ନଥିଲା । ବଡ ଭାଉଜ ଓ ତାଙ୍କର ତିନି ପୁଅ ସବୁ ଟଙ୍କା ପଇସା ନିଜେ ଆତ୍ମସାତ୍ କରୁଥିଲେ । ଏମିତିକି ଘରକୁ ଯେଉଁ ଫସଲ ଅମଳ ହୋଇ ଆସୁଥିଲା । ସେସବୁ ମଧ୍ୟ ଲୁଚେଇ ବିକ୍ରି କରା ହେଉଥିଲା । ଏକଥା ଶୁଚସ୍ମିତା ପ୍ରତାପଙ୍କର ଅନ୍ୟ ଦୁଇ ଭାଉଜଙ୍କଠାରୁ ଶୁଣିଥିଲା । ପ୍ରତାପ ଏକଥା ଜାଣିନଥିଲେ । ଜାଣିଲେ ମଧ୍ୟ ସେ ବିଶ୍ୱାସ କରିନଥାନ୍ତେ । ଶୁଚସ୍ମିତାର ପ୍ରବଳ ରାଗ ହେଉଥିଲା ତାଙ୍କ ଉପରେ । ଏତେ ସରଳ ବିଶ୍ୱାସ କେଉଁ କାମକୁ । ବଡଭାଉଜ ଯେମିତି ତାଙ୍କୁ କମିଆଁ କରି ଦେଇଥିଲେ । ତାଙ୍କ ଆଖିରେ ଲୁହ ସେ କଦାପି ସହ୍ୟ କରିପାରୁ ନଥିଲେ । ସେ କହୁଥିଲେ ତାଙ୍କ ବାପା ମାଆଙ୍କ ମୃତ୍ୟୁ ପରେ ଆଠ ବର୍ଷର ପ୍ରତାପଙ୍କୁ ସେ ହିଁ ତ ପାଳିଥିଲେ । ଏକଥା ସତ ଯେ ବଡ ଭାଉଜ ତାଙ୍କର ସାହାରା ହୋଇଥିଲେ, ମାଆ ଭଳିଆ ସ୍ନେହ ଦେଇଥିଲେ ତାଙ୍କର ପିଲାମାନେ ହେବା ପୂର୍ବରୁ । କିନ୍ତୁ ପରେ କପଟରେ ମିଛ ସାହାରା ହୋଇ ତାଙ୍କଠାରୁ ଯେ କେତେ ସାହାରା ଛଡେଇ ନେଇଛନ୍ତି, ଏକଥା ପ୍ରତାପ ଆଦୌ ବୁଝିପାରନ୍ତି ନାହିଁ । ଅନ୍ୟ ଦୁଇ ଭାଇଙ୍କ ସହ ଝଗଡା କରି ଦୂରେଇ ଦେଇଥିଲେ ବଡ ଭାଉଜ । ସେମାନେ ଘରକୁ ସମ୍ପୂର୍ଣ୍ଣଭାବେ ତ୍ୟାଗ କରିଥିଲେ । ପ୍ରତାପ ପୁରା ବିଶ୍ୱାସ କରୁଥିଲେ ଯେ ସେ ଦୁଇଭାଇ ହିଁ କୃତଘ୍ନ ଥିଲେ । ଶୁଚି ଅନୁଭବ କରୁଥିଲା, ସହାନୁଭୂତି ଦେଖାଇ କଳେ ବଳେ କୌଶଳେ ଭାଉଜ ତାଙ୍କର ମନୋମସ୍ତିଷ୍କକୁ ଯେପରି ସମ୍ମୋହିତ କରି ରଖିଛନ୍ତି । ଜଣେ ଗାଉଁଲି, ଅପାଠୋଇ ସ୍ତ୍ରୀ ଲୋକର ଯେ ଏତେ କୂଟନୈତିକ ବୁଦ୍ଧି ଥାଏ ଏକଥା ବିଶ୍ୱାସଯୋଗ୍ୟ ନଥିଲା । ଅନ୍ୟ ଦୁଇଭାଇଙ୍କୁ ବଶ କରିବାକୁ

ସେ କାହିଁକି ଚେଷ୍ଟା କରିନଥିଲେ ଏକଥା ସେ ପରେ ଜାଣିଲା । ପ୍ରତାପଙ୍କର ଏକମାତ୍ର ନିଃସନ୍ତାନ ବିଧବା ମାମୁଁ ତାଙ୍କୁ ପୋଷ୍ୟପୁତ୍ର କରିଥିଲେ ଓ ମଲାପରେ ତାଙ୍କର ଅଗାଧ ସମ୍ପତ୍ତିର ଉତ୍ତରାଧିକାରୀ ଏକମାତ୍ର ପ୍ରତାପ ଥିଲେ ।

ଗୁକରବାକର ଥିବା ଘରୁ ଆସି ଶୁଚସ୍ମିତାକୁ ଘରର ଯାବତୀୟ କାମ କରିବାକୁ କଷ୍ଟ ହେଉଥିଲା । ବଡଭାଉଜ କଛି ନା କଛି ଅସୁସ୍ଥତାର ବାହାନା କରି ବିଛଣାରେ ପଡି ରହୁଥିଲେ । ବଡ ହଇରାଣ ହେଲା ସେ । ତାର ବାପା, ମାଆ ଓ ଭାଇମାନେ ଏସବୁ ଜାଣି ଭାରି ବ୍ୟସ୍ତ ହେଲେ । କନ୍ତୁ ତାଙ୍କର ବିଶ୍ୱାସ ଥାଏ ଯେ ତା ସଙ୍ଗତରେ ପ୍ରତାପଙ୍କ ହୃଦୟ ପରିବର୍ତ୍ତନ ହେବ । ସେ ମଧ୍ୟ ଏ ବିଷୟରେ ଆଶାବାଦୀ ଥାଏ ।

କନ୍ତୁ ପ୍ରତାପଙ୍କର ହୃଦୟ ପରିବର୍ତ୍ତନ ତ ଦୂରର କଥା, କ୍ରମେ ସେ ଅନୁଭବ କଲା ଯେ ପ୍ରତାପ ଭୀଷଣ ବଦରାଗି, କ୍ରୋଧରେ ତାଙ୍କର ହିତାହିତ ଜ୍ଞାନ ମଧ୍ୟ ଲୋପ ପାଇଯାଏ । ବଡଭାଉଜ ଓ ତାଙ୍କ ପିଲାଙ୍କ ବିଷୟରେ ଟୀକା ଟିପ୍ପଣୀ ଶୁଣିବାକୁ ସେ ଆଦୌ ପ୍ରସ୍ତୁତ ନଥିଲେ । ଶୁଚସ୍ମିତା ଅନ୍ୟ ଦୁଇଭାଇଙ୍କ ସାହାଯ୍ୟ ନେବାକୁ ଭାବିଲା, କନ୍ତୁ ଆଶା ତାର ବୃଥା । ପ୍ରତାପଙ୍କ ମୁଣ୍ଡରେ ତାଙ୍କ ବିରୁଦ୍ଧରେ ଏମିତି କଦର୍ଯ୍ୟ ବିଷ୍ୱର ପୂରା ହୋଇଥାଏ ଯେ ତାଙ୍କ ନାଁ ଶୁଣିଲେ ସେ ଅଗ୍ନିଶର୍ମା ହୋଇ ଉଠୁଥାନ୍ତି । ଶୁଚସ୍ମିତାର ହୃଦୟ କୁହୁଳବା ବ୍ୟତୀତ ଆଉ କଛି ଉପାୟ ନଥିଲା ।

ଝିଅ ଯେତେବେଳେ ପେଟରେ ରହିଲା, ସେ ଆଉ ଧୈର୍ଯ୍ୟ ଧରି ରହି ପାରିଲା ନାହିଁ । ଭାଉଜଙ୍କ ରୂପ ପ୍ରତାପଙ୍କ ଉପସ୍ଥିତି ଓ ଅନୁପସ୍ଥିତି ନେଇ ବଦଳୁଥିଲା । ସେ କଂକର୍ତ୍ତବ୍ୟବିମୂଢ ପାଲଟିଯାଉଥିଲା । ପ୍ରତାପଙ୍କ ସହ ତାର ମନୋମାଳନ୍ୟ ହେଲା । ଶେଷରେ ତାଙ୍କ ସମ୍ପର୍କରେ ଏପରି ତିକ୍ତତା ଆସିଲା ଯେ ସାଥିରେ ରହିବା ଦୁର୍ବିସହ ହୋଇପଡିଲା । ଶେଷକୁ ଶୁଚସ୍ମିତା ସେଠାରୁ ପଳେଇ ଆସିବାର ନଷ୍ପତି ନେଲା ଓ କୌଣସିମତେ ସେଠାରୁ ଖସିଆସିଲା ।

ଝିଅ ହେଲାବେଳକୁ ଖବର ଦିଆହେଲା, କନ୍ତୁ କେହି ଆସିଲେ ନାହିଁ । ଝିଅ ଧିରେ ଧିରେ ବଡହେଲା, କନ୍ତୁ ବାପାର ଚେହେରା ଦେଖିଥିଲା କେବଳ ଫଟୋରେ । ଶୁଚ ନଜ ମନର

କୌଣସି କଳୁଷତା ଝିଅର ଟିକି ମସ୍ତିଷ୍କରେ ପରିବର୍ତ୍ତିତ ହେବାକୁ ଦେଉନଥିଲା । ଝିଅ ଜାଣିଥିଲା ତାର "ପାପା" ଦିନେ ନା ଦିନେ ଆସିବେ ।

ବାପା ଓ ଭାଇମାନଙ୍କ ପାଖରେ ବହୁତ ସୁଖରେ ରହୁଥିଲା ଶୁଚସ୍ମିତା, କିନ୍ତୁ ନିଜ ମନରେ ନିଜକୁ ବୋଝ ବୋଲି ଭାବି ନିଜେ ସନ୍ତାପିତ ହେଉଥିଲା, କଷ୍ଟ ପାଉଥିଲା । ନିଜର ପରିବର୍ଦ୍ଧିତ ବଦରାଗି ସ୍ୱଭାବ ପାଇଁ ସେ ନିଜେ ନିଜେ ସମସ୍ତଙ୍କଠାରୁ ଦୂରେଇ ଯାଉଥିଲା । ନିଜର ଦୁଃଖ କଷ୍ଟକୁ ଏକାନ୍ତ ନିଜସ୍ୱ ବୋଲି ଭାବି ଅନ୍ୟମାନଙ୍କୁ ଆଘାତ ଦେଉଥିଲା । ତାର ଦୁଃଖରେ ଆଉ ସମସ୍ତେ ଯେ ସମଦୁଃଖୀ ଏକଥା ସେ ପାଶୋରି ଦେଇଥିଲା । ପ୍ରସାରୁଣି ଭଳି ତାର ଓ ପ୍ରତାପଙ୍କର ସମ୍ପର୍କରେ ତିକ୍ତତା ଡାଳପତ୍ର ମେଲି ଅନ୍ୟ ସମ୍ପର୍କମାନଙ୍କୁ ଉଦରସାତ୍ କରି ଚାଲିଥିଲା ।

ଆଜି ନିଜ ଝିଅର ନିର୍ମଳ, ନିଷ୍କପଟ କଥା ପଦେରେ ସେ ଜାଣି ପାରିଲା ଯେ "ଦୁନିଆଟା ଗୋଟେ ଦର୍ପଣ, ଦେଖଣାହାରୀର ପ୍ରତିବିମ୍ବହିଁ ଦେଖାଇଥାଏ ।" ନିଜ ମନକୁ ଶୁଦ୍ଧ ସ୍ୱଚ୍ଛ କରି ପାରିଲେ ସ୍ଫଟିକ ସଦୃଶ୍ୟ ସବୁ ସଫା ଦେଖାଯିବ ।

ବଗିଚାରେ ଥିବା ଆମ୍ବଗଛରୁ କୁମ୍ଭାଟୁଆର "ସ୍ତବପାଠ" ଶୁଣାଗଲାଣି । ତୋଫା ପୂର୍ବାକାଶରେ ପାହାନ୍ତିଆ ତାରାଟିରୁ ଉଜ୍ଜ୍ୱଳ ରଶ୍ମୀ ବିକିରୀତ ହୋଇ ଶୁଚସ୍ମିତାର ସମ୍ପୂର୍ଣ୍ଣ ହୃଦୟଟାକୁ କରିଦେଉଥାଏ ପ୍ରକାଶମୟ ।

ବଡଭାଉଜ ଉଠିଲେଣି । ସେ ଧଡପଡ ବିଛଣାରୁ ଉଠିପଡିଲା । ଆଜିଠାରୁ ପିଲାଙ୍କ ଟିଫିନ୍ ସେ ତିଆରି କରିବ । ନଜର ପଡିଗଲା ଶୋଇଥିବା ଝିଅ ହାତରେ ଥିବା ମୋବାଇଲର ଗେଲେରିଟା ଖୋଲା ହୋଇଛି । ସେଥିରେ ପ୍ରତାପଙ୍କର ହସୁଥିବା ଫଟୋ । ସେ ମୋବାଇଲ୍ ଟା ନେଇ ନମ୍ବର ମିଳାଇଲା ପ୍ରତାପଙ୍କର ।

ଆଶା ସାହୁ, ବସନ୍ତ ବିହାର, ନୂଆ ଦିଲ୍ଲୀ



# ବୁଦ୍ଧତ୍ୱ



ବିନୟ ମହାପାତ୍ର

ପାଇ ଗଲେ ହୁଏତ
ପାଇବାର ଇଚ୍ଛା ସବୁ ସରିଯିବ,
କାମନାର ବିନାଶରେ
ଦୁଃଖର ବିନାଶ ବି ହୋଇଯିବ,
ଏବଂ ବୁଦ୍ଧତ୍ୱର ପ୍ରାପ୍ତି ହୋଇଯିବ ।
ସେଥିପାଇଁ ବୋଧହୁଏ,
ସବୁ ଇପ୍ସିତ ମାନେ
କନକାଟି ଗୁଲି ଯାଆନ୍ତି,
ମୋତେ ଜବରଦସ୍ତ
ବୁଦ୍ଧତ୍ୱରୁ ଦୂରେଇ ରଖନ୍ତି,
କାରଣ ଏକ ହିଁ ବୁଦ୍ଧ
ଯଥେଷ୍ଟ ସଂସାର ପାଇଁ,
ଆଉ ଏଠି ବୁଦ୍ଧଙ୍କର,
ସ୍ଥାନ ରିକ୍ତ ନାହିଁ ।

ପାଇବାର ଇଚ୍ଛା, ମୋର କାମନା,
ମୋତେ କେବେ ଛାଡିବ କପରି,
ବିନା କାମନାରେ,
ବଞ୍ଚିବା କ ସମ୍ଭବ ସଂସାରେ ?
କଏ ମୋତେ କହିଦେବ,
ନିସ୍କାମ ହୋଇବାର ଗୁରୁମନ୍ତ୍ର ?
ହେ ଗୌତମ ତୁମେ ତ ଜାଣିଛ
ନିର୍ବାଣର ପଥ ।

ଥରେ ମୋତେ କହିବ କ
କେମିତି ହୁଅନ୍ତି ନିସ୍କାମ?
ନିର୍ବାଣର କାମନା ନେଇ
କଏ କେବେ ନିସ୍କାମ ହୋଇଲା କପରି?

ମାୟାର ସମୁଦ୍ରେ ଉବୁ ଟୁବୁ
ମାତା ପିତା ବନ୍ଧୁ ସହୋଦର,
ପତ୍ନୀ ପୁତ୍ର କନ୍ୟା ଏ ମାୟା ସଂସାର,
ସଭିଙ୍କ ସୁଖର କାମନା,
ବଞ୍ଚି, ଅନ୍ୟକୁ ବଞ୍ଚାଇବାର କାମନା
କେମିତି ଛାଡି ଦେବି କୁହ?
କାମନା ମୋ ଦୁଃଖର କାରଣ
ସ୍ୱୀକାର ମୋତେ ହେ ପ୍ରଭୁ,
ନିର୍ବାଣ ଲୋଡା ନାହିଁ ମୋତେ ।
କିନ୍ତୁ, ତୁମେ ବି ତ ନିସ୍କାମ ନଥିଲ,
ନିର୍ବାଣର କାମନା ରଖି,
ତୁମେ ଯଦି ନିର୍ବାଣ ପାଇଛ,
କାହିଁକି ଅଟକାଇ ଦିଅ ମୋତେ,
ମୋର ଇଚ୍ଛା ମାନଙ୍କୁ
କାମନା ର ବାହାନା ଦେଖାଇ?


କଟ୍ ସ୍କୋୟାର, ପଟିଆ
ଭୁବନେଶ୍ୱର, ଓଡିଶା

# କବିତା



ଆଶୁତୋଷ ମେହେର

ମନରେ ଚିନ୍ତା
ଚିନ୍ତାରେ ଭାବନା
ଭାବନାରେ ଶକ୍ତି
ଶକ୍ତିରେ ଝଙ୍କାର
ଝଙ୍କାରରେ ଶବ୍ଦ
ଶବ୍ଦରେ ଚନ୍ଦ
ଚନ୍ଦରେ ଅକ୍ଷର ।।
ଆଉ ଅକ୍ଷର ସବୁ
ଯୋଡି ହୋଇଯାନ୍ତି
ଝରଝର ସ୍ରୋତସ୍ୱିନ
ଛୋଟ ଏକ କବିତାରେ ।।



ଆର୍ଯ୍ୟପଲ୍ଲୀ, କଟ୍ ଛକ,
ପଟିଆ, ଭୁବନେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ମାଛ ଭଜା



ଶାନ୍ତିଲତା ମିଶ୍ର

ଆଇଠୁ ସେ ଏ କଥା ତା ମୁହଁରୁ ବହୁତଥର ଶୁଣିଛନ୍ତି । କଥା ନଥିଲ୍, ତାହା ଥିଲ୍ ତାର କଛି ଆଭ୍ୟନ୍ତରିଣ, ସହଜରେ ଭୁଲ୍ ଯାଇ ପାରୁ ନଥିବାର ବ୍ୟଥା । ଆଇର ବଡ ଭଉଣୀ ଶକୁ ଆଇ ଥିଲ୍ ଷୋଳ ବର୍ଷରେ ବିଧବା ହୋଇ ଯାଇଥିବା ଏକ ନାରୀ । ସ୍ୱାମୀ କ'ଣ, ବିବାହ କ'ଣ, ସଂସାର କ'ଣ ଜାଣିବା ପୂର୍ବରୁ ସେ ଏକ ବହୁ କଡାକଡି ଶୃଙ୍ଖଳତ ଜୀବନଯାପନ କରିବାକୁ ବାଧ ହୋଇଥିଲ୍ । ବାପଘରେ ସିନା ବଡ ଝିଅ ଥିଲ୍, ଶାଶୁଘରେ କନ୍ତୁ ସାନ ବୋହୁ । ବିବାହର ବର୍ଷକ ପରେ ସ୍ୱାମୀ ମରିଯିବାର ସେ ଯେଉଁ ଅପନନ୍ଦା, କଟୁକ୍ତି ସେ ଯେ କେମିତି ସହି ଯାଇଥିବ ଆଇ ବେଳେବେଳେ କହୁ କହୁ କାନ୍ଦି ପକାଏ ।

ଶକୁ ଆଇ ସେଇ ଶାଶୁ ଘରେ ରହି ସାର୍ ଜୀବନ ବିତେଇ ଦେଇଥିଲ୍ । ବାପଘରର ସମ୍ବଳ ବିଶେଷ ନଥିଲ୍ ତାକୁ ଆଣି ଘରେ ରଖିବାକୁ । ଶକୁ ଆଇ ତ ଗୋଟିଏ ଝିଅ ନଥିଲ୍ ତା ବାପ ମାଙ୍କର । ତା ବ୍ୟତୀତ ଆହୁରି ତିନ ଝିଅ ଥିଲେ ସେ ଘରେ ବାହା ହେବାକୁ । ଥରେ ଝିଅକୁ ଦାନ କରିଦେଲ୍ ପରେ ବାପ ମା ଙ୍କ ନଶ୍ଚିନ୍ତ ।

ଶାଶୁଘରେ ସାନ ବୋହୁ ହିସାବରେ ରୋଷେଇବାସ ବରିବା ତାର ଦାୟିତ୍ୱ ଥିଲ୍ । ଘରେ ଦଶଜଣଙ୍କ ପାଇଁ ମାଛ ମାଂସ ରାନ୍ଧେ, କନ୍ତୁ ତାକୁ ଖାଇବା ମନା । ରୁଖା ସୁଖା ଶାଗ ଭତ ଡାଲି ଟିକେ ତାର ଖାଦ୍ୟ । ଆଇ ପିଲ୍ବେଳେ କେତେଥର ଯାଇଛି ତା ନାନ ଶକୁନ୍ତଳାଙ୍କ ଘରକୁ । ଦିନେ ଦି ଦିନ ବି ବେଳେବେଳେ ରହିଯାନ୍ତି ନାନର ଅନୁରୋଧରେ ।

ନାନ ଭଲ ରାନ୍ଧେ । ତା ଠୁ ରନ୍ଧା ଶିଖିବା ପାଇଁ ସେ ବେଳେବେଳେ ରୋଷେଇ ଘରେ ତା ପାଖେ ବସି ରୋଷେଇ ଶିଖନ୍ତି ଓ ରୋଷେଇରେ ସାହାଯ୍ୟ କରନ୍ତି । ସେ ଅନେକଥର

ଦେଖିଛନ୍ତି ନାନ ଲୁଚେଇ ଲୁଚେଇ ମାଛ ଭଜିଲା ବେଳେ ମାଛ ଖାଏ । ମାଂସ କଷା ବି ଲୁଚେଇ କରି ଖାଇଦିଏ । ଆଇ ବିମଳା ଦେଖି ନଦେଖିଲା ପରି ଚୁପ୍ ରୁହନ୍ତି । ନାନ ପ୍ରତି ତାଙ୍କର ଦୟା ଆସେ । ଘରେ ସମସ୍ତେ ଆନନ୍ଦରେ ଏକାଠି ବସି ଖାଇଲାବେଳେ ସେ ଅଲଗା ଭାତ ଡାଲି ଶିଝା ଟିକେ ଖାଉଥାଏ । ତେଣୁ ନାନ ମାଛ ଭଜିଲାବେଳେ ସେ ଅନ୍ୟ କାମ ବାହାନାରେ ବାହାରକୁ ଚାଲି ଆସନ୍ତି । ତାକୁ ସୁଯୋଗ ଦିଅନ୍ତି ମାଛ ଖାଇବାକୁ ।

ନାନୀର ବଡ ଯା ଆଉ ଶାଶୁ ତାକୁ କିନ୍ତୁ ସବୁବେଳେ ସନ୍ଦେହ ଦୃଷ୍ଟିରେ ଦେଖନ୍ତି । ତେଣୁ ମାଛ ମାଂସ ରନ୍ଧା ହେବାଦିନ ଗଣି ଗଣି ଦିଅନ୍ତି । କିନ୍ତୁ ନାନ ଯଦି କିଛି ମାଛ ବା ମାଂସ ବଡ ପିସ୍ ଥାଏ, ତାକୁ ଛୁରିରେ କାଟି ଛୋଟ କରିଦେଇ ତା ପାଇଁ ରଖିଦିଏ । ବେଳେବେଳେ ସେ ପତ୍ରରେ ବାନ୍ଧି କାନରେ ଗୁଡେଇ ନେଇ ଯାଏ ତା ରୁମ୍ ରେ ରାତିରେ ସମସ୍ତେ ଶୋଇଗଲା ପରେ ଖାଏ ।

ନାନୀ ପନ୍ଦର ବର୍ଷରେ ବିବାହ କରି ଷୋଳ ବର୍ଷରେ ବିଧବା ହୋଇଯାଇଥିଲା, ସେବେଠୁ ତାର ଏ ଦଶା । ଯୋଉ ବୟସରେ ଖାଇବାକୁ ପିନ୍ଧିବାକୁ ଇଚ୍ଛା, ସେଇ ବୟସରେ ଏ ଯନ୍ତ୍ରଣା ଓ ଦୁଃଖ କାହିଁକି**?** ବିମଳା ଆଇ କହୁ କହୁ କେତେ ଯେ କାନ୍ଦେ ଶୁଭାର ଏବେ ବି ମନେ ଅଛି । ଆଇର ନାନୀ ବହୁ ଦିନରୁ ଚାଲି ଗଲେଣି । ହୁଏତ ତାଙ୍କୁ ସେତେବେଳେ ଚାଳିଶ ବା ପାଖାପାଖି ସେଇ ବୟସରେ ସଂସାର ଛାଡିଥିଲେ, ଯୋଉ ବୟସରେ ସଂସାରକୁ ଜାବୁଡି ଧରିବାକୁ ଇଚ୍ଛା ହୁଏ ।

ଶୁଭାଙ୍କ ଆଇ ବିମଳାଙ୍କୁ ଏବେ ଅଶୀ ବର୍ଷ ହେଲାଣି ସେ କିନ୍ତୁ ଭୁଲି ନାହାଁନ୍ତି ତାଙ୍କ ନାନୀକୁ । ଏବେ ଯୁଗ କେତେ ବଦଳ ଗଲାଣି । ନିୟମ କାନୁନ କେତେ ବଦଳ ଗଲାଣି । ବିଧବା ବିବାହ ସାଙ୍ଗକୁ ଖାଇବାରେ ପିନ୍ଧିବାରେ ଆଉ ଆଗପରି କଟକଣା ନାହିଁ । ସେତେବେଳେ ଯଦି ଏ ସବୁ ଥାଆନ୍ତା ତାଙ୍କ ନାନୀ ହୁଏତ ଏପର୍ଯ୍ୟନ୍ତ ବଞ୍ଚିଥାନ୍ତେ ତାଙ୍କ ସଙ୍ଗେ ଦୁଃଖ ସୁଖ ହେବାକୁ ।

ଏବେ ଆଇଙ୍କର ପୁର୍ବ ମନେଅଛି । ନାନୀକୁ ତାଙ୍କର ଭିଷଣ ଜର ହେଲା । ଶାଶୁଘର ଲୋକ ତାର ସେପରି କେହି ଯତ୍ନ ନେଲେନ । ଅବହେଳା ଯୋଗୁ ଜର ବଢିଗଲା । ବାପ ମା ବଞ୍ଚିଥିଲେ । ସେମାନେ ଘରକୁ ନେଇ ଆସିଲେ । ଘରେ ସେବା ଯତ୍ନ ହୁଏତ କିଛି ମିଳିଲା, କିନ୍ତୁ ଖାଇବାରେ କିଛି ପରିବର୍ତ୍ତନ ନାହିଁ । ପିଲାବେଳୁ ଶକୁ ଆଇ ମାଛ ବିନା ଭାତ ଖାଇ ପାରେନା । ଜର ଯୋଗୁ ତା ପାଟିକୁ କିଛି ରୁଚୁ ନଥାଏ । ନଖାଇ ପାରୁଥିବାରୁ ଦେହ ବେଶୀ ବେଶୀ ଦୁର୍ବଳ ହୋଇପଡୁଥାଏ । ବାପା ମା ଜାଣିଥିଲେ ବି ଏକଥା, ସମାଜ ଓ ଘର ଲୋକମାନଙ୍କୁ ଡରି ନିରବ ରୁହନ୍ତି ।

ବିମଳା ଆଇ ତାଙ୍କର ଅନ୍ୟ ଦୁଇ ଭଉଣୀଙ୍କ ସହିତ ଘରକୁ ଯାଇଥିଲେ ଶକୁ ନାନୀକୁ ଦେଖିବାକୁ । ନାନୀର ଏ ଦଶା ଦେଖି ତାଙ୍କର ମନ ବିଦ୍ରୋହ କରି ଉଠିଥିଲା । ଲୁହ କୌଣସି ମନା ନମାନି ଝରି ଚାଲିଥିଲା । ସେ ନାନୀକୁ ଭାତ ଭିତରେ ମାଛଭଜା ଖାଇବାକୁ ଦେଲେ । ନାନୀ ଜାଣିପାରି ସେଦିନ କି ଖୁସିରେ ଖାଇଥିଲା, ଏବେବି ତାଙ୍କର ମନେ ଅଛି । ଗ୍ରତିସାରି ନାନୀ ତାଙ୍କୁ ଧରି କେତେ କାନ୍ଦିଥିଲା ଆଉ ଆର୍ଶୀବାଦ ଢାଳି ଚାଲିଥିଲା, "ତୁ ଶହେ ବର୍ଷ ସୁଖରେ ବଞ୍ଚିବୁ । ମୋ ପରି ଦୁଃଖରେ ସଢି ସଢି ମରିବୁନି ।"

ଯେତେଦିନଯାକ ସେ ବାପଘରେ ରହିଲେ ନାନୀର ଖାଇବା ପିଇବା କଥା ନିଜେ ବୁଝିଲେ । ଖିଆପିଆ ଭଲରେ କରି ପାରୁଥିବାରୁ ତାର ବଳ ଉଠିବାକୁ ଟିକେ ଟିକେ ପାଉଥାଏ । ତାଙ୍କ ଭାଗ ମାଛଭଜା ସେ ସବୁଦିନ ତା ଭାତ ଭିତରେ ଲୁଚେଇ ଖାଇବାକୁ ଦେବାର ତାଙ୍କ ବୋଉ ଦିନେ ଜାଣିପାରି ବିମଳାଙ୍କୁ ବହୁତ ଗାଳିଦେଲେ । -"ଏ ଘୋର ପାପ ଯୋଗୁ ତୁ ତ ମରିବୁ, ତାକୁ ବି ମାରିବୁ, ପରୁବାରର ଅନିଷ୍ଟ କରିବୁ" । ବୋଉ ତାଙ୍କର ସେଦିନ ବହୁତ କାନ୍ଦିଥିଲେ । କିନ୍ତୁ ସେଦିନ ବିମଳା ଦୃଢୋକ୍ତିର ସହ କହିଥିଲେ, ସବୁ ପାପ ସେ ତାଙ୍କର ଓ ନାନୀର ନେବାପାଇଁ ପ୍ରସ୍ତୁତ ।

ବିମଳା ନିଜର ଘର ସଂସାର ଛାଡି ଆଉ କେତେଦିନ ବାପଘରେ ରହି ପାରିବେ । ଅନ୍ୟ ଦୁଇ ନାନୀ ଫେରିଗଲେଣି କେବେଠୁ । ଶକୁ ନାନୀର ଖାଇବା ଅବହେଳା ଦେଖି ସେ ଆଉ

କଛିଦିନ ରହି ଯାଇଥିଲେ । ଏବେ ଫେରିବାକୁ ହେବ । ଫେରିଲା ପରେ ନାନୀ ପୁଣି ଖାଦ୍ୟ ଅବହେଳା ଯୋଗୁ ଦୁର୍ବଳ ହେବାକୁ ଲାଗିଲା । ନାନୀକୁ ମାଛ ଲୁଚେଇ ଖାଇବାକୁ ଦେଇଥିବାର ପାପ ଯୋଗୁ ଘରର କଛି ଅନଷ୍ଟ ହେଲାନାହିଁ ସତ, ନାନୀ କନ୍ତୁ କଛି ମାସପରେ ଗ୍ଲିଗଲା । ମାଛ ଖାଇଥିବାର ପାପ ଯୋଗୁ ନୁହେଁ, ମାଛ ନଖାଇ ପାରିଥିବାର ପାପ ଯୋଗୁ ।

ବିମଳା ଆଈ ସେବେଠୁ ଏକ "ନାରୀ ସେବା ସଂସ୍ଥା" ଗଢି ସମାଜରେ ଥିବା ବହୁ କୁସଂସ୍କାର ଦୂର କରିବାକୁ ଚେଷ୍ଟାରତ । ଏବେ ଆଈକୁ ଅଶୀବର୍ଷ ହୋଇଗଲାଣି । ଶୁଭ୍ରା ଏବେ ସଂସ୍ଥାର ସଭାପତି ଏବଂ ଆଈଙ୍କ ଡାହାଣ ହାତ । ଆଈ ଉପଦେଷ୍ଟା କମିଟିରେ କେବଳ ମେମ୍ବର ଅଛନ୍ତି । ଭାଗଦୌଡ କାମ କନ୍ତୁ ଶୁଭ୍ରା ଏବଂ ତାଙ୍କ ସହଯୋଗୀମାନଙ୍କର ।

କନ୍ତୁ ଆଈ ଏବେବି ତା ଶକୁ ନାନୀକୁ ଭୁଲିନ । ଆଈ ସିନା ତା ନଜ ଭଉଣୀ ବୋଲି ତାଙ୍କୁ ଏଯାଏ ମନେ ରଖିଛି କନ୍ତୁ ଭାବି ବସିଲେ କେତେ କେତେ ଶକୁ ନାନୀ ଅଦିନରେ ଅବେଳରେ ସମାଜର କଟକଣାରେ ଯେ ଜୀବନ୍ତ ମରଣ ଭୋଗିଥିବେ, ତାର କଳନା ନାହିଁ ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା



# ମାଗୁନାହିଁ କେହି ସରଗ ସୁଖ



ଶଶଧର ମହାପାତ୍ର

ଚାହିଁଛନ୍ତି ଭକ୍ତକେବେ ହେବ ତୋ'ର
ସାହାଣ ମେଲା
ଧସି ପଶିଯିବେ ଦରଶନ ପାଇଁ
ସକାଳ ହେଲା

ଉଠ, ଉଠ, ଉଠ ଜଗତରନାଥ
ପଡନା ଶୋଇ
ରାତି ପାହିଲାଣି, ଭକ୍ତ ଆସିଲେଣି
ଦର୍ଶନପାଇଁ

ତୁମେ ଶୋଇଗଲେ କଏ ସେ' ଶୁଣିବ
ଭକ୍ତଙ୍କ ଦୁଃଖ
ଯୋଗୀ, ରୋଗୀ, ଭୋଗୀ ଦରଶନ ଲାଗି
ହେଲେଣି ରଙ୍କ

କଏ ଆସିଅଛି କାହିଁ କେତେ ଦୂରୁ
ଭରସା କରି
ଆଣିଛନ୍ତି ସଙ୍ଗେ ଚାଉଳ, ଚୂଡ଼ା
ବିଛଣା ଧରି

କଏ ଆସିଅଛି ବସ୍ କ ଟ୍ରେନ୍ ରେ,
କଏ କାରରେ
ରହିବାକୁ କଏ ଖୋଜେ ଧର୍ମଶାଳା
କଏ ଲଜ୍ ରେ

ତୋ' ପ୍ରେମର ଡୋର ଏତିକି ଟାଣ ଯେ
ଆଣୁଛି ଡାକ
ପାପରେ, ପୁଣ୍ୟରେ, ଭଲରେ, ମନ୍ଦରେ
ତୁହିହିଁ ସାକ୍ଷୀ

ତୁ ଚାହିଁଲେ ତା'ଙ୍କ ଦୁଃଖ, କ୍ଳେଶ ସବୁ
ହୋଇବ ଦୂର
ମାଗୁନାହିଁ କେହି ସରଗର ସୁଖ
ହେ! ରଙ୍ଗାଧର

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଭୈରବର ଅମୋକ୍ଷ ଆତ୍ମା



ଦୀପକ ଷଡଙ୍ଗୀ

ମହିତୋଷ ବାବୁ ଥିଲେ ଜଣେ ପୁଲିସ ଅଫିସର୍ ତାଙ୍କର ପୁଲିସ ଜୀବନର ଘଟଣା ଗୁଡିକ ଶୁଣିବା ପାଇଁ ତାଙ୍କ ବନ୍ଧୁ ଦୁର୍ଜନ ବାବୁଙ୍କର ଖୁବ୍ ଆଗ୍ରହ । କିନ୍ତୁ ସେ କାହିଁକି ଯେ ପୁଲିସ ଚାକିରିଟା ଦୁଇ ବର୍ଷ ଆଗରୁ ଛାଡି ଦେଲେ ସେ କଥା ତାଙ୍କ ପରିବାର ଲୋକଙ୍କ ଛଡା ଆଉ କେହି ଜାଣନ୍ତି ନାହିଁ । ସେ କେବଳ ଚାକିରି ଛାଡି ଥିଲେ ତା ନୁହେଁ, ସେ ଯେଉଁଠାରେ ଆଗରୁ ଚାକିରି କରୁଥିଲେ, ମାନେ କଟକ ଜିଲ୍ଲା ଭଳି ଜାଗାକୁ ଛାଡି କରି ଆସି ବହୁତ ଦୂର ଏ ପାହାଡ ଜଙ୍ଗଲ ଘେରା କନ୍ଧମାଳରେ ଆସି ରହୁଥିଲେ । ତାଙ୍କ ଘର ଆଗରେ ଆଉ ଗୋଟେ ଛୋଟ ଘର ଥିଲା ସେଇ ଘରେ ଏକା ରହୁଥିଲେ ଦୁର୍ଜନ ବାବୁ । ପ୍ରଥମେ ଯେତେବେଳେ ମହିତୋଷ ବାବୁ ଆସି ରହିଲେ ସେତେବେଳେ ସେ ମଧ୍ୟ କଟକ ଲୋକ ବୋଲି ଜାଣିବା ଠାରୁ ତାଙ୍କ ଘରକୁ ଯିବା ଆସିବା କରି କରି ଦୁର୍ଜନ ବାବୁ ମଧ୍ୟ ଜଣେ ଅନ୍ତରଙ୍ଗ ବନ୍ଧୁ ହୋଇ ପାରିଥିଲେ ମହିତୋଷ ବାବୁଙ୍କର । ମହିତୋଷ ବାବୁ ଓ ତାଙ୍କ ସ୍ତ୍ରୀ ଅନିତାକୁ ଛାଡି ତାଙ୍କ ଘରେ ଆଉ ଜଣେ ସଦସ୍ୟର ଯିବା ଆସିବା ମଧ୍ୟ ଥିଲା । ସେ ହେଲା ତାଙ୍କ ଚାକର ରାଜୁ । ଦେଖିବାକୁ ବିଶାଳ କାୟ ଚେହେରା, ଆଦିବାସୀ ସମ୍ପ୍ରଦାୟର । ସକାଳ ବେଳା ଆସେ ସବୁ କାମ ସାରି ପୁଣି ସନ୍ଧ୍ୟା ବେଳକୁ ଫେରି ଯାଏ ପାହାଡ ଆର ପଟେ ଥିବା ତା ନିଜ ଗାଁ କୁ । ତାକୁ ଦେଖି ଦୁର୍ଜନ ବାବୁ ମହିତୋଷ ବାବୁ ଙ୍କୁ ଥରେ କହିଥିଲେ "ଆଜ୍ଞା ! ଏ ଆଦିବାସୀ ମାନଙ୍କ ଠାରୁ ଟିକେ ଦୂରରେ ରହିବେ, କେତେବେଳେ ଏମାନେ କିଛି ବି କରି ଦେଇ ପାରନ୍ତି"। ଏକଥା ଶୁଣି ଅନିତା ଦେବୀ ଟିକେ ଭୟ ପାଇଯାଇ ଥିଲେ। କିନ୍ତୁ ଲୋକଟିକୁ ହାତ ଛଡା କଲେ ଯେ ଏ ଜାଗାରେ ଆଉ ଗୋଟେ କାମଦାମ କରୁଥିବା ଲୋକ ମିଳିବା ଯେ ବହୁତ ମୁସ୍କିଲ ତାହା ମହିତୋଷ ବାବୁ ଠିକ ଜାଣିଥିଲେ । ପୁଲିସିଆ ଲୋକ, ତାଙ୍କୁ ପୁଣି ଭୟ କଣ । ,

ଏମିତି ସବୁ ଦିନ ଦୁର୍ଜନ ବାବୁ ମହିତୋଷ ବାବୁଙ୍କ ଘରକୁ ଆସନ୍ତି ଆଉ ତାଙ୍କ ଠାରୁ ତାଙ୍କ ପୁଲିସିଆ ଜୀବନର କାହାଣୀ ମାନ ଶୁଣନ୍ତି । ପସନ୍ଦ ନ ଆସିଲେ ମୁହଁକୁ ଗୋଟେ

ଏପରି କଦାକାର କରନ୍ତି ଯେ ବୁଝାଯାଏ ଯେ ଏ ଗପଟି ତାଙ୍କୁ ଜମା ପସନ୍ଦ ଆସିଲାନି । ମହିତୋଷ ବାବୁ ବେଳେ ବେଳେ ଭାବନ୍ତି ଏ ଦୁର୍ଜନ ବାବୁ ବୋଧେ ଜଣେ ଲେଖକ, ଲେଖିବା ପାଇଁ କାହାଣୀର  ଅନୁସନ୍ଧାନରେ ଏଠିକି ଆସନ୍ତି । ଏମିତି ଦିନେ  ସନ୍ଧ୍ୟାବେଳେ କଥା ହଉ ହଉ ମହିତୋଷ ବାବୁ ତାଙ୍କର ଜୀବନର ସବୁଠାରୁ ଗୋପନୀୟ କଥା କହିବାକୁ ଲାଗିଲେ - ସେ କଥାଟି ଏହିପରି ଥିଲା ।

କଥାଟି ଥିଲା ମହିତୋଷ ବାବୁଙ୍କର ପିଲା ଦିନର ସାଙ୍ଗ ଭୈରବ ଓ ତାଙ୍କ ସମ୍ବନ୍ଧରେ ସ୍କୁଲ ବେଳର ଗୋଟେ ସତ୍ୟ କାହାଣୀ । କଥାଟା ଆରମ୍ଭ କରୁକରୁ ହିଁ ବହୁତ ଗୁଡିଏ ଅଶୁଭ ଲକ୍ଷଣ ଦେଖାଗଲା । ଯେପରି କାନ୍ଥରେ ଟଙ୍ଗା ହୋଇଥିବା ଗୋଟେ ସିନେରି ଫୋଟୋ ପଡି କି ଭାଙ୍ଗି ଗଲା, ବାହାରେ ଥିବା କୁକୁର ମାନେ କପରି ଗୋଟେ ଅଦ୍ଭୁତ ଶବ୍ଦ କରି ଭୁକ ବାକୁ ଲାଗିଲେ, ଆଉ ହଠାତ୍ ଯେମିତି ଲାଗିଲା କଳା ହାଣ୍ଡିଆ ମେଘ ଆସିଲା ଭଳି ଝଡ ତୋଫାନର ପୂର୍ବ ଅନୁମାନ। ମହିତୋଷ ବାବୁ ଝରକା ପାଖକୁ ଗଲେ ଆଉ ଦେଖିଲେ ଯେ ଖୁବ ଜୋରରେ ଝରକା  କବାଟଟା ପିଟି ହଉଛି। ତାକୁ ବନ୍ଦ କରି ଦେଲେ । ମନେ ମନେ ସେ ଭାବିଲେ ଏ ସବୁ କଣ ହଉଛି, କିନ୍ତୁ ବାହାରେ ପ୍ରକାଶ କଲେ ନାହିଁ । ତାପରେ ନିଜକୁ ଟିକେ ପ୍ରସ୍ତୁତ କରି ନେଇ ବସି ପଡିଲେ ପାଖରେ ଥିବା ଚେୟାର ଉପରେ। ଆଉ ତା ପରେ ଆରମ୍ଭ କଲେ- ଭୈରବ ଥିଲା ମୋ ସ୍କୁଲ ବେଳର ଜଣେ ଘନିଷ୍ଠ ବନ୍ଧୁ, ସେତେବେଳେ ଆମକୁ ପ୍ରାୟ ୧୪/୧୫ ବର୍ଷ ବୟସ ।  ଭୈରବ ଥିଲା ସ୍କୁଲରେ ସବୁ ପିଲା ମାନଙ୍କଠାରୁ ଏକଦମ ଅଲଗା। ତାର ସ୍ୱଭାବ ସ୍କୁଲ ରେ ସବୁ ଠାରୁ ଅଲଗା ଥିଲା। ତେବେ ଭୈରବ ଯେ କାହିଁକି ମୋତେ ସବୁଠାରୁ ବେଶି ଭଲ ପାଏ ସେ କଥା ମୁଁ ଜାଣେନା । ପାଠ ପଢାରେ ତାର ଆଦୌ ଇଚ୍ଛା ନଥିଲାଂ, କିନ୍ତୁ ସେଇ ବୟସ ରେ ସେ ଝଡାଫୁଙ୍କା, ଭୂତ, ପ୍ରେତ ଆଦି ମାନଙ୍କ ବିଷୟରେ ଜାଣିବା ପାଇଁ ଖୁବ ଆଗ୍ରହୀ ଥିଲା। ସେଥିପାଇଁ ସେ ସ୍କୁଲରେ କ୍ଲାସ ଛାଡି ଗୁଣିଆ ମାନଙ୍କ ପାଖରେ ସେହି ବିଦ୍ୟା ଗୁଡିକ କରାୟତ କରି ବାକୁ ଚେଷ୍ଟା କରୁଥାଏ । ଆଉ ତାର ଚେହରା ବି ସେମିତି ଥିଲା ଭୟଙ୍କର କୁଞ୍ଚ କୁଞ୍ଚିଆ ଚୁଟି ଆଉ ଗାଲର ଡାହାଣ ପାଖେ ଗୋଟେ କଟା ଦାଗ, ତା ପାଖକୁ ଯିବାକୁ ପିଲାମାନେ କଣ, ସ୍କୁଲର ଶିକ୍ଷକମାନେ ବି ଭୟ କରୁଥିଲେ । ତାର ଏପରି ଚେହେରାକୁ ଦେଖି ତାକୁ କେହି ବି ଭଲ ପାଉ ନଥିଲେ। କିନ୍ତୁ ସେ ସ୍କୁଲ ଛୁଟି ହେବା ପରେ  ମୋତେ ଟାଣି କରି ନେଇ ଯାଏ ଆମ ଗାଁ ରେ ଥିବା କିଛି ଶୁନ୍ ଶାନ୍ ଜାଗା- ଗାଁ ଶେଷରେ ଥିବା ମସାଣି କୁ । ସେ ସେଠାକୁ ମତେ ନେଇ

ବହୁତ ଗୁଡାଏ ଡର ଲଗିଲା ଭଳିଆ କଥା ସବୁ କହେ । ଯେମିତିକି "ହାଜିପୁର ଗାଁ ର ତାରକନାଥ ବାବା ହଉଛନ୍ତି ମୋ ଗୁରୁ । ସେ ମୋତେ ସବୁ ଭୂତ ପ୍ରେତ ମାନଙ୍କୁ ଆୟତ କରିବା ଶିଖେଇ ଦେଲେଣି, ସେ କହୁଥିଲେ ନେପାଳରେ ଗୋଟେ କାମାକ୍ଷା ଦେବୀଙ୍କ ମନ୍ଦିର ଅଛି, ସେଠିକି ଯାଇ ଯଦି ମୁଁ ଯଇଁ ସିଦ୍ଧି କରି ଆସେ ତେବେ ମୁଁ ହେବି ବିଶ୍ୱ ବିଜୟୀ । ତୁ ବି ଚାଲ୍ ମୋ ସହିତ ତତେ ନେପାଳ ବୁଲେଇ କି ଦେଖେଇ ଦେବି, ଆମେ ଯିବା ମୋ ଗୁରୁ ତାରକନାଥ ବାବାଙ୍କ ସହ" ।

ମୋର କିନ୍ତୁ ଇଚ୍ଛା ହଉଥାଏ ମୁଁ କିପରି ୟା ହାବୁଡରୁ ଖସି କି ପଳେଇବି । ଏମିତି ସବୁବେଳେ ମୋତେ ସେ ହଇରାଣ କରୁଥାଏ । ସେଥିପାଇଁ ସ୍କୁଲ ଛୁଟି ହେବା ମାତ୍ରେ ହିଁ ମୁଁ ତା ଠାରୁ ଲୁଚିକି ଦୌଡି ଘରକୁ ପଳାଏ । ଏମିତି ଦିନେ ସେ ମୋତେ ଆମ ଗାଁ ମଶାଣି କୁ ଜୋର କରି ଟାଣି ନେଇଗଲା, ଆଉ ଛୁରୀରେ ମୋ ବାମ ହାତର ବୁଢା ଆଙ୍ଗୁଠି ଟାକୁ କାଟି ଦେଲା । ମୁଁ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହଉଥାଏ । ତାପରେ ସେ ସେଠି ସଦ୍ୟ ଜଳା ହୋଇଥିବା ଗୋଟେ ଶବର ପାଉଁଶ ଉପରେ ନେଇ ମୋ କଟି ଯାଇଥିବା ଆଙ୍ଗୁଠିର ରକ୍ତ ଦୁଇ ଟୋପା ପକେଇ ଦେଇ କହିଲା "ତୁ ମୋତେ ଛାଡି ଆଉ କୁଆଡେ ଯାଇ ପାରିବୁନି, ତୁ ଯଦିଓ ମୋ ଠାରୁ ଦୂରେଇ ଯାଉ ତଥାପି ମୁଁ ତୋ ପିଛା କେବେ ବି ଛାଡିବିନି"। ଏମିତି ଭୟଙ୍କର ଭାବେ ସେ କହି ଉଠିଲା । ସେତେବେଳେ ଦେଖା ଯାଉଥାଏ ତା ଆଖି ଦୁଇଟି ରକ୍ତ ପରି ଲାଲ୍ ହୋଇଯାଇଛି, ଆଉ କହି ସାରି ଜୋରରେ ହସି ଉଠିଲା । ପୁଣି କହିଲା "ମୋ ଗୁରୁ ମୋତେ କହିଛନ୍ତି ପ୍ରେତାତ୍ମାମାନେ ଯାହାକୁ ବେଶି ଭଲ ଲାଗନ୍ତି ସେମାନେ କାହାର ଗୋଟେ ଶରୀର ଭିତରେ ପ୍ରବେଶ କରି ତାକୁ ଦେଖା କରି ପାରନ୍ତି; କିନ୍ତୁ ଏପରି କରିବା ଦ୍ୱାରା ସେ ଆତ୍ମାକୁ ବହୁତ କଷ୍ଟ ହୁଏ ଏବଂ ତା'ର ମୁକ୍ତି ମଧ୍ୟ ହୋଇ ପାରେନା । ସେ ଅମୋକ୍ଷ ହୋଇ ଘୁରି ବୁଲେ। ସେ ଯାହା ବି ହଉ, ତୁ ଯୁଆଡେ ଥାଆ ପଛେ ମୁଁ କିନ୍ତୁ ତତେ ଦେଖା କରିବାକୁ ନିଶ୍ଚେ ଆସିବି । କିନ୍ତୁ ମୁଁ ଯେତେବେଳେ ତତେ ଦେଖା କରିବାକୁ ଆସିବି ଯଦି ତୁ ମତେ ଚିହ୍ନି ନପାରି ତଡି ଦଉ ତେବେ ମୁଁ ତତେ କିନ୍ତୁ ଆଉ ଛାଡିବି ନାହିଁ । ଆଉ ଏକଥା ତୁ ମତେ ଏଇ ମଶାଣିରେ ମତେ ଶପଥ କରି କହ" ।

ସେତେବଳକୁ ମୋ ଅବସ୍ଥା ଯାହା ହଉଥାଏ, ମୁଁ ଚଟ୍ କରି କହିଲି "ହଁ ରେ ଭୈରବ ତୁ ଆସିଲେ ତତେ କାହିଁକି ମୁଁ ତଡି ଦେବି। ତୁ ତ ମୋର ସବୁ ଠାରୁ ଭଲ ବନ୍ଧୁ । ମୁଁ ଶପଥ କରୁଛି ତତେ ମୁଁ ଚହ୍ନି ପାରିବି ଆଉ ତୁ ମୋ ଘରକୁ ଆସିଲେ ମୁଁ ତୋର ଖୁବ୍ ଆଦର ଯତ୍ନ କରିବି" । ତା'ପରେ ସେ ମତେ ଛାଡି ଦେଲା ମୁଁ ଏକ ମୁହାଁ ହେଇ ଘରକୁ ଦୌଡି ପଳେଇ ଆସିଲି । ୩/୪ ଦିନ ମୁଁ ଆଉ ସ୍କୁଲକୁ ଗଲିନ । ଯେତେବେଳେ ସ୍କୁଲକୁ ଗଲି ଜାଣିବାକୁ ପାଇଲି ଯେ ଭୈରବ ସେହିଦିନ ଠାରୁ ଆଉ ସ୍କୁଲକୁ ଆସିନ । ସେ ଘର ଛାଡି କୁଆଡେ ପଳେଇଛି ବୋଲି ।

ତାପରେ ଗୋଟେ ଦୀର୍ଘ ନିଶ୍ୱାସ ନେଇ ମହିତୋଷ ବାବୁ ଟିକେ ପାଣି ଜଗ୍ ରୁ ଆଣି ପିଇଲେ, ଏହି ସମୟରେ ତାଙ୍କ ପତ୍ନୀ ଅନିତା ଘର ଭିତରକୁ ପଶି ଆସିଲେ, ମୁହଁରେ ତାଙ୍କର ଭୟର ଛାପ ସ୍ପଷ୍ଟ ବୁଝା ପଡୁଥାଏ । ଆଉ କହିଲେ "ହେଇଟି ଶୁଣୁଚ ଆମ ଛାତ ଉପରେ କିଏ ଗୋଟେ ଦୁମ୍ ଦୁମ୍ କରୁଛି, ଟିକେ ଯାଇ ଦେଖ ତ" ? ମହିତୋଷ ବାବୁ ବି ଟିକେ ଡରି ଯାଇଥାନ୍ତି, ଯଦିଓ ଶବ୍ଦଟା ଟିକେ କମି ଆସିଥିଲା ତଥାପି ରହିରହି ମଝିରେ ମଝିରେ ହଉଥାଏ । ଛାତ ଉପରକୁ ଯାଇ ଦେଖିଲେ କେହି କୁଆଡେ ନାହାନ୍ତି, ରାଜୁ କହିଲା "ଆଜ୍ଞା ! ଛାତ ଉପରେ କିଛି ସମୟ ପୂର୍ବରୁ ଗୋଟେ ଡାମେରା କାଉ ଆସି ବହୁତ ସମୟ ହେଲା ବସିଥିଲା। ମୁଁ ଯେତେ ହୁରାଡିଲେ ବି ଜମା ଗଲାନି, ଅପଣଙ୍କୁ ଦେଖି ବୋଧେ ଉଡି ଗଲା" । ମହିତୋଷ ବାବୁ ଘଡି ଦେଖିଲେ। ରାତି ଆସି ୯ ଟା ବାଜିଲାଣି ରାତିରେ ପୁଣି କାଉ, ଟିକେ ଭୀତତ୍ରସ୍ତ ହୋଇ ପଡିଲେ । ଛାତ ଉପରୁ ତଳକୁ ଓହ୍ଲାଇ ଆସି ସେ ଦେଖିଲେ ଦୁର୍ଜନ ବାବୁ କିନ୍ତୁ ସେମିତି ନିର୍ବିକାର ହୋଇ ବସି ଥାନ୍ତି ତାଙ୍କ ଜାଗାରେ। ଲାଗୁ ଥାଏ ଯେମିତି ସେ ହିଁ ହଉଛନ୍ତି ତାଙ୍କ କାହାଣୀର ଗୋଟେ ଚରିତ୍ର ।

ତାପରେ ମହିତୋଷ ବାବୁ ପୁଣି ଚେୟାର ଉପରେ ବସି ଗପି ବାକୁ ଆରମ୍ଭ କଲେ । ସ୍କୁଲ ପଢା ସାରିଲା ପରେ ମୁଁ ଗାଁ ଛାଡି ଭୁବନେଶ୍ୱର ଚାଲି ଆସିଲି ଉଚ୍ଚଶିକ୍ଷା ପାଇଁ, ତାପରେ ମୋ ସହ ଆଉ ଭୈରବର କିଛି ବି ସମ୍ପର୍କ ନ ଥାଏ । ଏ ଭିତରେ କଟି ଯାଇଥାଏ ଦୀର୍ଘ ୩୦ ବର୍ଷ ଆଉ ମୁଁ ପୋଲିସ ଚାକରି ରେ ନିଯୁକ୍ତି ପାଇଥାଏ । ମୋର ପୋଷ୍ଟିଂ ହୋଇ ଥାଏ ବଡମ୍ବା ର ଝରିଖୋଲ ଗ୍ରାମରେ । ଦିନେ ଗୋଟେ ହତ୍ୟାକାଣ୍ଡର ଖବର ମତେ ମିଳିଲା । ଦୁଇ ଜଣ କନେଷ୍ଟବଳଙ୍କୁ ଧରି ଯାଇ ପହଞ୍ଚିଲି ଘଟଣା ସ୍ଥଳରେ, ଦେଖିଲି ଏକ

କ୍ଷତ ବିକ୍ଷତ ଶବ, ତା'ର ଗଳା କାଟି କିଏ ହତ୍ୟା କରିଥାଏ । ଲୋକଟିର ବୟସ ଅନୁମାନ ୫୦ ପାଖ ପାଖି ହେବ, ଲୋକଟିକୁ ଦେଖିଲା ପରେ ମୋତେ କାହିଁ ଚହ୍ନାଚହ୍ନା ଲାଗିଲା ଓ ଦେହଟା କପରି ଏକ ଭୟରେ ଶିହରି ଉଠିଲା । ଯଦିଓ ଯା ଠାରୁ ଆହୁରି ଭୟଙ୍କର ଶବ ମୁଁ ମୋ ପୋଲିସ ଜୀବନର ୨୫ବର୍ଷ ଚାକିରୀ ଭିତରେ ଦେଖି ସାରିଥିଲି ତଥାପି ମୋ ଭିତରେ କପରି ଗୋଟେ ଅଦ୍ଭୁତ ପ୍ରକାର ଭୟ ମାଡି ବସିଲା ପରି ଲାଗିଲା । ଗୋଟେ କନେଷ୍ଟବଳକୁ କହିଲି ମୁହଁ ଉପରୁ ରକ୍ତ ଛିଟା ଗୁଡାକ ପୋଛି ଦବା ପାଇଁ । ତା'ପରେ ମୁଁ ଯାହା ଦେଖିଲି, ତାକୁ ଦେଖି ମୁଁ ପୂରା ଅବାକ୍ ହୋଇ ପଡିଲି। ସେଇ କୁଞ୍ଚ କୁଞ୍ଚିଆ ଚୁଟି ଆଉ ଗାଲର ଡାହାଣ ପାଖେ ଗୋଟେ କଟା ଦାଗ, ମୋତେ ଆଉ ବୁଝି ବାକୁ ବାକି ରହିଲା ନାହିଁ ଯେ ଏଇ ମୃତଦେହଟା ଭୈରବର ବୋଲି । ବେଶୀ କଛି ଆଉ କାହା ସହ କଥାବାର୍ତା ନ କରି ଶବଟିକୁ ପୋଷ୍ଟମୋର୍ଟମ କରିବାକୁ ପଠେଇଦେଲି । ତା'ପରେ ମୋର ଦୁର୍ଭାଗ୍ୟକୁ ସେ କେସ୍ ର ତଦନ୍ତ ଦାଇତ୍ୱ ମୋ ଉପରେ ହିଁ ରହିଲା । ମୁଁ ସବୁ ଜାଗାକୁ ଯାଇ ଖୋଳତାଡ୍ ଆରମ୍ଭ କଲି, ସେ କୋଉଠି ରୁହେ, ତା ସଙ୍ଗେ ଅନ୍ୟ ମାନେ କିଏ ସବୁଥିଲେ, ଇତ୍ୟାଦି ଇତ୍ୟାଦି । ତଦନ୍ତର ପ୍ରଥମ ପର୍ଯ୍ୟାୟରୁ ଜଣା ଗଲା ଯେ ସେ ଏଇ ଗାଁରେ ପ୍ରାୟ ୧୦ ବର୍ଷରୁ ଉର୍ଦ୍ଧ ଦିନ ଧରି ରହି ଆସୁଥିଲା, ଆଉ ସମସ୍ତେ ତାକୁ ଗୋଟେ ତାନ୍ତ୍ରିକ ବୋଲି ମଧ୍ଯ ଜାଣିଥିଲେ । କନ୍ତୁ ତା'ପରେ ତଦନ୍ତରେ ସେମିତି କଛି ଆଖି ଦୃଶିଆ ପ୍ରମାଣ ମୋତେ ଆଉ କଛି ମିଳ ନଥିଲା । ଯେହେତୁ ତାନ୍ତ୍ରି, ଗୁଣିଆ ପରି ଲୋକ ଥିଲା ଆଉ ତାର ସମ୍ପର୍କୀୟ ବି କେହି ନଥିଲେ ଖୋଜ୍ ଖବର ନବା ପାଇଁ, ସେଥିପାଇଁ କେସଟା ଧୀରେ ଧୀରେ ବନ୍ଦ ହେବାକୁ ବସିଲା ।

ଆଉ ଠିକ୍ ସେଇ ସମୟରେ ଦିନେ ରାତିରେ ଆମେ ସ୍ୱାମୀ ସ୍ତ୍ରୀ ଓ ପୁଅକୁ ନେଇ ପୁଲିସ କ୍ୱାଟରରେ ରାତିରେ ଶୋଇଥାଉ । ରାତି ପ୍ରାୟ ୨ଟା ପାଖପାଖି ହେବ। ମନେ ହେଲା ଯେପରି ଆମ କ୍ୱାଟରର କବାଟକୁ କିଏ ଜଣେ ଠକ୍ ଠକ୍ କରୁଛି । ମୋର ନଦଟା ଭାଙ୍ଗିଗଲା। ଭାବିଲି ବୋଧେ ସ୍ୱପ୍ନ ଦେଖୁଛି। ଆଉ କଛି ନ ଭାବି ପୁଣି ଶୋଇଲି, ପାଞ୍ଚ ମିନଟ୍ ପରେ ପୁଣି ସେଇ କବାଟ ବାଡେଇବା ଶବ୍ଦ, ଏଥର ଶବ୍ଦଟା କନ୍ତୁ ଆଗ ଅପେକ୍ଷା ଟିକେ ଜୋର୍ ଥିଲା। ଏଥର ମୁଁ ଶେଜରୁ ଉଠି ବସିଲି । କବାଟ ଖୋଲିବାକୁ ଯାଆନ୍ତେ ମୋ ସ୍ତ୍ରୀ ଅନତା ମୋତେ ବାଧା ଦେଲା। ପୁଅ ପାଖରେ ଗଭୀର ନଦ୍ରା ରେ ଶୋଇଥାଏ । ତଥାପି ମୁଁ ଉଠିକ ଆଲମୀରା ଭିତରୁ ମୋ ସର୍ଭିସ୍ ରିଭଲବରଟା ବାହାର କଲି । କବାଟ ଖୋଲିବା

ପୂର୍ବରୁ ଭିତରୁ ଥାଇ ପଚ୍ଚାରିଲି "କିଏ ସେଠି" ? କିନ୍ତୁ ସେପଟୁ କିଛି ଉତ୍ତର ନାହିଁ । ମୁଁ ପୁଣି ଆଉ ଥରେ ଏଥର ଟିକେ ଚଢା ଗଳା ରେ ପଚ୍ଚାରିଲି "କିଏ ସେଠି କବାଟ ବାଡଉଛି ? ଲାଗିଲା କିଏ ଜଣେ ୧୪/୧୫ ବର୍ଷର ପିଲାଟେ ମୋତେ କହୁଛି "ଆରେ ମହୀ! କବାଟଟା ଟିକେ ଖୋଲ । ମୁଁ ତୋ ସାଙ୍ଗ ଭୈରବ ପରା"। କବାଟ ସେପଟୁ ଏମିତିଆ କଥା ଶୁଣି ମୁଁ ପୁରା ଅବାକ୍ ହୋଇ ଠିଆ ହୋଇ ଥାଏ । ଦେହରୁ ଝାଳ ଗମଗମ ହୋଇ ବାହାରି ଯାଉଥାଏ । କବାଟଟା ଖୋଲି ଦେଖେ ତ ସେଠି କେହି ବି ନାହାନ୍ତି । ଘର ଭିତରକୁ ଯାଇ ଟର୍ଚ୍ଚଟା ଆଣି ବାହାରକୁ ମାରିଲି । ଦେଖିଲି କିଛି ଦୂର ରେ ଗୋଟାଏ ଲୋକ ଛିଡା ହୋଇଛି। ଅଣ୍ଟାରେ ଗୋଟେ ନୀଳ ଲୁଙ୍ଗୀ ପିନ୍ଧିଥାଏ । ମୁଣ୍ଡରେ ଗାମୁଛା ପକେଇଥାଏ ଆଉ ମୁହଁ ସାରା ପୁରା ରକ୍ତରେ ଜୁଡୁବୁଡ । ଲୋକଟାକୁ ଦେଖି ମୁଁ ପୁରା ସ୍ଥାଣୁ ହୋଇଗଲି । ମୋତେ ଲାଗୁ ଥାଏ ମୋ ଦେହରେ ଆଉ ଯେମିତି ଜୀବନ ନାହିଁ । ମୁଁ ତାକୁ ପୁଣି ଥରେ ନିରିଖେଇ କି ଚାହିଁଲା ବେଳକୁ ଲାଗିଲା ସେ ଯେମିତି ମୋତେ ହାତ ଠାରି ଡାକୁଛି । ମୁଁ ତାର ଯେତେ ନିକଟକୁ ଯାଉଥାଏ । ସେ ମୋ ଠାରୁ ସେତେ ଦୂରେଇ ଯାଉ ଥାଏ । ସେ ମୋ ଆଗେ ଆଗେ ଚାଲିଲା ଆଉ ମୁଁ ତା ପଛେପଛେ ଚାଲି ଥାଏ । ଯେମିତି ଲାଗୁଥାଏ ମୋତେ କିଏ ଜଣେ ସମ୍ମୋହନ କରି ତା ପଛେ ପଛେ ଚାଲି ବାକୁ ବାଧ୍ୟ କରୁଛି । ମୋତେ ଲାଗିଲା ଏ କିଣ ଭୈରବ ମୋତେ ନେଇ କି ତା ହତ୍ୟାକାରୀ ପାଖକୁ ଯାଉଛି । ଇଛା ହଉଥାଏ ମୁଁ ଫେରିଯିବି ବୋଲି । କିନ୍ତୁ ଏତେ ଅନ୍ଧକାରରେ ମୁଁ ଯେ କୋଉଠି ଆସି ପହଞ୍ଚିଲିଣି ସେ କଥା ମୋତେ ଆଦୌ ଜଣା ପଡୁ ନ ଥାଏ । ମୋ ପାଦରେ ଆଉ ଶକ୍ତି ନ ଥାଏ । ଚାଲିବା ମୋ ପାଇଁ ସମ୍ଭବ ହୋଇ ପାରୁ ନ ଥାଏ । ମୁଁ ଅବଶ ହୋଇ ରାସ୍ତାର ଗୋଟେ ପଟେ ପଡି ଗଲି । ସକାଳ ହେଲାରୁ କିଛି ଗାଁ ଲୋକ ଆଣି ମତେ ଘରେ ଛାଡି ଦେଇ ଗଲେ । ପରଦିନ ସେଇ ଶବଟିର ପୋଷ୍ଟମୋର୍ଟମ ରିପୋର୍ଟ ଆସିଲା । ରିପୋର୍ଟରେ ଉଲ୍ଲେଖ ଥିଲା ଯେ ଲୋକଟିର ମୃତ୍ୟୁ ଅସ୍ୱାଭାବିକ ଥିଲା । ତା'ର ମୁଣ୍ଡଟିକୁ ଏମିତି କିଏ ଜଣେ ମୋଡି ଦେଇ ଥିଲା ଯେ ଶରୀରଭିତରୁ ଚାପ ପାଇ ଜିଭଟା ଏକ ଦମ୍ ବାହରକୁ ଚାଲି ଆସିଥିଲା । ଏମିତି ନୃଶଂସ ଭାବରେ ମୁଣ୍ଡକୁ ଜୋରରେ ମୋଡିବା କୌଣସି ମନୁଷ୍ୟ ପକ୍ଷେ ସମ୍ଭବ ନ ଥିଲା । ଯେହେତୁ ଶବଟିର କେହି ଦାବିଦାର ନ ଥିଲେ ତେଣୁ କେସଟି ଆପେ ବନ୍ଦ ହୋଇଗଲା ।

ଏତିକ କହି ମହିତୋଷ ବାବୁ ଚୁପ ହୋଇ ଗଲେ । ଦୁର୍ଜନ ବାବୁ ସେମିତି ଜାକଜୁକ ହୋଇ ବସିଥାଆନ୍ତି । ଅପଲକ ନୟନରେ ସେ ଅନେଇ ଥାନ୍ତି ମହିତୋଷ ବାବୁଙ୍କୁ । ଘର ଭିତରଟା କପରି ଏକ ଅସ୍ୱସ୍ତିକର ପରିବେଶ ଭଳ ଜଣା ପଡୁଥାଏ । କୁକୁର ଗୁଡାକ ହଠାତ୍ ଜୋର୍ କରି ଭୁକବାକୁ ଆରମ୍ଭ କଲେ । ଘର ଭିତରେ ତ ଆଉ କେହି ନାହାଁନ୍ତି ମହିତୋଷ ବାବୁ ଆଉ ଦୁର୍ଜନ ବାବୁଙ୍କ ଛଡା । କନ୍ତୁ ମହିତୋଷ ବାବୁଙ୍କ ମନେ ହେଲ୍ ଯେ ଆଉ ଜଣେ କଏ ସେମାନଙ୍କ କଥା ଶୁଣୁଛି । ସେ ଦୁଆର ମୁହଁ ପାଖକୁ ଗଲ । ଏ କଣ ସ୍ୱଜୁ ସେମାନଙ୍କ କଥା ଶୁଣୁଛି । ବେଶୀ କଛି ପ୍ରତିକ୍ରିୟା ପ୍ରକାଶ ନ କରି ମହିତୋଷ ବାବୁ ପୁଣି ଆସି ଚେୟାର ଆସି ବସି ପଡିଲେ ଓ ପୁଣି ଆରମ୍ଭ କଲେ ।

ଏମିତିଆ କାଣ୍ଡ ପ୍ରାୟ ସବୁ ଦିନେ ମୋ ସଙ୍ଗେ ଘଟିବାକୁ ଲ୍ଗିଲ । ସ୍ତ୍ରୀ ଓ ପୁଅକୁ ନେଇ ମୋ ଶଶୁର ଘରେ ଛାଡି ଦେଇ ଆସିଲି । କ୍ୱାଟର ବି ଛାଡି କ ଅଲଗା କ୍ୱାଟର ନେଲ । ତଥାପି ସେହି ପ୍ରକାର ସମସ୍ୟା ଲ୍ଗି ରହିଲ୍ । ଧୀରେ ଧୀରେ ମୁଁ ଅନ୍ୟ ମନସ୍କ ହେବାକୁ ଲ୍ଗିଲି । ଶେଷରେ ଚନ୍ତା କଲି ଗ୍କରି ଛାଡି ଏ ଜାଗା ରୁ ସବୁ ଦିନ ପାଇଁ ଗ୍ଲି ଯିବି ବୋଲି । ଆଉ ତା ପରେ ମୁଁ ଏ କନ୍ଧମାଳକୁ ଗ୍ଲି ଆସିଲି । ପୁଅକୁ ନେଇ ଭୁବନେଶ୍ୱରରେ ଛାଡି ଦେଇ ଆସିଛି ସେ ସେଠି ହଷ୍ଟେଲରେ ରହି ପଢୁଛି । ଏଇ ହେଲ୍ ମୋ କାହାଣୀ ।

ଚୁପ୍ ହୋଇ ରହିଗଲେ ମହିତୋଷ ବାବୁ କଛି ସମୟ ପାଇଁ । ନଜ ପାଖରେ ଥିବା ସିଗାରେଟଟା ଆଣି ଲଗେଇଲେ । ତାଙ୍କୁ ଜଣାଗଲ୍ ହଠାତ୍ ଯେମିତି ଘର ଭିତର ସାଗ୍ ଧୂଆଁମୟ ହେଲ୍ ପରି । ସେ ଦେଖିଲେ ଯେ ତାଙ୍କ ପାଖରେ ବସି ଥିବା ଦୁର୍ଜନ ବାବୁ ସେଠି ନାହାଁନ୍ତି ଆଉ ସେ ବସିଥିବା ଚେୟାର ଉପରେ ଆସି ବସିଛି ଭୈରବ । ସେଇ ରକ୍ତ ଜୁଡୁବୁଡୁ ମୁହଁରେ ତାଙ୍କ ଆଡକୁ ଅନେଇ ବିକଟାଳ ହସ ହସୁଛି । ଆତଙ୍କିତ ହୋଇ ପଡିଲେ ମହିତୋଷ ବାବୁ । ଭୟରେ ନଜର ଚେତା ହରେଇ ବସିଲେ । ପ୍ରାୟ ୧୦ ଦିନ ଅଚେତ ହୋଇ ପଡି ରହିବା ପରେ ସେ ନଜକୁ ଭୁବନେଶ୍ୱରର କାପିଟାଲ ହସ୍ପିଟାଲର ବେଡ୍ ଉପରେ ପାଇଲେ । ଚେତା ଫେରିବା ପରେ ସ୍ତ୍ରୀ ଅନତାଙ୍କ ଠାରୁ ଶୁଣିବାକୁ ପାଇଲେ ଯେ ଦୁର୍ଜନ ବାବୁଙ୍କର ଅସ୍ୱାଭାବିକ ମୃତ୍ୟୁ ତାଙ୍କ ନଜ ଘର ଭିତରେ ହିଁ ହୋଇଛି ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

# ଭୀତା



ଭଗିରଥୀ ବେହେରା

ଭିତର ବାହାର ଦେଖିଲାନ ଦାନବ
ଏମିତି ଦଳଚକଟି କ୍ଷତବିକ୍ଷତ
କରିଦେଲା ଯେ
ରାଜଜେମା ହେଲା ଛଟପଟ
ରାତଆଡେ ରକ୍ତଛିଟା, ରକ୍ତାକ୍ତ ଭାଗ୍ୟର ଚନ୍ଦ୍ରପଟ୍ଟ ।

ତୁ ଏମିତି ଦୁର୍ଭାଗ୍ୟ ନେଇ ଜନ୍ମିଛୁଲ ଝିଅ
କହେ ବୋଉ ମୋର
ଯେବେ ବି ଘରସାରା ଡେଇଁଥାଏ,
ବୁଝିପାରେନା କାହିଁ କେଉଁ ରାକ୍ଷସ ମାଡିବସିବ ମୋତେ
ମୁଁ ତ ରୁଣୁଝୁଣୁ ପାଉଁଜିର ଶବ୍ଦ ନିଃସ୍କପଟ ।

ଅଲିଅଳ ଗୁରୁଲତା, ମୁଁ ବନୀତାର ଗପକଥା
ଦୀର୍ଘାୟୁ ଆଶୀର୍ବାଦର ମୁଁ ମାଟିର ସୀତା
ଶରବିଦ୍ଧ କରିବାକୁ ରାକ୍ଷସମାନଙ୍କୁ
ଲଙ୍କା ପାରହେବେ କେଉଁ ରାମଚନ୍ଦ୍ର,
ମୁଁ କାହିଁକି ଡରିବି
ଯେତେ ଜୁଡୁବୁଡୁ ହେଲେ ବି ମୋ ନାରୀଦେହ
ଉଚ୍ଛୁଳଯାଉ ମନଇଚ୍ଛା ମୋ ଯୌବନ ନଈର ତଟ ।

ଛିଟା । ସୂର୍ଯ୍ୟର ରକ୍ତିମ ଆଭାରେ ମୁଁ ଭୀତା
ଛିଟା । ମୁରୁଜର ଝୋଟିରେ ମୁଁ ଭୀତା
ଛିଟା । ଶିରା ପ୍ରଶିରାରେ ବହୁଥିବା ରକ୍ତରେ ମୁଁ ଭୀତା



ତମେ କେଉଁ ଛିଟା କଥା କହୁଛ ବୋଉ?

ନରିମାଖୀ ବୋଉର ଆଖି ଛଳଛଳ
ଅଜଣା ଆଶଙ୍କାରେ ଭୀତା ସେ
ପଣତକାନ ଟାଣି ଘୋଡାଏ ସ୍ତନଯୁଗଳ,
ମୁଁ କନ୍ୟା ତା'ର ଶିହିରୀଯାଏ
ଭାବେ, ରାକ୍ଷସ ସହ ଲଢେଇରେ
ମୋତେ ପାଇବାକୁ ହେବ ଜିତାପଟ୍ଟ ।

ଅଂକୁଳ, ବ୍ରହ୍ମପୁର, ଗଞ୍ଜାମ, ଓଡିଶା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ରାସଲୀଳା



ଅନୁସୂୟା ମିଶ୍ର

ଆଜିବି ବାଜୁଛି ସେହି ମୋହନ ମୁରଲୀ। ପ୍ରତିଟି ଜୀବର ଅନ୍ତରରେ ଆଜିବି ଗୁହିଁ ରହୁଛି କେହି ମିଳନର ଆକାଂକ୍ଷାଟିଏ ନେଇ। ବଂଶୀ ନିଃସୃତ ସେଇ ଆନନ୍ଦମୟ ଧ୍ୱନୀକୁ ଶୁଣି, ଆଜିବି, ଅସ୍ଥିର ହୋଇ ଉଠୁଛନ୍ତି କେବଳ ସେଇମାନେ ଯେଉଁମାନେ ସମର୍ପଣ କରି ସାରିଛନ୍ତି ନିଜ ଅନ୍ତରର ସମସ୍ତ ନିଭୃତ କାମନାବାସନା, ଲଜ୍ଜାକୁଳଶୀଳମାନ ଆଦିକୁ, ମୁକ୍ତ କରି ପାରିଛନ୍ତି ନିଜକୁ ପ୍ରକୃତିର ବାହୁବନ୍ଧନରୁ। ଉଚ୍ଚାଟ ମନକୁ ନେଇ ଧାଇଁ ଆସୁଛନ୍ତି ସେମାନେ। ତୁଚ୍ଛ ହୋଇଯାଇଛି ସମସ୍ତ ଆବରଣ। ପରମ ଆନନ୍ଦର ଚରମ ସ୍ତରରେ ଏକ ହୋଇଯାଉଛନ୍ତି ଦୁଇଟି ସତ୍ତା – ଜଣେ ଆତ୍ମା, ଆଉ ଜଣେ ପରମାତ୍ମା। ସ୍ୱରୂପରେ ଏକ ହେଲେ ମଧ୍ୟ ପାର୍ଥୀବ ଜଗତକୁ ଅପାର୍ଥୀବ ପୂର୍ଣ୍ଣ ଆନନ୍ଦରସର ଉପଲବ୍ଧି ଦେବା ଉଦ୍ଦେଶ୍ୟରେ ଆତ୍ମୀକ ସମ୍ବନ୍ଧର ଏହି ଖେଳ। ଏହା ହିଁ ତ ରାସଲୀଳା। ଆଜିବି, ଏହି ମିଳନର ବାଧକ ସାଜୁଛି ପ୍ରାକୃତ ଜଗତ। ଜାଗତିକ ଅହଂ ଭାବର ଆସ୍ତରଣଟିଏ ଦେଇ ଦୂରେଇ ରଖିବାର ଚେଷ୍ଟା କରୁଛି ଜଣଙ୍କଠାରୁ ଅନ୍ୟଜଣଙ୍କୁ। ଆଉ, ଆଜିବି ଏହି ଶାଶ୍ୱତ ମିଳନର ସାକ୍ଷୀ ଏକମାତ୍ର ସେଇ ମନ-କୁଞ୍ଜବନ୍। ବାହ୍ୟଜଗତ ନା ଏହାର ସାମାନ୍ୟତମ ସୁରାକ୍ ପାଏ, ନା ଏହାର ତାତ୍ପର୍ଯ୍ୟ ଅବଗତ ହେବାକୁ ସମର୍ଥ ହୁଏ।

ସାଧାରଣ ଭାବରେ “ରାସଲୀଳା” କହିଲେ ଆମେ ଫେରିଯାଉ ଦ୍ୱାପର ଯୁଗକୁ, ବୃନ୍ଦାବନ ଧାମକୁ, ଆଉ କୃଷ୍ଣଙ୍କ ସହିତ ରାଧା ତଥା ଗୋପୀମାନଙ୍କ ସଂପର୍କକୁ। ବାଳକ ଶ୍ରୀକୃଷ୍ଣଙ୍କ ବଂଶୀସ୍ୱନର ଆକର୍ଷଣୀ ଶକ୍ତି କେବଳ ସେହିମାନଙ୍କ ପ୍ରାଣକୁ ସ୍ପର୍ଶ କରୁଥିଲା ଯେଉଁମାନେ ତାଙ୍କଠାରେ ନିଜକୁ ସଂପୂର୍ଣ୍ଣ ସମର୍ପଣ କରିଦେଇଥିଲେ। ଅନ୍ୟ ଅର୍ଥରେ କହିଲେ ଯେଉଁମାନେ ଶ୍ରୀକୃଷ୍ଣଙ୍କ ସାଙ୍ଗରେ ନିଜକୁ ଅଭିନ୍ନ ବୋଲି ଅନୁଭବ କରିଥିଲେ, କେବଳ

ସେହିମାନେ ହିଁ ଶୁଣିପାରୁଥିଲେ ବଂଶୀରେ ଅନ୍ତର୍ନିହିତ କୃଷ୍ଣଙ୍କର ପ୍ରାଣର ଆହ୍ୱାନକୁ । ନଚେତ୍ ବ୍ରଜଧାମରେ ସେତେବେଳେ ଆହୁରି ଅନେକ ନାରୀପୁରୁଷ ରହୁଥିଲେ । କୃଷ୍ଣଙ୍କ ପ୍ରତି ଭଲପାଇବାର ଭାବ ସମସ୍ତଙ୍କ ମନରେ ଥିଲା । ମାତ୍ର ଆଉ କେହି ଧାଇଁ ଆସୁ ନଥିଲେ ତ! କୃଷ୍ଣଙ୍କ ପାଇଁ ମୁହୂର୍ତ୍ତକରେ ସଂସାରକୁ ତୁଚ୍ଛ କରିଦେବାର ନିଷ୍ଠା କେବଳ ଗୋପୀମାନଙ୍କର ହିଁ ଥିଲା । କହିବା ବାହୁଲ୍ୟ, ଏହି ମିଳନ ଆନ୍ତରିକ ସ୍ତରରେ ହିଁ ସଂଗଠିତ ହେଉଥିଲା । ସାଂସାରିକ ସମସ୍ତ ଦାୟିତ୍ୱକୁ ସୁଗ୍ଭରୁରୂପେ ସଂପନ୍ନ କରୁଥିଲେ ମଧ୍ୟ ଗୋପରମଣୀମାନେ ଅନ୍ତରରେ କୃଷ୍ଣଙ୍କ ସହ ଯୋଗଯୁକ୍ତ ହୋଇ ରହୁଥିଲେ । ଏମିତି ନୁହେଁ ଯେ, ବଂଶୀସ୍ୱର ଶୁଣିବା ମାତ୍ରକେ ସ୍ୱାମୀ-ସନ୍ତାନର ସଂସାରକୁ ଛାଡି ସମସ୍ତେ ଧାଇଁ ଆସି କଦମ୍ବ ମୂଳରେ ଏକତ୍ରିତ ହେଉଥିଲେ ।

କୃଷ୍ଣଙ୍କ ଶରୀରର ଆଶ୍ରୟରେ ଯେ ସ୍ୱୟଂ ଭଗବାନଙ୍କର ଆବିର୍ଭାବ ହୋଇଥିଲା, ଏହା ତାଙ୍କ ଜନ୍ମ ସମୟରୁ ସ୍ପଷ୍ଟ ଥିଲା । ବାଲ୍ୟକାଳରୁ ହିଁ ତାଙ୍କ କ୍ରିୟାକଳାପ ସାଧାରଣ ମାନବୋଚିତ ନଥିଲା । ତେଣୁ ପୁତନାଦି ଅସୁରଙ୍କ ନିଧନ ହେଉ ଅବା ଗିରି ଗୋବର୍ଦ୍ଧନକୁ ଆଙ୍ଗୁଠି ଆଗରେ ଟେକି ଧରିବା ହେଉ, ସାଧାରଣ ବାଳକଟିଏ ପାଇଁ ଏସବୁ ଅସମ୍ଭବ କାର୍ଯ୍ୟ ହୋଇଥିଲେ ମଧ୍ୟ ଶ୍ରୀକୃଷ୍ଣଙ୍କ କ୍ଷେତ୍ରରେ ଏସବୁକୁ ତାଙ୍କର "ଲୀଳା"ରେ ଆଖ୍ୟା ଦେଇ ଆମେ ଅତି ସହଜରେ ଆଦରି ନେଉ । ଠିକ୍ ସେହିପରି ହେଉଛି କୃଷ୍ଣଙ୍କ ସାଙ୍ଗେ ଶ୍ରୀରାଧା, ତଥା ଗୋପୀ ମାନଙ୍କର ସଂପର୍କ । କୃଷ୍ଣଙ୍କଠାରେ ଯେଉଁ ଭଗବାନଙ୍କର ଆବିର୍ଭାବ, ରାଧା ହେଉଛନ୍ତି ସେହି ଭଗବାନଙ୍କର ଆନନ୍ଦଦାୟିନୀ "ହ୍ଲାଦିନୀଶକ୍ତି"ର ମାନବୀୟ ରୂପ । ଶକ୍ତି ଓ ଶକ୍ତିମାନ ଯେ ଅଭିନ୍ନ । ତେଣୁ ସେମାନଙ୍କ ମଧ୍ୟରେ ପରସ୍ପରଠାରେ ଲୀନ ହୋଇଯିବାର ଅନ୍ତର୍ନିହିତ ଆକାଂକ୍ଷାଟି ସ୍ୱାଭାବିକ । ଏହି ଆକର୍ଷଣୀ ଶକ୍ତି ହିଁ "ପ୍ରେମ" ନାମରେ ଅଭିହିତ । ଗୋପୀମାନେ ମଧ୍ୟ ଆତ୍ମିକ ସ୍ତରରେ ସେହି ପରମାତ୍ମାଙ୍କର ଅଂଶବିଶେଷ । ବୃନ୍ଦାବନଧାମରେ ଭଗବାନଙ୍କର ମାନୁଷୀ ଲୀଳାର ଅଂଶବିଶେଷ ହେବା ଉଦ୍ଦେଶ୍ୟରେ ହିଁ ସେମାନଙ୍କର ଧରାଗମନ । ଦେଖିବାକୁଗଲେ ପ୍ରତିଟି ଆତ୍ମା ସେହି ପରମାତ୍ମାଙ୍କର ହିଁ ଅଂଶ । ମାତ୍ର ଜନ୍ମଜନ୍ମାନ୍ତରର ସୁକୃତି ବଳରେ ଗୋପୀମାନଙ୍କ ମଧ୍ୟରେ ସେହି ସ୍ୱରୂପଜ୍ଞାନ ଜାଗ୍ରତ

ଥିଲା । ତେଣୁ କୃଷ୍ଣଙ୍କ ସାଙ୍ଗରେ ମିଳିତ ହେବାର ପଥରେ ସାଂସାରିକ ବାଧାସମୂହ ମୂଲ୍ୟହୀନ ଥିଲା ସେମାନଙ୍କ ପାଇଁ । ଗୋପୀମାନଙ୍କର ଏହି କୃଷ୍ଣପ୍ରେମ ଯୋଗୀ ଋଷିମାନଙ୍କର ଭଗବତ୍ ଭକ୍ତିଠାରୁ ମଧ୍ୟ ଉଚ୍ଚସ୍ତରର ଭାବ । କାରଣ ଯୋଗୀମନେ ନିଜ ମଧ୍ୟରେ ଭଗବତ୍ ସତ୍ତାଙ୍କୁ ଉପଲବ୍ଧି କରିବା ଉଦ୍ଦେଶ୍ୟରେ ସଂସାରକୁ ପରିତ୍ୟାଗ କରୁଥିଲେ । ମାତ୍ର ଗୋପୀମାନେ ସଂସାର ମଧ୍ୟରେ ଥାଇ ମଧ୍ୟ ସଂସାରକୁ ଅତିକ୍ରମ କରି ଭଗବାନ୍ ଙ୍କ ସଙ୍ଗେ ମିଳିତ ହୋଇ ରହୁଥିଲେ । ଅର୍ଥାତ୍ ସେମାନଙ୍କ ହୃଦୟରେ କୃଷ୍ଣଙ୍କ ବ୍ୟତୀତ ଅନ୍ୟ କୌଣସି ସଂସାରାସକ୍ତିର ସ୍ଥାନ ନଥିଲା ।

ସେହିପରି, କାର୍ତ୍ତିକପୂର୍ଣ୍ଣମୀର ଜ୍ୟୋତ୍ସ୍ନାବିଧୌତ ରଜନୀରେ ବୃନ୍ଦାବନରେ ଯେଉଁ ମହାରାସର ରଚନା ହୋଇଥିଲା, ତାହା ଥିଲା କୃଷ୍ଣପ୍ରେମର ଚରମ ପରାକାଷ୍ଠା । ଏହାକୁ ବର୍ଣ୍ଣନା କରିବାକୁ ଯାଇ ଭାଗବତାକାର ଲେଖିଛନ୍ତି:

"ଗୋପୀକେ ଗୋବିନ୍ଦ ଗୋଟିଏ
ସ୍ୱର୍ଗେ ଦେଖନ୍ତି ଦେବତାଏ"

ଅର୍ଥାତ, ସେହି ରାତ୍ରିରେ ରାଧାଙ୍କ ସମେତେ ପ୍ରତ୍ୟେକ ଗୋପୀ କୃଷ୍ଣଙ୍କ ସହିତ ପୂର୍ଣ୍ଣ ମିଳନର ଆନନ୍ଦ ଆସ୍ୱାଦନ କରିଥିଲେ । ବାହ୍ୟତଃ ସେମାନଙ୍କ ଶରୀର ସ୍ୱ ସ୍ୱ ଗୃହରେ ସ୍ୱାମୀଙ୍କର ଶଯ୍ୟାସଙ୍ଗିନୀ ଥିଲେ ମଧ୍ୟ ଅନ୍ତରରେ ପ୍ରତ୍ୟେକ କୃଷ୍ଣଙ୍କଠାରେ ସର୍ବତୋଭାବରେ ଲୀନ ହୋଇଯାଇଥିଲେ । ଠିକ୍ ଯେପରି ସମାଧି ଅବସ୍ଥାରେ ଯୋଗୀଋଷିମାନେ ସ୍ଥୁଳ ଦୃଷ୍ଟିରେ ଦେହସ୍ଥ ଥିଲେ ମଧ୍ୟ ଅନ୍ତରରେ ପରମାତ୍ମାଙ୍କ ସହିତ ମିଳିତ ହୋଇଥାଆନ୍ତି । ଏହି ମିଳନ ଦେହଜ୍ଞାନ ବିରହିତ । ଭିନ୍ନ ଭିନ୍ନ ଶରୀରରେ ଥିଲେ ମଧ୍ୟ ସ୍ୱରୂପରେ ଭଗବାନଙ୍କ ସହ ନିଜକୁ ଏକ ତଥା ଅଭିନ୍ନ ବୋଲି ଉପଲବ୍ଧି କରିବାର ଯେଉଁ ଆନିର୍ବଚନୀୟ ଆନନ୍ଦ, ତାହାହିଁ ରାସଲୀଳାର ମୂଳତତ୍ତ୍ୱ ।

ବୃନ୍ଦାବନରେ ରଚିତ ରାସଲୀଳା ଯେଉଁ ପ୍ରେମଭାବ ଉପରେ ପର୍ଯ୍ୟବେଶିତ, ତାହା ଯେ ଅତି ଉଚ୍ଚସ୍ତରର ଆତ୍ମିକ ସାଧନାର ସାପେକ୍ଷ, ଏଥିରେ କୌଣସି ଦ୍ୱିମତ ନାହିଁ । ନଚେତ୍

ସାଧାରଣ ଦୃଷ୍ଟିରେ ଦେଖିବାକୁ ଗଲେ, ବାଳକ କୃଷ୍ଣଙ୍କ ସହିତ ଗୋଟିଏ ରାତିରେ ଶ୍ରୀରାଧା ତଥା ଷୋହଳ ସହସ୍ର ଗୋପନାରୀଙ୍କର ମିଳନ ଅସମ୍ଭବ ମନେହୁଏନ କି? ଯଦିବା ଏହି ସଂପର୍କରେ ପ୍ରାକୃତ ପ୍ରେମର ଲେଶମାତ୍ର ଚିହ୍ନ ଥାଆନ୍ତା, ତତ୍କାଳୀନ ରକ୍ଷଣଶୀଳ ସମାଜରେ ଗୋପରମଣୀମାନେ ବ୍ୟଭିଚାରିଣୀର ଆଖ୍ୟା ପାଇ ନଥାନ୍ତେ କି? ଆଉ, ଯଦି ଏହି ଉପାଖ୍ୟାନଟିରେ ଅନୈତିକତାର ସାମାନ୍ୟତମ ଆଭାସ ଥାଆନ୍ତା, ତେବେ ଏହା ପୁରାଣଗ୍ରନ୍ଥରେ ସ୍ଥାନ ପାଇଥାଆନ୍ତା କି?

ସଂପ୍ରତିକ, ଏହି କୃଷ୍ଣପ୍ରେମର ମାଧୁର୍ଯ୍ୟରେ ସମଗ୍ର ବିଶ୍ୱ ବଶୀଭୂତ। ଅଣହିନ୍ଦୁ ବିଦେଶୀମାନେ ମଧ୍ୟ ISCKON ପରି ସଂଗଠନ ଜରିଆରେ କୃଷ୍ଣ-ମାହାତ୍ମ୍ୟର ପ୍ରଚାର ଥାତ୍ ପ୍ରସାର କରିବାରେ ମନୋନିବେଶ କରୁଛନ୍ତି। ମାତ୍ର ନିତାନ୍ତ ପରିତାପର ବିଷୟ ଯେ, ସାଂସ୍କୃତିକ ଅଧୋଗତିରେ ଆକ୍ରାନ୍ତ ଆଧୁନିକ ଭାରତୀୟ ଯୁବସମାଜ ରାଧାକୃଷ୍ଣଙ୍କ ସଂପର୍କକୁ କୁତ୍ସିତ ରୂପେ ଚିତ୍ରଣ କରିବା ସଙ୍ଗେ ସଙ୍ଗେ ନିଜର ଉଚ୍ଛୃଙ୍ଖଳ, ତଥା ବ୍ୟଭିଚାର ପ୍ରବଣ କାର୍ଯ୍ୟକଳାପ ପାଇଁ "ରାସଲୀଳା" ପରି ଆଧ୍ୟାତ୍ମିକ ଶବ୍ଦଟିଏର ବ୍ୟବହାର କରୁଛି। ଏହି ସ୍ଖଳିତ ମାନସିକତାର ପ୍ରଭାବରୁ ଭାରତୀୟ ସଂସ୍କୃତିକୁ ସେହି ଭଗବାନଙ୍କ ବ୍ୟତୀତ ଆଉ କିଏ ବା ରକ୍ଷା କରିପାରିବ?

ଶତାବ୍ଦୀ ନଗର, ୟୁନିଟ୍-୮, ଭୁବନେଶ୍ୱର



# ରଙ୍ଗ



ଭାସ୍କର ଚନ୍ଦ୍ର ଖଣ୍ଡା

ଦେଖେ ଯେବେ ଆଖି
ଆଲୋକ ମିଶ୍ରଣର ସେ ଛଟାକୁ
ଆକଳନ କରି ବାହାରର ସେଇ ରୂପ
ନାମାଙ୍କନ କରିଥାଏ ତାକୁ
ହଳଦିଆ ନାଲି ସବୁଜ ରଙ୍ଗରେ ।1|

ବଦଳ ଥାଏ ଏଠି ସମାଜର ରଙ୍ଗ ରୂପ
ସେଇଠି ତ ଛୁପି ଅଛି
ଅଦୃଶ୍ୟ ମାନ ସେ ବହୁରୂପୀ
ସାହିତ୍ୟ ଆଉ ବିଜ୍ଞାନର ପରିଭାଷା
ଆନ୍ତରିକତା ଆଉ ସତ୍ୟତାର ମାପଦଣ୍ଡ
ପାରିବକ ଆକଳନ କରି ସିଏ
ଗାଢତା ସେ ଆନ୍ତରିକତାରେ । 2|

ବଦଳ ଥାଏ ରଙ୍ଗ ଏଠି
ଧାଡିକରି ପିମ୍ପୁଡି ଯିବା ପରି
ଖସି ପଡିଥିବା ଚନ ବୁନ୍ଦା ପାଶକୁ
ସ୍ୱାଦ ଥିଲେ ଆବଶ୍ୟକତାର
ସଭିଏଁ ଆସନ୍ତି ଦଉଡି
ଅଭିପ୍ରାୟ ନେଇ ତା ଚରିତାର୍ଥରେ । 3|

ସମସ୍ତେ ଏଠିତ ବ୍ୟସ୍ତ
ଅଣ ଦେଖା କରି ଅନ୍ୟର ରଙ୍ଗକୁ
ଅନ୍ୱେଷଣରତ ନଜର ସ୍ୱାଦକୁ
କାହିଁକି ସେ ଏତେ ସ୍ୱାର୍ଥି
ଛାଡି ଗ୍ଲଲି ଯାନ୍ତି ସବୁ ଦୁଃଖର
ବେଳାରେ
ରୁଣ୍ଡ ହୋଇଥାନ୍ତି ସେଇ ସୁଖ
ସମୟରେ । 4|



ସହଦେବଖୁଣ୍ଟା, ବାଲେଶ୍ୱର

# ଶବ୍ଦ



ବରୁଣ କୁମାର ଦାସ

ଖଇଫୁଟା ତାତିରେ
ଭାବନା ଭିତରେ
ତରଳୁଥାଏ
ଶବ୍ଦସବୁ ନିରନ୍ତର ।
ମହକୁଥାଏ
ଭିଜାମାଟିର ବାସ୍ନାରେ
ପାଣି ପାଣିରେ
ସବୁକିଛି ଭିଜିଗଲା ପରେ ବି
ଭିଜେନା ତାର ଦେହ ।
ଛାତିରେ ଛାତିଏ କୋହ
ଆଖିରେ ଆଖିଏ ଲୁହ ।
ହାଡ ଭଂଗା ହିମରେ
ଶବ୍ଦର ହାଡସବୁ
ନିଟୋଳ ଥାଏ
ଆଶ୍ରମରେ
କଡ ଲେଉଟାଏ
ଗରମ କମ୍ବଳ ତଳେ ।

ଛୁଇଁଯାଏ
ଫଗୁଣର ଫଗୁ
ଉଚ୍ଛୁଳ ପଡେ
କୋଇଲିର ସ୍ୱର
ଦିଆନିଆ ଭିତରେ
ଖେଳୁଥାଏ ଖେଳ ।
କାରିଗରକୁ ଝୁରୁଥାଏ
ନିଜର କରିନେଇ
ସବୁଠି ସବୁଦିନ ।

ପାଳୁସିଆ, ଦେହୁର୍ଦା, ବାଲେଶ୍ୱର



**ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।**

**ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।**

# ବିବାହ ଯନ୍ତ୍ରଣା



ଡ. ବିଜ୍ଞାନୀ ଦାସ

ପ୍ରମୋଦ ହଡବଡେଇ ଯାଇଥିଲା | ହଠାତ୍ ପଦ୍ମା ଭଳି ସୁସ୍ଥସବଳ ମଣିଷଟାର ତଳେପଡି ଏମିତି ବେହୋସ ହୋଇଯିବାଟା ସେ ଗ୍ରହଣ କରିପାରୁନଥିଲା | ସେମାନଙ୍କ ପଡିଶାରେ ଜଣେ ଡାକ୍ତର ରହୁଥିଲେ | ଡାକ୍ତର ବିକାଶ ପଟ୍ଟନାୟକ ଓ ତାଙ୍କ ପତ୍ନୀ ସୁରେଖାଙ୍କ ସହିତ ସେମାନଙ୍କର ଏତେ ଅଳ୍ପଦିନର ରହଣି ଭିତରେ ବି ପ୍ରଗାଢ ବନ୍ଧୁତା ହୋଇଥିଲା | ଉଭୟ ପଦ୍ମା ଓ ପ୍ରମୋଦ ସେମାନଙ୍କୁ ଭାଇ, ଭାଉଜ ବୋଲି ସମ୍ବୋଧନ କରନ୍ତି | ପ୍ରମୋଦ ଆଉ କାଳବିଳମ୍ବ ନକରି ଡାକ୍ତର ବିକାଶଙ୍କୁ ଫୋନ୍ ଲଗେଇଲା | ଭାଗ୍ୟବଶତଃ ସିଏ ଘରେ ଥିଲେ| ସାଙ୍ଗେସାଙ୍ଗେ ଆସି ପହଞ୍ଚିଗଲେ | ବିକାଶ ନିଜ ହସ୍‌ପିଟାଲ୍‌କୁ ଫୋନ୍ କରି ସେଠୁ ଜଣେ ନର୍ସଙ୍କୁ ଡକାଇଲେ ଓ ସାଲ୍‌ଇନ୍ ଲଗେଇବାର ସମସ୍ତ ଯନ୍ତ୍ରପାତି ଧରିଆସିବାକୁ କହିଲେ |

ପଦ୍ମାର ହୋସ୍ ଆସିବାବେଳକୁ ସିଏ ତା' ନିଜ ରୁମରେ ନିଜ ବିଛଣାରେ ଶୋଇଛି | ହେଲେ ତା ରୁମ୍‌ଟିକୁ ସତେକି ହସ୍‌ପିଟାଲ୍‌ର ରୋଗୀ ରୁମରେ ପରିବର୍ତ୍ତିତ କରାଇ ଦିଆଯାଇଛି | ପଦ୍ମାକୁ ଆଖି ଖୋଲିବାର ଦେଖି ବିକାଶ ଆଶ୍ୱସ୍ତ ହେଲେ | "ଏବେ ଆଉ କିଛି ବ୍ୟସ୍ତ ହେବାର ନାହିଁ | ଜଣାପଡୁଛି, ସିଏ ଦି-ତିନି ଦିନ ହେଲା ଭଲରେ କିଛି ଖିଆପିଆ କରିନାହାନ୍ତି | ସେଥିପାଇଁ ଦୁର୍ବଳ ଅଛନ୍ତି |" - ଡାକ୍ତର ଏତିକି ଜଣାଇ ପ୍ରମୋଦକୁ ପଚାରିଲେ, "ଘରେ କିଛି ଖାଇବା ଅଛି ତ ଆଣି ପଦ୍ମାକୁ ଖୁଆଅ | ନହେଲେ ମୁଁ ତମ ଭାଉଜଙ୍କୁ ଫୋନ୍‌କରି କହୁଛି, ସିଏ ଯାହା ରୋଷେଇ କରିଥିଲେ, ଆଣି ଆସିବେ | ଏମିତି ସମୟରେ ବାହାର ଖାଦ୍ୟ ଦେବା ଉଚିତ ନୁହେଁ |"

ସତରେ ଦୁଇଦିନରେ ଘରେ କିଛି ରୋଷେଇ ହୋଇଥିବାର ଲକ୍ଷଣ ନଥିଲା | ଡାକ୍ତର ବିକାଶ ତାଙ୍କ ସ୍ତ୍ରୀଙ୍କୁ ଫୋନ୍ କରିବାରୁ ସିଏ ସାଙ୍ଗେସାଙ୍ଗେ କିଛି ଭାତ, ଡାଲମା ଓ

ଫୁଲକୋବି ଭଜା ଧରି ପହଞ୍ଚିଗଲେ | ସିଏ ପଦ୍ମା ପାଖରେ ବସି ତାକୁ ଖୁଆଇବାରେ ଲାଗିଲେ | ଓଡିଶାରେ ସଂପର୍କ ସବୁ ଏମିତି ବହୁତ ସହଜରେ ହୋଇଯାଏ | ପାଖ, ପଡୋଶୀଙ୍କ ସହିତ ସଂପର୍କ ଏମିତି ବଢିଯାଏ ଯେ, ଲାଗେ, ସେମାନେ ଯେମିତି ରକ୍ତ ସଂପର୍କୀୟ | ପୁଣି ବେଳେବେଳେ ସାମାନ୍ୟ କଥାରୁ ସଂପର୍କ ସହଜରେ ଭାଙ୍ଗି ବି ଯାଏ | ପଦ୍ମା ପ୍ରମୋଦର ଅବସ୍ଥାକୁ ଦେଖି ନିଜକୁ ଦୋଷୀ ଭାବୁଥାଏ | ବିଚରା ଭାଇ | ଟୁର୍‌ରୁ ଫେରିଛି ତ, ତାକୁ ପୁଣି ଏମିତି ସବୁ ସମସ୍ୟା ଦେଇ ଗତି କରିବାକୁ ପଡୁଛି | କିଛି ଖାଇସାରିବା ପରେ ଓ ପାଣି ପିଇଦେବା ପରେ ପଦ୍ମାକୁ ଭଲଲାଗିଲା |

ଡାକ୍ତର ବିକାଶ ପଦ୍ମାକୁ କହିଲେ, "ତମେ ଏବେ ଟିକେ ଶୋଇପଡ |" ତାପରେ ସିଏ ପ୍ରମୋଦକୁ କହିଲେ, "ମୁଁ ଏବେ ହସ୍‌ପିଟାଲ୍ ଯାଉଛି | ଯଦି କିଛି ଅସୁବିଧା ହୁଏ, ମତେ ଫୋନ୍ କରିଦେବ | ଆଜି ତମେଦୁହେଁ ଆମଘରେ ରାତ୍ରିଭୋଜନ କରିବ | ନହେଲେ ତମ ଭାଉଜ ଆଣି ଏଠି ରୁଟି, ତରକାରୀ ଦେଇଯିବେ |"

ପଦ୍ମା ଶୋଇପଡିଲା | ପ୍ରମୋଦ ପ୍ରଥମେ ଭାବିଲା ନିଜ ଘରକୁ ଏ ବିଷୟରେ ଜଣେଇବ | ତାହେଲେ ବାପା, ବୋଉ କିଏ ଘରୁ ଆସିଲେ, ପଦ୍ମା ପାଖରେ ରହିବେ | ହେଲେ ପୁଣି ଭାବିଲା, ପ୍ରଥମେ ପଦ୍ମା ସହିତ ଟିକେ କଥାହୋଇ ବୁଝିବା ଉଚିତ | ସିଏ କଣ ଏ ବାହାଘରରେ ସନ୍ତୁଷ୍ଟ ନୁହେଁ | ସେଥିପାଇଁ ଚିନ୍ତାକରୁଛି | ନା, ସିଏ ବାହାଘର ପାଇଁ ଡରିଯାଇଛି | ହେଲେ ପଦ୍ମା ତ ସେମିତି ଡରୁଆ ଝିଅ ନୁହେଁ | ତାପରେ ସିଏ ଯଦି ଏ ବାହାଘରରେ ସନ୍ତୁଷ୍ଟ ନୁହେଁ, ତେବେ ପ୍ରମୋଦକୁ ତ ଜଣେଇଦେଇ ପାରିଥାନ୍ତା ? ବାପା, ବୋଉ ଆସିଗଲେ, ସିଏ ଆଉ ପଦ୍ମା ସହିତ ଖୋଲାହୋଇ କଥାବାର୍ତ୍ତା କରିପାରିବନି |

ପଦ୍ମା ଶୋଇଥିବା ସମୟରେ ପ୍ରମୋଦ ତା ନିଜ ରୁମ୍‌କୁ ଆସି ଗାଧୋଇପାଧୋଇ ଫ୍ରେଶ୍ ହେଲା| ଭାଉଜ ଯାହା ଖାଦ୍ୟ ପଦ୍ମା ପାଇଁ ଆଣିଥିଲେ, ସେସବୁ ସିଏ ଦୁଇଜଣଙ୍କ ପାଇଁ ଧରି ଆସିଥିଲେ| ସେଥିରୁ ଯାହା ରହିଥିଲା, ସେସବୁ ଖାଇ ସିଏ ସେଦିନର ଖବରକାଗଜ ପଢିବାରେ ଲାଗିଲା |

ସେଦିନ ରାତିରେ ସୁରେଖା ଭାଉଜ ଆଣି ରୁଟି, ତରକାରୀ ଦେଇଗଲେ | ଚାହିଁଥିଲେ ପ୍ରମୋଦ ନିଜପାଇଁ ହୋଟେଲ୍‌ରୁ ଖାଦ୍ୟ ମଗେଇ ପାରିଥାନ୍ତା | ହେଲେ ପଦ୍ମାକୁ ଏ ସମୟରେ ବାହାର ଖାଦ୍ୟ ଖୁଆଇବା ଉଚିତ ନୁହେଁ | ତାପରେ ଭାଉଜଙ୍କୁ କେବେ ସିଏ ରେଷ୍ଟୁରାଣ୍ଟ ନେଇ ତାଙ୍କ ଋଣ ସୁଝିଦେବ | ଭାଉଜ ନିଜେ ପଦ୍ମାକୁ ଖୁଆଇଦେଲେ | ପଦ୍ମା ସୁସ୍ଥ ଅନୁଭବ କରୁଥିଲା | ପାଖରେ ରହିଥିବା ନର୍ସ ଜଣକ ବିକାଶଙ୍କୁ ପଦ୍ମାର ସମସ୍ତ ପରିସ୍ଥିତି ଜଣାଉଥିଲେ | ରାତିରେ ହସ୍‌ପିଟାଲ୍‌ରୁ ଫେରି ବିକାଶ ପୁଣି ପଦ୍ମାକୁ ଚେକ୍‌କଲେ | ଏବେ ତା' ଦେହରୁ ସାଲାଇନ୍ କାଢାଗଲା ଓ ନର୍ସ ବି ବିଦାୟ ନେଲେ |

ଟୁରରେ ଯାଇଥିବାରୁ ପ୍ରମୋଦକୁ ଦୁଇଦିନ ଛୁଟି ମିଳିଥିଲା | ସକାଳେ ପଦ୍ମାର ନିଦ ଭାଙ୍ଗିଲା ବେଳକୁ ସିଏ ସୁସ୍ଥ ଥିବାର ଅନୁଭବ କରୁଥିଲା | ନିଜ ରୁମ୍‌ର କବାଟ ଖୋଲି ବାହାରକୁ ଆସିଲା | ସେତେବେଳକୁ ପ୍ରମୋଦ ନିଜ ନିତ୍ୟକର୍ମ ସାରି ଟିଭିରେ ସକାଳର ସମ୍ବାଦ ଦେଖୁଥିଲା | ଭାଇ ବସିଥିବାର ଦେଖି ପଦ୍ମା ପଚାରିଲା, "ଭାଇ, ଚାହା ପିଇବ କି ? ମୁଁ ଚାହା ତିଆରି କରିବାକୁ ଯାଉଛି |"

ପ୍ରମୋଦ ଖବରକାଗଜରୁ ଆଖି ବାହାର କରି ଦେଖିଲା, ପଦ୍ମା ସୁସ୍ଥ ଦିଶୁଛି | ତେଣୁ ସେ କହିଲା, "ତତେ ଯଦି ଭଲଲାଗୁଛି ତ ତୁ କର | ନହେଲେ ତୁ ଯା ବିଶ୍ରାମ ନେବୁ | ମୁଁ ଚାହା କରି ତତେ ଦେଇଆସିବି |"

ପଦ୍ମା ସୁସ୍ଥ ଅଛି ବୋଲି ଜଣେଇଲା ଓ ଚାହା ତିଆରି କରିବାକୁ ରୋଷେଇଘରକୁ ଗଲା |

ପଦ୍ମା ଚାହା ତିଆରି କରି ଫେରିଲା ପରେ, ପ୍ରମୋଦ ଟିଭି ବନ୍ଦକଲା | ଭାଇ, ଭଉଣୀ ଦୁହେଁ ବସି ଚାହା ପିଇଲେ | ପଦ୍ମାକୁ ପଚାରି ବୁଝିବାର ଉତ୍କୃଷ୍ଟ ସମୟ ଜାଣି ପ୍ରମୋଦ ପଚାରିଲା, "ତୋର ଏମିତି କାହିଁକି ହେଲା ? ତୁ ଦୁଇଦିନ ଧରି ଖାଇନଥିଲୁ କି ପାଣି ବି ବୋଧହୁଏ ପିଇନଥିଲୁ |"

ପଦ୍ମା ନୀରବ ରହିଲା | କଣ ଉତ୍ତର ଦେବ ତା' ମୁଣ୍ଡରେ କିଛି ପଶିଲାନି |

"ତୁ କଣ ଏ ବାହାଘରରେ ସନ୍ତୁଷ୍ଟ ନୁହେଁ | ନା, ତୁ କାହାକୁ ଭଲପାଇ ବାହାହେବାକୁ ରାଜିହେଉଛୁ ? ଯଦି ସେମିତି କଥା, ତେବେ ମତେ କହ | ନାଁ ଆଉ କଛି ଘଟଣା ତତେ ବିବ୍ରତ କରୁଛି ?"

ପଦ୍ମାକୁ କଛି ତ କହିବାକୁ ପଡିବ | ତେବେ ରବିଙ୍କ କଥା ନୁହେଁ | କଥା ଚଳେଇ ଉତ୍ତଦେଲା, "କାହିଁକ କେଜାଣି ମତେ ବହୁତ ଦୁଃଖଲାଗିଲା ?"

"ଦୁଃଖ ? ହେଲେ କଣପାଇଁ ? କେଉଁ କାରଣରୁ ?" - ପ୍ରମୋଦ ଅଧୀର କଣ୍ଠରେ ପଚାରିଲା |

"ଏଇ ଯେ ମୋର ସ୍ୱାଧୀନତା ରହିବନ | ମୋତେ ମୋ ବ୍ୟତୀତ ଆଉ ଗୋଟିଏ ମଣିଷର ଅଭିନୟ କରିବାକୁ ପଡିବ | ଆଉ ଗୋଟିଏ ପରିବାର ସହିତ ଖାପଖୁଆଇ ଚଳବାକୁ ପଡିବ|"' - ପଦ୍ମା ଜଣେଇଲା | ଏସବୁ ବି କେତେକାଂଶରେ ସତ ଥିଲା |

"ଏଇଟା କଣ ନୂଆକଥା ? ସବୁ ଝିଅ ବାହା ହେଉଛନ୍ତି, ଶାଶୁଘର ଯାଉଛନ୍ତି | ତାପରେ ତୁ ଶାଶୁଘରେ କେତେଦିନ ଅବା ରହିବୁ କ ? ହେଇହେଇ ପନ୍ଦରଦିନ କ ମାସେ | ତାପରେ ତୁ ଆମେରିକା ଯିବୁ | ଆଉ ସେଠି ତ ତୁ ସ୍ୱାଧୀନ |" - ପ୍ରମୋଦ ନଜ ମତଦେଲା |

ପ୍ରମୋଦ ଆହୁରି ଅନେକ କଥା କହି ପଦ୍ମାକୁ ବୁଝେଇଲା | "ଜମା ବି ଚନ୍ତାକରନା | ମୁଁ ତୋ ସହିତ ସବୁବେଳେ ତତେ ସାହାଯ୍ୟ କରିବି | ତାପରେ ପରମାନନ୍ଦ ତ ବହୁତ ଭଲ ମଣିଷ ଜଣାପଡୁଛି | ତାଙ୍କ ବାପା, ମା' ବି ଅନେକ ଭଲ | ତୁ ଆଉ କାହାକୁ ଭୟ କରୁଛୁ?"

ଡାକ୍ତର ବିକାଶ କବାଟ ଖଟଖଟ କଲେ | ପ୍ରମୋଦ କବାଟ ଖୋଲି ଭିତରକୁ ଡାକଲା | ବିକାଶ ପଦ୍ମାକୁ ସେଠି ବସିଥିବାର ଦେଖି ପଚାରିଲେ, "କେମିତି ଲାଗୁଛି ?"

"ବହୁତ ଭଲ ା| ଆପଣଙ୍କୁ ଧନ୍ୟବାଦ |" - ପଦ୍ମା ଉତ୍ତରଦେଲା ଓ ପୁଣି ପଚାରିଲା, "ବସନ୍ତୁ ବିକାଶ ଭାଇ, ମୁଁ ଆପଣଙ୍କ ପାଇଁ ଚାହା ତିଆରି କରି ଆଣୁଛି |"

"ନାଁ, ମୁଁ ଘରୁ ଖାଇପିଇ ଡାକ୍ତରଖାନା ବାହାରିଛି | ଭାବିଲି ଟିକେ ଚେକ୍ କରିଦେଇ ଯାଏଁ | ଆଉ କେତେବେଳେ ଆସି ତମ ହାତରୁ ଚାହା ପିଇବି | ସବୁବେଳେ ଏମିତି ଭଲରେ ଖାଇପିଇ ନଜର ଯତ୍ନନେବ | ଆଉ ଏମିତି ବିଚାର ଭାଇଟିକୁ ଡରେଇବ ନାହିଁ |" - ପଦ୍ମାକୁ ଏମିତି ପରାମର୍ଶ ଦେଇ ବିକାଶ ବିଦାୟନେଲେ |

ବିକାଶ ଯିବାପରେ ପ୍ରମୋଦ କହିଲା, "ଦେଖେ ପଦ୍ମା, ତୁ ଆଉ ସେମିତି ବେକାରରେ ଅଯଥା ଚନ୍ତା ନକରି ଶୀଘ୍ର ଗାଧୋଇପାଧୋଇ ପ୍ରସ୍ତୁତ ହୋଇଯା | ମତେ ତ ଦୁଇଦିନ ଛୁଟି ମିଳଛି| ଆମେ କଛି ବାହାଘର ସପିଙ୍ଗ୍ କରିଦେବା |"

ସେଦିନ ପ୍ରମୋଦ ଓ ପଦ୍ମା ବହୁତ ସପିଙ୍ଗ୍ କଲେ | ପଦ୍ମାର ବୋଉ ବଡ ଲିଷ୍ଟ କରି ଦେଇ ଯାଇଥିଲେ | କେଉଁ ସଂପର୍କୀୟଙ୍କ ପାଇଁ କେତେକେତେ ଟଙ୍କାର ଶାଢୀ କଣାହେବ, ପଦ୍ମାର ଗହଣା, ବରପକ୍ଷ ଲୋକଙ୍କ ପାଇଁ ବେଭାର ଇତ୍ୟାଦି | ପଦ୍ମାକୁ ପ୍ରମୋଦ ତା' ପାଇଁ ଏତେ ଖର୍ଚ୍ଚକରିବା ଦେଖି ତାକୁ ମାଡିପଡୁଥାଏ | ସିଏ ନଜେ ଚାକରି କରି ସକ୍ଷମ ହୋଇ ବାହା ହୋଇଥିଲେ, ନଜ ରୋଜଗାରରୁ କଛି ଖର୍ଚ୍ଚ ବହନ କରିଥାନ୍ତା | ଏବେ ଭାଇ ସବୁ ଖର୍ଚ୍ଚ କରିବ|

ତଥାପି ପ୍ରମୋଦ ମନରେ ଭୟଥାଏ | କାଳେ ସିଏ ନୟମିତ ଭାବରେ ଅଫିସ୍କୁ ଚାଲିଗଲେ ପଦ୍ମା ପୁଣି ଅବସାଦର ଅନ୍ଧାର ଗହ୍ୱରକୁ ଚାଲିଯିବ ଓ ନଜ ଉପରେ ଅବିଚାର କରିବ, ସେମିତି ଭାବି ପ୍ରମୋଦ ଗାଁରୁ ପଦ୍ମାର ସାଙ୍ଗ ଓ ଦୂର ସଂପର୍କୀୟ ଭଉଣୀ ବିଶାଖାକୁ ଭୁବନେଶ୍ୱର ଆସି ପଦ୍ମା ପାଖରେ ରହି ବାହାଘର ସପିଙ୍ଗ୍ କରିବାପାଇଁ ଖବର ପଠେଇଲା | ସେଇଟା ଠିକ୍ କାମଦେଲା | ନଜ ସାଙ୍ଗକୁ ପାଇ ପଦ୍ମା ଖୁସି ରହିଲା | ପ୍ରମୋଦର ଚନ୍ତା ବି କମିଲା |

ପଦ୍ମାର ବାହାଘର ବଡ ଧୁମଧାମରେ ହୋଇଗଲା | ଗାଁରେ ତାର ମଙ୍ଗଳପାଗ ବିଧି ହେଲା ଓ ଭୋଜିହେଲା | ତାପରେ ସମସ୍ତେ ଭୁବନେଶ୍ୱର ଆସିଲେ | ହୋଟେଲ୍ ମେଫେୟାରରେ ବାହାଘର କାର୍ଯ୍ୟ ସଂପନ୍ନ ହେଲା | ପରମାନନ୍ଦର ଦୁଇଜଣ ସାଙ୍ଗ ଆମେରିକାରୁ ଆସିଥିଲେ| ସେମାନେ ପଦ୍ମାର ରୂପର ଭୂୟସୀ ପ୍ରଶଂସା କରି ତାକୁ ସେ ପ୍ରଶଂସାରେ ପୋତି

ପକେଇଲେ | ପଦ୍ମା ସହଜ ହେବାକୁ ଯଥାସାଧ୍ୟ ଅଭିନୟ କରି ଚାଲିଥିଲା | ହେଲେ ମନ ଯେମିତି ପୋଡି ଯାଇଥିଲା | ସେଠି କେବଳ ଅଙ୍ଗାର ଆଉ ଅଙ୍ଗାର | ବାହାଘର ବେଦୀ ଉପରେ ଯେତେବେଳେ ସାତଫେରି ନେଲା ସିଏ, ଯେତେବେଳେ ନିଜହାତ ପରମେଶ୍ୱରଙ୍କ ହାତତଳେ ରଖି ପ୍ରତିଜ୍ଞା କରୁଥିଲା। ଯେତେବେଳେ ହୋମହେଲା, କେହି ଯେମିତି ତାକୁ କହୁଥିଲା, "ତୁ ଅସତୀ ପଦ୍ମା | ଏସବୁ ଅଙ୍ଗୀକାର ତୁ କେମିତି କରିପାରୁଛୁ ? ଜଣକର ପ୍ରେମ ଓ ବିଶ୍ୱାସକୁ ଜାଳି, ତା ଜୀବନକୁ ଅଙ୍ଗାର କରି ତୁ ନିଜ ବିବାହର ଆଲୋକଶିଖା ଜଳେଇ ସମସ୍ତଙ୍କୁ ଦେଖେଇହେବାକୁ ଚାହୁଁଛୁ| ହେଲେ ଏସବୁ ଭଲନୁହେଁ |"

ଘରେ ସମସ୍ତେ ଖୁସିଥିଲେ | ଆସିଥିବା ସମସ୍ତ ଅତିଥି, ଅଭ୍ୟାଗତ ବାହାଘର ଆୟୋଜନର ଓ ଭୋଜିର ଭୂରିଭୂରି ପ୍ରଶଂସା କରିଥିଲେ | ପଦ୍ମାର ମା, ବାପାଙ୍କୁ ତ ଇଏ କେଉଁ ଚମତ୍କାର ବୋଲି ମନେ ହେଉଥିଲା | ସେମାନେ କେତେକର, ଆଉ ତାଙ୍କ ପୁଅ କେତେକର, ଆକାଶ, ପାତାଳର ଦୂରତା ସେମାନଙ୍କ ଭିତରେ | ଜ୍ୱାଇଁ ତ ସେ ରାଜପୋଷାକରେ ଏମିତି ଦିଶୁଥିଲେ କି ସ୍ୱୟଂ ବିଷ୍ଣୁ | ତାଙ୍କ ପାଖରେ ପଦ୍ମା ଦିଶୁଥିଲା ଲକ୍ଷ୍ମୀଙ୍କ ଭଳି | ଏତେ ସୌଭାଗ୍ୟର ଅଧିକାରୀ ହେବେ ବୋଲି ତାଙ୍କର ବିଶ୍ୱାସ ନଥିଲା | ହେଲେ, ସବୁ ସେହି ଦୟାମୟ ଜଗନ୍ନାଥଙ୍କ ଇଚ୍ଛା| ଗାଁର ସରପଞ୍ଚ ବାବୁ ଆସି ଯେତେବେଳେ ତାଙ୍କ ସହିତ ଏକା ଟେବୁଲରେ ବସି ଖାଇଲେ, ସେଇଟା ସିଏ କେବେ ବି ଭୁଲିପାରିବେନି |

ଗାଁର ସରପଞ୍ଚ ମଉସା ଓ ମାଉସୀ ପଦ୍ମାକୁ ବୋହୂବେଶରେ ଦେଖିବାକୁ ଆସିଥିଲେ | ସରପଞ୍ଚ ମଉସାଙ୍କୁ ଦେଖି ପଦ୍ମା ରବିଙ୍କୁ ବେଶି ମନେପକେଇଲା | ରବିଙ୍କ ଚେହେରା ଠିକ୍ ତାଙ୍କ ବାପାଙ୍କ ଭଳି | ଗୋରା ଦେହ, ଲମ୍ବା ହାତ ଆଉ ଚଉଡା ଛାତି | ବିଶେଷତଃ ମାଉସୀ ଯେତେବେଳେ ପଦ୍ମା ଆଙ୍ଗୁଠିରେ ମୁଦିଟିଏ ପିନ୍ଧାଇଦେଲେ, ପଦ୍ମା ଆଖିରୁ ଦୁଇଧାର ଲୁହ ବୋହିଗଲା | "ତୋ ବାପା, ବୋଉ ଆମର ବହୁତ ସେବା କରିଥିଲେ ପଦ୍ମା | ଆମେ ତାଙ୍କର ଋଣ ସୁଝି ପାରିବୁନି | ଗଉଡ ଘରର ଝିଅ ନ ହେଇଥିଲେ, ତତେ ତ ମୁଁ ମୋ ରବି ପାଇଁ ବୋହୂ କରି ନେଇଥାନ୍ତି | ହେଲେ ଛାଡେ ସେକଥା |ପରମେଶ୍ୱର ବଡ ଭାଗ୍ୟବନ୍ତ | ସିଏ ବି ତୋ ପାଇଁ ବହୁତ ଯୋଗ୍ୟ |" - ମାଉସୀ ଏତିକି କହିଦେଇ ଗଲେନି

ଯେ ପଦ୍ମା ହୃଦୟରେ କୁର୍‌ଢିଗ୍ରେଟ ମାରିଦେଲେ । ଜାତି ପାର୍ଥକ୍ୟଟା କଣ ଏତେ ବଡକଥା ଯେ, ଗଉଡ ଘର ଝିଅ ବୋଲି, ସିଏ ଗୋଟିଏ ବର୍ଲିନ୍ ଓ୍ୱାଲ୍ ହେଇଯିବ ? ବର୍ଲିନ୍ ଓ୍ୱାଲ୍ ତ ପୁଣି ଭାଙ୍ଗିଲା । ରବି ଆଉ ପଦ୍ମା ଏ ଜାତି ପାର୍ଥକ୍ୟର କାନ୍ଥକୁ ଭାଙ୍ଗି କଣ ସେମାନଙ୍କର ସଂସାର କରିପାରିନଥାନ୍ତେ ?

ହେଲେ ଏବେ ଭାବି ଲାଭ କଣ ? ସବୁ ତ ସରିଗଲାଣି । ପଦ୍ମାର ବାହାଘର ସରିଗଲାଣି । ପଦ୍ମା ପରମେଶ୍ୱରର ପତ୍ନୀ ହୋଇସାରିଲାଣି । ଆଉ ଅଳ୍ପ ସମୟପରେ ତାକୁ ଶାଶୁଘରକୁ ଯିବାକୁ ପଡିବ । ଆସିବ ତାର ବିଦାୟର ସମୟ । ଜାହ୍ନବୀ ଅପା ଆସିଥିଲେ, ଜୁଲି ବି ଆସିଥିଲା । ସେମାନେ ବାହାଘରର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଥିଲେ । ପଦ୍ମାକୁ ସଜେଇବାର ଦାୟିତ୍ୱ ପ୍ରମୋଦ ସେମାନଙ୍କୁ ଦେଇଥିଲା । ବାହାଘର ବେଦୀ କାମ ସରିବାପରେ ଝିଅ, ଜ୍ୱାଇଁଙ୍କର ଖିଆପିଆ ଦାୟିତ୍ୱରେ ବି ସେମାନେ ଥିଲେ । ପ୍ରମୋଦର ସବୁ ସଂପର୍କୀୟ ତ ପ୍ରାୟ ଗାଁର । ସେମାନେ ତ ଆଉ ଏ ସହରୀ ପଦ୍ଧତି ସବୁ ଠିକ୍‌ଠାକ୍ କରିପାରିବେନ ।

ସେଦିନ ସମସ୍ତେ ସେଇ ହୋଟେଲରେ ସକାଳ ହେବା ପର୍ଯ୍ୟନ୍ତ ରହିଲେ । ସକାଳେ ବିଦାୟ ସମୟ ଆସିଲା । ଜୁଲି ଓ ଜାହ୍ନବୀ ପଦ୍ମାକୁ ବଡ ସୁନ୍ଦର କରି ସଜାଇଥିଲେ । ସଜାଇବା ପୂର୍ବରୁ ଜାହ୍ନବୀ ଅପାଙ୍କ କାନ୍ଧରେ ମୁହଁ ରଖି ଜୁଲିର ହାତ ଧରି ମନଖୋଲି କାନ୍ଦିନେଲା ପଦ୍ମା । ଏମିତି ଏ ଭାଗ୍ୟ । ରବିଙ୍କୁ ବାହାହୋଇ ସିଏ ଜୁଲିର ଭାଉଜ ହେଇଥାନ୍ତା । ତାର ଆଉ ଜୁଲିର କେତେ ବନ୍ଧୁତା । ଗଉଡ ଘର ଝିଅ ବୋଲି ଜୁଲି ବି କଣ ତାକୁ ତା' ଭାଉଜ ଭାବେ ଗ୍ରହଣ କରିନଥାନ୍ତା ?

କଣଟା ହୋଇପାରିଥାନ୍ତା ଆଉ କଣଟା ହୋଇଗଲା, ସେସବୁ କଣ ପଦ୍ମାର ନିୟନ୍ତ୍ରଣରେ ଥିଲା? ପଦ୍ମା ସେଇକଥା ଭାବୁଭାବୁ ଶଙ୍ଖ ହୁଳହୁଳ ବାଜିଲା । ଜୁଲି ଓ ଜାହ୍ନବୀ ଅପା ପଦ୍ମାକୁ ଆଣି ସଜ୍ଜିତ କାରର ପଛସିଟ୍ ରେ ପରମେଶ୍ୱରଙ୍କ ପାଖରେ ବସେଇଦେଇ ବିଦାୟଦେଲେ। ପରିବାରର ଅନ୍ୟ ସମସ୍ତ ପୁରୁଷ, ନାରୀ, ମୁହଁରେ ବିଦାୟବେଳାର ଦୁଃଖ ଫୁଟେଇ ପଦ୍ମାକୁ ହାତ ହଲେଇ ବିଦାୟ ଜଣେଇଲେ । ଗାଡି ବାଲେଶ୍ୱର ଅଭିମୁଖେ ଆଗକୁ ଗ୍ଭଲିଲା ।

ବାଲେଶ୍ୱରରେ ପରମେଶ୍ୱରଙ୍କର ଜେଜେବାପା ରହନ୍ତି । ସେଠି ସେମାନେ ଦୁଇଦିନ ରହିବେ ଓ ଚତୁର୍ଥୀ ସାରି କଲିକତା ଯିବେ । କଲିକତାରେ ପରମେଶ୍ୱରଙ୍କ ପିତାମାତାଙ୍କ ଘର । ବାହାଘର ପ୍ରସ୍ତାବ ପଡିବା ପରଦିନରୁ ସେମିତି ଭାବି ପରମେଶ୍ୱରଙ୍କର ବାପା ବାଲେଶ୍ୱରର ଘରଟି ସହିତ ସଂଯୁକ୍ତ ଥିବା ବାଡିକୁ ବଦଳାଇ ଆଧୁନକ ଧରଣର ଡିଜାଇନରେ ଦୁଇଟି କୋଠରି, ବଡ ଲିଭିଙ୍ଗ୍ ଜାଗା, ଡାଇନଙ୍ଗ୍ ଜାଗା ଓ ଷ୍ଟୋରେଇଘର କରି ବଡ ସୁନ୍ଦର ଭାବେ ସଜାଇ ଦେଇଛନ୍ତି । ଏସବୁ ପରମେଶ୍ୱରର ଯୋଜନା ଅନୁଯାୟୀ ହୋଇଛି । ଆମେରିକାର ଘରମାନଙ୍କର ଡିଜାଇନ୍ ଦେଖେଇ ସିଏ ସମସ୍ତଙ୍କର ଚଳବା ସୁବିଧା ପାଇଁ ଏମିତି ଭାବେ ଘର କରାଇଛି ।

ହୁଳହୁଳି ପକାଇ ପଦ୍ମାକୁ ସେ ନୂଆଘରେ ସ୍ୱାଗତ କରାଗଲା । ପରମେଶ୍ୱରଙ୍କର ତ ନିଜର ଭଉଣୀ ନଥିଲେ । ତାଙ୍କ ଦାଦାଙ୍କ ଝିଅ ଭଉଣୀକୁ ନଣନ୍ଦ ପୁଟୁଳି ମିଳିଲା । ସିଏ ବଡ ଖୁସି ହୋଇ ପଦ୍ମାକୁ କୁଣ୍ଢେଇ ଟିକେ ଗେହ୍ଲା କରିଦେଲା । ଛୋଟ ଝିଅଟିଏ । ନବମ ଶ୍ରେଣୀରେ ପଢୁଛି । ସିଏ କହିଲା, "ନୂଆବୋଉ, ତମେ ତ ମୋ ପାଇଁ ଏତେ ସୁନ୍ଦର ଶାଢୀ ଦେଲ । ହେଲେ, ମୁଁ ସେ ଶାଢୀ ପିନ୍ଧୁପିନ୍ଧୁ ଆହୁରି ଦଶବର୍ଷ । ମତେ ସାଲୁଆର୍, ପଞ୍ଜାବୀ କ ଲାହାଙ୍ଗା ଦେଇଥାନ୍ତ ସିନା ।"

"ମଲା, ତୁ କଣ ଦୁଧପିଆ ଛୁଆ ହେଇଛୁ ନା କଣ । ଶାଢୀ ପିନ୍ଧିବୁନି । ଚେନ୍ ପାଇଲୁ, ନୂଆଲୁଗା ପାଇଲୁ, ପୁଣି ନୂଆ କପଡା ମାଗୁଛୁ ?" - ଏମିତି ଗାଳିଦେଇ ପରମେଶ୍ୱରଙ୍କ ଜେଜେମା ଆସି ପଦ୍ମାର ମୁହଁ ଦେଖିଲେ ଓ ସୁନାହାରଟିଏ ତା ହାତରେ ଦେଲେ । "ତୁ ତ ସତରେ ଲକ୍ଷ୍ମୀଟିଏ ମା' । ଆମ ପରମା ବଡ ଭାଗ୍ୟବନ୍ତ । ତମେ ଦିଜଣ ସାରାଜୀବନ ସୁଖରେ ରୁହ ।"

ପଦ୍ମାକୁ ବହୁତ ଭଲ ଲାଗୁଥିଲା, ପରମେଶ୍ୱରଙ୍କର ପରିବାରର ସମସ୍ତଙ୍କର ସ୍ନେହ, ଆଦରରେ ସିଏ ବୁଡିଯାଉଥିଲା ।

ବାହାଘରର ଯାବତୀୟ ବିଧିବିଧାନ ହେଲା । ସେଦିନ ପଦ୍ମାକୁ ଏକାଟିଆ ଅଲଗା ରୁମରେ ରହିବାକୁ ପଡିଲା । ଚତୁର୍ଥୀ ରାତିରେ ହିଁ ସିଏ ପରମେଶ୍ୱରଙ୍କ ସହିତ ମିଶିପାରିବ ଓ

ଏକାରୁମ୍ ରେ ରହିବ | ଏମିତି କହି ଥଗା କରି ହିସାବରେ ଯା' ହେବା ଜଣେ ସ୍ତ୍ରୀଲୋକ ତାକୁ ସେଇ ରୁମରେ ଛାଡିଦେଇ ଯାଇଥିଲେ |

ଚତୁର୍ଥୀ ଦିନ ସେଠି ବେଦୀ ଉପରେ ବହୁତ ବିଧିବିଧାନ ହେଲା | ସେଦିନ ପରମେଶ୍ୱରଙ୍କ ପରିବାର ତରଫରୁ ତାଙ୍କ ଗାଁରେ ଭୋଜି ଦିଆଗଲା | ବେଦୀକାମ ସରିବା ପରେ ପଦ୍ମାକୁ ସଜେଇ ବସେଇ ଦିଆଗଲା ଗୋଟିଏ ସ୍ୱତନ୍ତ୍ର ସଜ୍ଜିତ ସ୍ଥାନରେ | ବାହାଘରକୁ ତ ସବୁ ସଂପର୍କୀୟ ଯାଇପାରିନଥିଲେ | ସେମାନେ ସମସ୍ତେ ଆସି ଜମାହେଲେ | ପଦ୍ମାକୁ କେତେ ଗହଣା, କେତେ ଟଙ୍କା ସବୁ ମୁହଁଗୁହାଁରେ ମିଳିଲା | ପଦ୍ମା ଘର ତରଫରୁ ପ୍ରମୋଦ ଆସିଥିଲା| ଭଉଣୀର ଘରଦ୍ୱାର, ପରିବାର ସବୁ ଦେଖି ସିଏ ଖୁସିଥିଲା | ଯାହାହେଉ ଭଉଣୀ ତାର ଭଲରେ ଅଛି | ଯେଉଁ ଆଶଙ୍କା କରି ସିଏ ଶଙ୍କିତ ଥିଲା, ସେସବୁ ତା' ମନକୁ ଛୁଇଁବନି| ଆଉ ରହିଲା ଯାହା ସ୍ୱାଧୀନତା କଥା, ଏମିତି ଦେଖିଲେ ସମସ୍ତେ କଣ ସବୁବେଳେ ସ୍ୱାଧୀନ ? ସ୍ନେହ ସଂପର୍କରେ ପରାଧୀନତା ରହିଲେ ବି ସ୍ୱାଧୀନତାର ସୁଖଠାରୁ ସେ ସୁଖ ବହୁତ ମୂଲ୍ୟବାନ |

ଗ୍ରରିଟା ବେଳକୁ ପ୍ରମୋଦ ବିଦାୟନେଲା | ଭଉଣୀକୁ ଖୁସି ଦେଖିଥିଲା ସିଏ |

ଚତୁର୍ଥୀ ରାତି | ପଦ୍ମାର ଧର୍ମସଙ୍କଟର ସମୟ | ଏ ଚତୁର୍ଥୀ ରାତି ନ ଆସନ୍ତା କି ? ମନେମନେ ସିଏ ଭଗବାନଙ୍କ ଠାରେ କେତେ ପ୍ରାର୍ଥନା କରିଛି | ପରମେଶ୍ୱରଙ୍କ ସହିତ ବାହାଘର ହୋଇଗଲା, ଠିକ୍ ଅଛି | ହେଲେ ସେଥିରେ ତଥାପି ଦୂରତା ରହିଛି | ସେ ଦୂରତା ରକ୍ଷାକରି ରହିପାରିବ ପଦ୍ମା | କିନ୍ତୁ ପରମେଶ୍ୱରଙ୍କର ନିକଟତର ହେବାର ଭୟ ତାକୁ ବିଦାରିତ କରୁଛି | ପଦ୍ମା ରବିର | ସିଏ ଆଉ କାହାର ହୋଇପାରିବ ନାହିଁ | ଏକଥା ସତ ଯେ ରବିଙ୍କ ସହିତ ତାର ସେମିତି ଦୈହିକ ସଂପର୍କ ନାହିଁ | ନଥିଲେ କଣ ହେଲା, ସିଏ ତ ରବିଙ୍କୁ ହିଁ ତା' ମନ, ତା' ଦେହର ଅଧିକାରୀ ବୋଲି ଭାବେ ନା | ସାମାନ୍ୟ ମିଛକଥାକୁ ସତ ଭାବି ସିଏ ପରମେଶ୍ୱରଙ୍କ ସହିତ ଏ ସଂପର୍କରେ ରାଜି ହୋଇଗଲା | ତାମାନେ କଣ ସିଏ ନିଜେ ନିଜର ଅସ୍ତିତ୍ୱ ଭାବେ ପରମେଶ୍ୱରଙ୍କ ବନ୍ଧୁ ହୋଇ ରହିପାରିବନି ?

କଛି ବନ୍ଧୁବାନ୍ଧବ ବିଦାୟ ନେଇସାରିଥିଲେ | କଛି ବନ୍ଧୁବାନ୍ଧବ ବିଦାୟ ନେଉଥିଲେ | ଆଉ କଛି ସମୟପରେ ପଦ୍ମାକୁ ସେ ଧର୍ମସଙ୍କଟର ସମ୍ମୁଖୀନ ହେବାକୁ ପଡିଥାନ୍ତା | ସାଙ୍ଗସାଙ୍ଗେ ଘରେ କାନ୍ଦବୋବାଳ ପଡିଗଲା | ଶୁଣୁଶୁଣୁ କଣ ହୋଇଛି ନା ଶ୍ୱଶୁରଙ୍କର ଆକ୍ସିଡେଣ୍ଟ | ସିଏ ଯାଇଥିଲେ ତାଙ୍କ ଭଉଣୀକୁ ତାଙ୍କ ଶାଶୁଘରେ ଛାଡିବାକୁ | ଆଜି ସେଠି ତାଙ୍କ ପୁତୁରାର ବାହାଘର | ଭଉଣୀଘର ଗାଁ ଜମା ଅଧଘଣ୍ଟାର ରାସ୍ତା | ତାକୁ ଛାଡି ଫେରୁଥିଲେ| ବାଟରେ ଗୋଟିଏ ଟ୍ରକ୍ ସହିତ ଆକ୍ସିଡେଣ୍ଟ ହେଲା | ତାଙ୍କୁ ସଙ୍ଗେସଙ୍ଗେ ଡାକ୍ତରଖାନା ନଆଯାଇଛି | ହେଲେ ସେ ଅଚେତ ଅଛନ୍ତି | ତାଙ୍କର ପୁତୁରା ଜଣେ ସେ ଛକରେ ଗାଡି ଅଟକେଇ ଗୁହା ପିଉଥିଲା | ସିଏ ହିଁ ପରମେଶ୍ୱରକୁ ଫୋନ୍ କରି ଜଣେଇଲା |

ପରମେଶ୍ୱର ଅଧୈର୍ଯ୍ୟ ହୋଇଗଲେ | ଭୁଲିଗଲେ ଯେ ଏଇଟା ତାଙ୍କର ଚତୁର୍ଥୀ ରାତି | ତାଙ୍କ ନବବିବାହିତା ସୁନ୍ଦରୀ ପତ୍ନୀ ସହିତ ମିଳନହେବାର ପ୍ରଥମ ସୁଯୋଗ | ଏମିତିକି ପଦ୍ମାର ଅସ୍ତିତ୍ୱ ବି ସେ ଯେମିତି ଭୁଲିଯାଇଥିଲେ | ସାଙ୍ଗେସାଙ୍ଗେ ଡ୍ରାଇଭର୍କୁ ଡାକ ଦାଦାଙ୍କ ସହିତ ଗ୍ଲିଲେ ସେ ବାଲେଶ୍ୱରର ଡାକ୍ତରଖାନା ଅଭିମୁଖେ |

ଶାଶୁ ପଦ୍ମାର ମୁହଁକୁ ବିକଳରେ ଅନେଇଥିଲେ | ଜେଜେମା ଆସି ପାଖରେ ବସି ପିଠି ସାଉଁଳାଉ ଥିଲେ | ସେମାନେ ପୁଣି ପଦ୍ମାକୁ ଧରି ଠାକୁର ଘରକୁ ଗଲେ ପ୍ରାର୍ଥନା କରିବା ପାଇଁ| ଭଗବାନ ସବୁ ଠିକ୍ କରିଦିଅନ୍ତୁ |

ପଦ୍ମା ନୀରବ ଥିଲା, ନସ୍ତବ୍ଧ | ଠାକୁର କଣ ତାର ଅନୁରୋଧକୁ ଏମିତି ଭାବେ ରକ୍ଷାକଲେ ?

ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଆରକେ ବିଶ୍ୱ

## (ବ୍ୟଙ୍ଗ କବିତା)



ସୁସ୍ମିତା ମହାପାତ୍ର

ଆଧୁନିକ ବାବା ବଳେ ବଳୀୟାନ
କେତେ କେତେ ସ୍ମାର୍ଟ ନାରୀ,
କୂପ ମଣ୍ଡୁକ ଥିଲେ ଯିଏ କାଲି
ମୁହଁ ଆଜି ଟାଣ ଭରି,
ଅତି ଅଲ୍‌ଜୁକ ପରି,
ସାଥେ ଅହରହ ଲସର ପସର
ସତେ ପ୍ରଭୁ ସହଚରୀ ॥୧॥

ଚର କୁଆଁରୀରେ ବ୍ରତୀ ହୋଇ କଏ
ବନ୍ଧନ ସବୁ ଫାଡେ,
ସାଧ୍ୱୀ ହେବାର ନିଶାରେ କଏ ବା
ସ୍ୱାମୀ ସନ୍ତାନେ ଛାଡେ,
ଅଯଥା ଫାନ୍ଦେ ପଡେ
ବାବା ଧରାହେଲେ ଜେଏଲେ ଖାନାକୁ
ପ୍ରିୟ ଭକ୍ତକୁ ଭିଡେ ॥୨॥

ଆଖିରେ ଇଶାରା ବୁଝିଗଲେ ମିଳେ
ରାଜକୀୟ ଉପଚାର,
ତାଜମହଲରୁ ଆଇଫିଲ୍ ଯାଏଁ
ସୁଯୋଗ ବି ଦେଖିବାର,
ଆଉ କସ ଦରକାର,
ଭୂମିଠାରୁ ଭୂମା ବିଚରଣ ପାଇଁ
ହେଲିକପଟର କାର ॥୩॥

ଆଶ୍ରମ ନୁହେଁ ଆରେକ ବିଶ୍ୱ
ବିଶାଳ କୀର୍ତ୍ତି ଥାଇ,
ଡିଜନି ସହରୁ ସିନେମା ନଗର
ବିଳାଶେ ପୂର୍ଣ୍ଣ ଯହିଁ,
ଉଣା କେଉଁଥିରେ ନାହିଁ,
ଗୁମ୍ଫାରେ ଗୋପୀ ଗୁରୁ ନାମ ଜପି
ନାଚଇ ତାଥେଇ ଥେଇ ॥୪॥

ହାତ ହତିଆର ନିଶା କାରବାର
ସବୁ ଗୁଳି ସାଥେସାଥେ,
ଦଙ୍ଗା ଭିଆଣେ କେତେ କେତେ ଜନେ
ରହିଥାନ୍ତି ବାମ ହାତେ,
ସମ୍ରାଟ ବାବା ସତେ,
ସେନାପତିଠାରୁ କଟୁଆଳ ଯାଏ
ମୁତୟନ ପ୍ରତି ପଥେ ॥୫॥

ଯିଏ ଯାହାକରୁ ନିଜ କରମକୁ
ଫଳ ଭୋଗେ ନିଜେ ଦିନେ,
ଅତି ହେଲେ ସଦା ମିଳେ ମୁଥ ବିଧା
ଆପଣାନ୍ତି ମାମୁଁ ମାନେ,
ଭୂମିକାର ଅବସାନେ,
ଝାରିବାକୁ ଲୁହ ଥାଏ କଏ କହ
ସୁଖେ ସାଥୀ ବେଇମାନେ ॥୬॥

ରାଉରକେଲା, ଓଡିଶା

# ମୁଁ ପଦ୍ମପତ୍ରଟିଏ

ଜୟନ୍ତୀ ବେହେରା

ମୁଁ ପଦ୍ମପତ୍ରଟିଏ.....
ତୁମେ ମୋ ଦେହେ
ଜଳର ଢଳ ଢଳ ବିନ୍ଦୁ ହେବ
ମୁକ୍ତା ପରି ଝଲସିବ
ଚଗଲ୍ ପବନର
ହାଲକାରୁ ହାଲକା ଚପଳାମିରେ
ସନ୍ତୁଳନ ହାରି ଖସିଯିବ
ଏଇ ଅଛ....ଏଇ ନୁହଁ.....
ଭାବ ମୋ ଅଭାବର ॥



ମୁଁ ପଦ୍ମପତ୍ରଟିଏ.....
ମୋ ଦେହର ପ୍ରତି
କୋଣ ଅନୁକୋଣରେ
ସାମ୍ରାଜ୍ୟ ବିସ୍ତାର କରୁଥିବ
ଶୀତଳତାର ସ୍ପର୍ଶ ଦେଉଥିବ
ଆଦ୍ର କରିବାର ପ୍ରୟାସ ଚାଲିଥିବ
ଯଦି ଆଦ୍ରତାର ସାନ୍ନିଧ୍ୟକୁ
କୋଳାଇ ନେବାକୁ ପ୍ରଚେଷ୍ଟା କରେ
ଦୁର୍ବଳ କହି ହେବ ଦୂର ॥

ମୁଁ ପଦ୍ମପତ୍ରଟିଏ.....

ଜଳରେ ମୋ ସଂସାର

ଜଳରେ ମୋ ବିହାର

କନ୍ତୁ ବିନ୍ଦୁରୁ ବିନ୍ଦୁଏ ଆଦ୍ରତାର

ସ୍ପର୍ଶ ପାଇଁ ହୁଏ ମୁଁ ଆତୁର

ଦେଖ ବଡମ୍ବନା ମୋ ଭାଗ୍ୟର

ଆହତ ହୁଏ ମୁଁ ବାରମ୍ବାର

ମିଳନର ପରିଧିରେ କେନ୍ଦ୍ର ବିରହର

ଆଦ୍ରହେବା ଭାବ ମୋ ପ୍ରବଳତର ॥



ମୁଁ ପଦ୍ମପତ୍ରଟିଏ.....

ଜାଣେ ମୁଁ ମୋ ସୀମାରେଖା

ତୁମ ଓ ମୋ ମଧ୍ୟେ ପ୍ରକୃତିର

ନର୍ଦ୍ଧାରିତ ନର୍ଦ୍ଦିଷ୍ଟ ଅଦୃଶ୍ୟ ରେଖା,

ହୋଇ ନ ପାରେ ତୁମ

ଦିଗନ୍ତବିସ୍ତାରି ଜଳରାଶିର ସଂପୂର୍ଣ୍ଣତାରେ

କେବଳ ମୋର ହିଁ ସଂସାର

କନ୍ତୁ ମୋ ସାରା ସଂସାର

ଆଦ୍ର ହେବା ପାଇଁ ପୂର୍ଣ୍ଣତାରେ

ଅପେକ୍ଷିତ ଜନ୍ମଜନ୍ମାନ୍ତର ॥

ଅଂକୁଳ, ବ୍ରହ୍ମପୁର, ଗଞ୍ଜାମ, ଓଡିଶା

# ସମୟ କଥା କୁହେ



ସୁଲୋଚନା ପଟ୍ଟନାୟକ

ଅନତାର ଆଖିରେ ଲୁହ ଜକେଇ ଆସିଲା । ସିଏ ପ୍ରବଳ ଚେଷ୍ଟା କଲା ଲୁହକୁ ଜମା ବି ତଳେ ପକାଇବାକୁ ଦେବନି । ଆଖିକୁ ହାତ ପାପୁଲିରେ ଥରେ ଥାପି ଦେଲା । ଓଦାଳିଆ ହାତକୁ ଓଢଣିରେ ପୋଛି ଦେଲା, ଯେମିତି କେହି ଦେଖି ପାରିବେନି ତାର ଲୁହ, କେହି ଶୁଣି ପାରିବେନି ତାର କୋହ, କେହି ବୁଝିପାରିବେନି ତାର ଯନ୍ତ୍ରଣା । କେହି କହିବେନି ଅନତାର ମନ ଖରାପ ଅଛି ବୋଲି । ଓଠ ସାମାନ୍ୟ ପ୍ରସାରିତ ହୋଇ ଆସିଲା । ପୁଣି ହସ ହସ ମନେ ହେଲା ତାର ମୁହଁ । ଆଖିର ଉଦାସ ଭାବ ଚଷମା ତଳେ ଛପି ହୋଇ ରହିଗଲା । ହସି ହସି ଉତ୍ତର ଦେଲା ଜୁଲିକୁ, "ଆଜି ପୁଅ ଆପାର୍ଟମେଣ୍ଟକୁ ମୁଭ କରୁଛି । ତା ସହ ଲାଗିଥିଲି । ଜିନିଷ ପତ୍ର କଣ ନେବ, କଣ ଦରକାର ହେବ, ସେଇଥିରେ । ସାରା ଦିନ ଜାଣ ସେଇଥିରେ ଗଲିଗଲା । ସିଏ ଗଲିଗଲା ପରେ ଆମେ ମନ୍ଦିର ବାହାରି ଆସିଲୁ ।" ଜୁଲି ଉତ୍ତର ଦେଲା, "ଭଲ ହେଲା, ଆପଣ ଏବେ ପୁରାପୁରି ସ୍ୱାଧୀନ । ତା ଛଡା କେତେ ଦିନ ଅବା ସିଏ ଆପଣଙ୍କ ପାଖେ ରହିଥାନ୍ତା? କଲେଜ ସରିବାର ପ୍ରାୟ ଦୁଇ ବର୍ଷ ହୋଇଗଲା ଜାଣ! ତା ସାଙ୍ଗର ପିଲାମାନେ ତ ସମସ୍ତେ ଅଠର ବର୍ଷରୁ ବାହାରେ ରହୁଛନ୍ତି । ସାଙ୍ଗମାନେ ହୁଏତ ଗାପ ପକାଇଥିବେ । ଭଲ ହେଲା । ଏବେ ଆପଣଙ୍କର ହନିମୁନ ସମୟ ଆସିଗଲା ।" ଅନତା ହସିଲା । ସେ ହସରୁ ଶବ୍ଦଟିଏ ବାହାରିଲା ନାହିଁ । ହସିବ ବା କେମିତି? ଛାତି ଉପରେ ତ ପଥରଟିଏ ଥୁଆ ହୋଇଛି । ନିଜ ହୃଦୟ ଖୋଲି କଥା କହିବା ପରି କେହି ଜଣେ ସାଙ୍ଗ ତାର ନାହାନ୍ତି ଏଠି, ଯାହାକୁ କି ସବୁ କଥା କହି ହେବ! କିନ୍ତୁ ଜୁଲିକୁ ସିଏ କଣ କହିବ?

ଜୁଲି ସହ ପରିଚୟ ହେବାର ପ୍ରାୟ ୧୫ ବର୍ଷ ହୋଇଗଲାଣି । ଏକା ସହରରେ ରୁହନ୍ତି ସେମାନେ, ଯଦିଓ ପ୍ରାୟ ଘଣ୍ଟାଏ ବ୍ୟବଧାନରେ ସହରର ପଶ୍ଚିମ ଦିଗକୁ ଜୁଲି ରହେ । କିନ୍ତୁ ଦେଖା ଚାହାଁ ଅପେକ୍ଷା ଫୋନରେ ବଗ୍‌ରର କଥା ବାର୍ତ୍ତା ପ୍ରାୟ କରନ୍ତି । ଜୁଲି ତା ଠାରୁ ବୟସରେ ତିନ/ଚାରି ବର୍ଷ ସାନ ହୋଇପାରେ, ଠିକ୍ କରି ଜାଣିନି ଅନିତା । କିନ୍ତୁ ଜୁଲିର ହୃଦୟ ଓ ମନ ଭରି ଖୋଲା । ସହଜରେ ସିଏ ସମସ୍ତଙ୍କ ମନ କିଣି ନେଇପାରେ । ଆମେରିକାରେ ସାନ ବଡ ବି କେହି ଦେଖନ୍ତିନି । ସମସ୍ତଙ୍କୁ ସାଙ୍ଗ କୁହାଯାଏ । ସତରେ ବି ଭାବିଲେ ଏକ ନିର୍ଦ୍ଦିଷ୍ଟ ବୟସ ପରେ ସମସ୍ତେ ସମସ୍ତଙ୍କର ସାଙ୍ଗ ହେବା ଉଚିତ । ହଠାତ୍ ଅନିତାର ମନ ଖରାପର କାରଣ ସିଏ ନିଜେ ଜାଣିପାରିଲା । ସେତିକିବେଳକୁ ମନ୍ଦିରରେ ବ୍ରାହ୍ମଣ ଘଣ୍ଟି ବଜାଇ ଆଳତି ହେବାର ସୂଚନା ଦେଲେ । ସମସ୍ତଙ୍କ ସହ ଅନିତା ଓ ଜୁଲି ଏକାଠି "ଓମ୍ ଜୟ ଜଗଦିଶ ହରେ...." ପ୍ରାର୍ଥନା ବୋଲିବା ଆରମ୍ଭ କରିଥିଲେ ।

ରୋଷନ ତାର ଏକମାତ୍ର ସନ୍ତାନ । ମା ପୁଅଙ୍କର ସଂପର୍କ କେବେଠୁ ବନ୍ଧୁତ୍ୱରେ ପରିଣତ ହୋଇଯାଇଛି ବୋଲି ଅନିତା ମନେକରେ । ଦୁଇ ବର୍ଷ ହେଲା ରୋଷନ ବାପା ମାଆଙ୍କ ଉପରେ ନିର୍ଭର କରୁନାହିଁ । କଲେଜ ସରିଲା ପରେ ପରେ ତାକୁ ଚାକରୀଟିଏ ମିଳିଯାଇଛି । ସିଏ ଘରୁ ରହି ଯିବା ଆସିବା କରେ । ଆମେରିକାରେ ପିଲାମାନେ ଘରେ ରହିଲେ ଭଡାବାଲାଙ୍କ ପରି ବାପା ମାଙ୍କୁ ରେଣ୍ଟ ଦିଅନ୍ତି, ଖାଇବା-ପିଇବା ପାଇଁ ପଇସା ବି ଦିଅନ୍ତି । ହୁଏତ ଠିକ୍ କେତେ ଖର୍ଚ୍ଚ ହୁଏ ତାର ମାପ ଚୁପ ନଥାଏ । ତଥାପି ପିଲା ସକ୍ଷମ ହେଲେ, ରୋଜଗାର କଲେ ସାଧାରଣତଃ ଏ ସବୁ ଜାରି ହୋଇଥାଏ । ଅନିତା ପାଇଁ ତାହା ଅଭାବିତ । ସିଏ କେବେ ରୋଷନକୁ କହିପାରିବନି ଘର ଭଡା ଦେ ବା ଖାଇବାର ପଇସା ଦେ ବୋଲି । ରୋଷନ କିନ୍ତୁ ଖୁବ୍ ଚିନ୍ତାଶୀଳ । ଅନେକଥର ମାଆକୁ ପଚାରେ କିଛି ସାହାଯ୍ୟ କରିବ ବୋଲି । ଅନିତା ସବୁବେଳେ କୁହେ, "ଏଇନା କିଛି ଦରକାର ନାହିଁ । ଦରକାର ହେଲେ ମାଗିବି । ହେଲେ ସେତେବେଳେ ତୁ ପାଖରେ ଥିଲେ ହେଲା"! ଏ ଯାଏଁ କିଛି ଦରକାର ପଡିନି ଭଗବାନଙ୍କ ଦୟାରୁ । ଅନିତା ଓ ସ୍ୱାମୀ ରଜତ ବାବୁ କାମ କରୁଛନ୍ତି । ଘରର ମର୍ଟେଗେଜ ବି ସରି ଆସିଲାଣି । ବୟସ ହେଲାପରେ ବିଶେଷ ଖର୍ଚ୍ଚ ନାହିଁ । ରଜତ ବାବୁଙ୍କର ଅନ୍ୟ କିଛି ଦାୟିତ୍ୱ ନାହିଁ । ଓଡିଶାରେ ତାଙ୍କର ଭାଇଟିଏ, ଉଚ୍ଚ ପଦବୀସ୍ଥ ।

ଭଉଣୀ ବାହା ହୋଇ ଭଲରେ ଅଛି । ବାହାଘର ବ୍ରତଘର ଛଡା ଆଉ କେତେବେଳେ କାହାକୁ କିଛି ଦବାକୁ ପଡି ନଥାଏ । ବାପା ମାଆ ଗ୍ଲିଗଲେଣି ପାଞ୍ଚ ବର୍ଷ ହେଲା । ବୋଉଙ୍କ ଯିବାର ଦୁଇ ବର୍ଷ ପରେ ବାପାଙ୍କର ଦେହାନ୍ତ ହୋଇଥିଲା । ବର୍ତ୍ତମାନ କେହି କାହା ଉପରେ ନିର୍ଭର କରୁନାହାନ୍ତି । ଯିଏ ଯାହା ସଂସାର ନେଇ ବ୍ୟସ୍ତ । ବର୍ତ୍ତମାନ ଆଗଭଳି ଦୁଇ ବର୍ଷରେ ଥରେ ଓଡିଶା ଯିବାର ବି ଆବଶ୍ୟକତା ବି ନାହିଁ । ସବୁ ନିଜ ଉପରେ ନିର୍ଭର କରୁଛି । ରୋଷନର କଲେଜ ସରିବା ପରଠାରୁ ସେ ବାବଦରେ ଖର୍ଚ୍ଚ ବି ହେଉନି । ତେଣୁ ଭଲରେ ଗୁଜୁରାଣ ମେଣ୍ଟି ଯାଉଛି । ଅନିତା ଖର୍ଚ୍ଚ ପାଇଁ କେବେ ବି ବ୍ୟସ୍ତ ହୁଏନି । ଦୁଃଖେ ସୁଖେ ତାର ସଂସାର ଗ୍ଲିଛି । ସଂସାର ତ କେବଳ ପୁଅକୁ ନେଇ । ପୁଅ ଜନ୍ମ ପରଠାରୁ ଜୀବନର ଗତି ବଦଳି ଯାଇଛି । ଫୁଲା ଫାଙ୍କିଆ ଜୀବନ ଆସ୍ତେ ଦାୟିତ୍ୱପୂର୍ଣ୍ଣ ହୋଇଛି । ମାଆ ହେବାର ଦାୟିତ୍ୱ କିଛି ଛୋଟ କଥା ନୁହେଁ, ଅନିତାକୁ ତାହା କରିବାକୁ କେହି ଚେତେଇ ଦେବା ଦରକାର ପଡିନି । ସିଏ ସବୁ ଦାୟିତ୍ୱ ଖୁସିରେ ବହନ କରିଛି ।

ସେଦିନର କଥା ସବୁ ଅନିତାର ମନେ ପଡିଗଲା । ମାଆ ହେବାର ପ୍ରଥମ ସୋପାନ । ମନ କେତେବେଳେ କୁଆଡେ ଗ୍ଲିଯାଏ । ମନକୁ ସଂଯତ କରିବାକୁ ସିଏ ଅନେକ ପ୍ରୟାସ କରେ, କିନ୍ତୁ ପାରେନା । ମନକୁ ନିୟନ୍ତ୍ରଣ କରିବା ଭାରି କଷ୍ଟ । ଯାହା କେବଳ ସାଧୁ, ସନ୍ଥ, ମୂନି, ଋଷିମାନଙ୍କ ଦ୍ୱାରା ସମ୍ଭବ ହୋଇଥାଏ । ବୁଦ୍ଧଙ୍କୁ ତ ବର୍ଷ ବର୍ଷ ଲାଗି ଯାଇଥିଲା ତାଙ୍କ ମନକୁ ଆସୁଥିବା ପ୍ରଶ୍ନର ଉତ୍ତର ପାଇବା ପାଇଁ । ତପସ୍ୟା ସାଧନରେ ହିଁ ସିଏ ମନ ଓ ଶରୀରର କ୍ଷୁଧାକୁ ନିବାରଣ କରିପାରିଥିଲେ! ଆଜି ସେ ପ୍ରୟାସ ପାଣି ପରି ମିଳେଇ ଯାଉଛି ଅନିତାର । ସେଦିନ ଥିଲା ଚବିଶ ବର୍ଷ ପୂର୍ବର ଏକ ମଙ୍ଗଳବାରର ଘଟଣା । ସେଣ୍ଟ ଆଗନିସ ହସପିଟାଲରେ ୨୧୪ ନମ୍ବର ରୁମ୍ ରେ ସିଏ ସମୟ ଗଣୁଥାଏ । ସକାଳ ଆଠଟାରୁ ହସପିଟାଲ୍ ବେଡରେ ପଡି ରହି ସିଏ ଚିନ୍ତା କରୁଥାଏ । ଡାକ୍ତର ତାକୁ ଚେତାବନୀ ଦେଇ ସାରିଥାନ୍ତି । ବିଗତ ଦୁଇ ବର୍ଷ ଭିତରେ ଅନେକ ଅସୁସ୍ଥତା ଜନିତ କାରଣରୁ ଏ ଡେଲିଭରି ତା ସ୍ୱାସ୍ଥ୍ୟ ପାଇଁ ସଂକଟ ଆଣିପାରେ । ଅନିତାର ସେ କଥାକୁ ଖାତିର ନଥାଏ । ସ୍ୱାମୀ ରଜତ ପାଖରେ ପଡିଥିବା ଚଉକିଟିରେ ବସିଥାନ୍ତି । ଭାରି ଚିନ୍ତାଶୀଳ ଜଣାପଡୁଥାଏ ତାଙ୍କ ଆଖି ଦୁଇଟି । ସିଏ କିନ୍ତୁ ଖୁସି ଥାଏ । ରଜତଙ୍କୁ ମଝିରେ

ମଝିରେ ଡାକ ସିଏ କହୁଥାଏ, "ଏଇ ଦିନଟି ମୋ ପାଇଁ ସବୁଠାରୁ ଖୁସିର ଦିନ ହେବ ରଜତ! ମୁଁ ସମୟର ଅପେକ୍ଷାରେ ଅତିଷ୍ଠ ହୋଇ ଉଠିଲିଣି । ମୋ ପୁଅକୁ ଦେଖିବାକୁ ମୋର ପ୍ରବଳ ଇଚ୍ଛା । ଆଉ ଅପେକ୍ଷା କରିପାରୁନ!" ରଜତ ହସିଥିଲେ, କିଛି ଉତ୍ତର ଦେଇ ନଥିଲେ । କିଛି ଘଣ୍ଟାର ବ୍ୟବଧାନରେ ସିଏ ଆଖି ଖୋଲିଲା । ଦେଖିଲା ତା ବାଁ କଡରେ ପୁଅକୁ ଧରି ବସିଛନ୍ତି ରଜତ । ଡାହାଣ କଡକୁ ଠିଆ ହୋଇଛି ନର୍ସଟିଏ । ତା ଧଳା କୋର୍ଟରେ ଲେଖାହିଛି, କାରେନ ଗ୍ରିନ, ଆର୍.ଏନ୍. । ଆଖିରେ ତାର ଖୁସି ଭରି ରହିଛି । ସତେ ଯେମିତି ସିଏ ମୋ ପ୍ରତୀକ୍ଷାରେ ଥିଲା । ହସି ହସି କହିଲା, ମିସେସ୍ ଦାସ, ମୁଁ ଆପଣଙ୍କୁ ପରିଚତ କରାଇ ଦେଉଛି ନୂଆ ମଣିଷଟିଏ, ଯାହାକୁ ଦେଖିବାକୁ ଆପଣ ପ୍ରାୟ ଦଶ ମାସ ଧରି ଅପେକ୍ଷା କରିଥିଲେ । ଅନନ୍ତା ବିଶ୍ୱାସ କରିପାରିଲାନ, ଏ ଭିତରେ ସମୟ କୁଆଡେ ଗଲା! ପୁଅକୁ ଦେଖିବାକୁ ତାର ଏତେ ଡେରି କାହିଁକି ହେଲା! ରଜତ ଆଉ ଡେରି ନକରି ପୁଅକୁ ତା ଛାତି ଉପରେ ଶୁଆଇ ଦେଲେ । ନର୍ସ ତାର ବେଡ୍ କୁ ଉପରୁ ୪୫ ଡିଗ୍ରୀ ବଙ୍କାଇଦେଲା, ଯେପରିକି ସିଏ ଅଧା ବସିପାରିବା ପରି ହେବ । ରଜତ କହିଲେ, "ଦେଖ ଅନନ୍ତା, ଆମ ଜୀବନରେ ଆଲୋକର ରେଷଣୀ ଆଣି ଆଜି ଉପସ୍ଥିତ ଆମର ସନ୍ତାନ । ସିଏ ଆମର ରେଷନ । ରେଷନ ନାଁଟା ଭଲ ଲାଗିଲା ଅନନ୍ତାକୁ । ସିଏ ହସିବାକୁ ଗୁହିଁ ବି ହସି ପାରୁନଥାଏ । ସିଜେରିଆନ୍ ହୋଇ ପୁଅ ଜନ୍ମ ହୋଇଛି । ସର୍ଜରୀ ପାଇଁ ନେଇଥିବା ଆନେସ୍ଥେସିଆର ପ୍ରଭାବ ଯାଇନଥାଏ ସଂପୂର୍ଣ୍ଣଭାବେ । ତଥାପି ଆଖି ତଳକୁ କରି ଦେଖିଲା ପୁଅକୁ । ଦେଖାଯାଉଥାଏ ତା ମୁଣ୍ଡରେ ଥିବା ପତଳା କଳା ରଙ୍ଗର କେଷରାଶି । କୁଞ୍ଚିତ କପାଳ । ଛୋଟ ନାସିକା, ଦରଫିଟା ଆଖି, ପତଳା ନାଲି ଓଠ । ଦେହଟି ଘୋଡାଇ ହୋଇଛି ଛୋଟ ଚଦରଟିରେ । ହାତ, ଗୋଡ ଚଦର ତଳେ ଯାକଯୁକ ଘୋଡି ହୋଇ ରହିଛି । ଅନନ୍ତା ଉଠି ବସିବାକୁ ଚେଷ୍ଟା କଲା, ପୁଅର ମୁହଁକୁ ଦେଖିବ ବୋଲି । ପୁଅ କାନ୍ଦିବାକୁ ଲାଗିଲା । ତା କାନ୍ଦ ଶୁଣି ଦୁଃଖ ଲାଗିବା ପରିବର୍ତ୍ତେ ସିଏ ଖୁସି ହେଲା । ସେ ସ୍ୱରରେ ଯେମିତି ଯାଦୁକରି ଶକ୍ତି ରହିଛି । କୃଷ୍ଣଙ୍କର ମୋହନ ବୀଣାର ମୋହିନୀ ଶକ୍ତି ପରି ପୁଅର କାନ୍ଦ ତାକୁ ସମ୍ମୋହିତ କରିଦେଲା । ରେଷନକୁ ଦୁଇ ହାତରେ ଟେକ ଧରି ରଜତଙ୍କୁ କହିଲା, "ଦେଖ, ପୁଅ ଏବେଠୁ କଥା କହୁଛି । କହୁଛି, ଆସ ଦେଖ, ମୁଁ ତୁମ ପରିବାରର

ନୂଆ ସଦସ୍ୟଟିଏ । ମତେ ସ୍ୱାଗତ କର । ମୁଁ ତୁମକୁ ପାଇ ବହୁତ ଖୁସି" । ନବ ଜନ୍ମିତ ସନ୍ତାନର ସ୍ୱର ଶୁଣି ଅନତା ସ୍ତମ୍ଭିଭୂତ । କେଉଁଠୁ ଏତେ ଭଲ ପାଇବା ଆସୁଛି? କଏ ଏଇ ଆଗନ୍ତୁକ? କାହାକୁ ଦେଖି ସିଏ ଏତେ ସମ୍ମୋହିତ? ଝିଅରୁ ବୋହୁ/ସ୍ତ୍ରୀର ପରିଚୟଠାରୁ ଏ ନୂଆ ପରିଚୟ ଯେମିତି ସର୍ବାଧିକ ଶାନ୍ତି ଆଣୁଛି । ହଁ, ସିଏ ଆଜି ମା ହୋଇଛି । ମା ଡାକ ଶୁଣିବା ପଇଁ ସିଏ ଆତୁର ହୋଇ ଉଠିଲାଣି । ପୁଅର କାନ୍ଦରେ ସିଏ ମା ଶବ୍ଦ ଶୁଣିପାରୁଛି । ଏତେ ଖୁସି ସତ୍ୱେ ସିଏ ଆଉ ଅଧିକା ସମୟ ଗ୍ରହିଁ ପାରିଲାନ । ପୁଅକୁ କଡରେ ଶୁଆଇ ସିଏ ଶୋଇଗଲା । ଆଖି ବୁଜିହୋଇ ଆସିଲା । ଯୁଗ ଯୁଗର ତୃଷ୍ଣା ଯେମିତି ନିର୍ବାପିତ ହେଲା । କେତେବେଳେ ତା କୋଳରୁ ପୁଅକୁ ନେଇ ନର୍ସ କାରେନ୍ ନର୍ସରୀରେ ଛାଡି ଆସିଛି, ସିଏ ଜାଣିପାରିଲାନ ।

ଆଖି ଖୋଲିଲା ବେଳକୁ ରାତି ଦୁଇଟା ବାଜିଛି । ମନେ ହେଲା ଗ୍ରେଷନ କାନ୍ଦୁଛି । ବାୟାଣୀ ପରି ଉଠି ସିଏ ନର୍ସରୀ ଖୋଜି ଗ୍ଲଲିବାକୁ ଲାଗିଲା । ଚୁମ୍ବକ ଭଳି ସେ ସ୍ୱର ତାକୁ ଡାକୁଛି ସତେ କି? ଦେହରେ ବଳ ନାହିଁ, ଗୋଡ ଘୋଷାରୁଛି । ସିଏ କିନ୍ତୁ ଗ୍ଲଲିଛି । ନର୍ସରୀର ଝରକା ବାଟେ ସିଏ ଖୋଜୁଛି ଗ୍ରେଷନକୁ । ଖୁଜୁଛି ଦେଖିବାକୁ ତାର ପୁଅକୁ, କଳା କେଶରାଶିର ପରିଚୟ ନେଇ ଅଲଗା ବାରିହୋଇ ପଡୁଥିବା ପିଲାଟିକୁ । ଆମେରିକାର ପିଲାମାନେ କେଶହୀନ ହୋଇ ଜନ୍ମ ହୋଇଥାନ୍ତି । କେବଳ ଆଫ୍ରିକାନ ଓ ଏସିଆନ ପିଲାଙ୍କର ବାଳର ରଙ୍ଗ ହେତୁ ସେମାନେ ବାରି ହୋଇଯାଆନ୍ତି । ମୁଣ୍ଡରେ କଳା ରଙ୍ଗ ଲେପି ହେଲାପରି ମନେ ହେଉଛି ଦୁଇଟି ପିଲାଙ୍କର । କେମିତି ଜାଣିବ ଗ୍ରେଷନ କଏ? ହସପିଟାଲର ବ୍ରେସଲେଟ୍ ମ୍ୟାଚ କରି ନର୍ସ ତାକୁ କହିଲା, "ପୁଅ ଶୋଇଛି, ଆପଣ ଯାଆନ୍ତୁ, ମୁଁ ପୁଅକୁ ନେଇ ଆସିବି ଆପଣଙ୍କ ରୁମ୍ କୁ ସିଏ ଉଠିଲେ ।" ମନ ଦୁଃଖରେ ସିଏ ଫେରି ଆସିଲା ତା ରୁମ୍ କୁ । ପାଖ ଚେୟାରରେ ଶୋଇ ଯାଇଥିଲେ ରଜତ ହାଲିଆ ହୋଇ । ଏ ସବୁ କଥାର ଗନ୍ଧ ବି ସିଏ ବାରି ପାରି ନାହାନ୍ତି । ତାଙ୍କୁ ଉଠାଇବାକୁ ସିଏ ଦରକାର ମନେ କରି ନଥିଲା ।

ଏମିତି ହସ ଖୁସିରେ ତାର ସଂସାର ପୁରି ରହିଥିଲା । ଆଜି ପୁଅ ବଡ ହୋଇଛି । ନିଜର ସଂସାର କରିବାର ବୟସ ହୋଇଛି ତାର । ବାପା ମାଆଙ୍କର ଛତ୍ର ଛାୟାରୁ ବାହାରି ନିଜ ଗୋଡରେ ଠିଆ ହୋଇଛି ଶ୍ରେଷନ । ନୂଆ ଆପାର୍ଟମେଣ୍ଟରେ ଏକୁଟିଆ ରହି ସ୍ୱାଧୀନ ଜୀବନର ସ୍ୱାଦ ଗ୍ରହିବାର ଉତ୍କଣ୍ଠା ଭରି ରହିଛି ତାର ଆଶାରେ । ତଥାପି ମାଆକୁ ପ୍ରତିଦିନ ଡାକିବାର ଆଶ୍ୱାସନା ଦେଇଛି ପୁଅ । କାମରୁ ଡ୍ରାଇଭିଂ କରି ଫେରିବା ବେଳେ ପ୍ରତିଦିନ ନିୟମ କଲାପରି ଫୋନରେ କଥା ହୁଏ ମାଆ ସହିତ । ବାକି ସମୟ ନିଜକୁ ଆବିଷ୍କାର କରିବାରେ ନିଜ ଖୁସି ପାଇଁ ସାଙ୍ଗସାଥୀ ନେଇ ସମୟ କଟାଇବାରେ ବ୍ୟସ୍ତ ରହେ । ମନେ ମନେ ଭାବେ ମାଆର ବି ହୁଏତ ସେଇଆ ଦରକାର । ଏତେଦିନ ପରେ ସିଏ ବି ନିଜ ପାଇଁ କିଛି କରି ଖୁସି ହେଉ ।

ଭାବୁ ଭାବୁ ସମୟ କଟିଗଲାଣି । ଏ ଭିତରେ ଦୁଇ ବର୍ଷ ହୋଇଗଲାଣି । ଗାର୍ଲଫ୍ରେଣ୍ଡ ମାୟାକୁ ନେଇ ଜୀବନର ଗତି ପରିବର୍ତ୍ତନ ହେଲାଣି ଶ୍ରେଷନର । ମାଆକୁ ଡାକିବା ପରିବର୍ତ୍ତେ ମାୟାକୁ ଡାକ ଆଉ ସମୟ ବଳୁନି । ମାଆର ଡାକ ଆଉ ଟେକଷ୍ଟର ଉତ୍ତର ପାଇଁ ସମୟର ଅଭାବ ହେଲାଣି । ସମୟ ଖୋଜିବାକୁ ପଡୁଛି । ସମୟ ମିଳୁନି । ଅନନ୍ତାର ସମୟର ପ୍ରାଚୁର୍ଯ୍ୟ । କାମରୁ ଫେରି ବଗିଚ୍ଛ କରୁଛି, ଲାଇବ୍ରେରୀରେ ଭଲେଣ୍ଟିଅରିଂ କରୁଛି । ତଥାପି ସମୟ ବଳୁଛି । ଦିନ ତ କଟି ଯାଉଛି କୌଣସି ମତେ, ରାତି ମନେ ହେଉଛି ଅସରନ୍ତି । ପ୍ରତିଦିନ କାନ ଡେରି ରହିଛି ଶୁଣିବାକୁ ମା ଡାକକୁ । ମନେ ପଡୁଛି, ବାହା ହୋଇ ଆସିଲା ବେଳେ ବୋଉ କହିଥିଲା, "ସମୟ ବଡ ବଳବାନ । ସମୟ କ୍ରମେ ସବୁ କଥା ଦେହ ସୁହା ହୋଇଯାଏ । ଦୁଃଖ ଦୁଃଖ ପରି ଲାଗେନି । ଖୋଜିବାର କାରଣ ବି କେତେବେଳେ ଭୁଲି ହୋଇଯାଏ । ଅନନ୍ତା ଚନ୍ଦ୍ରାକଲା, ସିଏ ଖୁସି ହେବ । ଆଖିରୁ ଝରିବ ତାର ଖୁସିର ଲୁହ । ଲୁହକୁ ଧରି ରଖିବାର ବୃଥା ପ୍ରୟାସର ଆବଶ୍ୟକତା ପଡିବନି । ସମୟ କଥା କହିବ, ମାଆର ମମତାର ଗୁଣ ଗାଇବ ।

ଏଲକରିଜ, ମେରିଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ଚିଲିକା – ଏକ ଅନନ୍ୟ କାବ୍ୟର ନାୟିକା



ମଧୁସ୍ମିତା ପଟ୍ଟନାୟକ

ମରାଳ ମାଳିନୀ ନଳାମ୍ବୁ ଚିଲିକା
ଉତ୍କଳର ତୁହି ସ୍ବରୁ ଅଳଙ୍କାର...
ଉତ୍କଳ ଭୁବନେ ଶୋଭାର ଭଣ୍ଡାର
ଲେଖିଥିଲେ ତତେ ଦେଖି କବିବର ।
ରହ ରହ କ୍ଷଣେ ବାଷ୍ପୀୟ ଶକଟ
ଦେଖିବି ଚିଲିକା ସ୍ବରୁ ଚନ୍ଦ୍ରପଟ...
ତୋର ଅପରୁପ ରୁପରାଜିକୁ ଦେଖି
ବିମୋହିତ ହୋଇଥିଲେ ଉତ୍କଳର ମଣି ।
କବି ଲେଖିଥିଲେ ଦିନେ...
ଧୀରେ ଧୀରେ ନାଆ ବାହିବୁ ନାଉରୀ
ଝିଅ ଯିବ ଶାଶୁଘର...



ସେଇ ଝିଅ ଆଜି କାଳିଜାଈ ରୁପେ
କେଉଁ କାଳୁ ରହି ଆସିଛି ତୋ ବକ୍ଷେ
ବଢାଇ ଅଭୟର ହାତ... ।
ସକାଳ ସୁରୁଜର ସୁନେଲି କିରଣେ
ତୋର ଜଳରାଶି ହୋଇ ଉଠେ ସ୍ବର୍ଣ୍ଣମୟ
ମାଛଧରା ନାଆ ତୋ ନୀଳ ତରଙ୍ଗେ
ଭାସିଯାଏ ନାଚ ନାଚ ।
ବହୁଦୂର ଉଡି ଆସନ୍ତି କେତେ ଯେ ବିହଙ୍ଗ
ଖେଳନ୍ତି ତୋ କୋଳେ ହୋଇ ଦଳବଳ

ସେହି ବିହଙ୍ଗଙ୍କ କାକଳରେ ପର୍
ପୁରିଉଠେ ଚଉଦିଗ ।
ଦୂର ଦିଗବଳୟରୁ ଉଙ୍କିମାରେ
ପାରିକୁଦ ଆଉ ମାଲୁଦର ଦ୍ୱୀପ...
ସାଲେରି ଭ୍ଲେରୀ ସହ
ମାମୁଁ ଭଣଜା ପାହାଡର ପାଦ ଦେଶ
ରହିଛି ତୋର ସେଇ ଅତି ପରିଚତ ନଳବଣ...
ଚେଢେଇଗୁହା ପାହାଡର ଧବଳ ଧୂସର ବର୍ଣ୍ଣ
ଅସ୍ତଗାମୀ ସୂରୁଜର ଲ୍ଲିମାରେ
ନବବଧୂର ରୂପ ଧରି
ତୁ ସୃଷ୍ଟି କରୁ ମନଲୋ୍ଭ ଦୃଶ୍ୟ ।
ତୋ ବକ୍ଷରେ ଲେଖାଅଛି କେତେ ଇତିହାସ
ଜଗତର ନାଥ ଜଗନ୍ନାଥଙ୍କଠୁ ନେଇ
ଓଡିଆ ପୁଅର ନୌବାଣିଜ୍ୟ ପର୍ଯ୍ୟନ୍ତ ଗାଥା
ଅଟୁ ତୁ ମୂକସାକ୍ଷୀ ସେ ସବୁର ।
ଜୀବନ ଜୀବିକା କେତେ ଯେ ବିଭବ...
ହେଲେ କୁଚକ୍ରୀଙ୍କ ଚକ୍ରବ୍ୟୁହ ମଧ୍ୟେ
ବଳ ପଡିଛି ଆଜି ତୋହର ମମତା
ଜୀବନ ଜିଇଁବା ପାଇଁ
ଭ୍ଗ ଭ୍ଗ କରିଗ୍ଲଲିଛନ୍ତି ତତେ ।
ଆଉ ଏବେ ତୁ ପାଲଟି ଯାଇଛୁ
ଅନନ୍ୟ କାବ୍ୟର ନାୟୀକାରୁ
ଏକ ପର୍ାସ୍ତ ନାୟିକା
ହର୍ାଇ ତୋ ପୁରୁବ ଗୌରବର ଗାଥା ।



ଦେବି ଏଣ୍ଟରପ୍ରାଇଜର୍ସ, ନ୍ୟୁ କଲୋନୀ,
କପିଳାସ ରୋଡ, ରାୟଗଡା, ଓଡିଶା

# କଳାପାହାଡ



ହିମାଂଶୁ ଶେଖର ବାରିକ୍

ଅତୀତର ସେହି କଳଙ୍କିତ କାଳ
କଳାପାହାଡର ଅପ୍ରମିତ ବଳ
ଭୁଲଣ୍ଠିତ କଲା ଗୌରବ ଉତ୍କଳ
ଲୁଟି ବଇଭବ ହୋଇଲା କଙ୍ଗାଳ ॥
ଓଡିଆ ଜାତିର ପ୍ରାଣର ଠାକୁର
ଲୁଚଲେ ସାଗରେ ଭୟରେ ତାହାର
ତଥାପି ଛାଡିଲା ନାହିଁ ସେ ପାମର
କଇତବ କରି କରିଲା ଉଦ୍ଧାର ॥
ଠାକୁରଙ୍କୁ ବାନ୍ଧି ରଜ୍ଜୁରେ ଘୋଷାରି
ନେଇଗଲା ସାଥେ ସୀମାନ୍ତର ପାରି
ଓଡିଆର ଦେହେ ନ ଥିଲା ଜୀବନ
ପିତୁଳାର ସମ କଲେ ବିଲୋକନ ॥
ସେ କଳାପାହାଡ ଯାଇଅଛି ମରି
ଓଡିଆର ଭୟ ଯାଇନାହିଁ ସରି
ଓଡିଆର ଭାଷା ଓଡିଆ ସଂସ୍କୃତି
କଲେଣି ପାଷାଣ୍ଡ କେତେ ଯେ ବିକୃତି ॥
ଭୟରେ ଓଡିଆ ଉଠାଉନ ସ୍ୱର
ଆସିବ କି କଳାଗ୍ରହ ପୁନର୍ବାର
କରିବ ଧର୍ଷଣ ଲୁଟିବ ବୈଭବ
ମାନବ ରକ୍ତରେ ନଦୀ ବୁହାଇବ ॥

ନଉ ଏ.ଜି. କଲୋନୀ,
ନୟାପଲ୍ଲୀ, ଭୁବନେଶ୍ୱର

# ରଶ୍ମି-ରଞ୍ଜନ



ପ୍ରତିଭା ପ୍ରିୟଦର୍ଶିନୀ

ସହରର ପୁରୁଣା ବସତି ଯେଉଁଠି ସରେ, ସେଇଠି ଆରମ୍ଭ ହୁଏ ଏଇ ଛୋଟିଆ ହ୍ରଦଟିର ପରିଧି। ତା'ରି କୂଳରେ ପାର୍କ ଟି ର ଅବସ୍ଥିତି। ଖୁବ୍ ସବୁଜ ସୁନ୍ଦର। ସହରର ମୁଖ୍ୟ ବସତି ଠାରୁ ଦୂରରେ ବୋଲି ଏଠିକି ଆପାତତଃ କମ ଲୋକହିଁ ଆସନ୍ତି। ରଶ୍ମିର ସବୁଠୁ ପ୍ରିୟ ସ୍ଥାନ ଥିଲା ଏକଦମ୍ ଶେଷ କୋଣରେ ଝଙ୍କାଳଆ ଗଛ ଓ ହ୍ରଦ ପାଣିର ବ୍ୟବଧାନରେ ଥିବା ସିମେଣ୍ଟ ବେଞ୍ଚଟି। କେଉଁ ଆଦିମ ଋଷିଟିଏ ଭଳି ଠିଆ ହେଇଥାଏ ଗଛଟା। ଜଟାଜୁଟ ସମ ଲମ୍ବିଥିବା ଝୁଲନ୍ତା ଶାଖା ଗୁଡିକ ହ୍ରଦ କୂଳଆ ମଖମଲି ପବନରେ ଅହରହ ଦୋଳାୟମାନ। ସେଇଠି ବସି ରଶ୍ମି ନିଜ ନିଃସଙ୍ଗ ଜୀବନରୁ କିଛି କ୍ଷଣ ହଜାଇଦିଏ ପ୍ରକୃତି କୋଳରେ। ତା'ର ସେଇ ନିରୋଳା ଆଉ ଏକାନ୍ତ ଆଧିପତ୍ୟ ଥିବା ଅଞ୍ଚଳରେ ସେଦିନ ଜଣେ ଭଦ୍ରବ୍ୟକ୍ତିଙ୍କ ଅଯାଚିତ ଅନୁପ୍ରବେଶ ଦେଖି ମନେମନେ ବିରକ୍ତ ହେଉଥିଲା ରଶ୍ମି। ଫେରିଯାଇ ଅନ୍ୟତ୍ର ବସିବ ଭାବିଲା ବେଳକୁ ଦେଖିଲା ଭଦ୍ରବ୍ୟକ୍ତି ଜଣଙ୍କ ଚହ୍ନା ଚହ୍ନା ଲାଗିଲେ। ପାଟିରୁ ସହସା ବାହାରିଗଲା "ରଞ୍ଜନ!!".... ସେ ମଧ୍ୟ ବିସ୍ମିତ ହେବା ପୂର୍ବରୁ ଖୁସିରେ ପ୍ରତି ଅଭିବାଦନ କଲେ "ଆରେ ରଶ୍ମି!!"

ଏଇ ଥିଲା ରଞ୍ଜନ ଓ ରଶ୍ମି ଙ୍କ ଦୀର୍ଘ ୨୧ ବର୍ଷ ପରେ ପ୍ରଥମ ସାକ୍ଷାତ। ଦୁହେଁ ସ୍କୁଲ ଓ କଲେଜର ପ୍ରଥମ ଦୁଇବର୍ଷ ଏକାଠି ପାଠ ପଢିଥିଲେ। ସେତେବେଳେ ସେମିତି ଘନିଷ୍ଠ ବନ୍ଧୁତା ନଥିଲା, କିନ୍ତୁ ଏବେ ପିଲାଦିନ ସାଥି ଜଣେ ଅମୂଲ୍ୟ ଉପହାରଟିଏ ମନେହୁଏ। ରଞ୍ଜନ ଆରମ୍ଭରୁ ଭଲ ଛାତ୍ର। ଏବେ ପ୍ରଶାସନିକ ଅଧିକାରୀ। କିଛିଦିନ ପୂର୍ବେ ଏଇ ସହରର ସବ୍ କଲେକ୍ଟର ଭାବେ ବଦଳି ହୋଇ ଆସିଛନ୍ତି। ବର୍ଷର ମଝି ସମୟରେ ପିଲାଙ୍କ ପାଠପଢା ବ୍ୟାଧିତ ହେବବୋଲି ପରିବାର ଏବେବି ପୂର୍ବ କର୍ମସ୍ଥଳୀରେ। ସ୍ତ୍ରୀ ସ୍ମିତା ଓ ଦୁଇ ସନ୍ତାନଙ୍କୁ ନେଇ ତାଙ୍କ କ୍ଷୁଦ୍ର ସୁଖମୟ ସଂସାର।

ରଶ୍ମିର ଭାଗ୍ୟ କିନ୍ତୁ ବିପରୀତ। ମାତ୍ର ୨୧ ବର୍ଷ ବୟସରେ ନିଜ ପସନ୍ଦରେ ବିବାହ କରିଥିଲା। ଅପରିପକ୍ୱ ବୟସରେ ମଣିଷ ଚିହ୍ନିବାରେ ଠକିଗଲା ରଶ୍ମି। ସେଇ ଭୁଲ୍ ପାଇଁ ଢ଼େର ବେଶି ମୂଲ୍ୟ ଦେବାକୁ ପଡିଛି ତାକୁ। ଶାଶୁଘର ଲୋକ ଅନେକ ନିର୍ଯ୍ୟାତନା ଦେଇଥିଲେ ଯୌତୁକ ପାଇଁ। ବାପଘର ପକ୍ଷ ମଧ୍ୟ ସମସ୍ତ ସମ୍ପର୍କ ଛିନ୍ନ କରିସାରିଥିଲେ। ବାପାଙ୍କ ଅସମୟ ମୃତ୍ୟୁ ପାଇଁ ଭାଇମାନେ ତା'ର ବିବାହ ନିଷ୍ପତ୍ତିକୁ ଦାୟୀ କରନ୍ତି। ବୋଉ ବି ଏକପ୍ରକାର ମୋହଛାଡି ମୁହଁ ବୁଲେଇ ନେଇଥିଲା। ତେବେ ସ୍ୱାମୀଙ୍କୁ ଅବଲମ୍ବନ କରି ବଞ୍ଚିବାର ଚେଷ୍ଟା କରୁଥିଲା। ସବୁକଷ୍ଟ ଲାଘବ କରିବା ପାଇଁ ଈଶ୍ୱର ତା କୋଳକୁ ଦେଇଥିଲେ କନ୍ୟାରତ୍ନଟିଏ। ମାମାଲି ଜନ୍ମ ପରେ ତା'ରି ମୁହଁକୁ ଚାହିଁ ରଶ୍ମି ସବୁ ଦୁଃଖ ଓ ନିର୍ଯ୍ୟାତନା ସହିଯାଉଥିଲା। କିନ୍ତୁ ସ୍ୱାମୀ ଯେବେ ହଠାତ୍ ଛାଡପତ୍ର ଦେଇ ଅନ୍ୟ ସ୍ତ୍ରୀ ର ହାତଧରିଲେ, ରଶ୍ମି ପାଲଟି ଯାଇଥିଲା ରେଖାଖଣ୍ଡଟିଏ। ଆଗ ପଛ ସବୁ ରାସ୍ତା ନିବୁଜ ଦିଶୁଥିଲା। ନିଜର ବିଖଣ୍ଡିତ ଅସ୍ତିତ୍ୱକୁ ସାଉଁଟି ଝିଅକୁ ନେଇ ଚାଲି ଆସିଥିଲା ଏଇ ଅପରିଚିତ ସହରକୁ। ଟ୍ୟୁସନ ଓ ଅନ୍ୟାନ୍ୟ ଛୋଟମୋଟ କାମ କରି ଚଳୁଥିଲା। ସମୟ ସହିତ ଧିରେ ଧିରେ ନିଜ ଗୋଡରେ ଠିଆ ହେଇଛି। ଝିଅକୁ ଭଲ ଶିକ୍ଷାନୁଷ୍ଠାନରେ ପାଠ ପଢାଉଛି। ପଢିବା ପାଇଁ ଅବଶ୍ୟ ପିଲାଟାକୁ ମା ପାଖ ଛାଡି କେତେଦୂରରେ, ହଷ୍ଟେଲ ରେ ରହିବାକୁ ପଡୁଛି। ସାରାଦିନର ପରିଶ୍ରମ ପରେ ଏକୁଟିଆ ଏଇ ପାର୍କରେ ନିଜ ଦେହମନକୁ ସତେଜ କରିନଏ ଆଗାମୀ କାଲି ପାଇଁ।

କଥାବାର୍ତ୍ତାର କ୍ରମ ଦିନୁଦିନ ଆଗେଇଲା ଦୁଇ ବାଲ୍ୟବନ୍ଧୁଙ୍କ ଭିତରେ। ଧିରେ ଧିରେ ପରସ୍ପର ସହ ସହଜ ହେଉଥିଲେ ରଞ୍ଜନ ଓ ରଶ୍ମି। ରଶ୍ମି ବିଷୟରେ ସବୁକିଛି ଜାଣିବା ପରେ ରଞ୍ଜନଙ୍କ ମନ ତା ପାଇଁ ଆର୍ଦ୍ର ହୋଇପଡିଥିଲା। ଅପରିଚିତ ସହରରେ ଦୁଇ ପରିଚିତ ବନ୍ଧୁ ନିଜ ନିଃସଙ୍ଗ ବେଳାକୁ ପରସ୍ପର ସାନିଧ୍ୟରେ ବିତାଇ ସୁଖି ହେଉଥିଲେ। ଅନ୍ତରଙ୍ଗତା ବଢୁଥିଲା ଦିନୁଦିନ। ସମ୍ପର୍କ ନିବିଡ ରୁ ନିବିଡତର ହେଉଥିଲା। ଦୁର୍ବାର ଆକର୍ଷଣର କ୍ଷୀଣ ଗୋଟେ ସୂତ୍ରରେ ବାନ୍ଧି ହେଉଥିଲେ ଦୁହେଁ। ପରିବାର ଠୁ ଦୂର ରଞ୍ଜନ ଓ ସମ୍ପୂର୍ଣ୍ଣ ନିସଙ୍ଗ ରଶ୍ମି ଏକ ନାମହୀନ ବନ୍ଧନରେ ବାନ୍ଧି ହେଇଗଲେ ମାସ ଦୁଇଟାରେ। ନାରୀ ଓ ପୁରୁଷ ମଧ୍ୟର ସେ ଆଦିମ ଇଚ୍ଛାର ଦୁର୍ବାର ଆକର୍ଷଣ ରୁ ନିଜକୁ ନିବୃତ୍ତ ରଖି ପାରିନଥିଲେ ସେମାନେ।

ରଶ୍ମିର ନାରୀତ୍ୱ ସବୁ ସ୍ନେହଁ, ପ୍ରେମ ଓ ମମତା ଅନାୟାସ ଓଜାଡି ଦିଏ ରଞ୍ଜନଙ୍କ ଠାରେ। ରଞ୍ଜନ ବି ନିଜ ସ୍ନେହଁ ପ୍ରେମରେ ସିକ୍ତ କରନ୍ତି ରଶ୍ମିର ସ୍ନେହଁ କାଙ୍ଗାଳୀ ମନକୁ। କିନ୍ତୁ ମଝିରେ ମଝିରେ ସ୍ପଷ୍ଟ ଜଣାଇଦିଅନ୍ତି, "ଦେଖ ରଶ୍ମି, ମୁଁ ଏକୁଟିଆ ଥିବାଯାଏଁ ସବୁ ଠିକ୍ ଅଛି। କିନ୍ତୁ ମୋ ପରିବାର ଏଠିକୁ ଆସିବା ପରେ ମୋ ଠାରୁ ବେଶୀ ଆଶା ରଖିବନି।" ରଶ୍ମି ପ୍ରାୟତଃ ସ୍ମିତହସି ଚୁପ୍ ରହେ। ଥରେ କହିଥିଲା, "ରଞ୍ଜନ, ମୁଁ ମଧ୍ୟ ଜାଣେ ଆମ ଏଇ ବିବାହୋତ୍ତର ସମ୍ପର୍କର ବାଧ୍ୟବାଧକତା ଓ ଆମ ସାମାଜିକ ଦାୟିତ୍ୱ। ବିଶ୍ୱାସ ରଖ, ତୁମ ଯୁଗ୍ମଜୀବନରେ ମୋ ଯୋଗୁଁ କୌଣସି ସମସ୍ୟା ଆସିବ ନାହିଁ। ମୋ ଏକୁଟିଆ ଜୀବନ ଦେହଜ ସୁଖଠୁ ବେଶି ଖୋଜେ ଆତ୍ମୀୟତା। ଯଦି ସେତିକି ଦେବା ସମ୍ଭବ ହୁଏ ତୁମପକ୍ଷେ ମୁଁ କୃତଜ୍ଞ ହେବି। ଯେତିକି ସୁଖ ଦେଇଛ, ସାରା ଜୀବନ ଋଣି ରହିବି।" ସେଦିନ ରଶ୍ମିକୁ ନିଜ ବହଳ ଆଶ୍ଳେଷରେ ବନ୍ଦୀ କରୁକରୁ ରଞ୍ଜନ କହୁଥିଲେ, "ତୁମପ୍ରତି ସ୍ନେହଁ କି ଆଉ କମ୍ ହେଇପାରେ ଏଇ ଜୀବଦ୍ଦଶାରେ!!"

ଖରାଛୁଟି ରେ ସ୍ମିତା ପିଲାମାନଙ୍କ ସହ ରଞ୍ଜନଙ୍କ ପାଖକୁ ଚାଲିଆସିଲେ। ଏପଟେ ମାମାଲି ମଧ୍ୟ ହଷ୍ଟେଲ ରୁ ଆସିଥାଏ। ଉଭୟ ରଞ୍ଜନ ଓ ରଶ୍ମି ବ୍ୟସ୍ତ ରହିଲେ ନିଜ ନିଜ ଛୋଟିଆ ସଂସାରରେ। ଏଇ ଭିତରେ ମାସାଧିକ କଥାବାର୍ତ୍ତା କି ସାକ୍ଷାତ ହୋଇନଥାଏ ଦୁହିଁଙ୍କ ଭିତରେ। ମାମାଲି ହଷ୍ଟେଲ ଫେରିଗଲା ପରେ ଧିରେ ଧିରେ ରଶ୍ମିର ମନ ଖୋଜିହୁଏ ରଞ୍ଜନଙ୍କ ସହ ଛୋଟିଆ ସାକ୍ଷାତ ଆଉ କେଇପଦ ସ୍ନେହଁଭରା କଥା। ଢେର୍ ଦିନ ପରେ ହଠାତ ଦିନେ ଦେଖାହେଲେ ରଞ୍ଜନ। ରଶ୍ମି କିଛି କହିବା ଆଗରୁ ସେ ବାଟଭାଙ୍ଗି ଚାଲିଗଲେ। ପରେ ଫୋନରେ ଏତିକି କହିଲେ, "ସ୍ମିତାର ଦେହ ଭଲନାହିଁ, ସେକଥା ନେଇ ମୁଁ ବିବ୍ରତ। ତୁମେ ଆଉ ବ୍ୟସ୍ତ କରନି। ସ୍ନେହଁ, ପ୍ରେମ କି ଆନ୍ତରିକତା ଦେବାଭଳି ଅବସ୍ଥାରେ ମୁଁ ନାହିଁ।" ଏତକ ଶୁଣାଇ ସେ ଫୋନ ରଖିଦେଲେ। ରଶ୍ମି ନିର୍ବାକ କାନ୍ଦୁଥାଏ। ସେ'ତ ଏସବୁ ଭିତରୁ କିଛିହେଲେ ଚାହିଁନଥିଲା କି ମାଗିନଥିଲା। ସେ'ତ କେବଳ କେଇ ପଦ କଥା କହିବାକୁ ଏବଂ ତାଙ୍କୁ ମନଭରି ଦେଖିବାକୁ ଚାହୁଁଥିଲା। ତେବେ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟନେଇ ଏମିତି ବ୍ୟସ୍ତ ଅଛନ୍ତି । ତାଙ୍କୁ ଅଧିକ ଓ ଅଯଥା ବ୍ୟସ୍ତ କରିବା ଉଚିତ ହେବନାହିଁ।

ବେଶ୍ କେତେମାସ ବିତି ଗଲାଣି ଏ ଭିତରେ। ଆଜିକାଲି ରଞ୍ଜନ ରଶ୍ମିର ଭଲମନ୍ଦ ପଚାରିବାକୁ ମଧ୍ୟ ସମୟ କାଢିପାରନ୍ତି ନାହିଁ। ସ୍ମିତାଙ୍କ ଲାଗି ବ୍ୟସ୍ତ ରହନ୍ତି। ମନକୁ ଖୁବ୍

କଷ୍ଟ ହେଲେବି ରଶ୍ମି ବୁଝିପାରେ ତାଙ୍କ ପରିସ୍ଥିତି। ଯେବେ ରଶ୍ମି ଜାଣିଲା ଯେ ସ୍ମିତା ବୃକକ୍ ଜନିତ ସମସ୍ୟା ନେଇ ଅସୁସ୍ଥ ଏବଂ ପ୍ରାଣପ୍ରିୟା ପତ୍ନୀଙ୍କ କଷ୍ଟ ରେ ରଞ୍ଜନ ଅନେକ ଗୁଣ ଅଧିକ କଷ୍ଟ ପାଉଛନ୍ତି, ସେ ଗୋଟାଏ ବିଚିତ୍ର ନିଷ୍ପତ୍ତି ନେଲା। ନିଜ ପ୍ରିୟ ମଣିଷଟିକୁ ବ୍ୟଥିତ ଦେଖି ସେ ଚିନ୍ତାକଲା, ସାମାଜିକ ଭାବରେ ଏଇ ଜନ୍ମରେ ରଞ୍ଜନଙ୍କ ସହଚର୍ଯ୍ୟ ତାକୁ ମିଳିପାରିବନି। କିନ୍ତୁ ତାଙ୍କର ପ୍ରିୟ ମଣିଷମାନେ ସୁଖି ଆଉ ସୁସ୍ଥ ରହି ତାଙ୍କୁ ସ୍ନେହ, ପ୍ରେମ ଓ ଆତ୍ମୀୟତା ରେ ଆପ୍ୟାୟିତ କରିପାରିବେ। ତେଣୁ ସ୍ମିତା ସୁସ୍ଥହେବା ନିତାନ୍ତ ଜରୁରୀ।

ଏ ଭିତରେ ରଶ୍ମିର ସ୍ୱାସ୍ଥ୍ୟ କ୍ରମଶଃ ଅଧିକ ରୁ ଅଧିକ ଖରାପ ହେବାକୁ ଲାଗିଲା। ବୃକକ ଦାନ କରିବା ପରେ ଆବଶ୍ୟକୀୟ ଯତ୍ନ ଓ ଦେଖାଶୁଣା ର ଅଭାବରେ ଏକୁଟିଆ ରଶ୍ମି ନିଜକୁ ସମ୍ଭାଳୁଥାଏ। ଆଗପଛକୁ କେହିନାହିଁ ଝିଅକୁ ଛାଡିଦେଲେ। କୌଣସି ଅଘଟଣ ପାଇଁ ସମସ୍ତ ପ୍ରସ୍ତୁତି କରିବାରେ ଲାଗିପଡିଲା ରଶ୍ମି। ନିଜର ଯକିଞ୍ଚିତ ଜମାପୁଞ୍ଜି ଥିଲା ସେସବୁ ଝିଅ ନାଁ ରେ କରିଦେଇଥିଲା। ହେଲେ ପିଲାଟାକୁ ଏବେ ୧୮ ବର୍ଷ ହୋଇନି, ତେଣୁ ଜଣେ ଅବିଭାବକ ଆବଶ୍ୟକ। ବହୁ ସନ୍ତର୍ପଣରେ ରଞ୍ଜନଙ୍କୁ ଅନୁରୋଧ କଲା। ସେ ଏକଥା ଶୁଣୁ ଶୁଣୁ ଚହିଙ୍କିଗଲେ। ସେ ଭାବିନେଲେ ରଶ୍ମି ଏସବୁ ଜାଣିଶୁଣି କରୁଛି ତାଙ୍କଠାରୁ ସହାନୁଭୂତି ତଥା ସ୍ମିତା ଭଳି ସ୍ନେହ ପ୍ରେମ ପାଇବା ଲାଳସାରେ। ଖୁବ୍ ବିରକ୍ତିରେ ଗାଳି ବି ଦେଲେ। ନିରାଶ ରଶ୍ମି ଶେଷରେ ରାଧାକୃଷ୍ଣ ମଠର ମହନ୍ତଙ୍କୁ ସେ ଦାୟିତ୍ୱ ଦେଲା। ସ୍ମିତାଙ୍କ ଅସ୍ତ୍ରୋପଚାର ହୋଇସାରିବା ପରେ ସେ ଏବେ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି। ରଞ୍ଜନ ବି କୌଣସି ଅବହେଳା କରିନାହାନ୍ତି। ଦିନେ ସ୍ମିତାଙ୍କୁ ନେଇ ପାର୍କ ଯାଇଥିଲେ। ଚିର ପରିଚିତ ସେଇ ବେଞ୍ଚ ଦେଖି ମନେପଡିଲା ରଶ୍ମି। ଫୋନ୍ କଲେ। ଦୁଇଦିନ ଯାଏଁ କୌଣସି ଯବାବ ମିଳିଲା ନାହିଁ। ମନକୁ ଖଟକିଲା ଏକଥା। ରଶ୍ମି ପୁଣି ତାଙ୍କୁ ଜବାବ ଦେବନି, ଅସମ୍ଭବ ଏକଥା। ହୁଏତ ଝିଅ ପାଖକୁ ଯାଇଥିବ।

ତୃତୀୟ ଦିନ ଅଫିସ୍ କୁ ଫୋନ୍ ଆସିଲା, ଜଣେ ମହିଳାଙ୍କ ମୃତ ଦେହ ପୋଲିସ ଗ୍ରହଣ କରି ବ୍ୟବଚ୍ଛେଦ କରିବାକୁ ପଠାଇବାକୁ ଚାହେଁ, କିନ୍ତୁ ଡାକ୍ତରଖାନା କର୍ତ୍ତୃପକ୍ଷ ଙ୍କ ଅନୁସାରେ ସେହି ମହିଳା ଅଙ୍ଗଦାନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ତେଣୁ ଶବ ସେମାନଙ୍କୁ ପ୍ରଥମେ ହସ୍ତାନ୍ତର କରାଯାଉ। ଅଙ୍ଗଦାନ ସମ୍ପର୍କିତ ମହିଳାଙ୍କ ଚୁକ୍ତିର କୌଣସି କାଗଜପତ୍ର ନମିଳିବାରୁ ସମାଧାନ ର ବାଟ ବାହାର କରିବାକୁ ରଞ୍ଜନଙ୍କୁ ଡକାଯାଇଥିଲା।

ଘଟଣାସ୍ଥଳରେ ପହଞ୍ଚି ଯାହା ଦେଖିଲେ, ଲାଗୁଥିଲା ଆକାଶଟା ତାଙ୍କ ଉପରେ ଛିଣ୍ଡି ପଡୁଛି ଖଣ୍ଡ ଖଣ୍ଡ ହୋଇ। ରଶ୍ମି ର ଶବକୁ ନେଇ ଏ ବିବାଦ, ଯାହାର ସମାଧାନ ତାଙ୍କୁ କରିବାକୁ ହେବ। ଈଶ୍ୱରଙ୍କର ଏ କ କ୍ରୁର ପରିହାସ? ଡାକ୍ତରଙ୍କ ଠାରୁ ଜାଣିଲେ, ରଶ୍ମିର ବୃକକ ଯୋଗୁଁ ସ୍ମିତା ଆଜି ସୁସ୍ଥ। ଏବଂ ଦାନ ପରେ ସଠିକ ଯତ୍ନ ଅଭାବରେ ରଶ୍ମି ଅକାଳରେ ଗ୍ଚଲିଗଲା । ଆସନ୍ନ ମୃତ୍ୟୁଲାଗି ନିଜକୁ ପ୍ରସ୍ତୁତ କରୁଥିବା ସେଇ ସନ୍ତାନ ବତ୍ସଳା ମା ଟି ଭରସା ର ହାତଟେ ଖୋଜୁଥିଲା ଛୁଆଟି ସାବାଳକା ହେବାଯାଏଁ। କେତେ ତିରସ୍କାର ଓ ଭର୍ତ୍ସନା କରି ନାସ୍ତିବାକ୍ୟ ଶୁଣେଇଥିଲେ ସେ ରଶ୍ମିକୁ।

ସ୍ମିତା ଜୀବନ ବଞ୍ଚାଇବାକୁ ଯିଏ ନିଜ ଜୀବନର ବାଜି ଲଗାଇଦେଲା, ତା କଷ୍ଟ ସମୟରେ ପାଖରେ ଠିଆ ହେବାର ସାମାନ୍ୟ ମାନବିକତା ଦେଖାଇ ପାରିଲେନି ରଞ୍ଜନ। ନିଜକୁ ଯେତେ ଧିକ୍କାରିଲେ ମଧ୍ୟ, ଅବଶୋଷର ସହସ୍ର ଗ୍ଳାନି ପୁଣିଥରେ ମୃତ ଶରୀରରେ ଜୀବନ ଫୁଙ୍କିଦେଇ ପାରିବନି। ଅଙ୍ଗଦାନ ପରେ ପୋଷ୍ଟମର୍ଟମ କରିବାପାଇଁ ଫଇସଲା ଶୁଣାଇ ଦେଇ ସେ ସିଧା ଘରକୁ ଫେରିଗଲେ। ତାଙ୍କ ନିଃସଙ୍ଗ ଦିନଗୁଡିକୁ ଦେହ, ମନ ଓ ସ୍ନେହଁ ପ୍ରେମ ଦେଇ ସୁଖଦ କରିଥିବା ରଶ୍ମି କଥା ଭାବି ଭାବି ଅସ୍ତଗାମୀ ସୂର୍ଯ୍ୟଙ୍କ ଉପରେ ଦୃଷ୍ଟି ସ୍ଥିର କରିଥାଆନ୍ତି ରଞ୍ଜନ। ଛାତି ରୁନ୍ଧି ବାହାରୁଥାଏ ଅପରାଧବୋଧର କେତେ ଦୀର୍ଘଶ୍ୱାସ। ନିଜ ସ୍ୱାର୍ଥପରତା କୁ ଧିକ୍କାର କରି କାନ୍ଦି ଉଠୁଥିଲା ତାଙ୍କ ଭିତରର ପ୍ରେମିକ ପୁରୁଷଟି। ଗଭୀର ଦୁଃଖ ଓ ପଶ୍ଚାତାପର ଦୁଇଟୋପା ଉଷୁମ ଲୁହ ଝରିପଡିବା ବେଳେ ପଛରୁ ସ୍ମିତା ଆସି ସୋହାଗରେ ତାଙ୍କୁ ବାହୁ ବନ୍ଧନୀରେ ବନ୍ଦୀ କରୁ କରୁ, କପାଳରେ ଓଠ ରଖି କହୁଥିଲେ, "ଦେଖନା, ଏଇ ସନ୍ଧ୍ୟାଟା କେତେ ରୋମାଣ୍ଟିକ!" ତାଙ୍କୁ କୋଳକୁ ଭିଡି ଆଣିବା ପରେ ରଞ୍ଜନ ଆଶ୍ଚର୍ଯ୍ୟ ହେଉଥିଲେ ସ୍ମିତା ଭିତରେ ରଶ୍ମିକୁ ଦେଖି। ସତରେ କେତେ ଭଲ ମଣିଷ ଟିଏ ଥିଲା ରଶ୍ମି। ଯେତିକି ଦିନ ବଞ୍ଚିଲା, ଦେଇ ଦେଇ ନିସ୍ୱ ହୋଇଗଲା। ସ୍ନେହଁ ରଙ୍କୁଣୀ ଝିଅଟା, ସ୍ନେହଁ ଆଦର ଟିକଏ ପାଇଁ ଝୁରିହେଇ ଶେଷରେ ଏମିତି ମୃତ୍ୟୁକୁ ଲଭିଲା ଯେ ଶବକୁ ମଧ୍ୟ ଉଚିତ ସମ୍ମାନ ମିଳିଲାନି। ପଶ୍ଚାତାପ ଓ ଅବଶୋଷ କରୁ କରୁ ରଞ୍ଜନ ମନେ ମନେ କହୁଥିଲେ, "ତୁମର ଏଇ ସ୍ୱାର୍ଥପର ନିର୍ଦ୍ଦୟ କ୍ୟୁପିଡ୍ କୁ କ୍ଷମା କରିଦେବ ରଶ୍ମି......"

ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

# ତୁମ ପାଇଁ



ପ୍ରଦେଶ କୁମାର ପ୍ରଧାନ

ବଡ ଦାଣ୍ଡେ ତୋର
ପତାଇଛି ହାତ
ପାଇବାକୁ ଦରଶନ,
ପହଡ ପକାଇ
ବସିଛୁ ନଷ୍ଟିନ୍ତେ
ହେ ମୋର କଳାବଦନ ।

ପର୍ଣ୍ଣ ପକ୍ଷୀଟା
ଉଡିଯିବ ଯେବେ
ହେବୁ ତୁହି ଲୋକହସା,
ଆସିଛି ମୁଁ ଛାଡି
ତୋର ଭରଷାରେ
ମୋର ଟୁଆଁ ଟୁଇଁ ବସା ।
କାହିଁକି ଜାଣେନା
ବିଶ୍ୱାସ ମୋହର
ପଡିଯାଏ କ୍ଷଣେ ବନ୍ଧା,
ଜଳକା ଦିଶୁଛି
ସଂସାରଟା ମୋତେ
ତୁହି ପର୍ ଭାବେ ଛନ୍ଦା ।

ଲହ ଲହ ଜିହ୍ୱା
କରି କାଳ ଆସି
ଦ୍ୱାରେ ମୋର କରେ ରଡି,
ପ୍ରିୟ ତୋ ମୋହର
ଦଇବ ବି ମୋର
ତୁହି ମୋର ଆଶା ବାଡି ।
ଶିକ୍ତ ହୃଦୟରେ
ଗୃହିଁ ମୁଁ ବସିଛି
ନେବୁ ଦିନେ ମୋତେ ତୋଳ,
ନିଃଶ୍ୱାସ ମୋହର
ନାମ ତୁମ ଗାଏ
ତୁମ ପାଇଁ ହେ ବନମାଳୀ ।

ନଇଗୁଆଁ, ଅସ୍ତରଙ୍ଗ, ପୁରୀ

# ଦୂରେଇ ଯା



ଶମ୍ଭୁନାଥ ଦାସ

ଦୂରେଇ ଯା'.....ଦୂରେଇ ଯା'ରେ ପାଷଣ୍ଡ
ବିଜ୍ଞାନର କୋଣ-ଅନୁକୋଣରେ ବ୍ରହ୍ମାଣ୍ଡ
ଦେଖିବୁ ତୁ ସେଠି କଏ ଉଙ୍କି ମାରୁଥିବ
ମଥା ତୋର ବ୍ୟଥା ହେବ ଚକ୍ଷୁ ମୁଦିଯିବ ।

ଦୂରେଇ ଯା'....ଦୂରେଇ ଯା'ରେ କାମାନ୍ଧ
ପଲ୍ଲିଘରେ ଗେଲ୍ଲୀ ଭଗ୍ନୀ ଭିକ ମାଗୁଥିବ
ଭିକ୍ଷା ନେଇ ବାବୁକୋଳେ ଅଭିସାରୁଥିବ
ସେ ଦୃଶ୍ୟରେ ତୋ' ଚେତନା ଗଳତ ହୋଇବ ।



ଦୂରେଇ ଯା'....ଦୂରେଇ ଯା'ରେ ତସ୍କର
କାହିଁ ପାଇଁ ସଂସାରକୁ କରୁଛୁ ଶ୍ରୀହୀନ
ସମୁଦ୍ରରେ ଭରପୂର ମୋତି ଓ ମାଣିକ
ସେ ସମ୍ପଦେ ରାତାରାତି ହେବୁ ତୁ ବଣିକ ।

ଦୂରେଇ ଯା'....ଦୂରେଇ ଯା'ରେ ହିଂସୁକ
ତୋ' ପାଇଁ ମାଟି ଆମ ହାରିଛି ମହକ
ପ୍ରୀତି ଅଇନାରେ ପଢିନେ କଜ ମୁଖବନ୍ଧ
ସୁଖ-ଦୁଃଖ ଏକାକାରେ କୋଡୁଥିବେ ମୁଣ୍ଡ ।

ଦୂରେଇ ଯା'....ଦୂରେଇ ଯା'ରେ ଦୁର୍ବୃତ୍ତ
ପରୀକ୍ଷାଗାରରେ ପରଖି ନେ' ତୋର କେଉଁ ରକ୍ତ
ସେ ରକ୍ତରେ ପିଚକାରି କାହାର ଆସକ୍ତ
ତା' ପାଦପଦ୍ମରେ ଲୋଟି ଯା' ହୋଇ ତୁ ବିନୀତ ।

ଦୂରେଇ ଯା' ପାଷଣ୍ଡ....ଦୂରେଇ ଯା'ରେ କାମାନ୍ଧ
ଦୂରେଇ ଯା' ତସ୍କର....ଦୂରେଇ ଯା'ରେ ହିଂସୁକ
ଦୂରେଇ ଯା' ଦୁର୍ବୃତ୍ତ ସର୍ବେ ଏ ଧରାର କଳଙ୍କ
ତୁମେ ଗଳାପରେ ଶଙ୍ଖୋଳବୁ ଆମେ ଧରାବକ୍ଷ ।

ମୁଖ୍ୟ ସଂପାଦକ-"ଅଭିଯାନ",
ବିଶ୍ୱଲକ୍ଷ୍ମୀତାଲା ରୋଡ, କୋଲକତା

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ମଦ ର୍କ୍ଷସ ...



ସୁବଳ ମହାପାତ୍ର

ଆଜି ଦେଶ ବାହାରେ ରହୁଥିବା ଓଡିଆଙ୍କୁ କେବଳ ବିଦେଶୀ ଭ୍ବରେ ଚହ୍ନିତ କର୍ ଯାଉଛି ତା ନୁହେଁ, ର୍ଜ୍ୟ ବାହାରେ ରହୁଥିବା ଓଡିଆଙ୍କୁ ମଧ୍ୟ ଏକ ଟଙ୍କା ମେସିନ ବୋଲି ଭ୍ବୁଛନ୍ତି । ମଦ କେତେ ଯେ ଲ୍ୋକଙ୍କୁ କବଳତ କରିଛି ଏହା ନଜେ ନ ଦେଖିଲେ ଜାଣି ହେବନ । ଅଷ୍ଟମ, ନବମରେ ପଢୁଥିବା ପିଲ୍, ବୟସ ୧୪/୧୫ ଭିତରେ, ସେମାନେ ବି ମଦ ପିଇବା ଆରମ୍ଭ କଲେଣି । ଯୁଆଡେ ଯାଅ, “ଭ୍ଇନା, ୧୦୦ ଦଉନ” ଶୁଣି ଶୁଣି ନଜ ଉପରେ ଘୃଣା ଆସୁଛି । ଦୋକାନ, ବଜାର, ଚହ୍ଲା, ଜଣା, ବନ୍ଧୁ, ବାନ୍ଧବ, ପାଖ ପଡୋଶୀଙ୍କ ବ୍ୟବହାରଅ ଆଶ୍ଚର୍ଯ୍ୟଜନକ, କେବଳ ୧୦୦ ଟଙ୍କା ପାଇଁ । ୧୦୦ ଟଙ୍କା ପାଇଲେ ଆଉ କଛି ମିଶେଇ ଏ ଓଳ ମଦ ଖର୍ଚ୍ଚ ବାହାରି ଯିବ । ପୁରୁଣା ସାଙ୍ଗମାନଙ୍କୁ ଦେଖି ଖୁସି ହେବା ବଦଳରେ ଆଗ ଶୁଣିବାକୁ ପଡୁଛି, “ମଗା ଗୋଟେ ଛୋଟିଆ ଟେ”, ତା ପରେ ଗପିବା । କ ହୀନବୁଦ୍ଧି ।

ଆମ ପୂର୍ବ ପୁରୁଷ ବୀର ଥିଲେ । ଏ ଜାତି ବୀର ଥିଲ୍ । ଆମ୍ସମ୍ମାନ ପାଇଁ ଜୀବନକୁ ବାଇ ଲଗେଇଥିଲ୍ ଏ ଓଡିଆ ଜାତି । ଆଜି**?** ମଦ ଭିକାରିର ଜାତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଘରେ ସ୍ତ୍ରୀ ଚୁର୍ ଲୁଗା ଖଣ୍ଡେ ପିନ୍ଧି ଲଜ୍ୟା ନବାରଣକୁ ଅକ୍ଷମ ଥିବାବେଳେ, ସ୍ୱାମୀ ହଜାର ହଆର ଟଙ୍କା ପିଇବାରେ ଖର୍ଚ୍ଚ କରୁଛି । ମଦ, ଉଆ ଆଜି ଗରିବ, ଧନୀ, ସ୍କୁଲ, କଲେଜ ଠୁ ଆରମ୍ଭ କରି ଇଞ୍ଜିନୟରିଂ ପିଲ୍ଙ୍କୁ କବଳତ କରି ରଖିଛି । କେତେ ଯେ ଚ୍ୋରି, ଡକାୟତି, ଲୁଟ, ଚେନ୍ ଛୀନତାଇ ପରି ଘଟଣା ଆଜି ନତିଦିନଆ । କାହାର ବି ଚନ୍ତା ନାହିଁ । ଗୋଟିଏ ଘଟଣା ବାରମ୍ବାର ଘଟିଲେ ଦେହସୁହା ହେବାପରି ଆଜି ଏ ସବୁ ଜିନଷ ସବୁ ଦେହସୁହା । ସରକାର କରୁଛି କହି ଚୁପରେ ବସି ଯାଉଛନ୍ତି । ଭଗବାନ, ଚକାଡୋଳା ଭରସା କହି ଚୁପ୍ ।

ଉଠ ଉଠ ଆରେ ଉତ୍କଳ ସନ୍ତାନ,
ଉଠିବୁ ତୁ ଆଉ କେତେ ଦିନେ ।
ପୂରୁବ ଗୌରବ ପୂରୁବ ମହିମା,
ପଡୁନାହିଁ କରେ ତୋର ମନେ ।

ହୋସରେ ଥିଲେ ସିନା ମନେ ପଡିବ? ଆଇ ସମସ୍ତେ ମଦ ପିଇ ନଶାରେ, କଏ ମନେ ପକେଇବ ଓ କାହିଁକି?

ଜନ୍ମ ହେଉ ହେଉ ଆଜି ପିଲା ପଇସା ରୋଜଗାର କରୁଛି । ୬୦୦୦ ଟଙ୍କା ସରକାର ଦେଉଛି । ଖାଇବା ପାଇଁ ଟଙ୍କିକଆ ଗୃଉଳ, ସ୍କୁଲରେ ସାଇକେଲ୍, ଲାପଟପ୍, ମଧ୍ୟାହ୍ନ ଭୋଜନ, ଇନ୍ଦିରା ଆବାସ, ବେକାରୀ ଭତ୍ତା, ବାର୍ଦ୍ଧକ୍ୟ ଭତ୍ତାରୁ ଆରମ୍ଭ କରି ମୃତ୍ୟୁ ପରେ ହରିଶ୍ଚନ୍ଦ୍ର ଯୋଜନା ଯାଏ, ସବୁ ସରକାର ଦେଉଛି । କାମ କରିବା କଣ ଦରକାର । ମଦ ପଇସା ଆଜି ୟାଠୁ, କାଲି ତା ଠୁ ହେଲେ ହେଲା । କଛି ନହେଲେ, ବାପା ମାଙ୍କୁ ବାଡେଇଲେ ସେମାନେ ଦେବେ । ଆତି ଆଇ ହୀନବୀର୍ଯ୍ୟ, ଅକର୍ମଣ୍ୟ ହୋଇସାରିଛି ।

ଗୃଷୀ କଣ ପାଇଁ ଗୃଷ କରିବ? ଟୋକାମାନେ ଏତେ ସୁବିଧା ପାଇଲା ପରେ ଗୃଷକୁ ନା କହି ମଦର କବଳରେ । ମିଛରେ ଧୋଇ, ମରୁଡିରେ ଫସଲ ନଷ୍ଟବୋଲି କହି ଋଣ ଛାଡର ଫାଇଦା ହାତଉଛନ୍ତି । ବୟସ୍କ ଗୃଷୀ ନା ଉଚତ ପାରିଶ୍ରମିକ ପାଉଛି ନା ଭଲ ବିହନ । ଯଦି ଅବା ଫସଲ ଭଲ ହେଲା, ଦି ପଇସା ହାତକୁ ଆସିଲେ, ଭେଣ୍ଡିଆ ପୁଅ ଡରେଇ, ଧମକେଇ ନେଇ ମଦ ପିଇବ । କ ଦୁର୍ବୁଦ୍ଧି!

ଲାଞ୍ଚ, ମିଛ ରେ ଏ ଜାତି ଆଇ ଭରପୁର । କଛି କରିବାକୁ, କହିବାକୁ ଗୃହିଁଲେ ବି ଗୃରିପଟୁ ଲୋକ ମାଡି ଆସୁଛନ୍ତି ଶତ୍ରୁ ଭାବି । ଏ ଜାଗାରେ, “ଆପେ ବଞ୍ଚିଲେ ବାପାର ନାଁ” ନ୍ୟାୟରେ ଖସିଯିବାହିଁ ବୁଦ୍ଧିମାନର କାମ ପରି ଲାଗୁଛି ।

ତେବେ ବେଳେ ବେଳେ ଘରର ମାଇକନାମାନେ ହାତରେ ଠେଙ୍ଗା ଧରି ମଦ ଦୋକାନ ଭାଙ୍ଗିବାର ଭଲ ଖବର ବି ଆସୁଛି । କନ୍ତୁ ଯେଉଁଠି ସରକାର ଗୃହୁଁନ୍, ସେଠି ଗୁଣ୍ଡୁଚ ମୂଷା

ଯେତେ ବାଲି ପକେଇଲେ କଣ ଗୋଟେ ପୋଲ ତିଆରି ହୋଇପାରିବ ଶ୍ରୀଲଙ୍କା ଯାଏ?
ବୋଧହୁଏ ନାଁ।

ସବୁଦିନ ମଦ ପିଇ ଘରକୁ ଫେରୁଥିବା ସାଙ୍ଗ ମାନଙ୍କୁ ଦେଖି ହୃଦୟ କାନ୍ଦେ|

କହିଲେ, ଯୁକ୍ତି ହୁଏ।
ଗାଲୁ ରେ ପେଟ ପୁରେ।
ପକେଟ ରୁ ଅନ୍ତଃ ସତ୍ତ୍ୱେ ୧୦୦ ଯାଏ।
ନଦେଲେ ଗାଳି ମିଳେ।
ସୁଣ୍ଡା ର ଉପାଧି ମିଳେ।

**ଆଉ କଛି ସମୟ ପରେ...**

ସେମାନେ ଟାଙ୍କି ଫୁଲ କରି,
ଆଖି ଲାଲ କରି,
ବୋଲ ମାନୁ ନଥିବା ଗୋଡ ଗୁଡିକୁ
ଘୋଷାରି ଘୋଷାରି,
ଅସଭ୍ୟ ଭାଷା ରେ କହୁଥିବା କଥା ଗୁଡିକ
କାନ ରେ ବାଜେ।
ସେଥିରେ ତୁମ ପ୍ରତି ଥିବା ଦୋଅକ୍ଷରି ତିନ ଅକ୍ଷରି ଗୁଡିକ ଶୁଣି ନିଜ ପ୍ରତି ଘୃଣା ଆସେ।
ରାସ୍ତା ରେ ଯାଉଥିବା ଗାଡି ଆଗରେ ଠିଆ ହୋଇଯିବାପାଇଁ ମନ କହେ।

ପୁଣି, କଛି ସମୟ ପରେ,
ନାଳ ଉପରେ ପଡିଥିବା ସାଙ୍ଗଟିକୁ ଦେଖି ଅଟକ ଯାଏ,
ମୁହଁ ଉପରେ ମାଛି ଭଣ ଭଣ,
ପେଣ୍ଟ ର ବୋତାମ ଖୋଲା,
ସାର୍ଟ ପଛ କାଦୁଅ ରେ ଭର୍ତି ,
ଆଉ ପାଟିରୁ ଗଁ ଗଁ ଶବ୍ଦ ଶୁଣି ପଛକୁ ଗ୍ଲହେଁ।
ଫେରିଯାଏ ସ୍କୁଲ ଜୀବନକୁ।
ଏଇ ପିଲା, ଦିନେ ପ୍ଲାକାର୍ଡ ଧରି ରାସ୍ତା ଉପରେ ଗ୍ଲଲିଥିଲା ,
ମଦ ବିରୋଧ ରେ ସ୍ଲୋଗାନ ଦେଇ ...

ଗାନ୍ଧୀନଗର, ଗୁଜରାଟ

# ବରଷା ରାଣୀଲୋ
# ବରଷା ରାଣୀ



ସୁମିତ୍ରା ରାଉଳ

ବରଷା ରାଣୀଲୋ ବରଷା ରାଣୀ

କେତେ ଯତନେ ତତେ ଗଢ଼ିଛି ବିଦ୍ଧାଣୀ

ଆସୁ ଧରା ଧାମେ ତୁହି କରି ରୋଷଣୀ

ଘଡଘଡି ବାଜା ବିଜୁଳି ଆଲୋକ ଆଣି

ତୋ ପରଷ ପାଇ ନାଚ ଉଠେ ପ୍ରକୃତିରାଣୀ

ବରଷା ରାଣୀଲୋ ବରଷା ରାଣୀ । ୧ ।



ବୃକ୍ଷଲତା ରାଜି ପାଆନ୍ତି ଜୀବନ

ହସି ଉଠେ ସଂସାର କଲେ ତୁହି ଜଳଦାନ

ଶ୍ରାବଣରେ ଧରାପୃଷ୍ଠେ କରୁ ଆଗମନ

ଶସ୍ୟଶ୍ୟାମଳା ହୁଏ ଚତୁର୍ଦ୍ଦିଗ ନାଚ ଉଠେ ମନ

ନିଦାଘ ଉତ୍ତାପ ସହି ନ ପାରିଣ

ଚାହିଁଥାଏ ତୋ ବାଟକୁ ଚାତକୀ ନୟନ । ୨ ।

ଯୂଇ ଜାଇ ମାଳତୀ ଫୁଟି ଉଠନ୍ତି ହସି

ଗାଁ ଦାଣ୍ଡେ ଯାଏ କାଗଜ ଡଙ୍ଗା ଭାସି

ବେଙ୍ଗ ବେଙ୍ଗୁଲି ରାବନ୍ତି ଓଳ ତଳେ ବସି

ଖୁଦୁରୁକୁଣୀ ଓଷା କରନ୍ତି ଗାଁ ଝିଅ ମିଶି

ତୋ ଆଗମନେ ହସିଉଠେ ବ୍ୟାକୁଳତ ଚାଷୀ

ଇନ୍ଦ୍ରଧନୁ ସାତରଙ୍ଗ ଆକାଶେ ଯାଏ ଦିଶି ।୩।

କଳାମେଘ ଦେଖି ଗଗନେ ନାଚ ଉଠେ ମୟୂରୀ


ନଦୀ ପୋଖରୀ ସର୍ବେ ଯାଆନ୍ତି ପୂରୀ

ତୁ ଅଟୁ ଏକା ଜଗତ ହିତକାରୀ

ଦୁଃଖ ସହି ନ ପାରି ବରଷାଉ ବାରି

ନାଲି ଗୁଲୁ ଗୁଲୁ ସାଧବ ବୋହୂ ଆସେ ବାହାରି

ସୁନ୍ଦର ଦିଶେ ଏ ପୃଥିବୀ ପିନ୍ଧି ସବୁଜ ଶାଢୀ। ୪ ।



ବରଷା ରାଣୀ ଲୋ ବରଷା ରାଣୀ

ଆସୁଥା ଏମିତି ତୁ ଟାଣି ଓଢଣୀ

ଜଳଧାର ତୋର ଅଟେ ପାବନୀ

ହସୁଥାଉ ଏ ଧରା ଦିବସ ରଜନୀ

ତୋ ପାଖରେ ଏ ସାରା ଜଗତ ଋଣୀ

ବରଷା ରାଣୀ ଲୋ ବରଷା ରାଣୀ । ୫ ।

ବାଗସାହି , ପ୍ରୀତିପୁର, ଯାଜପୁର

"ବେଦାନ୍ତୀର ଡିସେମ୍ବର ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ନଭେମ୍ବର ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com"

# ଅନାସ୍ଥାର ଜୟ



କାଳକଙ୍କର

କଳାହାଣ୍ଡିଆ ମେଘକୁ ଘରଭିତରେ,
ବାହାରେ, ହାଟରେ ବାଟରେ, ସ୍କୁଲ କଲେଜରେ
ଗାଁରେ, ସହରରେ, ନେତା ମନ୍ତ୍ରୀଙ୍କ ସଭାରେ
ଜାତି ସଂଘର ସଭାଗୃହରେ ଦେଖି ଭୟ ଲାଗୁଛି ଯେ
ଗଳାରେ ଦଉଡି ଦେଇ, କମ୍ବା ରେଳ ଲାଇନରେ ଶୋଇ
ଜହର ଖାଇ, ବମିଖାଲ ଓଭରବ୍ରିଜ ତଳେ ଗୃପିହୋଇ
ଆତ୍ମହତ୍ୟା କରିବାର ସଉକ ପାଳୁଛି
ଅନାସ୍ଥାର ଜୟ ବୋଲି ମୋ ଛାତି ଆଉ ପ୍ୟାଂଟ ପକେଟରେ
ଅଲେଖା ଥିବା କାଗଜ ଭିତରେ କଏ ପୁଣି
ଲେଖି ଯେ ଯାଇଛି ।

ଭୋକରେ କେତେକାଳୁ ଛୁଆ ବିକ୍ରୀ ଝିଅ ବିକ୍ରୀ ମାଇପର ବିକ୍ରୀ
କଳାହାଣ୍ଡିରୁ କେତେଦୂର କେତେବାଟ ଆଫ୍ରିକୀୟ ଦେଶ
ମାଆ ପୁଣି ନାଗଡାର ମୂଲ୍ୟକୁ ବୁଝୁନ
ଶୁଖିଲ୍ ଥନକୁ ତାର ଛୁଆଟିର ପାଟିରେ ଠେଲୁଛି
ବିକଳରେ ପ୍ରଦ୍ୟୁମ୍ନ ଚକ୍ରାର କଲ୍ ରକ୍ଷାକର ବୋଲି
ପୋଲିସକୁ, ପଲିସିକୁ, ରାଜା ପ୍ରଜା ସଭିଏଁ ଗଭୀର ନଦେ
ମଥୁରାର କାରାଗାରେ ବନ୍ଦୀ କେତେକାଳୁ
ଅସଂଖ୍ୟ ଦେବକୀ ଆଉ ବସୁଦେବ ଆଖି ସାମ୍ନାରେ
ମୃତ୍ୟୁ କେତେ ଆପଣାର ନରିଦୟ କଲିଜାରେ ଜର
ମୋ ଘର ଶିରିଖେନ୍ର ଅତିପାକ୍ଷ ଯେ ଭୁବନେଶ୍ୱର ।।

ବଉଳା ଗାଈକୁ ମନା ଦେବନାହିଁ ତା ଥନରୁ କ୍ଷୀର
ବାରମାଣ ଜମି ମୋର ନୁଖୁର୍ ଯେ ଅନେକ ଦିନରୁ
ପେଟରେ କେମିତି କଣ ରୋଗଟିଏ ଘାଇଲ୍ କରୁଛି
ଯେମିତି ଉତରର କୋରିଆ କ ପାକସ୍ତାନ, ଚୀନ
ତା ଭିତରେ ଅଣୁ ପରମାଣୁ କମ୍ବା ହାଇଡ୍ରୋଜେନ ବୋମା
ନତିଦିନ ଅନାୟାସେ ପରୀକ୍ଷା କରୁଛି
ଶବରୀ ତ କେଉଁଯୁଗେ ଶ୍ରୀରାମଙ୍କୁ ଦେଇଥିଲ୍ ଅଇଁଠାର ଫଳ
ଯେତେକଷ୍ଟେ ସଂବିଧାନ ଯିଏ ରଚଥାଉ
ତାର ସବୁ ଅକ୍ଷରରେ ଝଡିପୋକ ଡେଣା ଝାଡୁଅଛି
କାଶ୍ମୀର ହେଉ କଳାହାଣ୍ଡି ସବୁଠାରେ
କ ସୁନ୍ଦର ଅନାସ୍ଥାର ଜୟ ଶୁଭୁଅଛି ।।

କୃଷ୍ଣଙ୍କର ସୁଦର୍ଶନ ରାମଶିବ ଧନୁ
କେତେ କାଳୁ କେହିକେବେ କମାରର ଶାଳକୁ ନେଇଛି ?
ଦେବୀ ଦଶଭୁଜା ଦୁର୍ଗା ନରୂପାୟ ଅନାଦି କାଳରୁ ଦଶହସ୍ତେ
ଶତାସ୍ତ୍ରକୁ ଗତ କରି ଦୂର କେଉଁ ପାହାଡ ସେପାରେ
ଏ ଯୁଗର ପୁରୁଷଙ୍କୁ ପାଗଳ କ ପାରଙ୍ଗମ ଭାବି
କେତେ ନାରୀ ଧର୍ଷଣର ସିନ୍ଦୂର ନାଉଁଛି ରକ୍ତରେ ଯନ୍ତ୍ରଣାରେ
ଏଠି ସବୁ ମୋ ଭଳ ଅଲୋଡ଼ା ଏ ସମାଜର କବି
ଆସ୍ଥାକୁ କବର ଦେଇ ଅନାସ୍ଥାର ଜୟ ହିଁ କହୁଛି
ତଥାପି ମୋ ସ୍ୱପ୍ନସବୁ କଳାହାଣ୍ଡି ମେଘଦେହୁ
ମୁକ୍ତହୋଇ ସୁରୂଜର ବାଟକୁ ଦେଖୁଛି ।।

ସୌଭାଗିନୀ, ରଟିଲୋ, ରେଂଚ,ପୁରୀ



# ଏକ ସଂନ୍ଧ୍ୟାର ବୃତାନ୍ତ

ଅଶୋକ ବିଶ୍ବାଳ

ସେମାନଙ୍କ ପାସିଙ୍ଗ ଆଉଟ ପ୍ୟାରେଡରେ ତରୁଣ ଜବାନମାନେ ନାଚ ନାଚ ଗୀତ ଗାଆନ୍ତି। ଆଗରେ ଆରମ୍ଭ ହୋଇଯିବ ପ୍ରକୃତ ଦୁନଆ । ଆଜି ଶେଷ ଥର ପାଇଁ ସମସ୍ତେ ସାଥି ହୋଇ ଗୀତ ଗାଆନ୍ତି । ଜଣେ ତାଳ ବଜାଇ ଗାଆନ୍ତି ଆଉ ଅନ୍ୟମାନେ ନାଚ ନାଚ ତାଳ ଦିଆନ୍ତି।

ସେମିତି କଛି ବାଜା ନଥାଏ ।
ଏକ ଖୁବ ସୁରତ ଲଡକ ଥି
ଉସକୋ ଦେଖକେ ଗ୍ଇଫଲମ୍ୟାନ
ଛନ୍ଦି ଖୃଚନା ଭୁଲଗୟା
ହାବଲଦାର ମେଜର ଦେଖଲିୟା
ଉସକୋ ପିଟ୍ଟୁ ଲଗାୟା ।

ବଦଲୁଗ୍ମ ଏକ ସିପାହୀ ଥା
ଜାପାନ ଓ୍ୟାର ମେଁ ମରଗୟା
କ୍ୱାର୍ଟର ମାଷ୍ଟର ସ୍ମାର୍ଟ ଥା
ଉସନେ ଗ୍ସନ ନକାଲ୍ ।

ବଦଲୁ ଗ୍ମ କା ବଦନ ଜମିନ କେ ନୀଚେ ହୈ
ତୋ ହମେ ଇସକା ଗ୍ସନ ମିଲତା ହୈ ।

ସାବାସ୍ ହଲେଲୁୟା
ସାବାସ୍ ହଲେଲୁୟା ।

ଶିଲଂର ହାପି ଭ୍ୟାଲି ପ୍ୟାରେଡ ଗ୍ରାଉଣ୍ଡରେ ଆସାମ ରାଇଫଲସର ପାସିଙ୍ଗ ଆଉଟ ପ୍ୟାରେଡର ଗୀତ ଅବିନାଶର ମନେ ପଡିଗଲା । ଅତି ସାଧାରଣ ଗୀତ । କିନ୍ତୁ ଜବାନ ମାନେ ନିଜ ଗାଇବା ଶୈଳୀ ବାହାର କରିଛନ୍ତି । ଶୁଣିବାକୁ ଭଲ ଲାଗେ ।

ଏହା ଏକ ସତ ଘଟଣା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଘଟଣା । ଆସମ ରାଇଫଲସର ଜବାନ ବଦଲୁ ରାମ ଜାପାନୀ ମାନଙ୍କ ସହ ଯୁଦ୍ଧରେ ଶହୀଦ ହୋଇଗଲେ । ଯୁଦ୍ଧର ଗୋଳମାଳ ଭିତରେ କିନ୍ତୁ କମ୍ପାନୀର କ୍ୱାର୍ଟର ମାଷ୍ଟର ତାଙ୍କ ନାମ କାଟିବାକୁ ଭୁଲିଗଲେ । ତାଙ୍କ ନାମରେ କମ୍ପାନୀକୁ ରେସନ ମିଳୁଥିଲା । ଆଉ କମ୍ପାନୀରେ ସେହି ରେସନକୁ ସାଇତି କରି ରଖି ଦିଆଯାଉଥିଲା । ଏମିତି କିଛି ମାସର ରେସନ ଜମା ହୋଇଗଲା ।

ଜାପାନୀମାନଙ୍କ ସହ ମିତ୍ରସେନାର ଘମାଘୋଟ ଲଢାଇ ଚାଲିଥାଏ । ଆସାମ ରାଇଫଲସର ଜବାନ ମାନଙ୍କୁ ଜାପାନୀ ସେନା ଘେରି ଗଲେ । ସେମାନେ ସବୁ ଯୋଗା ଯୋଗ ରାସ୍ତା ବନ୍ଦ କରିଦେଲେ । ଆଉ କିଛି ରେସନ ବା ଖାଦ୍ୟ ପଦାର୍ଥ ଆସି ପାରିଲା ନାହିଁ । ଏହି ସମୟରେ ବଦଲୁ ରାମଙ୍କ ନାମରେ ଥିବା ରେସନ ବଡ କାମରେ ଆସିଲା । କିଛି ମାସର ରେସନ ଯୋଗୁ ଆସାମ ରାଇଫଲସର ଜବାନ ମାନେ ବଂଚଗଲେ । ଯଦି ସେହି ଖାଦ୍ୟ ନଥାନ୍ତା ସେମାନେ ଭୋକରେ ମରିଥାନ୍ତେ ବା ଜାପାନୀ ମାନଙ୍କ ପାଖରେ ଆତ୍ମ ସମର୍ପଣ କରିଥାନ୍ତେ ।

ଆସାମ ରାଇଫଲସର ମୃତ ଜବାନ ପାଇଁ ଏତେ ଜବାନ ବଂଚଗଲେ । ତାଙ୍କ ସ୍ମୃତିରେ କମ୍ପାନୀର ଗୀତ ତିଆର ହେଲା ।

ଅବିନାଶ ଆସାମ ରାଇଫଲସ ମେସର ସ୍ମୃତି ଚିହ୍ନ ମାନଙ୍କୁ ଦେଖି ଚାଲୁଥିଲା । ସେମାନେ ଯେ ଲୁଶାଇ ପର୍ବତ ମାଳାର ରକ୍ଷକ । ଭାରତ ବର୍ମା ସୀମାର ପଟକାଇ ପର୍ବତ ମାଳାରୁ ଅନେକ ଛୋଟ ପର୍ବତ ଶ୍ରେଣୀ ବାହାରି ଯାଇଛି । ଏମାନେ ସେଠି ପହରା ଦିଅନ୍ତି । ସବୁବେଳେ ସଂଘର୍ଷ ଲାଗି ରହିଛି । ଜୀବନ କେବେବି ସାଧାରଣ ହୁଏନ ଏମିତି ଯାଗାରେ।

ସଂନ୍ଧ୍ୟାରେ ଆସାମ ରାଇଫଲସର କ୍ୟାମ୍ପରେ ବହୁତ ଗହଳ ଚହଳ ଥିଲା । ପୁରୁଣା କମାଣ୍ଡିଙ୍ଗ ଅଫିସର ବିଦାୟ ନେବେ, ନୂଆ ଅଫିସର ଚାର୍ଜ ନେବେ । ଅବିନାଶ କେମିତି ସେଦିନ ସେମାନଙ୍କ ଗହଳକୁ ଚାଲିଯାଇଥିଲା । ଏକ ସୁନ୍ଦର ପରିବେଶ ତିଆରି କରାଯାଇଥିଲା । ତଳ ରାସ୍ତାରୁ ବିଦାୟ ସମାରୋହ ସ୍ଥଳ ପର୍ଯ୍ୟନ୍ତ ଲାଲ କାର୍ପେଟ ବିଛା ଯାଇଥିଲା । ପାହାଡି ଅଂଚଳ, ତଳ ରାସ୍ତାରୁ ଅନେକ ଉପରେ ବସିବାର ସ୍ଥାନ । ଚାରିପଟେ ସାମିଆନା, ସୁନ୍ଦର କପଡାରେ ବାଡ ଘେରା ଯାଇଥିଲା । ଅବିନାଶ ପହଂଚିଲା ବେଳକୁ ସମାରୋହ ଆରମ୍ଭ ହୋଇଯାଇଥିଲା । ବାହାରେ ଆସାମ ରାଇଫଲସର ବ୍ୟାଣ୍ଡପାର୍ଟି ଗୀତର

ସୁର ତୋଳ ଧରୁଥିଲେ । ସେମାନଙ୍କ ଭଲଭାବେ ସଫା କରା ଯାଇଥିବା ବାଦ୍ୟଯନ୍ତ୍ରମାନ ଲାଇଟରେ ଚକ୍ ଚକ୍ କରୁଥିଲା । ଧୀରେ ଧୀରେ ସେମାନେ ସୁର ତୋଳ ଧରିଲେ । ଖୁବ ମଧୁର ସୁର । ବାହାରେ ଅଳ୍ପ ଥଣ୍ଡା, ଧୀରେ ଧୀରେ ପବନ ବୋହୁଥିଲା। ଖୋନସାର ପାହାଡ ସବୁ ଖୁବ ଥଣ୍ଡା ହୋଇ ନଥିଲା । ଏମିତି ବି ଖୋନସାର ପାହାଡ କେବେବି ଧଳା ଚାଦରରେ ଘୋଡେଇ ହୋଇ ଯାଉନ । କନ୍ତୁ ଶୀତ ମାସରେ ସାଙ୍କୁଡି ମକଚ ହୋଇଯାଏ ।

ଅବିନାଶ ଭିତରକୁ ଗଲା । ଖୁବ ଲମ୍ବା କୋଠରୀ । ଅନେକ ସୋଫା ପଡିଥିଲା, ଆସାମ ରାଇଫଲସର ଅଫିସର ମାନେ ଧାଡି ଧାଡି କରି ବସିଥିଲେ । ଆସାମ ରାଇଫଲସ ଗୃହ ମନ୍ତ୍ରାଳୟ ନିୟନ୍ତ୍ରଣରେ, ଆର୍ମି ଠାରୁ ଅଲଗା । ସେମାନଙ୍କର ମୁଖ୍ୟ କାମ ବର୍ମା, ବର୍ତ୍ତମାନର ମାୟାନମାର ସୀମାନ୍ତରେ ସଂନ୍ତ୍ରାସବାଦୀମାନଙ୍କୁ ଧରିବା । ବର୍ମା ସୀମାନ୍ତ ଜଗିବା ସେମାନଙ୍କର କାମ । ସେମାନଙ୍କର ଅଫିସରମାନେ ସବୁ ବୟସର, ଆର୍ମିରୁ ଡେପୁଟେସନରେ ଆସିଥିବା ଅଳ୍ପ ବୟସର କ୍ୟାପଟେନ, ମେଜରଠାରୁ ଆରମ୍ଭକରି ଆସାମ ରାଇଫଲସର ନିଜ ସିପାହୀରୁ ପ୍ରମୋସନ ପାଇଥିବା ସୁବେଦାର ମେଜର ପର୍ଯ୍ୟନ୍ତ ଅଫିସର ଅଛନ୍ତି । ସୁବେଦାର ମେଜର ପାହ୍ୟାର ଅଫିସର ମାନେ ବୟସ୍କ, ପଚାଶରୁ ଅନେକ ଅଧିକ ବୟସ୍କ । ଆସାମ ରାଇଫଲସରେ ଅବସରର ବୟସ ଅଠାବନ ବା ଷାଠିଏ । ଆର୍ମିରେ ଅନେକ କମ ।

ଏକ ସୁବେଦାର ମେଜର ପୁରୁଣା ଅଫିସରଙ୍କ ପାଖରେ ବସିଥିଲେ, ବୟସ୍କ ଲୋକ, ଆସାମ ପ୍ରଦେଶର, ଶରୀର ପତଳା । ପୁରୁଣା ଅଫିସର ଆର୍ମିର, କର୍ଣ୍ଣେଲ ପାହ୍ୟାର, ସେନାର ଏଲାଇଟ ପାରାଟ୍ରୁପ କାମାଣ୍ଡୋ ୟୁନଟରୁ ଡେପୁଟେସନରେ ଆସିଥିଲେ । ପାରାଟ୍ରୁପ କମାଣ୍ଡୋ ମାନେ ଭାରତ ପାକସ୍ଥାନ ସୀମାରେ ନିଯୁକ୍ତ, ଆତଙ୍କବାଦୀଙ୍କ ପାଇଁ ଯମ ସଦୃଶ । ସେମାନଙ୍କ କବଳରୁ ଖସି ଯାଇଥିବା ଲୋକ କମ । ସେମାନେ ଅନ୍ୟ କମାଣ୍ଡୋ ମାନଙ୍କ ଠାରୁ ଅନେକ ଅଧିକ ଅସାଧ କାମ କରି ପାରନ୍ତି । ପାରା କମାଣ୍ଡୋମାନେ ଅନ୍ୟ କମାଣ୍ଡୋ ମାନଙ୍କ ଠାରୁ ବହୁ ଗୁଣରେ ଶ୍ରେଷ୍ଠ ।

ସେମାନଙ୍କର ପୁରୁଣା ଅଫିସର ଖୁବ ମଜାଳଆ ଲୋକ, ଖୁସି ମେଜାଜର । ସେ ଅନ୍ୟମାନଙ୍କ ଭଳ ସବୁଜ ରଙ୍ଗର କୋଟ ପିନ୍ଧିନଥିଲେ। ଧଳା ରଙ୍ଗର ସାର୍ଟ, ସେଥିରେ ଲାଗିଥିଲା ଏକ ଷ୍ଟିଲର ଆସାମ ରାଇଫଲସର ସଙ୍କେତ ବା ଲୋଗୋ । ଜେସିଓ ବା ଜୁନଅର କମାଣ୍ଡିଙ୍ଗ ଅଫିସର ମାନେ ସମସ୍ତେ ସବୁଜ ରଙ୍ଗର କୋଟ ପିନ୍ଧିଥିଲେ ।

ଆମେ ପଞ୍ଝା ଲଢିବା, ପ୍ରଥମେ ଆପଣଙ୍କ ସହ- କମାଣ୍ଡିଙ୍ଗ ଅଫିସର ପାଖରେ ବସିଥିବା ବୟସ୍କ ପତଳା ସୁବେଦାର ମେଜରଙ୍କୁ କହିଲେ ।

ଠିକ ସାବ୍- ସୁବେଦାର ମେଜରଙ୍କ କଣ୍ଠରେ ଆଗ୍ରହ ।

ସେମାନେ ପାଖରେ ଥିବ ଟେବୁଲକୁ ସଫା କରିନେଲେ। କର୍ଣ୍ଣେଲ ନଜର ସାର୍ଟକୁ ଟିକେ ଉଠାଇ ନେଲେ। ସୁବେଦାର ମେଜରଙ୍କ କୋଟ ସେମିତି ଥିଲା । ସେମାନେ କାର୍ପେଟ ଉପରେ ଆଣ୍ଠେଇ ପଡିଲେ, ନଜର ଡାହାଣ ହାତକୁ ଟେବୁଲ ଉପରେ ରଖିଲେ, ବାମ ହାତ ମାନ ଅଂଟା ପଛପଟେ ପଛକୁ ବୁଲିଯାଇଥିଲା ।

ସେମାନେ ଅନେକ ସମୟ ଧରି ପଞ୍ଝା ଲଢିଲେ । କାହାର ହାତ ନଉଁ ନଥିଲା ।

ଅବିନାଶକୁ ମଜା ଲାଗୁଥିଲା, ଏତେ ବୟସ୍କ ଲୋକ ଦେହରେ ଏତେ ଶକ୍ତି ଅଛି । ବୁଢା ସୁବେଦାରଙ୍କ ମୁହଁରେ ସାମାନ୍ୟ ଟେନସନ ଦେଖାଯାଉ ନଥିଲା ।

ଅବିନାଶ କାନ୍ଥରେ ଲାଗିଥିବା ଚତ୍ରମାନଙ୍କୁ ଗ୍ରହିଁଲା । ପାହଡ ପ୍ରଛଦପଟରେ ଥିଲା, ତା ଉପରେ ଏକ ମାନଚତ୍ର ମୋଟା କଲମରେ ଅଙ୍କା ଯାଇ ଥିଲା । ତା ଭିତରେ ସେନାନୀର ଅଧିନାୟକ ମାନଙ୍କ ପ୍ରତିଛବି ବେଶ ଫୁଟି ଉଠୁଥିଲା । ରୈଖିକ ମାନଚତ୍ରର ବାହରରେ ଆସମ ଋଇଫଲସର ଜବାନମାନଙ୍କ ଚତ୍ରଥିଲା । ପାହାଡ ମାଳା ଭିତରୁ ଅଙ୍କା ବଙ୍କା ଗାରରେ ତିଆରି ହୋଇଥିବା ଅଂଚଳ ସେମାନଙ୍କର ଜଗିବାର ସ୍ଥାନକୁ ଦେଖାଉ ଥିଲା । ଏହି ଜବାନ ମାନେ ଏଠିକାର ପାହାଡର ରକ୍ଷା କରୁଛନ୍ତି ।

ଆମ କର୍ଣ୍ଣେଲ ଏକ ଶକ୍ତିଶାଳୀ ପାଓ୍ବାରପର- ପାଖରେ ବସିଥିବା ମେଜର ନାୟାର କହୁଥିଲେ । ତାଙ୍କର ଆକ୍ଷି ସେହି ଚତ୍ର ଉପରେ ଲାଗି ରହିଥିଲା । ସେଠି ତାଙ୍କର ଏବେକାର କମାଣ୍ଡିଙ୍ଗ ଅଫିସରଙ୍କ ଚତ୍ର ସୁନ୍ଦର ଭାବେ ଫୁଟି ଉଠିଥିଲା । ବେଶ ଶକ୍ତିଶାଳ ଲୋକ ଲାଗୁଥିଲେ । କ୍ଲୀନ ଶେଭଡ୍ ମୁହଁ । ଆଖି ଉପରେ ଏକ ଗୋଲେଡେନ ଫ୍ରେମର ଚଷମା ।

ତାଙ୍କର ଶରୀରର ବଳଲା ବଳଲା ହାତ ଦେଖନ୍ତୁ । ତାଙ୍କ କବଳରୁ ଖସି ଯାଇଥିବା ଲୋକେ ନାହାନ୍ତି ।- ସେ କହୁଥିଲେ ।

ସେ ଜାଣି ଜାଣି ସୁବେଦାର ମେଜରଙ୍କ ସହ ଲଢୁଛନ୍ତି । ସୁବେଦାରଙ୍କ ମନ ଖୁସି ହେବ, ନଜର ବସ ତାଙ୍କୁ ଏତେ ସମ୍ମାନ ଦେଉଛନ୍ତି ।- ସେ ବତାଉଥିଲେ ।

ବୁଢା ଦେହରେ ଖୁବ ଶକ୍ତି, ଏବେ ଟାଇ, ଆମେ କେହି ହାରିଲେନ- କର୍ଣ୍ଣେଲ ହସି କରି କହିଲେ, ନଜର ହାତ ହଟାଇନେଲେ । ତାପରେ ସେମାନେ ନଜ ନଜ କୁର୍ସୀକୁ ଫେରିଗଲେ ।

ଅବିନାଶକୁ ତାଙ୍କର ବ୍ୟବହାର ବହୁତ ଭଲ ଲାଗିଲା । ନଜର ଅଧସ୍ତନ କର୍ମଗ୍ଯରୀଙ୍କୁ କେମିତି ଖୁସି କରାଯାଏ ସେ ଜାଣିଛନ୍ତି । ଯୁଦ୍ଧରେ ଏକ ସାହାସୀ ନାୟକର ଆବଶ୍ୟକ । ଯେତେବଡ ଯୋଦ୍ଧା ହେଲେ ମଧ୍ଯ ନଜେ ସମସ୍ତଙ୍କ ସହ ଲଢି ପାରିବେ ନାହିଁ । ତାଙ୍କ ପାଇଁ ତାଙ୍କର ଜବାନ ମାନେ ଜୀବନକୁ ପାଣି ଛଡେଇ ଲଢିବେ । ତେଣୁ ସେ ଜବାନ ମାନଙ୍କର ଜୀବନର ସୁଖର, ଦୁଃଖର ଅଙ୍ଗ ହେବା ଆବଶ୍ୟକ । ସେମାନଙ୍କ ଆବେଗ, ଭାବ ପ୍ରବଣତାର ଅଧିନାୟକ, ଖାଲି ଅସ୍ତ୍ର ଧରିଥିବା ମଣିଷର ନୁହଁ । ତେବେତ ସେ ଅଧିନାୟକ ଭାବରେ ପରିଚତ ହେବେ ।

ଗାଁକୁ ଗଲେ ମୋତେ ଲୋକେ ବୁଢା କହିବେ, ଆରେ ଗାଁ ବୁଢା ଆସି ଗଲେଣି- ସୁବେଦାର ମେଜର କେହି ନପଗ୍ଯରିଲେ ବି ନଜକୁ ନଜେ କହି ହେଲେ ।

ଇଲେକଟ୍ରିକ ଲାଇଟରେ ତାଙ୍କର ମୁହଁ ହସ ହସ ଦେଖା ଯାଉଥିଲା । ବାଳ ଟିକେ ପାଚ ଗଲାଣି । ଚକ୍କଣ ଭାବେ ଖିଅର ହୋଇଥିବା ମୁହଁରେ ବୟସର ଛାପ ଆସିଲାଣି । ଏଇ ସାମାନ୍ୟ ସମ୍ବୋଧନ ତାଙ୍କର ମୁହଁରେ ଖୁସି ଆଣି ଦେଇଥିଲା । ଗାଁ ବୂଢା ଅର୍ଥ ଗାଁର ସବୁଠୁ ବଡ ବୟସ୍କ, ମୁଖିଆ ବ୍ୟକ୍ତି । ତାଙ୍କୁ ସମସ୍ତେ ସମ୍ମାନ କରନ୍ତି । ସେ ଜୀବନରେ ଉତଥାନ ପତନ ଦେଖିଛନ୍ତି, ଜୀବନରେ ହେଉଥିବା ଭୁଲ ଭଟକାକୁ ଭଲ ଭାବେ ଜାଣିଛନ୍ତି । ସବୁ କାମ ପାଇଁ ସାମାନ୍ୟ ଅନୁଭୂତିର ଆବଶ୍ୟକ ଥାଏ ।

ସମସ୍ତେ ହସିଲେ, ଆରେ ସତରେ ସୁବେଦାର ମେଜର ବୁଢା ହୋଇଗଲେଣି । ସମସ୍ତଙ୍କ ଆଖି ସୁବେଦାର ମେଜରଙ୍କ ଉପରେ ସ୍ଥିର ହୋଇ ଯାଇ ଥିଲା । ସେ ନଜର ମୁହଁ ଉପରେ ବାରମ୍ବାର ହାତ ବୁଲାଇ ଦେଉଥିଲେ । ମଝିରେ ମଝିରେ ସେବାକାରୀମାନେ ଆସି ଗ୍ଲାସରେ ମଦିରା ଭରି ଦେଉଥିଲେ, ଖାଇବା ପାଇଁ ଭିନ୍ନ ଭିନ୍ନ ସାମଗ୍ରୀ ଆସିଯାଉଥିଲା । ଅସରର ବୟସ ବଢୁଥିଲା ।

ଫୌଜରେ ମୁଁ ଜବାନ, ଫୌଜିଙ୍କୁ ସମସ୍ତେ ଜବାନ କହନ୍ତି, ବୁଢା ହେଉ, ତରୁଣ ହେଉ ଏଠି ସମସ୍ତେ ଜାବନ, ବୟସ ବଢେନ ଫୌଜରେ । -ସୁବେଦାର ମେଜର କହୁଥିଲେ । ଏଟା ତ ସତ କଥା । ଫୌଜରେ ବୟସ ବଢେନ । କଣ ପାଇଁ ସମସ୍ତେ ଏମାନଙ୍କୁ ଜବାନ କହନ୍ତି?

ମୋ ଝିଅ ନାୟାର ସାବଙ୍କ ଠାରୁ ବୟସରଙ୍କ ବଡ, କନ୍ତୁ ମୁଁ ଜବାନ, ମୋର ବୟସ ବଢିନ।- ସେ କହୁଥିଲେ ।

ନାୟାର ସେଠାକାର ମେଜର । ତାଙ୍କର କାମ ଆତଙ୍କବାଦୀ ମାନଙ୍କୁ ଧରିବା । ସେ ଅନେକ ଦୁଃସାହାସୀକ କାମ କରିଛନ୍ତି ।

ପରିଣତ ବୟସରେ ବିଗତ ଦିନର ଇତିହାସ ଜୀବନରେ ଖୁସିର ସମ୍ବଳ । ତାଙ୍କ ଆଖି ସମସ୍ତ କମ ବୟସର ଅଫିସର ମାନଙ୍କ ଉପରେ ବୁଲି ଆସୁଥିଲା । ସେମାନେ ତାଙ୍କର ବୟସ ଦିନର ରୂପ ତେଜ ଠାରୁ ନିଶ୍ଚିତ ଭାବେ କମ । ତାଙ୍କ ମୁହଁରେ ହସ ଫୁଟି ଉଠୁଥିଲା। ଏକ ବୟସ୍କ ବ୍ୟକ୍ତି ଏକ ତରୁଣକୁ ଦେଖିଲେ ସଙ୍ଗେ ସଙ୍ଗେ ନଜର ଯୌବନକୁ ଫେରିଯାଏ ।

ଅବିନାଶ ସେହି ଜବାନ ମାନଙ୍କୁ ଦେଖୁଥିଲା । ପ୍ରତି ଦିନ ସେମାନେ ଆତଙ୍କବାଦୀ ମାନଙ୍କ ସହ ଲଢୁଛନ୍ତି, କାଲି କଣ ହେବ କଏ ଜାଣି ନାହାନ୍ତି । ଏ ଅଜଣା ଭୟଙ୍କର ଜଙ୍ଗଲ ଭିତରେ ସେମାନେ ଘୁରି ବୁଲିବେ, ଖୋଜିବେ ଭାରତର ଆଭ୍ୟନ୍ତରୀଣ ଶତ୍ରୁମାନଙ୍କୁ । ମୁକାବିଲାରେ ବଂଚବେ କି ନାହିଁ କଏ ଜାଣେ । ଆଜି ଏ ସଂନ୍ଧ୍ୟା ମଧୁର ହେଉ ।

ବାହାରେ ବାଦ୍ୟକାରୀମାନେ ଅନେକ ସମୟ ଧରି ବାଜା ବଜାଇବା ପରେ କ୍ଲାନ୍ତ ହୋଇ ବସି ଯାଇଥିଲେ ।

ମନୋହର ସାବ ଆଉ ତାଲିକଦାର ସାବ  ପଞ୍ଝା ଲଢନ୍ତୁ – କର୍ଣେଲ କହିଲେ

ଦୁଇଜଣ ଜେ ସି ଓ ଅଫିସର ବାହାରି ଆସିଲେ, ଦୁହେଁ ମଧ୍ୟବୟସ୍କ ଲୋକ, ସବୁଜ କୋଟ ପନ୍ଧିଛନ୍ତି ।

ସେମାନେ ଲଢିଲେ, ଦୁଇ ପଞ୍ଝା ଜୋଡି ହୋଇ ଥିଲା, ସମସ୍ତେ ତାଳ ମାରୁଥିଲେ । ସେମାନେ କନ୍ତୁ ଶକ୍ତିର ସହ ପଞ୍ଝା ଲଢୁଥିଲେ । ସେମାନଙ୍କ ମୁହଁ ଫୁଲି ଯାଇଥିଲା, ହାତର ଶୀର ସବୁ ଟାଙ୍କି ହୋଇ ଯାଇ ଥିଲା ।  କନ୍ତୁ ଆସରର ସମ୍ମାନ ରଖିଥିଲେ,  ଧଇଁ ସଇଁ ହେଉ ନଥିଲେ ।

ସେମାନଙ୍କ ପଛରେ ଏକ ବହୁତ ବଡ କାଠର ଗଣ୍ଡା ଥିଲା । ଗଣ୍ଡାର ନାକ ଉପରେ ଖୁବ ବଢ ଶିଙ୍ଘ । ଏକ ମୁହାଁ ହୋଇ ଗଣ୍ଡା ଦୌଡୁଥାଏ, କଛି ବାଧା ନମାନ । ସେମିତି ସେମାନେ କେଉଁଆଡେ ନଗ୍ଚହିଁ  ଖୁବ ବଳରେ ପଞ୍ଝା ଲଢୁଥିଲେ ।  ସେମାନେ କେତେ ଶକ୍ତି ପ୍ରୟୋଗ କରୁଥିଲେ କୁହାଯାଇ ନପାରେ । କନ୍ତୁ ମୁହଁର ରେଖା ସାମାନ୍ୟ ସ୍ଫୀତ ତ ହୋଇ ଉଠିଥିଲା । ଥଣ୍ଡାରେ ମୁହଁରେ ଝାଳ ବାହାରି ଆସୁଥିଲା ।

ଏବେ ଟାଇ – କର୍ଣେଲ କହିଲେ

ଏମିତି ଅନେକ ସମୟ ଧରି ପଞ୍ଝା ଲଢେଇ ଗ୍ଚଲିଲା ।

ଏପଟେ ଅବିନାଶ ମେଜର ନାୟାରଙ୍କ ସହ କଥା ହେଉଥିଲା ।

ମୋତେ ଏଠି ଦବାଙ୍ଗ କହନ୍ତି – ସାଧା ପୋଷାକରେ ମୁଁ ଘୁରିବୁଲେ । ଫୁଲି ଆର୍ମଡ ଥାଏ । ପୋଷାକ ତଳେ ଅସ୍ତ୍ର ଲୁଚ କରି ଥାଏ । କିଏ ହଠାତ ଜାଣି ପାରିବନ । – ମେଜର ନୟ୍ଯାର ଜୋସରେ କହୁଥିଲେ । ସଂନ୍ଧ୍ୟାର ଅସର ତାଙ୍କ ସ୍ୱରରେ ଗଭୀରତା ଆଣି ଦେଇ ଥିଲା ।

କଲେଜ ଆଗରେ ବନ୍ଧୁକ ଦେଖାଇଥିବା ଏନ ଏ ସି ଏନ୍ ଆତଙ୍କବାଦୀ କମାଣ୍ଡରକୁ ଏଠି ଧରିଲୁ, ବଜାରରେ ହାତରେ ପିଟି ପିଟି ଲାଲ କରିଦେଲୁ । ତାର ଦମ୍ଭ ଭାଙ୍ଗି ଗଲା, ଏତେ ଉଚ୍ଚା ମୁଣ୍ଡ ଏଠି ମନକୁ ମନ ତଳୁଆ ହୋଇଗଲା । ସବୁବେଳେ ଛାତି ଫୁଲାଇ ସମସ୍ତଙ୍କୁ ଡରାଉ ଥିଲା । ଟିକେ ଟିକେକରେ ବନ୍ଧୁକ ବାହାର କରୁଥିଲା । ସମସ୍ତଙ୍କ ଆଗରେ ଘୋସରା ହୋଇ ଗଲା । ସମସ୍ତେ ଦେଖିଲେ । ସେ ସମସ୍ତଙ୍କୁ ଡରାଇ ଧମକାଇ ରଖିଥିଲା ।- ମେଜର ନାୟ୍ଯାର ଗର୍ବର ସହ କହୁଥିଲେ । ତାଙ୍କର ଦାଢୀଭରା ମୁହଁରେ ଖୁସି ଫୁଟି ଉଠୁଥିଲା ।

ହିନ୍ଦି ଫିଲ୍ମ ଦବାଙ୍ଗର ସେହି ଚରିତ୍ର ଆଜି ସମସ୍ତଙ୍କର ପ୍ରିୟ ହୋଇ ଯାଇଛି । ସମସ୍ତେ ଡେୟ୍ଯାର ଡେଭିଲ ପୋଲିସ ଅଫିସର, କାହାକୁ ଡରନ୍ତିନ । ଆସମ ରାଇଫଲସର ସେହି ସାହାସୀ ଅଫିସରଙ୍କୁ ଦବାଙ୍ଗ କହନ୍ତି ଏଠି ।

ଆପଣ ଦେଖୁଥିବେ ମୁଁ ଦାଢି ରଖିଛି, କାଟିନ, ଦବାଙ୍ଗ ଭଳ ମୁଁ ଖୋଲାରେ ଘୁରିବୁଲେ, ସମସ୍ତେ ଭାବନ୍ତି ମୁଁ ସାଧାରଣ ଲୋକ, ଖବର ଦିଅନ୍ତି, ମୋ ଆଗରେ ଖୋଲାରେ କଥା ବାର୍ତ୍ତା କରନ୍ତି । ଆମେ ଅନେକ ସମୟରେ ଆତଙ୍କବାଦୀଙ୍କୁ ବଜାରରେ ଧରିନେଉ ।- ସେ କହୁଥିଲେ ।

ମେଜର ନାୟ୍ଯାର ଜଣେ ଲମ୍ବା ଲୋକ, ଛଅଫୁଟରୁ ଅଧିକ ଲମ୍ବା , ଶକ୍ତଶାଳୀ ଶରୀର, ମୁହଁରେ ଗୋଛାଏ ଦାଢୀ। ଦେଖିଲେ କିଏ ଜଣେ ସୈନ୍ୟବାହନୀର ମେଜର କହିବନ, ବଜରରେ ଘୁରିବାଲୁଥିବା ଜଣେ ସାଧାରଣ କଂଟ୍ରାକ୍ଟର ଭଳ ଲାଗିବେ, ଜଣେ ସାଧାରଣ ବେପାରୀ । ଏଠି ଆସି କଛି ଲାଭ ପାଇଁ ଏଣେ ତେଣେ ବୁଲୁଛି, କଛି ମୌକା ତଲାସରେ ଅଛି । ଏମିତି କଛି ଅଫିସର ସାଧାରଣ ଲୋକଙ୍କ ଭିତରେ ଘୁରି ବୁଲନ୍ତି ।

ତାର ଆଖି କାନ୍ଥରେ ଲାଗିଥିବା ଏକ ହର୍ଣବିଲ ପକ୍ଷୀର କାଠରେ ତିଆରି ହୋଇଥିବା ଆକାରକୁ ଗ୍ଲିଗଲା । ଏକ ବଡ କାଠର କଳା ପ୍ରଚ୍ଛଦପଟ୍ଟ ଉପରେ କାଠର ଏକ ମୂର୍ତ୍ତୀ । ହର୍ଣବିଲ ଚଢେଇଟି ଖୁବ ଜୋରରେ ନଜର ଶକ୍ତ ପଞ୍ଝାରେ ଡାଳକୁ ଜାବୁଡି ଧରିଛି । ତାର ବୃହତ ଦେହଟି ତଳ ଆଡକୁ ଟିକଏ ବଙ୍କା ହୋଇ ଯାଇଛି । ମୋଟା ବେକର ଉପରେ ଏକ ବିଶାଳ ମୁଣ୍ଡ ରଖା ଯାଇଛି । ହର୍ଣବିଲ ମାନଙ୍କର ଖୁବ ମୋଟା ଥଂଟ । ସେହି ମୋଟା ଲମ୍ବା ଥଂଟରେ ସେମାନେ ସହଜରେ ଗଛ ଖୋଳଦିଅନ୍ତି। ଏକ ଖୋଲ କରି ମାଇ ପକ୍ଷୀ ରହେ ।

ଲାଗୁଥିଲା ଯେମିତି ପକ୍ଷୀଟି ଆସାମ ରାଇଫଲସର ସବୁ ଜବାନ ମାନଙ୍କୁ ଦୃଢ ହେବା ପାଇଁ କହି ଚାଲୁଛି । ହର୍ଣବିଲ ଚଢେଇ ଏଠି ଦୃଢତାର ସଙ୍କେତ, ବିଶାଳତାର ସଙ୍କେତ । ସବୁଜ ଜଙ୍ଗଲ ଭିତରେ ସୁନ୍ଦରତା ତଥା ଶକ୍ତିର ପ୍ରତୀକ ।

ଏପଟେ ପଞ୍ଜା ଲଢାଇ ଖୁବ ଜୋରରେ ଚାଲୁଥିଲା । ଜଣେ ତରୁଣ କ୍ୟାପଟେନଙ୍କ ସହ ଆସିଷ୍ଟାଟଣ୍ଟ କମାଣ୍ଡାଟଣ୍ଟଙ୍କ ଲଢାଇ ଖୁବ ଜୋରରେ ଚାଲୁଥିଲା । ଆସିଷ୍ଟାଟଣ୍ଟ କମାଣ୍ଡାଟଣ୍ଟ ମଧ୍ୟ ବୟସ୍କ ଲୋକ, ଉତରାଂଚଳର ବାସିନ୍ଦା । ସେଠାକାର ଅନ୍ୟ ବାସିନ୍ଦାଙ୍କ ଭଳି ଖୁବ ଗୋରା ଦେହ, ମୁହଁ ଲାଲ, ମଧ୍ୟମ ଉଚ୍ଚତା । କ୍ୟାପଟେନ ଆର୍ମିରୁ ଡେପୁଟେସନରେ ଆସିଛନ୍ତି, ଅଳ୍ପ ବୟସ୍କ ତରୁଣ, ପଚଶ ଭିତରେ ବୟସ । ସେମାନେ ଖୁବ ଜୋରରେ ଲଢୁଥିଲେ। କ୍ୟାପଟେନ ଜିତିବାକୁ ପୁରା ଦମ ଲଗାଇ ଦେଇଥିଲେ। ଆସିଷ୍ଟାଟଣ୍ଟ କମାଣ୍ଡାଟଣ୍ଟ ହାରିବାକୁ ପ୍ରସ୍ତୁତ ନଥିଲେ, ତାଙ୍କର ମୁହଁ ଲାଲ ହୋଇ ଯାଇଥିଲା ।

ସେମାନଙ୍କ ପଛରେ ଦୁଇଟି ହାତୀଦାନ୍ତ ସୁନ୍ଦର ଭାବେ ଟେବୁଲ ଉପରେ ସଜାଯାଇଥିଲା । ବଡ ଦନ୍ତା ହାତୀର ସାଇଜ ହୋଇଥିବା ଦାନ୍ତମାନ । ସମାନ କୋଣ କରି ଦାନ୍ତ ଦୁଇଟି ମାଢିରୁ ବାହାରି ଆସିଥିବ । ହାତୀ ଦାନ୍ତ ଉପରେ ତମ୍ବାର ବଳା ମାନ ଲାଗିଥିଲା । ଖୁବ ପାଲିସ ହୋଇଥିବା ହାତୀ ଦାନ୍ତମାନ ଚକ ଚକ କରୁଥିଲା ଏଯମିତି ମାର୍ବଲ । ହାତୀ ଦାନ୍ତ ରଖିବା ନିଜର ମାନର ପରିଚୟ । ୟୁନଟ ନିଜର ଶୌର୍ଯ୍ୟ ପାଇଁ ଗର୍ବିତ ଅନୁଭବ କରେ ।

ଆପଣ କିଛି ନିଅନ୍ତୁ- ଜଣେ ସୁବେଦାର ମେଜର କହିଲେ । ମୋ ପାଖରେ ସେବାକାରୀ ଜଣଙ୍କ ଠିଆ ହୋଇଥିଲା ।

ଅବିନାଶ ପାଖରେ ସୁବେଦାର ମେଜର ଠାଣିରେ ଠିଆ ହୋଇଥିଲେ । ସେ ସବୁବେଳେ କର୍ଣ୍ଣେଲଙ୍କ ପାଖରେ ଠିଆ ହୋଇ କଥା ହେଉଥିଲେ ଆଗରୁ । ପଞ୍ଜା ଲଢେଇ ସମୟରେ ତାଙ୍କ ମୁହଁରୁ ଜୋର ଜୋରରେ ଶବ୍ଦ ସବୁ ବାହାରି ଆସୁଥିଲା, ସତେ ଯେମିତି ସେ ଯୁଦ୍ଧ ଲଢୁଛନ୍ତି । ପଞ୍ଜା ଲଢେଇ ଆଉ ଯୁଦ୍ଧ ଭିତରେ କିଛି ଫରକ ନାହିଁ । ଏତେ ଜୋସ ଜଣେ ଲୋକ ଭିତରେ କେମିତି ସମ୍ଭବ ହୋଇପାରେ**?**

ସୁବେଦାର ମେଜରଙ୍କ ଦେହରେ ଛଅ ଗୋଳି ବାଜିଥିଲା । ସେ ନିଜର ସାହାସ ହରାଇ ନଥିଲେ । ଯୁଦ୍ଧରେ ଏନ ଏ ସି ଏନର କମାଣ୍ଡରକୁ ମାରି ଗଡାଇ ଦେଇଥିଲେ । ତାଙ୍କର ହାତ ନାହିଁ । – କର୍ଣ୍ଣେଲ କହିଲେ ।

ଅବିନାଶ ଆଶ୍ଚର୍ଯ୍ୟ ହୋଇଗଲା । ଏକ ବିକଳାଙ୍ଗ ଲୋକ ଏତେ ଖୁସି କେମିତି ହୋଇ ପାରୁଛନ୍ତି, ଶରୀରରେ ଯୁଦ୍ଧ ପାଇଁ ସବୁଠାରୁ ଆବଶ୍ୟକ ଅଙ୍ଗ ନାହିଁ । କିନ୍ତୁ ସେଥିପାଇଁ ସେ ନିଜକୁ ଅସହାୟ ମନେ କରି ନାହାନ୍ତି । ତାଙ୍କର ଆତ୍ମ ଶକ୍ତିକୁ ଅବିନାଶ ମନେ ମନେ

ପ୍ରଶଂସା କରୁଥିଲା । ଭିତରେ ଜମିଥିବା ଦୁଃଖକୁ ସେ ଜାଣିଛନ୍ତି । ଭୁଲିଯିବା ଭଲ । ନିଜର ଅସହାୟତାକୁ ଭୁଲିଯିବା ଭଲ । ସେଥିପାଇଁ ଅବଶୋଷ ନକରିବା ଉଚିତ ।

ଅବିନାଶ ପାଖରେ ଠିଆ ହୋଇଥିବା ସୁବେଦାର ମେଜରଙ୍କୁ ଭଲ ଭାବେ ଚାହିଁଲା, ବୟସ୍କ ଲୋକ, କୋଟ ପିନ୍ଧିଛନ୍ତି, ଗୋଟିଏ ହାତ କେମିତି ସ୍ଥିର ହୋଇ ରହିଛି । ଏଇଟି ଏକ ତିଆରି ହୋଇଥିବା କୃତ୍ରିମ ଅଙ୍ଗ, କାନ୍ଧରେ ଜୋଡି ଦିଆଯାଇଛି ।

ସୁବେଦାର ମେଜର ନେପାଳୀ ଲୋକ ।

ଆପଣଙ୍କ ବୀରତ୍ୱ କିଏ ନଜାଣେ ? ଅସାଧାରଣ ବୀର ଆପଣ ମାନେ ।- ଅବିନାଶ କହୁଥିଲା ।

ନେପାଳୀ ଗୋର୍ଖା ମାନେ ଦେଖିବାରେ ଛୋଟ ସିନା, ଲଢେଇରେ ଖୁବ ବୀର । ନେପାଳି ଖୁକରୀ ସହ ଶତ୍ରୁ ଉପରେ କୁଦି ପଡିବେ । ମରିଯିବେ ପଛେ ହାର ମାନିବେନି । ତାଙ୍କ ମୁହଁରେ ହସ ଚେନାଏ । ସେ ଅବିନାଶ ପାଇଁ ଗ୍ଲାସରେ ହୁଇସ୍କି ଢାଳିଦେଲେ ।

ସେ ନିଜର ସବୁକାମ କରିପାରନ୍ତି । ଗୋଟିଏ ହାତରେ ଖୁବ ଭଲ ଭାବେ ଗାଡି ଚଲାଇ ପାରନ୍ତି – ମେଜର ନାୟାର କହିଲେ ।

ଅବିନାଶ ସୁବେଦାର ମେଜରଙ୍କୁ ଅନାଇଲା । ସେ କର୍ଣ୍ଣେଲଙ୍କ ପାଖକୁ ଚାଲିଯାଇ ବସିଥିଲେ । ପଞ୍ଜା ଲଢାଇରେ ମାତିଥିବା ଲୋକଙ୍କୁ ଉତ୍ସାହିତ କରି ଚାଲୁଥିଲେ । ତାଙ୍କ ମୁହଁରୁ ମଝିରେ ମଝିରେ ଜୋସ ଭରା ଶବ୍ଦ ସବୁ ବାହାରି ଆସୁଥିଲା, ସତେ ଯେମିତି ଯୁଦ୍ଧ ଲଢୁଛନ୍ତି । ଯୁଦ୍ଧରେ ହାରିବା ନାହିଁ , କେବଳ ଜିତିବା ଜରୁରୀ । ହାରିବାରେ, ମରିବାରେ କିଛି ମାନେ ନଥାଇ ପାରେ । ଜିତିବାରେ ନିଜର ପାରିବା ପଣିଆ ଦେଖେଇ ହୁଏ ।

ଏମିତି ଉତ୍ସାହୀ ଲୋକଥିଲେ ଆମେ କେଉଁ ବି ଯୁଦ୍ଧ ଜିତି ପାରିବା- ମୁଁ ମେଜର ନାୟାରଙ୍କୁ କହୁଥିଲି ।

ତାଙ୍କର ତୁଳନା ନାହିଁ, ତାଙ୍କ ସହ ରହିଲେ ମନ ଭିତରେ ମନକୁ ମନ ଉତ୍ସାହ ଆସେ ।- ମେଜର କହୁଥିଲେ ।

ଜୀବନର ସବୁ କ୍ଷେତ୍ରରେ ଉତ୍ସାହର କେତେ ଆବଶ୍ୟକତା ଅଛି । ନିଜର ଦୁର୍ବଳତାକୁ ଉତ୍ସାହରେ ପରିବର୍ତ୍ତନ କରିଦେବା ତେବେ ଜୀବନର ସବୁ ଯୁଦ୍ଧରେ ଜିତି ହୋଇ ଯିବ । ଅବିନାଶ ଅନେକ ସମୟ ସେହି ଆଂଶିକ ବିକଳାଙ୍ଗ ସୁବେଦାର ମେଜରଙ୍କ ଆଡକୁ ଅନାଇ ରହିଲା । ତାଙ୍କର ମୁହଁରୁ ସେମିତି ଜୋସ ଭରା ଶବ୍ଦମାନ ବାହାରି ଆସୁଥିଲା ।

ସଂନ୍ଧ୍ୟା ଅନେକ ଲମ୍ବା ଥିଲା । ବାହାରୁ ଥଣ୍ଡା ପବନ ବୋହି ଆସୁଥିଲା । ଭିତରର ଆସର କନ୍ତୁ ସେମିତି ଉଷ୍ମ ଥିଲା ।

ପରଦିନ ସକାଳେ ଅବିନାଶ ଘରକୁ ଫେରି ଆସିଲା ।  ଏକାକୀ ରହେ ଅବିନାଶ । ସୁନ୍ଦର ସକାଳ। ବାହାରେ ପକ୍ଷୀମାନେ ଡାକ ଛାଡୁଥିଲେ । କିଛି ସମୟ ବାହାରେ ବସି ସେମାନଙ୍କ ଡାକ ଶୁଣି ଚାଲିଲା । ଭଲ ଲାଗୁଥିଲା ସେମାନଙ୍କ ଉଡିବା। ଦଳେ ବଣି ଏପଟ ଗଛରୁ ସେ ଗଛ ଡାଳକୁ ଉଡିଚାଲି ଯାଉଥିଲେ । ଗୋଟିଏ ପରେ ଗୋଟିଏ ହୋଇ ସେମାନେ ଏ ଗଛରୁ ସେ ଗଛକୁ ଚାଲିଗଲେ । ବହୁତ ଶବ୍ଦ ସେମାନେ କରୁଥିଲେ । ବଣି ମାନଙ୍କ ବ୍ୟବହାର ସେମିତି, ବହୁତ ଶବ୍ଦ କରନ୍ତି । ଗଛ ଫାଙ୍କ ଦେଇ ଚେନା ଚେନାକରି ସୂର୍ଯ୍ୟ କିରଣ ଝରି ଆସୁଥିଲା, ନରମ ଲାଲ କିରଣ । ବାହରେ ଅଳ୍ପ ଆଦ୍ରତା, ସକାଳ ଖୁବ୍ ସୁନ୍ଦର ତଥା ଆମୋଦ ଦାୟକ ଥିଲା । ଅନେକ ଭାବିଲା, ତା ନିଜ କଥା, ଅନେକ ଚନ୍ତା ମନ ଭିତରକୁ ଏମିତି ଆସିଯାଉଥିଲା । ମନକୁ ସ୍ଥିର କରିନେଲା, ଆଉ ନଭାବି ସେ ପକ୍ଷୀ ମାନଙ୍କୁ ଦେଖି ଚାଲିଲା । ଦୁଇଟି ପାରା କେଉଁଠୁ ଉଡି ଆସିଲେ। ଟିକିଏ ଦୁଆର ପାଖକୁ ଆସିଗଲେ। ସେଠି ବସି ସେମାନେ ଏଣେ ଏଣେ ତେଣେ ଅନେକ ସମୟ ବୁଲିଲେ । ତାପରେ ଫଡ କରି ଏକ ପାରା ଉଡିଗଲା। ଅନ୍ୟ ପାରାଟି ପରେ ପରେ ତା ପଛରେ ଉଡିଗଲା ।

ଅନେକ ବେଳ ହୋଇ ଗଲାଣି । ଅବିନାଶ ଭିତରକୁ ଫେରି ଆସିଲା । ସକାଳର ବ୍ରେକଫାଷ୍ଟ କରିନେଲା । ତା ପରେ ଟି ଭି ଖୋଲି ବସି ପଡିଲା । ଭାରତ ଅଷ୍ଟ୍ରେଲିଆ ମ୍ୟାଚ ଆସୁଥିଲା ।

ଅବିନାଶକୁ କ୍ରିକେଟ ମ୍ୟାଚ ଦେଖିବାକୁ ଭଲ ଲାଗେ । କୁକ ଆଗଭଳି ଚୁପ ଚୁପ କରି ଆସିଲା, ତାର ଏମିତି ଚୁପ ଚୁପ କରି ଆସିବା ଅଭ୍ୟାସ । ଆସିବାରେ ସାମାନ୍ୟ ଟିକିଏ ଶବ୍ଦ ହେବନି । ଏକ ଆସାମିଜ ତରୁଣ ହେଉଛି କୁକ ।

କାଲି ରାତିରେ ସୋହା ବସ୍ତିରେ ଏନଏସଏନ ଆଉ ଆସାମ ରାଇଫଲସ୍ ଭିତରେ ଗୁଳି ବିନିମୟ ହୋଇଛି । ଆସମ ରାଇଫଲସର ଜବାନ ମାନେ ଘାୟଲ ହୋଇଛନ୍ତି- ସେ କହିଲା

ରାତି କେତେବେଳେ- ମୁଁ ପଚାରିଲି?

ବାରଟା ପାଖାପାଖି । ଆସାମ ରାଇଫଲସର ଜାବନ ମାନେ ସେ ଗାଁ ପାଖରେ ଚେକିଙ୍ଗ କରୁଥିଲେ । ଏବେ ଏନଏସିନର ପଇସା ଆଦାୟ କରିବା ସମୟ । ମୁହାଁ ମୁହିଁ ହୋଇଗଲା। ତାପରେ ଫାୟାରିଙ୍ଗ । ସେମାନେ ପ୍ରସ୍ତୁତ ଥିଲେ । ଜବାନ ମାନେ ଅନେକ ଆହାତ ହୋଇଛନ୍ତି ।- ସେ କହିଲା

ଏହା ଏକ ବଡ ଖବର । ଏନଏ ସିଏନ ଏଠି ସାମାନ୍ତରାଳ ସରକାର ଚଳାଏ। ସବୁ କଥାରେ ପଇସା ବା ଟ୍ୟାକ୍ସ ଅସୁଲ କରେ । ଦରମାରୁ ପର୍ସେଣ୍ଟ ସମସ୍ତେ ଦିଅନ୍ତି। ନହେଲେ ରହି ହେବ ନାହିଁ । ତାପରେ କାମ ଥିବା ଡିପାର୍ଟମେଣ୍ଟ ମାନେ କାମର ଦଶ ପର୍ସେଣ୍ଟ ଦେବାକୁ ବାଧ୍ୟ । ନହେଲେ ସେମାନେ ଅଫିସରଙ୍କୁ ଅପହରଣ କରିନେବେ, ଅସୁବିଧା ଅନେକ । ଏମିତି ପଇସା ଅସୁଲି ଚାଲେ, ଏନଏ ସିଏନ କ୍ୟାଡର ମାନଙ୍କ ପାଇଁ ପଇସା ଅସୁଲ କରିବା ଖୁବ ସହଜ। କିଛି ଅସୁବିଧା ନାହିଁ। ଖାଲି ଏକ ଧମକରେ ବହୁତ ପଇସା ମିଳିଯାଏ । ଏଣୁ ଏଠିକା ଯୁବକ ମାନେ କ୍ୟାଡରରେ ମିଶିବା ପାଇଁ ଆଗ୍ରହ ଦେଖାନ୍ତି । ଧରା ପଡିବାର ଭୟ ବହୁତ କମ, ମୋଟେ ନାହିଁ କହିଲେ ଚଳେ ।

ଖବର କିଏ ଦେଲା- ମୁଁ ପଚାରିଲି?

ସାରା ବଜାରରେ ଖବର, ବଜାର ସେକ୍ରେଟାରୀ ପାଖରେ ଖବର ଆସିଲା । ତାର କନେକସନ ଅଛି- ସେ କହିଲା।

ଆସାମ ରାଇଫଲସର ଅଫିସର ମାନେ ଆଜି ସକାଳୁ ଆସିଗଲେଣି । ବହୁତ ଗାଡି ଯିବା ଆସିବା ଲାଗିଛି ।- ସେ କହିଲା ।

ଏନ ଏ ସି ଏନ କ୍ୟାଡର ମାନେ ଉତ୍ପାତ କରିବାକୁ ଆରମ୍ଭ କଲେଣି । ସୋହା ବସ୍ତିରେ ସେମାନେ ଏକ ଆସାମୀଜ ବୁଢା ଡାକ୍ତରଙ୍କୁ ବହୁତ ପିଟିଥିଲେ । ବୁଢା ଡାକ୍ତର ରିଟାୟାରମେଂଟ ପରେ ଲୋକ ସେବା ପାଇଁ ଏ ଦୁର୍ଗମ ଅଂଚଳରେ ରହି ଆସୁଥିଲେ । ଅଜବ ଲୋକ । ସେମିତିଆ ଲୋକକୁ କ୍ୟାଡର ମାନେ ବହୁତ ପିଟିଥିଲେ । ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ସରକାରୀ ଅଫିସର ମାନଙ୍କ ଗାଡି ଜଳେଇ ଦେଇଥିଲେ । ସେମାନଙ୍କ ସହ ଗୁଳି ବିନିମୟ ହୋଇଛି ।

ଏବେ ଏପଟେ ବହୁତ ଧରପଗଡ ଚାଲିବ । ରାଇଫଲସର ଯିବା ଆସିବା ଚାଲିବା । ଏଠି ରହିବା ନର୍କରେ ରହିବା ସମାନ । -ଅବିନାଶ କହିଲା ।

ଏମାନେ ଯଦି ପାଚେରୀ ଡେଇଁ ପଇସା ମାଗିବାକୁ ଆସନ୍ତି ସେମାନଙ୍କୁ କାଟି ଦେବା- ଅବିନାଶ କହିଲା, ତାର ଆଖି ଘରେ ଟଙ୍ଗା ହୋଇଥିବା ଲମ୍ବା ଖଣ୍ଡା ଉପରେ ଲାଗି ରହିଥିଲା। ଖୁବ ଲମ୍ବା ଖଣ୍ଡା, ବର୍ମାରୁ କିଏ ଆଣି ଦେଇଥିଲା । କାରୁକାର୍ଯ୍ୟ ହୋଇଛି, ସେ ପଜେଇବାକୁ ଦେଇଥିଲା, ଅନେକ ତେଜ ଧାର । ସହଜରେ କିଏ ପଇସା ସେମାନଙ୍କ ଠାରୁ ଅସୁଲ କରି ପାରିବ ନାହିଁ ।

ଅବିନାଶ ପାଖରେ ଅନେକ ଖଣ୍ଡା ଅଛି। ଏଠି ରହି ସେ ଏଠିକା ଲୋକଙ୍କ ଭଳି ବ୍ୟବହାର କରିବା ଆରମ୍ଭ କଲାଣି । ନିଜକୁ ନିଜେ ବଂଚାଇବାକୁ ହେବ । ଡରିଗଲେ ଚଳିବ ନାହିଁ ।

ପରଦିନ ସଂନ୍ଧ୍ୟା କେମିତି ଜଲଦି ହୋଇଯାଇଥିଲା । ସଂନ୍ଧ୍ୟା ନଜ ପାଇଁ ଗଢେ ଅବିନାଶ । ସଂନ୍ଧ୍ୟାରେ ନଜ ପାଇଁ କବିତା ତିଆରି କରେ ଅବିନାଶ । ସେହି ଅର୍ଦ୍ଧ ବିକାଳଙ୍ଗ ସୁବେଦାର ମେଜରଙ୍କ କଥା ମନେ ପଡୁଥିଲା । ହାତ ହାରଇବି ସେ ସବୁଠାରୁ ବଡ ସିପାହୀ । ଶକ୍ତି ମନର ଭିତରେ । ବିକଳାଙ୍ଗତା ଏକ ମାନସିକତା । କେଉଁଠି ସେ କେବେ ହାରି ପାରିବେନ। ମନ ଭିତରେ ତାଙ୍କର ଭୀରୁତା ନାହିଁ ।

କେତେ ଯେ ରାସ୍ତା ଆଉ ସେ ଚାଲିବ

କେବେ ତାକୁ ସେମାନେ ମଣିଷ କହିବେ

କେତେ ଉଚ୍ଚରେ କଳା ହଂସ ଉଡିଯିବ

କେତେ ପବନ ପବନ ବୋହିବ ଆଉ ପାହାଡରୁ

ପ୍ରତିବନ୍ଧ ଲାଗିବ କେବେ ସବୁଦିନ ପାଇଁ ।

ଉତ୍ତର ଯେ ପବନରେ ଭାସିଯାଉଅଛି

ଉତ୍ତର ତ ପବନରେ ଉଡିଯାଉଅଛି ।

ଅବିନାଶ ବାହାରକୁ ଅନାଇଲା । ସବୁ ଅନ୍ଧାର ହୋଇ ଆସିଲାଣି । କେଉଁଠି କେଉଁଠି ଆଲୁଅ । ଏ ପାହାଡ ସବୁରେ ବେଶୀ ଲୋକ ନାହାନ୍ତି । ସେ ଘରେ ଟଙ୍ଗା ହୋଇଥିବା ଫଟୋକୁ ଦେଖିଲା । ଖୁବ ଲମ୍ବା ପାହାଡ ଶୃଙ୍ଖଳା । ସିଧା ହୋଇ ପାହାଡ ଲମ୍ବିଯାଇଛି । ପ୍ରାୟ ସିଧା ପାହାଡ । ତଳୁ ଉପରକୁ ଚଢିବା କଷ୍ଟକର । ନୀଳ ପାହାଡ ଦିଗବଳୟ ପର୍ଯ୍ୟନ୍ତ ଲମ୍ବି ଯାଇଛି । କେଉଁଠି କେଉଁଠି ପାହାଡ ସବୁ ଢେଉ ଢେଉକା ହୋଇ ଯାଇଛି ।

ସେ ସେହି ନେପାଳୀ ସୁବେଦାର ମେଜରଙ୍କ କଥା ଭାବୁଥିଲା । ତାକୁ ଲାଗୁଥିଲା ଯେମିତି ସେ ପାଖରେ ଠିଆ ହୋଇଛନ୍ତି । ପ୍ରତି କଥାରେ ତାକୁ ଉତ୍ସାହିତ କରି ଚାଲୁଛନ୍ତି ।

ଏକ ବିଜୟୀର ଜୀବନ ଆବଶ୍ୟକ । ହାରିଯିବା ବା ମରିଯିବା ବୃଥା, ମୂଲ୍ୟହୀନ । ସେ କେବେ ପରାଜିତ ହୋଇ ପାରିବେନ ।

ସେକ୍ଟର-୩, ସଲ୍ଟଲେକ, କଲିକତା

# କଥା ଦିଅ ଆଜି ତୁମେ



ପୁଷ୍ପିତା ଭୂୟାଁ

କଥା ଦିଅ ଆଜି ତୁମେ
ଥିବ ମୋ ସାଥେ
ଏ ପୃଥିବୀ ରୁ ଯିବା ଯାଏ ।
ଏତେ ଦିନ ଯାଏ
ଦେଖୁଛି ଦୁନିଆକୁ ମୁଁ
ତୁମରି ଆଖିରେ ।
ବଞ୍ଚିବା ର ସବୁ ରାହା
ଦେଖାଇଥିଲ
ମୋତେ ଦିନେ ତୁମେ ।
ଜୀବନ ସଂଗ୍ରାମେ
ତୁମ ବିନା ପାଦେ ମାତ୍ର
ନ ପାରାଇ ଚାଲି ।
ବାଧା ବିଘ୍ନ ଆସିଥିଲା ଯେତେ
ଅତିକ୍ରମ କରିଥିଲେ
ଦୁହେଁ ମିଶି ଅତି ସହଜରେ ।
ସବୁ କଷ୍ଟ ସାମନା କରିବାର
ସାହାସ ଦେଇଥିଲ ତୁମେ ।
ଆଜି ଏତେ ବାଟ ଚାଲି ଚାଲି
ତୁମ ସହ
ଥକନ ଜମାବି କେବେ ।
କେବେ ଯଦି ତୁମେ ନଥାଅ
ମୋ ପଶେ
ଭାରି ଏକା ଏକା ଲାଗେ ।
ସୟନେ ସପନେ ଜାଗ୍ରତେ
ସବୁ ବେଳେ ମୁଁ ଦେଖେ ତୁମକୁ
ମୋ ଆଖି ଆଗରେ ।
କଥା ଦିଅ ତୁମେ
ଥିବ ମୋ ସାଥେ
ବଂଚ ଥିବା ଯାଏ

ଜଗମରା , ଖଣ୍ଡଗିରି ,
ଭୁବନେଶ୍ୱର ଓଡିଶା

# ଆଶା / ପ୍ରତୀକ୍ଷା




ପ୍ରଫେସର ଅଜନତା ପଣ୍ଡା

ଉତ୍କଳ ମାଆର ତିନଟି ସନ୍ତାନ
ନୃତ୍ୟ ସଂଗୀତ୍ ଓ ଭାଷା
ଭଉଣୀ, ଭାଇ ମୋ ଆଗେ ବଢିଛନ୍ତି
ବସିଛି ମୁଁ ରଖି ଆଶା
ଭଉଣୀ ଲଭିଛି ରାଷ୍ଟ୍ରୀୟ ମାନ୍ୟତା
ଭାଇ ଶାସ୍ତ୍ରୀୟ ମାନ୍ୟତା
ମୁଁ କାହିଁକି ଆଜି ପଛେ ରହିଅଛି
କହି କ ପାରିବ ନେତା?
ତୁମେ କୁହ ମୋତେ "ଶାସ୍ତ୍ରୀୟ ସଂଗୀତ"
ସାରା ଭାରତ ବର୍ଷର
ଆ ଜଦି ଜାଣିଛ ଜାଣିଥିବ ତେବେ
ମୋ ସାଥେ ଗୁରିଟି ଚର
ଆଉଥରେ ତୁମେ ଦେଉଛି ସୂଚାଇ
ପଞ୍ଚ ଅଙ୍ଗୁଳୀ ମିଶ୍ରିତ
"ଉପଜାତୀୟ", ଲୋକଗୀତ, ଲଘୁମାନ ଆଉ
ଲଘୁମାନ ଶାସ୍ତ୍ରୀୟ ସଂଗୀତ
ସର୍ବୋପରି ମୁହିଁ ବୋଲାଉ ଥାଏ ଯେ
ଆମ ଶାସ୍ତ୍ରୀୟ ସଂଗୀତ



କହି କ ପାରିବ ମୋ ପ୍ରତିଷ୍ଠା ପାଇଁ
କଏ ହେବ ଅଗ୍ରଗତ
ଅଳ କହୁଅଛି କଳ କାନେ କାନେ
ଆସୁଛି ଏକ ଫଗୁଣ
ବହୁ ବରପନ୍ଥ ଏକାଠି ହୋଇଣ
ଦିଆଇବେ ତୋତେ ମାନ୍ୟ
ପଥ ଦେଖୁଛି ମୁଁ ସେ ବରପୁତ୍ରଙ୍କ
ଅନ୍ତରର କାମନାରେ
ଖୋଜିବାର ସ୍ଥିତି ମୁଁ କଷ୍ଟେ ପାଇବି
କାମନା ଉପବନରେ



ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ବେଦାନ୍ତୀର ଆଗାମୀ ସଂଖ୍ୟା ଡିସେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ନଭେମ୍ବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ବୋତଲେ ରକ୍ତ



ସୁବ୍ରତ କୁମାର ମୁଦୁଲି

ଛୋଟ ପିଲାଟି ରାସ୍ତାକଡରେ ଠିଆହୋଇ କାନ୍ଦୁଥିଲା । ଯିଏ ଯେତେ ପଚାରିଲେ ବି ସେ ସ୍ପଷ୍ଟ ଭାବେ କିଛି କହି ପାରୁନଥିଲା । ପାଖକୁ ଗଲି ପଚାରିଲି "ହଇରେ ପୁଅ କାହିଁ କାନ୍ଦୁଛୁ" । ତଥାପି ସେ କାନ୍ଦୁଥିଲା ପଚାରିଲି "ଆରେ କ'ଣ ହେଲା କହୁନୁ" । ବୋଧେ ସେ କିଛି କହିବାକୁ ଚେଷ୍ଟା କରୁଥିଲା, ମୁଁ ବୁଝି ପାରୁନଥିଲି । ପକେଟରୁ ଦଶଟଙ୍କା ବାହାର କରି ତାକୁ ଦେଇ କହିଲି "ଏଇ ନେ" ।

ସେ ଆହୁରି କାନ୍ଦିଲା। ମୋ'ର ସନ୍ଦେହ ବଢିଲା। ସେ ଇସାରା କରୁଥି । ମୁଁ ବୁଝି ପାରୁନଥିଲି। ଶେଷରେ ବୁଝିଲି ସେ ମୋ' ରୁମାଲରେ ବନ୍ଧା ରକ୍ତଭିଜା ହାତକୁ ଦେଖି ଦେଇଥିଲା, ଯେଉଁ ହାତକୁ କାଟି ମୁଁ ଗତ ରାତିରେ ଲେଖିଥିଲି ଲଭ ୟୁ ପ୍ରିୟା ଯିଏ ମତେ ଟିକେ ବି ଭଲ ପାଉନଥିଲା ।

ବହୁ ସମୟ ପରେ ମୁଁ ତା' କଥା ବୁଝିଲି। ସେ ତା' ରୋଗିଣୀ ମା' ପାଇଁ ଭିକ ମାଗୁଥିଲା। ଚାଉଳ କି ପଇସା ନୁହେଁ। ସିଏ ଯାହା ମାଗୁଥିଲା ବୋଧେ ସେଇଟା ମୋ' ପାଇଁ ବହୁତ ସହଜ ଥିଲା। ହଁ ମାରିଲି । ପିଲାଟି ମୁହଁରେ ହସ ଫୁଟିଲା। ଆଉ ମୋ' ମୁହଁରେ ବି। କାହିଁକି ଜାଣିଛନ୍ତି**?** କିଛି ମିନଟ ପୂର୍ବରୁ ମୁଁ ରାଜି ହୋଇଥିଲି ଜୀବନରେ ପ୍ରଥମ ଥର ଲାଗି ଉଚିତ ମାର୍ଗରେ ତା' ମା' ପାଇଁ ଦାନ କରିବାକୁ ବୋତଲେ ରକ୍ତ ।

ଦେଉଳ,ଏରସମା,ଜଗତସିଂହପୁର

# ଆତ୍ମ ଚନ୍ତନ ଓ
# ପରମାତ୍ମ ଚନ୍ତନ

ମୂଳରଚନା (ବଙ୍ଗଳା): ବ୍ରହ୍ମକୁମାର ସୌରଭ
ଓଡିଆ ଭଷାନ୍ତର: ସନାତନ ମହାକୁଡ


ସନାତନ ମହାକୁଡ

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ,

ପ୍ରାପ୍ତ ହେବ ଜ୍ଞାନ ରତନ ।

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ

ମନ ହେବ ସଦା ସୁମନ ।

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ,



ସଫଳ ହେବ ତନ ମନ ଧନ ।

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ,

ମୁଖ କହିବ ମଧୁର ବଚନ ।

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ,

ଚକ୍ଷୁ କରିବ ସଦା ଗୁଣ ଦର୍ଶନ ।

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ,

କର୍ଣ୍ଣ କରିବ ସଦା ଜ୍ଞାନ ଶ୍ରବଣ ।

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ,

ମନ କରିବ ଜ୍ଞାନ ମନ୍ଥନ ।

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ,

ଶାନ୍ତ ହେବ ଦୁଃଖୀ ଜନର ମନ ।

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ,

ଶତ୍ରୁର ହେବ ଆପଣାଜନ ।

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ,

ଜୀବନ ହେବ ଗୁଣ ଦର୍ପଣ ।

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ,

ଛିନ୍ନ ହେବ ମାୟାର ସକଳ ବନ୍ଧନ ।

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ,

ବଦଳଯିବ ଏଇ ଦୁଃଖମୟ ଭୁବନ ।

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ,

ସ୍ୱର୍ଗ ହେବ ବିଶ୍ୱ ଭୁବନ ।

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ,

ସକଳ ଆତ୍ମା ଯିବେ ମୂଳବତନ ।

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ,

ପ୍ରାପ୍ତ ହେବ କାୟା କାଞ୍ଚନ ।

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ,

ତୁମର ହେବ ଗାୟନ-ପୂଜନ-ବନ୍ଦନ ।

ଯଦି କର ଆତ୍ମା ଚନ୍ତନ ଓ ପରମାତ୍ମ ଚନ୍ତନ,

ତୁମେ ହେବେ ସତ୍ୟଯୁଗୀ ବିଶ୍ୱ-ମହାରାଜନ ।



ବେରୁଆଁବାରୀ, ନୟାଗଡ, ଓଡିଶା

# ଅବରୋହ



ସିପ୍ରା ନାମତା

ଭଙ୍ଗା ଆଇନାରେ, ତୁମ ଚେହେରା ତ
ଖାଲି ଖଣ୍ଡ ଖଣ୍ଡ ଦେଖାଯାଏ,
ମନ ବି ତ ଭଙ୍ଗା, ହୃଦୟ ଟା ବି ଭଙ୍ଗା
ଏଇ ଭଙ୍ଗା କାନ୍ଥ ଅଗଣାରେ!
ନବୁଜ ଅନ୍ଧାରୀ ମୂଲକ ରୁ
ରାସ୍ତା ଟିଏ ଖୋଜେ ଯିବା ପାଇଁ
ଆଲୋକର ସ୍ୱର୍ଗକୁ,
ମଇଳା ବସନରେ, ଆନନ ରେ
ସାହସ ତ ହୁଏ ନାହିଁ
ଦେବଦୂତ ମାନଙ୍କୁ ଭେଟିବାକୁ!
ସରିତାର କୁଶ ଧାର ପରି ସଦା
ହୁଏ କ୍ଷୀଣ ଆଶା
ଉଜାଣିକୁ ନାହିଁ ସ୍ପୃହା
ତୁଟିଯାଏ ବିଶ୍ୱାସ ଓ ଭରସା!
କେତେ ସ୍ପର୍ଶ ଉଷ୍ଣତାର ଆଉ ଶିଥିଳତାର
ଘନ ତମସା ରେ ଆଚ୍ଛନ୍ନ ବନ୍ଧନ ନବିଡତର
ଅପେକ୍ଷା ଉପେକ୍ଷା ର ପୃଷ୍ଠା ଓଲଟିଗଲେ
ଜୀବନର ଗତିପଥେ
ରଙ୍ଗୀନ ମାନସିକତାରେ ଅବରୁଦ୍ଧ କୋହପଥେ
ଆରୋହଣ ସ୍ୱରପଥେ ସପନରେ
ଅବରୋହ ପୁଣି ଫେରେ
ଜୀବନର ଅମୁହାଁ ମନ୍ଦିରେ!



ତୁଳସୀଚଉରା, ପୋ-ବାରିପଦା, ମୟୂରଭଞ୍ଜ, ଓଡିଶା

# ସୁମନ



ନୃସିଂହ ଚରଣ ବେହେରା

ମୁହୂର୍ତ୍ତକୁ ନେଇ ମଣିଷ ଅଙ୍କ କଷେ । କେତେବେଳେ ଅଙ୍କର ଫଳ ଶୂନ ତ କେତେବେଳେ ଫଳ ଶହେରୁ ଶହେ । ଶିବାନୀ ବର୍ତ୍ତମାନ ଅତୀତ ଆଉ ବର୍ତ୍ତମାନର ମୁହୂର୍ତ୍ତର ଚାରିଛକରେ । ଆଜି ଯେତେବେଳେ ପ୍ରିୟବ୍ରତ ବିବାହ ପ୍ରସ୍ତାବ ତାକୁ ଦେଲେ ସେ ସେହି ମୁହୂର୍ତ୍ତରେ ସତେ ଯେମିତି ସ୍ଥାଣୁ ପାଲଟିଗଲା । ତା' ଚାରିପାଖର ପୃଥିବୀ ହଠାତ୍ ସ୍ଥିର ହୋଇଗଲା । ସେ କିଛି କ୍ଷଣ ପାଇଁ ନୀରବ ହୋଇଗଲା ।

ପ୍ରିୟବ୍ରତ ପଚାରିଲେ, "କ'ଣ ହେଲା ଶିବାନୀ, ତୁମେ ହଠାତ୍ ଏମିତି ଚୁପଚାପ୍ କାହିଁକି ହୋଇଗଲ? ମୁଁ କ'ଣ ତୁମକୁ ବାହାହେବା ପାଇଁ କହି ବଡ ଭୁଲଟେ କରି ଦେଲି କି?" କିଛି ତ କୁହ ।

ପ୍ରକୃତିସ୍ଥ ହେଲା ଶିବାନୀ । ମାନସପଟରେ ତା'ର ଅସଂଖ୍ୟ ମୁହୂର୍ତ୍ତଙ୍କ ଭିଡ । କିଛିଟା ତା ଅତୀତର ସାକ୍ଷୀ ତ କିଛିଟା ବର୍ତ୍ତମାନର ସାଥୀ । ସେ ଗୋଟିଏ ଦୀର୍ଘଶ୍ୱାସ ନେଇ ପ୍ରିୟବ୍ରତଙ୍କୁ କହିଲା, "ତୁମେ ଜଣେ ଉଚ୍ଚ ପଦସ୍ଥ ଅଫିସର । ତୁମର ଗୋଟେ ଉଜ୍ଜ୍ୱଳ ଭବିଷ୍ୟତ ଅଛି । ମୋ ପରି ଜଣେ ଅଜ୍ଞାତ କୁଳଶୀଳ ଝିଅକୁ ବିବାହ କରି ତୁମେ ତୁମର ଭବିଷ୍ୟତକୁ ନଷ୍ଟ କରିଦିଅନା । ଏବେ ବି ସମୟ ଅଛି, ଆଉଥରେ ନିଜ ନିଷ୍ପତ୍ତିର ପୁନଃବିଚାର କର ।

ଏହାଶୁଣି ପ୍ରିୟବ୍ରତ କହିଲେ, ତୁମେ ପାଗଳଙ୍କ ପରି ଏ କ'ଣ କହୁଛ ଶିବାନୀ? ତୁମେ ପୁଣି ଅଜ୍ଞାତ, କୁଳଶୀଳ ଝିଅ? ତୁମର ତ ବାପା, ମା' ଅଛନ୍ତି ।

"ନା, ଏମାନେ ମୋ ନିଜ ବାପା ମା ନୁହଁନ୍ତି ପ୍ରିୟବ୍ରତ । ସେମାନେ ମୋତେ ପାଳିଛନ୍ତି । ସେମାନେ ତ ମୋ ପାଇଁ ଦେବତା । ମୋ ଅନ୍ଧକାର ଜୀବନର ଉଜ୍ଜ୍ୱଳ ନକ୍ଷତ୍ର ଯାହାଙ୍କ ପାଇଁ ମୁଁ ଆଜି ସମାଜରେ ପ୍ରତିଷ୍ଠିତ ।

"ତା'ହେଲେ ତୁମେ ତୁମର ଅତୀତ ବିଷୟରେ ମୋତେ କୁହ ଶିବାନୀ । ମୁଁ ସବୁ ଶୁଣିବି ।"

"ତୁମେ ମୋ ଅତୀତ ଶୁଣି ବିଚଳିତ ହେବ ନାହିଁ ତ?" ଶିବାନୀ ପଚାରିଲା ।

"ଦେଖ, ତୁମକୁ ମୋ ରାଣ, ତୁମେ ଯାହା କହିବାକୁ ଚାହୁଁଛ ବିନା ସଂକୋଚରେ କୁହ । ଆଜି ମୁଁ ସବୁ ଶୁଣିବାକୁ ପ୍ରସ୍ତୁତ ।

ହଉ ତେବେ କହୁଛି, ଶୁଣ । ତୁମେ ଯାହାଙ୍କୁ ମୋର ମା ଓ ବାପା ବୋଲି ଭାବୁଛ ମାନେ ଶ୍ରୀମତୀ ସରିତା ଦେବୀ ଆଉ ଅନୁରାଗ ପଟ୍ଟନାୟକ, ସେମାନେ ମତେ ଜନ୍ମ ଦେଇନାହାନ୍ତି ସତ, ତଥାପି ସେମାନେ ମୋ ପାଇଁ ଦେବୀ ଓ ଦେବତାଙ୍କଠୁଁ କମ୍ ନୁହନ୍ତି । ଆଉ ମୋର ଯେଉଁ ଭାଇ ଦୁଇଜଣ ଅନୁଭବ ଆଉ ଗୌରବ, ସେମାନେ ସରିତା ଦେବୀ ଆଉ ଅନୁରାଗ ପଟ୍ଟନାୟକଙ୍କ ସନ୍ତାନ । ଆଜି ମୁଁ ଯଦି ମୋ ନିଜ ଗୋଡରେ ଠିଆ ହୋଇପାରିଛି ତାହା କେବଳ ସେହି ଦୁଇଜଣଙ୍କ ସ୍ନେହ, ମମତା ଯୋଗୁଁ ।

ମୋର ଅତୀତ ଅତି ଦୁଃଖମୟ । ଗାଁ ସ୍କୁଲରେ ପାଠ ପଢା ଆରମ୍ଭ କରୁ କରୁ ମା'କୁ ହରାଇଥିଲି । ଘରକୁ ଏକୁଟିଆ ଚଳେଇବା ବାପାଙ୍କ ପାଇଁ କଷ୍ଟକର ହୋଇ ପଡିଲା । ତେଣୁ ବାପା ଦ୍ୱିତୀୟ ବିବାହ କଲେ । ନୂଆ ମା' ଘରକୁ ଆସିବାର ବର୍ଷଟିଏ ପର୍ଯ୍ୟନ୍ତ ସବୁ ଭଲରେ ଚାଲିଲା । ତା' ପରେ ତାଙ୍କର ପୁଅଟିଏ ଜନ୍ମ ହେଲା । ତା' ପରେ ମୋ' ଉପରେ ତାଙ୍କର ଅତ୍ୟାଚାର ଆରମ୍ଭ ହୋଇଗଲା । ଘରର ସବୁକାମ ମୁଁ କରିବାକୁ ବାଧ୍ୟ । ନହେଲେ ମାଡ ଖାଇବାଟା ନିଶ୍ଚିନ୍ତ । ବାପା ଏ ସବୁ ଦେଖି ମନଦୁଃଖ କରନ୍ତି, ହେଲେ ସାବତ ମା'ର ନାଲିଆଖିକୁ ଡରି ସେ କିଛି କହି ପାରନ୍ତିନି । ଯେତେ ଯାହା ହେଲେ ବି ସାମତ ମା' ମୋ ପାଠପଢାର ବିରୋଧ କରୁନଥିଲେ । ଆଉ ଦୁଇ ବର୍ଷ ପରେ ଦ୍ୱିତୀୟ ପୁତ୍ରର ଜନ୍ମ ପରେ

ସାବତ ମା'ର ରଣଚଣ୍ଡୀ ରୂପରେ ସାମାନ୍ୟ ପରିବର୍ତ୍ତନ ହେଲା । ସକାଳୁ ସକାଳୁ ଉଠି ଘରର ସବୁ କାମ ଶେଷ କରି ଦୁଇଭାଇଙ୍କୁ ଗାଧୋଇ ପାଧୋଇ ଦେଇ ମୁଁ ପାଠ ପଢିବାକୁ ସ୍କୁଲକୁ ଚାଲିଯାଏ । ଦିନେ ଦିନେ ସମୟ ନ ମିଳିଲେ ନଖାଇ ନପିଇ ସ୍କୁଲକୁ ଯାଏ । ଯେତେ କଷ୍ଟ ହେଲେ ବି ମୁଁ ମୋ ପାଠ ପଢାରେ କେବେ ଅବହେଳା କରେନାହିଁ ।

ମୁଁ କ'ଣ ଜାଣିଥିଲି ମୋ ଭାଗ୍ୟ ଭଗବାନ ଯେତେବେଳେ ଲେଖୁଥିଲେ, ସେତେବେଳେ ତାଙ୍କ କଲମରୁ କାଳି ସରିଯାଇଥିଲା ବୋଲି । ସପ୍ତମ ଶ୍ରେଣୀରେ ପଢୁଥିଲାବେଳେ ବାପାଙ୍କ ଦେହ ଭୀଷଣ ଖରାପ ହେଲା । ଦୁଇଦିନ ଭୀଷଣ ଜ୍ୱର ହେଲା ଆଉ ତୃତୀୟ ଦିନରେ ସେ ବି ଆଖି ବୁଜିଲେ । ତାଙ୍କର ଜୀବନ ଦୀପ ଲିଭିଗଲା ନାହିଁ ଯେ ମୋର ପାଠ ପଢାରେ ଡୋରି ବନ୍ଧା ହେଲା । ସାବତ ମା'ଙ୍କର ଅତ୍ୟାଚାର ଦିନକୁ ଦିନ ବଢିବାକୁ ଲାଗିଲା । ପ୍ରତିବାଦ କରିବାର କୌଣସି ଜୁ ନଥିଲା । ଭାଗ୍ୟକୁ ଆଦରି ବଞ୍ଚୁଥିଲି । ଯଦି କେବେ ସାହାସ ଜୁଟାଇ ପ୍ରତିବାଦ କରୁଥିଲି ପ୍ରତିବଦଳରେ ମୋରେ ପ୍ରଚୁର ମାଡ ସହିତ ଖାଇବାକୁ ମିଳୁ ନଥିଲା । ସାବତ ମା' ମଧ୍ୟ ମୋତେ କପରି ଘରୁ ବିଦା କରିବା ସେହି ଯୋଗାଡରେ ଥାଏ । ବିରାଡି କପାଳକୁ ଶିକା ଛିଡିଲା ପରି ସେ ଜଣେ ଦଲାଲକୁ ମୋତେ ବିକ୍ରି କରିଦେବା ପାଇଁ ମୂଲଚାଲ କରି ସାରିଥାନ୍ତି । ହଠାତ୍ ଦିନେ ସାବତ ମା'ଙ୍କର ବାପାଙ୍କର ମୃତ୍ୟୁ ଖବରଶୁଣି ମା' ଦୁଇ ପୁଅଙ୍କୁ ଧରି ତାଙ୍କ ବାପଘରକୁ ବାହାରିଗଲେ । ମୋତେ ଏକୁଟିଆ ଘର ଜଗିବାକୁ ଛାଡିଦେଇ ଗଲେ । ସେ ଘରୁ ଯିବା ପରଦିନ ମୁଁ ଘରେ ତାଲା ପକାଇ ଗାଁରୁ ଲୁଚ ପଳାଇ ଆସିଲି । ମୁଁ ମୋ ଅନିଶ୍ଚିତ ଭବିଷ୍ୟତକୁ ସଜାଡିବାର ସଂକଳ୍ପ ନେଇ ଚାଲି ଚାଲି ଗାଁ ଠାରୁ ପ୍ରାୟ ପନ୍ଦର କିଲୋମିଟର ଦୂରରେ ଥିବା ରେଳ ଷ୍ଟସନରେ ପହଞ୍ଚିଲି । ସେଠି ବସି ବସି ଗାଡିକୁ ଅପେକ୍ଷା କରିଥାଏ । ଘଣ୍ଟେ କ ଦୁଇଘଣ୍ଟା ପରେ ରେଳଗାଡି ଆସି ଷ୍ଟସେନରେ ପହଞ୍ଚିବାକ୍ଷଣି ମୁଁ ଗୋଟିଏ ଡବା ଭିତରକୁ ଚଢିଯାଇ ଗୋଟିଏ ସିଟ୍ ତଳେ ଶୋଇଗଲି । ମୁଁ ଜାଣେନା କେଉଁ ଷ୍ଟେସନରେ ଏବଂ କେତେବେଳେ ଦୁଇଜଣ ସ୍ୱାମୀ ସ୍ତ୍ରୀ ଆସି ସେ ସିଟ୍ ରେ ବସିଲେ । ସେମାନେ ତାଙ୍କ ବ୍ୟାଗ୍ ଆଉ ଅନ୍ୟାନ୍ୟ ଜିନଷ ରଖିବାକୁ ଯାଇ ଦେଖିଲେ ମୁଁ ତଳେ ଶୋଇଛି । ସେ ଦୁଇଜଣ ଆଉ କେହି ନୁହଁନ୍ତି । ସେ ହେଲେ ମୋର ଏବେର ମା ସରିତା

ଦେବୀ ଆଉ ବାପା ଅନୁରାଗ ପଟ୍ଟନାୟକ । ସେମାନେ ମୋତେ ଉଠାଇଲେ । ସେମାନ ଜିନଷକୁ ଥୋଇ ଦେଇ ମୋତେ ମୋ ନାଁ, ଗାଁ, କେଉଁଠିକୁ ଯିବି ଇତ୍ୟାଦି ପ୍ରଶ୍ନ ପଚାରିଲେ । ମୁଁ କିଛି ଉତ୍ତର ନଦେଇ ଖାଲି ଭୟରେ ଥରୁଥାଏ । ମୁଁ ବିକଳରେ ତାଙ୍କୁ ଏବଂ ଅନ୍ୟ ଯାତ୍ରୀମାନଙ୍କୁ ବଲବଲ କରି ଚାହୁଁଥାଏ ।

କିଛି ସମୟ ପରେ ଗାଡି ସେ ଷ୍ଟେସନ ଛାଡି ଆଗକୁ ଚାଲିଲା । ସରିତା ଦେବୀ ମୋ ହାତକୁ ଟାଣି ମୋତେ ନିଜ ପାଖରେ ବସାଇଲେ । ମୋତେ ପୁଣି ଥରେ ମୋ ନାଁ, ଗାଁ ବିଷୟରେ ପଚାରିଲେ । ମୁଁ କୌଣସି ପ୍ରଶ୍ନର ଉତ୍ତର ନ ଦେଇ କେବଳ ଭେଁ ଭେଁ ହୋଇ କାନ୍ଦିଲି । ଓ କାନ୍ଦ ଶୁଣି ସେ ବଗିର ଅନ୍ୟ ଯାତ୍ରୀମାନେ ମୋ ଆଡକୁ ଚାହୁଁଥାନ୍ତି । ସେ ମୋତେ ତୁନ କରାଇଲେ । ତା'ପରେ ମୋତେ ଆଉକିଛି ପଚାରିଲେ ନାହିଁ ।

ସେତେବେଳେ ରାତି ବୋଧେ ଦଶଟା ପାଖାପାଖି ହେବ । ସବୁ ଯାତ୍ରୀମାନେ ରାତ୍ରିକାଳୀନ ଭୋଜନ କରୁଥାନ୍ତି । ମୋତେ ଭୀଷଣ ଭୋକ କରୁଥାଏ । ଠିକ୍ ଏତିକି ବେଳକୁ ସରିତା ଦେବୀ ମୋତେ ରୁଟି ତରକାରୀ ଖାଇବାକୁ ଦେଲେ ଆଉ ସେ ନିଜେ ମଧ୍ୟ ଖାଇଲେ । ମୁଁ କିନ୍ତୁ ଖାଉ ନଥାଏ । ସେ ମୋତେ ବହୁତ ବୁଝାଇ ସୁଝାଇ ବଳେଇ ବଳେଇ ଖୁଆଇ ଦେଲେ । ମୋତେ ପାଣି ଦେଲେ ପିଇବାକୁ । ତା'ପରେ ଅନୁରାଗ ବାବୁ ଶୋଇଗଲା ପରେ ସରିତା ଦେବୀ ମୋତେ ନାନା ଆଶ୍ୱସନା ଦେଇ ପୁଣିଥରେ ମୋର ନାଁ, ଗାଁ ବିଷୟରେ ପଚାରିଲେ । ମୁଁ ତାପରେ ତାଙ୍କୁ ମୋ ବିଷୟରେ ସବୁକଥା ଖୋଲିକରି କହିଦେଲି । ତା'ପରେ ତାଙ୍କୁ କହିଲି କି ମୁଁ ଘରୁ ଲୁଚକରି ପଳେଇ ଆସିଛି ବୋଲି । ସେ ସବୁ କଥା ଶୁଣି ମୋ ପିଠି ଥାପୁଡାଇ ମତେ ବୁଝାଇଲେ ଆଉ ନିଜ ସାଥିରେ ରାୟଗଡା ନେଇଗଲେ ।

ରାୟଗଡାରେ ପହଞ୍ଚିବା ପରେ ମୁଁ ଜାଣିଲି ସ୍ୱାମୀ ସ୍ତ୍ରୀ ଦୁହେଁ ଶିକ୍ଷକତା କରନ୍ତି । ଘରେ ତାଙ୍କର ଦୁଇ ପୁଅ । ସେମାନେ ମୋତେ ନିଜର ଝିଅ କରି ରଖିଲେ । ତାଙ୍କର ସ୍ନେହ ଓ ମମତା ପାଇ ମୁଁ ମଧ୍ୟ ମୋ ଅତୀତକୁ ଭୁଲିବାକୁ ଲାଗିଲି । ତାଙ୍କ ବଡ ପୁଅ ଅଷ୍ଟମ ଶ୍ରେଣୀରେ ଓ ସାନ ପୁଅ ସପ୍ତମ ଶ୍ରେଣୀରେ ପଢୁଥିଲେ । ମୁଁ ସେମାନଙ୍କ ସହିତ ପାଠ

ପଢ଼ିଲି। ପାଠ ପଢ଼ି ଦୁଇ ଭାଇ ଇଞ୍ଜିନିୟର ହେଲେ ଆଉ ମୁଁ ଏମ୍.ବି.ଏ. ପଢ଼ିଲି। ଅନୁଭବ ଆଉ ଗୌରବ ଭାଇ ବାଙ୍ଗାଲୋରରେ ଦୁଇଟି ସଫ୍ଟୱେୟାର୍ କମ୍ପାନୀରେ ଚାକିରୀ କଲେ ଆଉ ମୁଁ ଏଠି ଭୁବନେଶ୍ୱରର ଇନଫୋସିସ୍ ରେ ଚାକିରୀ କରୁଛି। ବାପା ମା' ମଝିରେ ମଝିରେ କିଛି ଦିନ ପାଇଁ ମୋ ପାଖକୁ ଆସନ୍ତି ଆଉ କିଛି କିଛି ଦିନ ଭାଇମାନଙ୍କ ପାଖରେ ରହନ୍ତି। ପ୍ରତିବର୍ଷ ପୂଜା ଛୁଟିରେ ଆମେ ସମସ୍ତେ ଏକାଠି ହେଉ। ଦୁଇ ଚାରି ଦିନ ଛୁଟି ମିଳିଲେ ମୁଁ ବି ବାଙ୍ଗାଲୋର ଭାଇମାନଙ୍କ ପାଖକୁ ଚାଲିଯାଏ। ସେମାନେ ବି ପାଳିକରି ମୋ ପାଖକୁ ଆସନ୍ତି। ଆଜି ଯଦି ଏ ସମାଜରେ ମୁଣ୍ଡଟେକି ବାଟ ଚାଲିପାରୁଛି ତାହା କେବଳ ସେମାନଙ୍କ ପାଇଁ। ସେମାନଙ୍କର ସ୍ନେହ ଶ୍ରଦ୍ଧା ମୋ ଜୀବନର ଅମୂଲ୍ୟ ସମ୍ପଦ।

ତୁମ କଥା ଶୁଣି ସାରିଲା ପରେ ମୁଁ ନିଜକୁ ପରମ ଭାଗ୍ୟଶାଳୀ ଭାବୁଛି ଶିବାନୀ। ତୁମ ପରି ସାହାସୀ, ସଚ୍ଚୋଟ ସ୍ତ୍ରୀ ଭାଗ୍ୟରେ ଥିଲେ ମିଳେ। ଶିବାନୀକୁ ଆଶ୍ୱସନା ଦେଇ ପ୍ରିୟବ୍ରତ କହିଲେ, "ବାପା ମା ଜନ୍ମ ଦିଅନ୍ତି କିନ୍ତୁ ପ୍ରାରବ୍ଧ ଦିଅନ୍ତି ନାହିଁ। ମଣିଷ ନିଜର ପ୍ରାରବ୍ଧକୁ ନିଜେ ରଚନା କରେ, ନିଜର କର୍ମ ଓ ସଂସ୍କାର ବଳରେ। ଆଉ ତମେ ଯେଉଁ ସଂସ୍କାର ପାଇଛ ମୁଁ ଚାହୁଁଛି ସେହି ସଂସ୍କାର ମୋ ଜୀବନକୁ ସରସ ସୁନ୍ଦର କରି ତୋଳିବ। ତା'ଛଡା ଦେବ ପ୍ରତିମ ଶାଶୁ ଶଶୁର ମଧ୍ୟ ଆମକୁ ରାସ୍ତା ଦେଖାଇବାରେ ସହାୟକ ହେବେ।

ଏହା ଶୁଣି ଶିବାନୀ ଖୁସିରେ କାନ୍ଦି ପକାଇଲା। ପ୍ରିୟବ୍ରତ ତା' ଆଖିରେ ଲୁହକୁ ପୋଛି ଦେଇ କହିଲେ, "କାହିଁକି କାନ୍ଦୁଛ ଶିବାନୀ? ତୁମେ ତ ମୋ ଭାଗ୍ୟାକାଶରେ ଏକ ଅମଳିନ ସୁମନ।" ଏବେ ଠୁଁ ଆଉ ଅତୀତ କଥା ନ ଭାବି ସୁନେଲି ଭବିଷ୍ୟତର ସ୍ୱପ୍ନ ଦେଖ।

ଭୋଇନଗର, ଭୁବନେଶ୍ୱର

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ଭାଙ୍ଗିଯିବ ସ୍ୱାର୍ଥର ବନ୍ଧ



ବଳବନ୍ତ ସାହୁ (ବବଲୁ)

ହେ ମଣିଷ !
ମୁଁ , ମୁଁ କହି ବାନ୍ଧ ଯେଉଁ ବନ୍ଧ
ରହିବ କି ଚିରସ୍ଥାୟୀ ?
ହିଂସା, ଅହଂକାର
ଲୋଭ, ସ୍ୱାର୍ଥେ ଭରା ବନ୍ଧ
ହୋଇବନି ଶକ୍ତିଶାଳୀ |
ବେଳ ଥାଉ ଥାଉ ବୁଝି ଯାଅ
ହୃଦବୋଧ କର ନିଜ ସ୍ୱାର୍ଥ କୁ
ସ୍ୱୀକାର କର ନିଜ ମୂର୍ଖାମୀ କୁ
ପଶ୍ଚାତାପ କର ନେଇ ନିଜ ଭୁଲ କୁ
ଭସ୍ମ କରିଦିଅ, ନିଜ ରାଗକୁ
ନିଜ ଈର୍ଷାକୁ
ନିଜ ହିଂସାକୁ
ନିଜ ଅହଂକାରକୁ
ନିଜ ସ୍ୱାର୍ଥରେ ନିର୍ମିତ ବନ୍ଧକୁ
ନିଜ ମୁଁ 'କାର ଧ୍ୱଜକୁ ।
ଯଦି ପାରିଲ ଭସ୍ମ କରି ଏସବୁକୁ,
ପାରିଲ ସତ୍ୟକୁ ସାଉଁଟି ବନ୍ଧ ବାନ୍ଧି
ତେବେ ସବୁକିଛି ଖୋଜିବ ତୁମକୁ
ଖୋଜିବ ସ୍ୱପ୍ନ
ଖୋଜିବ ଧନ
ଖୋଜିବ ନାରୀ
ଖୋଜିବ ଭାଗ୍ୟ
କରି ଗାଲୁଥିବ ଜୟ ପରେ ଜୟ
ତା'ପୁଣି ହୃଦୟ ରାଜ୍ୟ ।
ନହେଲେ..
ନହେଲେ...
ହଠାତ୍ ଭାଙ୍ଗିଯିବ ସବୁ ସ୍ୱପ୍ନ
ଏକଦମ୍ କାଚ ଆଇନା ପରି,
ହଠାତ୍ ଲିଭିଯିବ ସବୁ ଆଶାର ଆଲୁଅ
ଦୀପାବଳିରୁ ଦୀପ ସବୁ ଲିଭିଯିବ
ଉଭେଇ ଆସିବ
କଳା ଝିମଝିମ ଶାଢ଼ୀ ପିନ୍ଧି ଅମାବଶ୍ୟା ,
ତା' ସହିତ ଭାଙ୍ଗିଯିବ ସେ ବନ୍ଧ
ବାହାରି ଆସିବ ଲୁଚାଇଥିବା ସତ ସବୁ
ଢେଉ ଢେଉର ମାଡ଼ରେ, ଚୁରମାର୍ ହୋଇଯିବ
ହିଂସା, ଅହଂକାର, ସ୍ୱାର୍ଥ.....
ସବୁଆଡେ ଖେଳିଯିବ ଗୋଟିଏ ଲହରୀ
ଚତୁଃପାର୍ଶ୍ୱ ଖାଲି ସତ୍ୟ ସତ୍ୟ ସତ୍ୟ.....|

ଭୂଷଲାର୍ଡ଼,ସିନ୍ଧେକେଲା, ବଲାଙ୍ଗୀର

# କୋହିମା, ନାଗାଲ୍ୟାଣ୍ଡ
## (କୋହିମା ଗଳର କୁକୁର )

-ଧାରାବାହିକ ଭ୍ରମଣ କାହାଣୀ-

ପ୍ରିୟବ୍ରତ ପାତ୍ର

କୋହିମା ହେଉଛି ଭାରତର ଉତ୍ତର-ପୂର୍ବାଞ୍ଚଳରେ ଥିବା ନାଗାଲ୍ୟାଣ୍ଡ ରାଜ୍ୟର ରାଜଧାନୀ। କୋହିମା ବଜାରରେ ପ୍ରାତଃ ଭ୍ରମଣ ଆଦୌ ପ୍ରୀତିପଦ ନୁହେଁବୋଲି ଶୁଣିଥିଲି। ମୋର କୋହିମା ରହଣି କାଳରେତାହା ସତ ବୋଲି ହୃଦୟଙ୍ଗମ କଲି। ସକାଳୁ ସକାଳୁ ବିଭିନ୍ନ ଦୋକାନ ଓ ହୋଟେଲ ପାଇଁ ଗୋ ମାଂସ ଘ୍ରାଣ ହେଉଥିବ, କଂସେଇଖାନାର ଗଦା ଗଦା ସଂଖ୍ୟାରେ ଛେଳ, ମେଣ୍ଢା, କୁକୁଡା, ଘୁଷୁରୀ ଆଦି ହଣା ହେଉଥିବେ- ଏସବୁ ଆମପାଇଁ ଅପ୍ରୀତିକର ଦୃଶ୍ୟ। ପରିବା ବଜାର ଭିତରେ ଏମିତି ଘୁଷୁରୀ, ମଇଁଷି ବା ଗାଇଟିଏ କଟାହୋଇ ପଡିଥିବ ଏବଂ ଲୋକେ ପନପରିବା କିଣିବାବେଳେ ସେଥିରୁ ପୁଳାଏ ପୁଳାଏ ମାଂସ ନିଶ୍ଚିତ ଭାବେ କିଣି ନେଉଥିବେ। ବିନା ମାଂସରେ ନାଗା ଖାଇବା ଶିଖିନାହିଁ।

ରହୁଥିବା ଲଜ୍ ସାମନାରେ ମୁଁ ସକାଳୁ ଠିଆ ହୋଇଥାଏ, ସାମନା ହୋଟେଲ ଆଗେରେ ଦେଖେ ପାଞ୍ଚସାତଟି ବୁଲାକୁକୁର ଅଖା ଭିତରେ ବନ୍ଧା ହୋଇ ପଡିଛନ୍ତି। ଅଖା ବାହାରକୁ ମୁଣ୍ଡଟିମାନ କାଢି ଛନଛନ ହୋଇ ଚାହୁଁଥାନ୍ତି। ଅଥଚ ସାମାନ୍ୟ କୁଂ କାଂ ଶବ୍ଦ କରିବାକୁ ସେମାନେ ଥିଲେ ଅସମର୍ଥ। ସେମାନଙ୍କ ବେକ ଓ ପାଟିକୁ ନାଇଲନ୍ ସୂତାରେ ଏପରି କୌଶଳ କ୍ରମେ ବନ୍ଧା ହୋଇଥାଏ ଯେ, ନିଶ୍ୱାସ ନେବାକୁ ସମର୍ଥ ଥିଲେ, ଅଥଚ ଥିଲେ ନିର୍ବାକ୍। ସେଇ କଳା କୌଶଳ କେବଳ ନାଗାଙ୍କୁ ଜଣା। ପରେ ପରେ କିଛି ମାରୁତି ଭ୍ୟାନ୍ ଓ ଟ୍ୟାକ୍ସି ସେଠାରେ ପହଞ୍ଚିଲା ଏବଂ ପଛର ଡିକି ଖୋଲି ଡ୍ରାଇଭର ମହାଶୟମାନେ କିଛି ଅଖାବନ୍ଧା କୁକୁରଙ୍କୁ ସେଠାରେ ଫୋପାଡି ଦେଲେ। ଗୋଟିଏ ଗୋଟିଏ କୁକୁର ପିଛା ନଗଦ ଦୁଇହଜାର ଟଙ୍କା ନେଇ ସେମାନେ ଚାଲିଗଲେ। ହୋଟେଲରେ କାମ କରୁଥିବା ନାଗା ଯୁବକର ମୁଦଗର ପରି ଦିଶୁଥିବା କାଠ ଠେଙ୍ଗାର ପାହାରରେ ଅଖାବନ୍ଧା କୁକୁରଙ୍କ ଜୀବନ

ବିନା ଶବ୍ଦରେ ଗ୍ଭଲିଗଲା । ତାଙ୍କ ନାକପାଟିରୁ ବହୁଥିବା ରକ୍ତ ନାଳରେ ବହିଗଲା ପରେ ତାଙ୍କୁ ପାଇପ୍ ମୁହଁରୁ ବାହାରୁଥିବା ନୀଳରଙ୍ଗର ଗ୍ୟାସ ଶିଖାରେ ପୋଡି ଦିଆଗଲା । ଅଗ୍ନିଶିଖାର ସ୍ପର୍ଶରେ ରୁମସବୁ ପୋଡିଗଲା ପରେ, ଧୋଇଧାଇ, କାଟବାଟ କରି ହୋଟେଲ୍ ବା ଗ୍ରାହକମାନଙ୍କୁ ଯୋଗାଇ ଦିଆଗଲା । ତାହା ଥିଲା କୁକୁରମାନଙ୍କ ପାଇଁ ଏକ କଂସେଇଖାନା ତଥା କୁକୁର ମାଂସର ବିଭିନ୍ନ ଡିସ୍ ମିଳୁଥିବା ଏକ ବିଖ୍ୟାତ ହୋଟେଲ୍ ।



କୋହିମା ସହରରେ ଏମିତି ଅନେକ କଂସେଇଖାନା ଓ ହୋଟେଲ ରହିଛି । ଅତି କମରେ ଦୈନିକ ଏପରି ପାଞ୍ଚଶହ କୁକୁର ଆବଶ୍ୟକ ପଡିଥାନ୍ତି । ସ୍ଥାନୀୟ ଉଚ୍ଚାରଣକ୍ରମେ ନାଗାମାନେ ତାକୁ “ଡୋଗମିଟ୍” ବୋଲି କହିଥାନ୍ତି । କୌଣସି ହୋଟେଲ ଆଗରେ ଆପଣ ଯଦି ଠିଆ ହୋଇଯିବେ, ତେବେ ପରିଗ୍ଭରକ ଜଣେ ଖୁସିରେ ଆଖି ନଚେଇ ଆପଣଙ୍କୁ ପାଛୋଟି ନେବେ ଏବଂ “ଡୋଗମିଟ୍ ଏଭେଲେବେଲ୍” ବୋଲି କହୁଥିବେ । ତେବେ ଏତେ ସଂଖ୍ୟାରେ ବୁଲା କୁକୁର କୋହିମାକୁ କପରିଭାବେ ଗ୍ଭଲାଣ ହୋଇଥାଏ ତାହା ଏକ ପ୍ରଶ୍ନ । ସୁଦୂର ଗୌହାଟୀ ବା କଲିକତାରୁ ବିଭିନ୍ନ ଏଜେଣ୍ଟଙ୍କ ଜରିଆରେ ସେସବୁ ଆସିଥାଏ । ଖାସ କରି ଏ ବ୍ୟାପାରରେ ପାରଙ୍ଗମ କୁକୁର ଧରାଳମାନେ ଅନ୍ଧାର ଗଳରେ ସାମାନ୍ୟ ବିସ୍କୁଟ ବା ରୁଟିର ଲୋଭ ଦେଖେଇ ବୁଲା କୁକୁରଙ୍କୁ ଧରିନେଇ ମୁହଁ ଓ ଗୋଡ ବାନ୍ଧି ପକାନ୍ତି ଓ ଅଖାରେ ପୂରାଇ ନର୍ଦ୍ଧାରିତ ଏଜେଣ୍ଟଙ୍କୁ ଯୋଗାଇ ଦିଅନ୍ତି । ସେସବୁ ବିଭିନ୍ନ ମାଲଗାଡିରେ

ଆସିଥାଏ କୋହିମା ସହରକୁ । କୁକୁର ସଂଗ୍ରହ କରିବା ଏକ ଲକ୍ଷ ଲକ୍ଷ ଟଙ୍କାର କାରବାର, ବଡ ବଡ ର୍‌ୟାକେଟ୍ ସେଥିରେ କାମ କରିଥାନ୍ତି ।

କୁକୁରମାନଙ୍କ ସହିତ ଥିବା ଖାଦ୍ୟ-ଖାଦକର ସଂପର୍କକୁ ନେଇ ସାରା ଭାରତରେ ନାଗାମାନଙ୍କ ଏକ ଅଲଗା ପରିଚୟ । ସେମାନେ ସର୍ବଭୁକ୍ ମାଂସାସୀ । କୋହିମା ବଜାରରେ ସାପ, ବିଛା, ବିରାଡି, କାଉ, ମୂଷା, ବିଭିନ୍ନ ପ୍ରକାରର ପୋକଜୋକ ଆଦି ସବୁକଛି ମିଳେ । ନାଗା ସବୁକଛି ଖାଇଯାନ୍ତି । ଭାରତର ସବୁ ଗାଁ ସହରରେ ଛେଳି, କୁକୁଡା ବା ଘୁଷୁରୀର ମାଂସ ମିଳେ। ମୁସଲମାନ୍, ଖ୍ରୀଷ୍ଟିଆନ୍ ବହୁଳ ଅଞ୍ଚଳରେ ଗୋ ମାଂସର ବହୁଳ ପ୍ରଚଳନ ଦେଖାଯାଏ, ଯେମିତିକି କଲିକତା, ହାଇଦ୍ରାବାଦ, ଗୋଆ ବା କେରଳ । କନ୍ତୁ କୁକୁର ମାଂସ ମିଳେ କେବଳ ନାଗାଲାଣ୍ଡରେ । ବଜାରରେ ଖାସ୍ କରି କୁକୁର ମାଂସରେ ପ୍ରସ୍ତୁତ କରାଯାଇ ପାରୁଥିବା ବ୍ୟଞ୍ଜନ ପ୍ରଣାଳୀକୁ ନେଇ ଅନେକ ବହି । ସବୁଗୁଡିକର ଲିପି ଇଂରାଜୀ, କନ୍ତୁ ଭାଷା ନାଗା। କୁକୁରର ପେଟ ଭିତରେ ଚାଉଳ ରଖି ତାକୁ ପୋଡିଦେବା ପରେ ସେ ଚାଉଳରେ ତିଆରି ଭାତ ବା ପଲାଉ ହେଉଛି ଏକ ସମ୍ଭ୍ରାନ୍ତ ଖାଦ୍ୟ । କଛି ଦୂରାରୋଗ୍ୟ ବ୍ୟାଧିରୁ ମୁକ୍ତି ପାଇଁ କୁକୁର ଆଖିଡୋଳାକୁ କଞ୍ଚା ଗିଳଦେବା ହେଉଛି ଏକ ସାଧାରଣ କଥା ।

ବୁଲା କୁକୁରଟିଏ ଦେଖିଲେ ପ୍ରତ୍ୟେକ ନାଗାର ପାଟିରୁ ଲାଳ ବହିପଡେ । ସେହି ମାଂସର ଝୋଳ ପାଖରୁ ସେ ମୁହଁ ଫେରେଇ ପାରେ ନାହିଁ, କ ତାକୁ ତ୍ୟାଗ କରିବା ପାଇଁ ପ୍ରସ୍ତୁତ ନୁହେଁ। ଏପରେ ଆମେ ଭାରତୀୟମାନେ ଏହା ଏକ ଖାଦ୍ୟ ହୋଇପାରେ ବୋଲି ଗ୍ରହଣ କରିବାକୁ ପ୍ରସ୍ତୁତ ନୋହୁ । ଚୀନ୍, ବର୍ମା, ତାଇୱାନ, ଥାଇଲାଣ୍ଡ, ଭିଏତନାମ୍, କୋରିଆ, କାମ୍ବୋଡିଆ ଆଦି ଅନେକ ଦେଶରେ ଏହାର ଖୁବ୍ ଚାହିଦା ରହିଛି – ଏକଥା ଅମେ ଜାଣି ସୁଦ୍ଧା ଅଜଣା ରହୁଛୁ। ଏହି ଖାଦ୍ୟଟି ପାଇଁ ଆମେ ନାଗାଙ୍କୁ ଘୃଣା କରୁ ଓ ଘୃଣା କରୁଛୁ ବୋଲି ସେମାନେ ଆମକୁ ଭୟଙ୍କର ଭାବେ ଘୃଣା କରନ୍ତି। ଏକ ଅଲଗା ଖାଦ୍ୟରୁଚ ନମେନ୍ତେ ସେମାନେ ଏକ ଅଲଗା ପରିଚୟ ଦାବି କରନ୍ତି । ସେଥିପାଇଁ ଏକ ଅଲଗା ରାଷ୍ଟ୍ର

ଓ ସମ୍ବିଧାନ ଦାବି କରନ୍ତି । ଏହି ଦାବିରୁ ଏଯାବତ୍ ଚାଲି ସିଛି ଅମୀମାଂସିତ ଇଣ୍ଡୋ-ନାଗା ଯୁଦ୍ଧ । କହିବା ବାହୁଲ୍ୟ ଗଲା ୬୪ ବର୍ଷର ଏହି ଛାୟା ଯୁଦ୍ଧରେ ନା ଭାରତ ବିଜୟ ପାଇଛି ନା ନାଗାମାନେ ଭାରତୀୟ ମିଲିଟାରୀଠାରୁ ସଂପୂର୍ଣ୍ଣ ସ୍ୱାଧୀନତା ପାଇଛନ୍ତି । ରାଜିନାମା ଓ ଯୁଦ୍ଧ ବିରୋଧୀ ଚୁକ୍ତିକ୍ରମେ ଭାରତ ନିଜର ସୀମିତ ପ୍ରଭାବ ବିସ୍ତାର କରିଛି ଏବଂ ନାଗାମାନେ ମଧ୍ୟ ନିଜର ଅଲଗା ରୁଚ ଓ ପସନ୍ଦର ଜୀବନ ଜୀଇଁବାକୁ ସମର୍ଥ ହୋଇଛନ୍ତି । ମଣିଷର କ୍ରମ ବିବର୍ତ୍ତନ ସହ ତାଳଦେଇ ସର୍ବପ୍ରଥମ ଓ ସବୁଠୁ ଘନିଷ୍ଠ ଗୃହପାଳିତ ପଶୁରୂପେ କୁକୁର ଗୃହୀତ ହୋଇଛି । ଶିକାର ତଥା ଉର୍ଦ୍ଧରେ ସାହାଯ୍ୟ କରିବା, ମାଦକ ଓ ବିସଫୋଟକ ଦ୍ରବ୍ୟ ଚିହ୍ନଟ କରିବା, ଘର ଜଗିବାଠୁ ଆରମ୍ଭ କରି ମଣିଷର ନିକଟରେ କୃତଜ୍ଞ ବନ୍ଧୁରୂପେ ରହିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ କୁକୁର ରହିଛି । ପୋଷା ମାନିବାରୁ ଆମେ ତାକୁ ଗେହ୍ଲାକରୁ, ସମ୍ମାନ ଦେଉ - ତେଣୁ ତାକୁ ମାରି ଖାଇବା ଆମ କଳ୍ପନାର ବାହାରେ । ଅନ୍ୟପକ୍ଷରେ ବୁଲାକୁକୁର ରାସ୍ତାରେ ବିଷ୍ଠା ଖାଏ, ନାଳନର୍ଦ୍ଦମା ବୁଲି କଦର୍ଯ୍ୟ ପରିବେଶରେ କଦର୍ଯ୍ୟ ଖାଦ୍ୟ ଖାଇଥାଏ । ତେଣୁ ତାକୁ ମାରି ଖାଇବାକୁ ଘୃଣା କରିଥାଏ । କିନ୍ତୁ କି ପରିସ୍ଥିତିରେ ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ, ଲୋକେ ଏପରି ଏକ ବର୍ଜ୍ୟବସ୍ତୁ ପ୍ରତି ଆକର୍ଷିତ ହୋଇଛନ୍ତି, ତାହା ଏକ ବିସ୍ମୟ ।

ନାଗାମାନେ ଯଦିଓ ଖ୍ରୀଷ୍ଟିଆନ ତଥାପି ଅନେକ ଆଦିମ ପରମ୍ପରାକୁ ନିଜର ଧର୍ମ ଭିତରେ ସାମିଲ କରିଛନ୍ତି । ମୃତକଙ୍କୁ ନିଜ ଘରେ ସମାଧି ଦେଇଥାନ୍ତି । ମୃତକର କିଛି ପ୍ରିୟ ସାମଗ୍ରୀ ଯଥା ବର୍ଚ୍ଛା, କାତି, ପୋଷାକ, ସେ ଜିତିଥିବା ମଣିଷ ମୁଣ୍ଡର ଖପୁରୀ ବା ଶିକାର କରିଥିବା ବଡ ବଡ ପଶୁମାନଙ୍କ ମୁଣ୍ଡକୁ ତା'ର ସମାଧି ଭିତରେ ପୂର୍ବେ ପୋତି ଦିଆଯାଉଥିଲା । ତା'ର ଯଦି ଶିକାରୀ କୁକୁର ଥିଲା ବା ପ୍ରିୟ ପୋଷାକୁକୁର ଥିଲା, ତାକୁ ବି ମୃତକ ସହ ପୋତି ଦିଆଯାଉଥିଲା । ବିଶ୍ୱାସ ଥିଲା ମୃତ୍ୟୁଲୋକରେ ଏସବୁ ସାମଗ୍ରୀ ସହ ଲୋକଟି ଖୁସିରେ ରହିବ । କିଛି ସଂପ୍ରଦାୟରେ ଚଳଣିକ୍ରମେ ସମାଧି ପାଖରେ କାଠ ଖମ୍ବଟିଏ ପୋତି ସେଥିରେ ଜୀବନ୍ତ କୁକୁରଟିଏ ଲଟକାଇ ଦିଆଯାଉଥିଲା । ସାରାଦିନ ଫାଶୀରେ ଲଟକି କୁକୁରଟିର ମର୍ମନ୍ତୁଦ ମୃତ୍ୟୁ ଘଟୁଥିଲା ଏବଂ ଶେଷରେ ଘରଲୋକେ ତାକୁ ଭାଜିକରି ଖାଉଥିଲେ । ଏବେ

ଲୋକେ ମୃତକର ସମାଧି ପାଖରେ ଯୀଶୁ କଷ୍ଟ ପାଉଥିବା କ୍ରସ ଚିହ୍ନଟିଏ ପୋତି ସେଇ ମାନସିକତା ପ୍ରଦର୍ଶନ କରୁଛନ୍ତି । ଏ ଲେଖକ ବୁଲିଲାବେଳେ ଏମିତି ଅନେକ ଘର ଦେଖିଛି ଯା' ଭିତରେ ଥିବା କୌଣସି ସମାଧି ଉପରେ ଫୁଲତୋଡା ରଖି, ଘରଲୋକେ ତା' ଉପରେ ବସି ଖୁସିଗପ କରୁଥିବେ ।

ନାଗାମାନଙ୍କର ପରମ୍ପରା ରହିଛି ଅଦି ମାଲିକର କୌଣସି ପୋଷା କୁକୁର ଥାଏ, ଶିକାରୀ କୁକୁର ଥାଏ, ତାକୁ ଖାଇବା ସମ୍ପୂର୍ଣ୍ଣ ନିଷିଦ୍ଧ । ଏକେ ତ ତାକୁ ମାରି ସମାଧିରେ ପୋତାଯିବ, ନତୁବା ସେମିତି ତାକୁ ଖୋଲା ଛାଡି ଦିଆଇବ । କୋହିମା ଗଳିରେ, ଅଦି ଏମିତି କିଛି ବୁଲା କୁକୁର ଦେଖୁଛ, ତେବେ ତା' ପଛରେ ଇତିହାସ ସେଇଭଳି କିଛି । ତାକୁ ଜଦି କିଏ ମାରିଲା, ତେବେ ହତ୍ୟାକାରୀର ମୁଣ୍ଡ ଉଡିଯିବା ସମ୍ଭାବନା ରହିଛି । ଆମେ ଭାରତୀୟମାନେ ଗାଁ ଓ ସହରରେ ହଜାର ହଜାର ବୁଲା କୁକୁରଙ୍କ ପ୍ରାଦୁର୍ଭାବରେ ଅତିଷ୍ଠ । ମ୍ୟୁନିସିପାଲିଟି ତରଫରୁ ସେମାନଙ୍କୁ ବନ୍ଧ୍ୟା କରାଯାଉଛି ବା ବିଷଦେଇ ମରାଆଉଛି । ପାଗଳା କୁକୁର ଦେଖିଲେ ଠେଙ୍ଗାରେ ପିଟିପିଟି ମରାଯାଉଛି । କିନ୍ତୁ ନାଗାମାନେ ତାଙ୍କୁ ଅମୃତ ଭଳି ଖାଇବା ବିଷୟଟିକୁ ଆମେ ଗ୍ରହଣ କରିପାରୁନାହୁଁ । ନାଗାମାନେ ଆଶା କରନ୍ତି ଯେ ଭାରତ ଯଦି ଟିକିଏ ଉଦାର ହୋଇ ଗଳିକନ୍ଦିରେ ବୁଲୁଥିବା କୁକୁରମାନଙ୍କୁ ନାଗାଲାଣ୍ଡ ପଠାଇବା ବ୍ୟବସ୍ଥା କରିପାରନ୍ତା ବା ନେବା ପାଇଁ ଅନୁମତି ଦେଇପାରନ୍ତା, ତେବେ ନାଗାମାନଙ୍କ ଅଶେଷ ଉପକାର ହୁଅନ୍ତା । ଏପଟେ ଭାରତୀୟମାନେ ମଧ ଶାନ୍ତିରେ ନିଃଶ୍ୱାସ ମାରିପାରନ୍ତେ । ଭାରତ ଆଇନଗତ ଭାବେ ଏହାକୁ ବିରୋଧ କରୁଚ ବୋଲି ନାଗାମାନେ ଖୁବ୍ଧ । ଭାରତଠୁ ଅଲଗା ହୋଇ ରହିବା ପାଇଁ ନାଗାମାନେ ଲଢେଇ ଜାରି ରଖିଛନ୍ତି । ଏହି ତମାମ ହଗଡା ଓ ଯୁଦ୍ଧ ଭିତରେ ମୂଳ କାରଣ ହେଉଛି ନାଗାମାନଙ୍କ ଚରମ ସ୍ୱାଧୀନତା ପାଇଁ ପିପାସା ଓ ଭାରତର ଅନ୍ୟ ଭୂଖଣ୍ଡର ଚଳଣିଠାରୁ ସେମାନଙ୍କର ବ୍ୟାପକ ଦୂରତା । କୁକୁର ମାଂସ ଭକ୍ଷଣ ଏହି ସଂସ୍କୃତିଗତ ବିଭେଦତାର ଏକ କ୍ଷୁଦ୍ର ଅଂଶ ମାତ୍ର ।

କ୍ରମଶଃ.....

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# ପ୍ରେମ ଥିଲ୍ ବୋଲି !!



ସଚ୍ଚିଦା ନନ୍ଦ ବାରିକ

ପ୍ରେମ ଥିଲ୍ ବୋଲି

ତମ ପାଇଁ

ତମ ସହ ପ୍ରତ୍ୟେକ ଟି ମୂହୁର୍ତ୍ତ

ଲାଗୁଥିଲ୍ ଅପାସୋର୍

ସରି ଯାଉଥିଲ୍ ଜଲଦି ଜଲଦି

କହିବାକୁ ଥିଲ୍ ଅନେକ କଛି

ମୁଁ ଚୁପ ତମେ ବି ଚୁପ

ଗ୍ବରିଆଡେ ଥିଲ୍ କେବଳ ଶୂନ୍ୟତା ଆଉ ଶୂନ୍ୟତା ॥

କଏ ଜଣେ କହିଥିଲେ

ପ୍ରେମ କେବେ ସରେ ନାଇଁ

ଇଏ କେବଳ ଏକ ରୂପାନ୍ତର

କଏ ବଞ୍ଚେ ପ୍ରେମ ପାଇଁ

କଏ ବଞ୍ଚେ ଜୀବନ ସାର୍ ପ୍ରେମ ଦେଇ ଦେଇ

କଏ ପାଲଟି ଯାଏ

ସାଧାରଣ ମଣିଷ ଠୁ ଚର ସବୁଜ

ଠୋକର ଖାଇ ଖାଇ

ଘୁରି ବୁଲେ ଗାଁ ଠୁ ସହର



ବିରହ ମିଶା ପ୍ରେମ ର ଗଜଲ ଗାଇ ଗାଇ

ମନର ଅବଶୋଷକୁ

ହସ ତଳେ କବର ଦେଇ ॥

ଶୁଣା କଥାରୁ ଅଜବ ପ୍ରଶ୍ନଟେ ଉଙ୍କିମାରେ ମନରେ

ପ୍ରେମ ବିନା କଣ ବଞ୍ଚି ହୁଅନ!!!

ହେଉଥିବ ବୋଲି ତ ଲୋକେ ଜିଇଁଛନ୍ତି

ମୁଁ ବି ବଞ୍ଚିଛି!!

ବୋଧେ ଆଜିକାଲି ବ୍ୟସ୍ତତା ହିଁ ପ୍ରେମ

ନା ଖାଲି ନରୁତା ପ୍ରେମକୁ ନେଇ

ଜିଇଁ ହୁଏ ପ୍ରେମ ପରେ ବଳ ଯାଇଥିବା ଅବଶିଷ୍ଟ ଜୀବନ!!

ଏତେ ସବୁ ଗୋଳମାଳଆ ପ୍ରଶ୍ନ ଭିତରେ

କୌଣସି ନଷ୍କର୍ଷ ରେ ପହଞ୍ଚିବା ପରେ

ପୁଣି ନଜେ ନଜେ ଛନ୍ଦି ହୋଇଯାଏ ଅଜବ ମାନସାଙ୍କରେ ॥

ଗ୍ରାମ /ପୋଷ୍ଟ – ଝୁମ୍ପୁରା,
ଜିଲ୍ଲା – କେନ୍ଦୁଝର, ଓଡିଶା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପ୍ରେମ ଫୁଲ ମରେନା



ସତ୍ୟବ୍ରତ ସାହୁ

ସବୁ ଫୁଲ ମରିଯାଏ ପ୍ରେମ ଫୁଲ ମରେନା

ସବୁ ମୂଲ ମିଳଯାଏ ପ୍ରେମ ମୂଲ ମିଳେନା ॥ (୦)

ବେଳାପରେ ବାଲିଘର ଢେଉ ସିନା ଧୋଇନଏ

କାଗଜ କାଳର ଲେଖା ଦିନେ କେବେ ଚରିଯାଏ

ହୃଦୟେ ସାଇତା ପ୍ରେମ କେହି ଲୁଟି ପାରେନା

ଜୀବନ ମରୁରେ ପ୍ରେମ ଛୋଟ ଏକ ଝରଣା ॥ (୧)

ଧନ ସିନା ଆଜି ଅଛି କାଲି ହେବ ସପନ

ଯୁଆନ ତନୁରେ ଥାଏ କେତେ କଥା ଗୋପନ

ସବୁ ସିନା ହଜିଯାଏ ପ୍ରେମ କେବେ ହଜେନା

ଜୀବନ ଆକାଶେ ପ୍ରେମ ପୂର୍ଣ୍ଣିମାର ଚନ୍ଦ୍ରମା ॥ ୨ ॥

ସବୁ ଫୁଲ ମରିଯାଏ ପ୍ରେମ ଫୁଲ ମରେନା

ସବୁ ମୂଲ ମିଳଯାଏ ପ୍ରେମ ମୂଲ ମିଳେନା ॥ ୩ ॥

ପଲ୍ଲାସାହି, ଜମାଲପୁର, ଅହିୟାସ, ଯାଜପୁର

# ବର୍ଷା ଆଉ ବୁଢା ବରଗଛ



ପ୍ରଶାନ୍ତ କୁମାର ନାଥ

ଆଷାଢ଼ ମାସ । ଖରା ବର୍ଷାର ଖେଳରେ ଧରଣୀ ମାତା ସୁସଜ୍ଜିତ । ଗଛ ଗୁଡିକରେ ପତ୍ର କଅଁଳ ସରିଥାଏ । ସବୁଜ ବନାନୀକୁ ଦେଖିଲେ ମନରେ ଖେଳଯାଉଥାଏ ଏକ ଆନନ୍ଦର ଲହରୀ ।

ଏହି ଖୁସିର ମୁହୁର୍ତରେ ହଠାତ ଆକାଶର ମେଘ ପରି ମୋର ହୃଦୟକୁ ପଶି ଆସିଥିଲା ବର୍ଷା । କେମିତି ଭୁଲିବି ବର୍ଷା ସହ ମୋର ସେହି ପ୍ରଥମ ଦେଖା ଆଉ ପ୍ରଥମ କଥାକୁ । ଏ ବର୍ଷା ପାଇଁ ମୁଁ ଆଜି ଧନ୍ୟବାଦ ଦେଉଛି ସେ ବର୍ଷାକୁ । ସେଦିନ ଯଦି ଆକାଶରେ ବର୍ଷା ଆସିନଥାନ୍ତା ତାହେଲେ କଣ ଦେଖା ହୋଇଥାନ୍ତା ମୋର ପ୍ରିୟା ବର୍ଷା ସହ ।

ଶୂନଶାନ ରାସ୍ତା ,ମୁଁ ସେଦିନ ବାଇକ ନେଇ ଯାଉଥାଏ ମୋର ଗନ୍ତବ୍ୟ ପଥରେ । ଆଉ ହଠାତ ଆକାଶରେ ଘୋଟି ଆସିଲା ମେଘ ଆଉ ବରଷି ଗଲା ଧରଣୀ ଉପରେ । ଭିଜିବାର ମଜାକୁ ଥଣ୍ଡା ଧରିବାର ଡର ପ୍ରତିଘାତ କରୁଥାଏ ।

ରାସ୍ତାରେ ନଥାଏ କୌଣସି ଗୋଟାଏ ଘର । ଖାଲି ମଝିରେ ମଝିରେ ଥାଏ ଗଛ ଗୁଡିକ । ଗଛରେ ପତ୍ର କଅଁଳ ସରିଥାଏ । ଶୀତୁଆ ପବନ ଦେହରେ ଶିହରଣ ଖେଳାଇ ଦେଉଥାଏ । ଝିପି ଝିପି ବର୍ଷା ମଧ୍ୟ ପ୍ରଥମ ପ୍ରେମର ପହିଲି ଛୁଆଁ ପରି ଚୁମ୍ବନ ଦେଇ ଦେଇ ଗ୍ଲିଥାଏ ସାରା ଶରୀରକୁ । ଦେଖିଲି ରାସ୍ତା କଡରେ ଏକ ବୁଢା ବରଗଛ ନିଜର କାୟା ବିସ୍ତାର କରି ଛିଡା ହୋଇଛି । ବର୍ଷା ଦାଉରୁ ରକ୍ଷା ପାଇବାକୁ ଏକ ସୁରକ୍ଷିତ ସ୍ଥାନ ଭାବି ଗ୍ଲିଗଲି ସେହି ବରଗଛ ମୂଳକୁ । ମୋ ପାଇଁ ସେ ବରଗଛଟି ନୂଆ ନଥିଲା କଲେଜ ପଢୁଥିବା ବେଳେ କାହିଁ କେତେଥର ସେଠାରେ ବସି ଆମେ ଖଟି କରିଛୁ । ଆମର ଖରା ବର୍ଷାର ସାଥୀ ଥିଲା ସେହି

ବୁଢା ବରଗଛ । କିନ୍ତୁ ବହୁତ ଦିନ ପରେ ଆଜି ଆଉ ଥରେ ସୁଯୋଗ ଦେଇଛି ଏହି ଆଷାଢର ବର୍ଷା ।

ଏହି ସୁଯୋଗରେ ମୋର ମନେ ପଡିଯାଉଥାଏ କଲେଜ ବେଳର ସ୍ମୃତି ସବୁ । ସେହି ସମୟରେ କଲେଜରୁ ଫେରୁଥାଏ ଝିଅଟିଏ । ସିଏ ମଧ୍ୟ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ସେହି ଗଛର ମୂଳକୁ ଚାଲି ଆସିଲା । ହଠାତ ମୋତେ ଦେଖି ସିଏ ଚମକି ପଡିଲା ଆଉ ହାତରେ ଧରିଥିବା ବହି ଗୁଡିକ ଖସି ପଡିଲା ତଳେ । କାହିଁକନା ମୋ ମୁଣ୍ଡରେ ହେଲମେଟ । ବୋଧହୁଏ ମୋତେ ଦେଖିଲା ପରେ ସିଏ ଡରି ଯାଇଥିଲା । ମୁଁ ମୁଣ୍ଡରୁ ହେଲମେଟଟି କାଢ଼ିଦେଲି । ସେ ଟିକେ ଆଶ୍ୱସ୍ତି ହେଲା ପରି ମୁଁ ଅନୁଭବ କଲି । କାହିଁକନା ମୋର ଚେହେରା ଦେଖି ସାରିବା ପରେ ଆଉ ଡରିବାର କିଛି କାରଣ ହିଁ ନଥିଲା ।

ମୋତେ ଦେଖି ସିଏ ଯେମିତି ଦୋ ଦୋ ଚହ୍ଲା ହେଲା ପରି ଲାଗିଲା । ହଠାତ କିଛି ଗୋଟେ କହିବ ଭାବୁ ଭାବୁ ରହିଯାଇଥିଲା । ଆଉ ଗୋଟାଏ ବହିର ପଛ ପୃଷ୍ଠା ଦେଖି ପୁଣି କଣେଇ କଣେଇ ମୋ ଆଡକୁ ଚାହୁଁଥିଲା । ମୁଁ ମଧ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇ ପଡୁଥିଲି ।

କିଛି ସମୟର ନୀରବତା ପରେ ସେ ମନରେ ଦମ୍ଭ ରଖି ପଚାରିଲା ମୁଁ ଯଦି ଭୁଲ ହୋଉନଥାଏ ଆପଣ ପ୍ରଭାସ କୁମାର ରଥ । ମୁଁ ଧୀର ସ୍ୱରରେ ହଁ ଭରିଲି ଆଉ ପଚାରିଲି କିନ୍ତୁ ଆପଣ .....ମୋ ପାଟିରୁ କଥା ନସାରିବା ପୂର୍ବରୁ ସେ ମୋତେ ଦେଖାଇଥିଲା ମୋର ପ୍ରକାଶିତ ପ୍ରଥମ ଗଳ୍ପ ସଂକଳନ "ନୂଆ ନୂଆ"। ମୋତେ ଆଉ କିଛି ବୁଝିବାକୁ ବାକି ରହିଲା ନାହିଁ । ମୁଁ ଜାଣି ପାରିଲି ଯେ ସେ ମୋ ଗପର ଜଣେ ପ୍ରଂଶସିକା ଓ ପାଠିକା ।

ତା ପରେ ସିଏ ତାର ପରିଚୟ ଦେଇଥିଲା ମୁଁ ହେଉଛି ବର୍ଷାରାଣୀ ସାହୁ । ବର୍ତ୍ତମାନ +୩ ଶେଷବର୍ଷର ଛାତ୍ରୀ । ମୁଁ ଆପଣଙ୍କ ଲେଖାର ଜଣେ ନିୟମିତ ପାଠିକା । ପ୍ରତିଦିନ ଖବରକାଗଜରୁ ଆପଣଙ୍କ ଲେଖା ପଢ଼ିଥାଏ । କିନ୍ତୁ ଆଜି ବୋଧେ ମୋ ଜୀବନର ସବୁଠାରୁ ବଡ ଖୁସିର ଦିନ । ଆଜିର ଦିନକୁ ମୁଁ କେବେବି ଭୁଲି ପାରିବିନି ।

ଗୋଟାଏ ନୋଟ ବୁକ କଣିବାକୁ ବହି ଦୋକାନକୁ ଯାଇଥିଲି । ସେଠାରେ ଆପଣଙ୍କ ବହି ଦେଖି ବହୁତ ଖୁସି ଲାଗିଲା । ଆଉ କଣି ଆଣିଥିଲି । ପୁଣି ଆଜି ଆପଣଙ୍କ ସହ ଦେଖା ହୋଇଗ । ଏହାଠାରୁ ବଳ ଆଉ ବଡ ଖସିର ଦିନ ମୋ ପାଇଁ କଣ ହୋଇପାରେ ।

ତାପରେ ଦୁହେଁ କଛି ସମୟ କଥା ହୋଇଥିଲୁ । ତାପରେ ମୋପାଖରୁ ସିଏ ଫୋନ ନମ୍ବର ନେଇଥିଲା । ତାପରେ ପ୍ରତିଟି ଗପ ଓ କବିତା ପଢି ସାରିବା ପରେ ନଜର ମତାମତ ରଖୁଥିଲା ଫୋନ ମାଧ୍ୟମରେ ।

ଏମିତି କଛି ଦିନର କଥାବାର୍ତ୍ତା ପରେ ଆମର ସମ୍ପର୍କ ଗତି କରିଥିଲା ଅନ୍ୟ ଆଡେ । ଆମେ ଦୁହେଁ ପଡିଯାଇଥିଲୁ ଦୁହିଁଙ୍କ ପ୍ରେମରେ । ଆଉ ସେଦିନ ବର୍ଷାରେ ମୋ ସହ ଦେଖା ହୋଇଥିବା ବର୍ଷା ଆଜି ମୋର ହୃଦୟରେ କରୁଛି ପ୍ରେମର ବର୍ଷା ।

ସେଥିପାଇଁ ସେହି ଦିନ ,ସେହି ବୁଢା ବରଗଛ, ସେହି ବର୍ଷା, ଏ ବର୍ଷା ସବୁକଛି ମୋ ପାଇଁ ସ୍ମରଣୀୟ ହୋଇ ରହିଛି ।

ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର



# ଜୀବନଟା ଏମିତି କଟିଯାଆନ୍ତା କ...



ଅନୁପମ ବେହେରା

ଜୀବନଟା ଏମିତି କଟିଯାଆନ୍ତା କ **?** ସତରେ**...**
ତୁମେ ମୁଁ ଚାଲୁଥାନ୍ତେ ସରୁ ଏକ ପାଦଚଲା ରାସ୍ତାରେ**,**
ତୁମେ ଆଉଜିଥାନ୍ତ ମୋ କାନ୍ଧରେ ମଥା ଦେଇ
ତୁମ କଚଟୀ ଥାନ୍ତା ମୋ ବାହୁ ବନ୍ଧନୀରେ**...**

ଜୀବନଟା ଏମିତି କଟିଯାଆନ୍ତା କ **?** ସତରେ**...**
ସୁଗନ୍ଧିତ ଫୁଲରେ ଭରା ରଙ୍ଗୀନ୍ ଏକ ବଗିଚାରେ**,**
ତୁମେ ବସିଥାନ୍ତ ଘାସ ଗାଲିଚା ଉପରେ
ତୁମ କୋଳରେ ମଥାଦେଇ ମୁଁ ବୁଡିଯାଇଥାନ୍ତି ସ୍ୱପ୍ନ ଦୁନଆରେ**...**

ଜୀବନଟା ଏମିତି କଟିଯାଆନ୍ତା କ **?** ସତରେ**...**
ସୁନ୍ଦର ଏହି ସବୁଜ ପୃଥିବୀରେ
ତୁମେ ଆଉ ମୁଁ ମନଭରି ବଞ୍ଚନ୍ତେ ଏ ଜୀବନଟାକୁ
ଆଉ କେହି ନ ଥାନ୍ତେ ଏଇ ଦୁନଆରେ**...**

ଜୀବନଟା ଏମିତି କଟିଯାଆନ୍ତା କ **?** ସତରେ**...**
ଆକାଶ ହଜିଯାଇଥାନ୍ତା କଳା ବାଦଲ କୋଳରେ
ପୃଥିବୀଟା ଭିଜୁଥାନ୍ତା ପ୍ରେମର ବର୍ଷାରେ
ତୁମେ ମୁଁ ଚାଲୁଥାନ୍ତେ ଗୋଟେ ଛତା ତଳେ**...**

ଜୀବନଟା ଏମିତି କଟିଯାଆନ୍ତା କ **?** ସତରେ**...**

ବଘିଆପଡା**,** ବୌଦ୍ଧ**,** ଓଡିଶା

# ଅକ୍ଟୋବର ଅଣତିରିଶ



ଦେବସ୍ମିତା ବେହେରା

ମହାବାତ୍ୟାର ସେ କ କରାଳ ରୂପ
ଭାବିଦେଲେ ଆଜିବି ଛାତି ଉଠୁଛି ଥରି
ଶୁଖିନ ଆଜିବି ଆଖିରୁ ଲୁହର ଧାର
କମିନ ଦରଜ ଛାତିର କ୍ଷତର
ହୃଦୟ ଭିତରେ ନତି କୁହୁଳୁଥିବା
ପାଉଁଶ ତଳର ନିଆଁ ଆଜିବି ଲିଭିନ ।
ଜାଣେନା ସେଦିନ ଅଶୁଭ ଭଦ୍ରାକାଳରେ
ଉନ୍ମାଦ କାହିଁକି ସମୁଦ୍ର ହେଲା
ତାକୁ ସେତେବେଳେ ଭୋକ ଲାଗିଲା
ଅବା ପ୍ରତିଶୋଧର ନିଆଁରେ ସେ ପାଗଳ ହେଲା
ଜିଭକୁ ଲମ୍ବେଇ ଛାତିକୁ ଫୁଲେଇ
ଅକାଳ ମୃତ୍ୟୁର ସରୂପ ନେଇ ସେ
କେତେ ଜୀବନକୁ କୋଳେଇ ନେଲା ।
ବୋଝ ଉପରେ ନଳତା ବିଡା ସମ
ପାଗଳ ପବନ ଦାଉ ସାଧିବା ଭଳ
ହଠାତ୍ ସାଇଁ ସାଇଁ ଶବ୍ଦ କରି ମାଡିଆସିଲା
ତିନଶହ କଲୋମିଟର ବେଗରେ ଧାଇଁଲା
ଆଉ ସମୁଦ୍ର ସହିତ ବନ୍ଧୁତା ବାନ୍ଧି
ଚତୁର୍ଦ୍ଦିଗ ଅଣରୃଶ ପବନ ବୋହିଲା ।



ଯେଉଁ କେତୋଟି ଜୀବନ କଷ୍ଟରେ ବଞ୍ଚିଥିଲେ
ତନ୍ମଧ୍ୟରୁ କିଛି ପାଗଳା ପବନର ଶିକାର ହେଲେ
ଆଜିକ ପୁରିଲା ଅଠର ବର୍ଷ ସେଇ ଅଭିଶାପକୁ
ଆଖିର ଲୁହକୁ ଛାତିରେ ଚାପି
ମଣିଷ ଅଣ୍ଟା ସଳଖି ବଞ୍ଚିବାକୁ ଚେଷ୍ଟାକଲା



ହେଲେ ହାଏ! ମଣିଷ ମୁକୁଳିବାକୁ ଚାହିଁଲେବି
ବିଧାତା ତାହା କଣ କେବେ କରାଇ ଦେବ?
କେବେ ଫାଇଲିନ୍ ବିଗୁଲ ସହ ହୁଡ୍ ହୁଡ୍
ଆସି ଉଖାରି ପକାନ୍ତି ଅଦେଖା ଶୁଖିଲା ଘା
ଆଉ ଅତୀତକୁ ଜୀବିତ କରି ମଣିଷକୁ
ରକ୍ତାକ୍ତ କରି ଚାଲନ୍ତି ପ୍ରତିକ୍ଷଣ ମୂହୁର୍ତ୍ତରେ
ଆଉ ଛାତିର ପଞ୍ଜରାକୁ ଥରାଇ ଦେଇ
ଭାଙ୍ଗି ଦିଅନ୍ତି ଜୀଇଁ ଉଠିଥିବା ମଣିଷର ମେରୁଦଣ୍ଡକୁ
ନିର୍ଦ୍ୱନ୍ଦରେ ଆଇ ନିର୍ବିକାର ଭାବରେ ।

ୟୁନିଟ୍ – ୯, ବାୟାବାବା ମଠ ଲେନ୍,
ଭୁବନେଶ୍ୱର - ୭୫୧୦୨୨

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ ।

# ହାଲ୍ଲା ଗାଡି

ମୂଳ ପଞ୍ଜାବୀ – ବଲଜିତ୍ ସିଂହ ରୈନା
ଅନୁବାଦ – ସୁଧାଂଶୁ ଦ୍ୱେବେଦୀ



ସୁଧାଂଶୁ ଦ୍ୱିବେଦୀ

କଲେଜରୁ ଫେରି ରୁମ୍ ରେ ପାଦ ରଖିଛି କ ନା ମା' ପଛେ ପଛେ ଘର ଭିତରକୁ ପଶିଆସିଲା ।

"ତୁ ବେଶ୍ୟାଙ୍କ ଉପରେ କେବେଠୁ ଲେଖିବା ଆରମ୍ଭ କଲୁଣି?" ମା'ର ଏଭଳ ଅସ୍ୱାଭିବିକ ପ୍ରଶ୍ନରେ ମୋତେ ଯେମିତି ଜଣା ହେଉଥାଏ ସେ ମୋତେ କହୁଛି - ତୁ ବେଶ୍ୟାଙ୍କ ପାଖକୁ କେବେଠୁ ଗଲୁଣି?

ଟିକେ ଅସମଞ୍ଜସ୍ୟ ହୋଇ କହିଲି – "ବେଶ୍ୟା!"

ରମା ସହିତ ଅଞ୍ଜଳ ରୁମ୍ ଭିତରକୁ ପଶି ଗୁପା ଗୁଞ୍ଜରଣ କଲେ, "ବେଶ୍ୟା!"

"ତୁ କଣ ଭାବିଛୁ ମୁଁ ଆଖିବନ୍ଦ କରି ଦେଇଛି?" ପୁଣି ଗୋଟେ ଚଠି ମୋ ହାତରେ ଧରେଇ ମା' କହିଲା, "ନେ ପଢ ଏଇଟାକୁ - ।"

ଚଠିରେ ଆଖି ପଡିବାମାନେ ଜାଣିପାରିଲି ସେଇଟା ସଂପାଦକଙ୍କର । ସେଥିରେ ଏମିତି ଲେଖାଥିଲା, "ଆପଣ ବେଶ୍ୟାଙ୍କ ଉପରେ ନବନ୍ଧ ପଠେଇବାକୁ କଥା ଦେଇଥିଲେ । ଶିଘ୍ର ପଠେଇବେ । ଉକ୍ତ ନବନ୍ଧକୁ ଆଗାମୀ ଅଙ୍କରେ ଛାପିବୁ । ଯଦି କଛି ଫୋଟ ପଠାନ୍ତି କୃତାର୍ଥ ହେବି ।"

ମା'ର ମୁଡ୍ ଠିକ୍ କରିବାକୁ କହିଲି, "ଇଏ ତ ସଂପାଦକଙ୍କ ପତ୍ର, ନବନ୍ଧ ପଠେଇବାକୁ ଲେଖିଛନ୍ତି ।"

"ଲେଖିବା ପାଇଁ ଆଉକଛି ମିଳଲାନ ଯେ ବେଶ୍ୟାଙ୍କ ଉପରେ ନବନ୍ଧ ମାଗିଛି! ଏମିତି ଫାଲତୁ ନବନ୍ଧ-ଫିବନ୍ଧ ଲେଖା ଛାଡି ପାଠପଢାରେ ଧ୍ୟାନ ଦେ । କଲେଜରେ ତୋର ଶେଷ

ବର୍ଷ । ନମ୍ବର କମ୍ ଆସିବ ତ ଇଉନଭରସିଟିରେ ଏଡମିସନ୍ କେମିତି ହେବୁ?" ମା' ରାଗରେ କହି କହି ରୋଷେଇ ଘରକୁ ଚାଲିଗଲା ।

ଅଞ୍ଜଳ ତ କଛି କହିଲାନ । ହେଲେ ରମା କହିଚାଲିଲା, "କଣ ଭାଇ ବେଶ୍ୟାଙ୍କ ବିଷୟରେ ତୁମେ କେତେବାଟ ରିସର୍ଚ୍ଚ କଲାଣ?"

"ଦେଖିବୁ ଏବେ! ପୋଲିସ୍ ଇନକ୍ୱାରୀ କରୁଛୁ, ନୁହେଁ ।" କହୁ କହୁ ମୁଁ ତା ଚୁଟି ଧରିଲି ।

"ଦେଖ୍ ଭାଇ ମୋ ସାଙ୍ଗ ସାମନାରେ ଚୁଟି ଧରନା କହୁଛି ।"

"ନଜ ସାଙ୍ଗପାଖରେ ମୋ ସହିତ ମଜାକ୍ କରିବାକୁ ତୋତେ ସରମ ଲାଗୁନ ।"

"ଓଃ ତାକୁ ଛାଡି ଦିଅନା...." ଅଞ୍ଜଳ ଏତକ କହିବାରୁ ରମାର ଚୁଟି ଛାଡିଦେଲି ।

ତାପରେ ଅଞ୍ଜଳ ମୋର ଆହୁରି ନକଟକୁ ଆସି କହିଲା, "ତୁମ ରିସର୍ଚ୍ଚ ଉପରେ ମୋର ଗୋଟେ କଥା ମନେପଡୁଛି । କୌଣସି ଗୋଟେ ନଭେଲରୁ ପଢିଥିଲି, "ଦୁନଆର ସବୁ ପୁରୁଷ ବେଡ୍ ଉପରେ ନଜ ସ୍ତ୍ରୀ ଭିତରେ ବେଶ୍ୟାକୁ ଖୋଜି ହୁଅନ୍ତି ।

"ଖୋଜୁଥିବେ । ହେଲେ ମୋର ସେଭଳ କୌଣସି ଅନୁଭବ ନାହିଁ ।" ସେତିକ କହିସାରି ମୁଁ ରୁମ୍ ରୁ ବାହାରକୁ ପଳେଇଲି । ପଛରୁ ଅଞ୍ଜଳର ସ୍ୱର ଶୁଭୁଥାଏ, "ବିନା ଅନୁଭବରେ ନବନ୍ଧ କେମିତି ଲେଖିବ?"

"ଅନୁଭବ!" ସେଇ ଶବ୍ଦଟା ବାରମ୍ବାର ମୋ ମନ ମଧ୍ୟରେ ଗୁମୁରୁ ଥାଏ । ଏଇ ଅନୁଭବ ପାଇଁ ତ ସେଦିନ ସୋନାଗାଛିର ଗଳ ଭିତରେ ପଶିଥିଲି । ଜଣେ ଲୁଙ୍ଗି ପିନ୍ଧା ଦଲାଲ୍ ମୋ ସାଇଡ୍ ରେ ଚାଲୁ ଚାଲୁ କହୁଥାଏ, "ଆସନ୍ତୁ ବାବୁ" । ଏକଦମ୍ ଫ୍ରେସ୍ ମାଲ୍ ଦେଖେଇବି ! ଆଜି ଆସିଛି ।"

ମୁଁ କୌଣସି ପ୍ରକାରେ ତାଠୁ ମୁକ୍ତି ପାଇବା ଆଶାରେ କହିଲି, "ନା ଭାଇ ମୋର କଛି ମାଲ-ଫାଲ ଦରକାର ନାହିଁ ।" ତା ଠୁ ଦୂରତା ରଖି ଚାଲିବାକୁ ପ୍ରୟାସ କଲି । ପରନ୍ତୁ ପୁଣି ଜଣେ ଦଲାଲ୍ ହାବୁଡରେ ପଡିଗଲି, "ଆରେ ସାର୍....ବଙ୍ଗାଳୀ, ବିହାରୀ, ଗୁଜୁରାଟୀ, ମାଡ୍ରାସୀ,

ମାରୱାଡି, ଆପଣ ଯେମିତି ଚାହିଁବେ ସେମିତି ମିଳବ, ଆପଣ ଖାଲି ଥରୁଟିଏ ଦେଖିନଅନ୍ତୁ, ପସନ୍ଦ ହେବ ତ ବସିବା।"

ପସନ୍ଦ-ଅପସନ୍ଦର କୌଣସି ପ୍ରଶ୍ନ ଉଠୁନଥିଲା। ମୁଁ ନିବନ୍ଧ ଲେଖିବା ଆଶାରେ ବେଶ୍ୟା ମାନଙ୍କର ଜୀବନଶୈଳୀକୁ ଅନୁଧ୍ୟାନ ପାଇଁ ଯାଇଥିଲି। ପରନ୍ତୁ ସାହାସ କରିପାରୁନଥାଏ ଯଦି କେହି ପରିଚିତ ଲୋକ ହାବୁଡରେ ପଡିଯିବି....। ସେହି ଦଲାଲ୍ ଗୋଟେ ଘର ଭିତରେ ପଶୁ ପଶୁ ମୋତେ ପଛରେ ଯିବାପାଇଁ ଇଶାରା କରୁଥାଏ। ହେଲେ ମୁଁ ତା ପଛରେ ଯିବା ପରିବର୍ତ୍ତେ ଆଉ ଟିକେ ଆଗକୁ ବଢିଗଲି।

ସେତେବେଳକୁ ପୁଣି ଜଣେ ଦଲାଲ୍ ମୋ ସହ ଚାଲିବା ଆରମ୍ଭ କରିଦେଇଥାଏ। ସେ କିଛି କହିବା ପୂର୍ବରୁ ଘରଭିତରକୁ ଡାକୁଥିବା ଦଲାଲ୍ ସେଠି ପହଞ୍ଚି କହିଲା, "ଆରେ ସାର୍! ଆପଣ ଭିତରକୁ ଆସିଲେ ନାହିଁ। ଥରେ ଯାଇ ଦେଖି ନଅନ୍ତୁନା....। ପୁରା....ଝକାସ୍ ମାଲ ମିଳବ।"

ଏଥର ମୋ ପାଇଁ ସେ ଦଲାଲ୍ ର ବ୍ୟବହାର ସହିବା ବଡ କଷ୍ଟକର ମନେହେଲା। ସଙ୍ଗେ ସଙ୍ଗେ ଚଢାଗଳାରେ କହିଲି, "ଆରେ ଭାଇ ମୁଁ ଦେଖିବିନି। କଣ ପାଇଁ ମୋ ପଛରେ ପଡିଛୁ?"

"ସେଇୟା କହୁନାହାନ୍ତି। କିନ୍ତୁ କଥା କଣ କି ସାର୍, ଥରେ ଦେଖି ନେଇଥିଲେ ମନଟା ପୁରା ଖୁସି ହେଇଯାଇଥାନ୍ତା।"

ଅଜବ ପ୍ରକାର ଲୋକଥିଲା ସେ। ହେଲେ ସେଠି ମୁଁ ଆଉ ରହିଲିନି। ଅଥଚ ଖୁବ୍ ଶିଘ୍ର ପାଦ ବେଢେଇ ଗୋଟେ ଗଳି ଭିତରକୁ ପଶିଗଲି। ଗଳି ପ୍ରାରମ୍ଭରୁ ଦୁଇ ସାଇଡରେ ସଜବାଜ ହୋଇ ବେଶ୍ୟାମାନଙ୍କର ଲମ୍ବାଢାଡି ମୋତେ ଦେଖା ହେଉଥାଏ। ମଝିରେ ମଝିରେ ଜଣେ ଦି'ଜଣଙ୍କ ଆୱାଜ କାନରେ ବାଜୁଥାଏ, "କିଏ ମୋସାଏ ବସିବିନା....!" ଇଓ ମେନ୍! ହେଣ୍ଡ୍ ପ୍ରାକ୍ଟିସ୍ କରି ଆସିଛୁ ନା କଣ?

ଆରେ ବାବୁ ନଜର ତ ଉପରକୁ ଉଠା!

ବେଶ୍ୟାମାନଙ୍କ କମେଣ୍ଟ ଭିତରେ ହଠାତ୍ ଜଣେ ପୁରୁଷର ଆଓ୍ଵାଜ ଦୂରରୁ ଶୁଭିଲା, "ଆରେ ହାଲ୍ଲାଗାଡି ଆସିଲାରେ ବାବା....ହାଲ୍ଲାଗାଡି.... ।"

ହାଲ୍ଲାଗାଡି ବିଷୟରେ ମୁଁ କଛି ବୁଝିପାରିଥାନ୍ତି, କନ୍ତୁ ତା ପୂର୍ବରୁ ଜଣେ ଲମ୍ବା ଲୋକଟେ ମୋ ହାତକୁ ଧରି ପଚ୍ଚରିଲା, "ଆପଣ ଏଠି କଣ କରୁଛନ୍ତି ମିଷ୍ଟର?"

ମୋତେ ତାଙ୍କ ପ୍ରଶ୍ନ ଚନ୍ତାରେ ପକାଇଦେଲା । ପ୍ରତିବଦଳରେ ମୁଁ ତାଙ୍କୁ ପଚ୍ଚରିଲି, "କଣ କରୁଛି ମାନେ...."?

"ମାନେଟା କଣ ମୋ ସହ ସେଇ ଗାଡି ନକଟକୁ ଚ୍ଚଲ, ଇନସପେକ୍ଟର ତମ ମାନେର ମତଲବ ବତେଇଦେବେ ।"

ତାଙ୍କ କଥାବାର୍ତ୍ତାରୁ ମୁଁ ଜାଣିପାରିଲି ସେ ସାଧା ପୋଷାକ ପରିହିତ ପୋଲିସ୍ । ତାପରେ ଟିକେ ନରମିଯାଇ କହିଲି, "ଶୁଣନ୍ତୁ, ମୁଁ କୌଣସି ଉଦ୍ଦେଶ୍ୟରେ ଏଠିକୁ ଆସିନ । ପ୍ରକୃତରେ ମୁଁ ଜଣେ ଲେଖକ ଏବଂ ଏ ସ୍ଥାନ କେବଳ ଦେଖିବାକୁ ଆସିଥିଲି ।"

"ଏଇଟା ଗ୍ରଣ୍ଡି ବଜାର ମିଷ୍ଟର । କୌଣସି ତାଜମହଲ ନୁହେଁ ଯେ ଆପଣ ଟୁରିଷ୍ଟ ହେଇ ଦେଖିବାକୁ ଆସିଛନ୍ତି? ଶଳା ଯିଏବି ଧରା ପଡୁଛି କଛି ନା କଛି ବାହାନା ବନଉଛି ।"

"ମୁଁ କୌଣସି ବାହାନା କରୁନ ଆଜ୍ଞା ।"

"ସେସବୁ କଥା ସେ ହାଲ୍ଲା ଗାଡି ପାଖକୁ ଯାଇ କହିବେ ।" ସେଉଠୁ ସେ ମୋତେ ପ୍ରାୟତଃ ଟାଣି ଟାଣି ପୋଲିସଭେନ୍ ନକଟକୁ ନେଇଗଲା ।

ପୋଲିସଭେନ୍ ପଛପଟେ ଛିଡା ହୋଇଥିବା ଇନସପେକ୍ଟରଙ୍କୁ ମୋର ଅସଲ ପରିଚୟ ଜଣେଇଲି । ପରନ୍ତୁ ମୋ କଥାକୁ ସେ ଶୁଣି ନଶୁଣିବାପରି ଭେନ୍ ଭିତରକୁ ଧକ୍କାମାରି ବସେଇଦେଲେ । ପୂର୍ବରୁ ଭେନ୍ ଭିତରେ ୧୫-୧୬ ଜଣ ଲୋକ ବସିଥିଲେ । ରାତି ଅନ୍ଧାରରେ ସେମାନଙ୍କ ମୁହଁ ଠିକ୍ ଭାବେ ଦେଖି ହେଉନଥିଲେ ବି ଜଣେ ସେହି ଭୟଭୀତ କଣ୍ଠରେ ପଚ୍ଚରୁଥାଏ, "ଥାନାକୁ ନେଇ କଣ କରିବେ?"

"ଆମି ଜାନନା, ଆମି ନୂତନ ଆଛି ।" ଅନ୍ୟଜଣକର ଉତ୍ତର ।

ପୁଣି ଜଣେ କହିଉଠିଲ୍, "କଣ ଆଉ କରିବେ, ଘୁସ୍-ଫୁସ୍ ନେଇ ଛାଡିଦେବେ ।"

ଆଉ ଜଣେ କହୁଥାଏ, "କୋଉ ଥାନାକୁ ନେବେରେ ବାବା..... ।"

ପୁଣି ଜବାବ୍ ମିଳେ, "ବଡତଲ୍ଲା ଥାନା ।"

ପୂର୍ବର ଲୋକ, "ବଡତଲ୍ଲା କେଉଁଠି?"

ତାଙ୍କରି ଭିତରୁ ଜଣେ କେହି ମଧ୍ୟବୟସ୍କ କହିଉଠେ, ଶଳା ଦଲାଲଙ୍କ ପାଖରୁ ସପ୍ତାହିକ ଟଙ୍କା ଅସୁଲ କରୁଛନ୍ତି । ପୁଣି ଆମକୁ ଧରିନେଇ ଥାନାକୁ ଟାଣୁଛନ୍ତି । ହେଃ....ଅପମିଶ୍ରଣ ଦଳ କୋଉଠିକାର..... ।

ଏପ୍ରକାର କମେଣ୍ଟରେ ଆଉ ଜଣେ କଥାଯୋଡି କହିଉଠେ, "ଗ୍ରାହିଙ୍କ ଘରେ ପସି ଧରୁନାହାନ୍ତି କାହିଁକି? ଶଳା କହୁଛି, ଏ ଇଲାକାକୁ କାହିଁକି ଆସିଲ? ଆବେ ଆସିବା ନାହିଁ ତ ଏ ଇଲାକା କୋଉଥିପାଇଁ ହୋଇଛି? ଦଲାଲମାନେ ଫାଶ ପକେଇବେ, ଅଥଚ ସେମାନଙ୍କର କଛି ହେବନ ।"

ପୋଲିସ୍ ଭେନ୍ ଭିତରେ ଜଣେ ପରେ ଜଣେ ମୁହଁ ଫିଟେଇ ନିଜ ନିଜର ଅଭିଯୋଗ କହୁଥାନ୍ତି । ସେମାନଙ୍କ ଭିତରୁ ପୁଣି କିଏ ଜଣେ ପଗ୍ଭରୁଥାଏ, "ଆରେ କୋଥାୟ ଜାବେରେ ବନ୍ଧୁ?"

ଅନ୍ୟଜଣକ ଉତ୍ତରରେ କହେ, "ଆର କୋଥାୟ ଜାବୋ, ଶଶୁର ବାଡି ।"

ଚୁପଗ୍ଭପ୍ ବସିରହି ମୁଁ ସବୁ ଶୁଣୁଥାଏ । ଗ୍ଭତି ୧୧ଟା ହେବ ପୋଲିସ ଭେନ୍ ବଡତଲ୍ଲାରେ ପହଞ୍ଚିଲା । ତାପରେ ସଭିଙ୍କୁ ଭେନରୁ ଓହ୍ଲେଇ ବଡ ହଲରେ ଠିଆ କର୍‌ଇ ନାଁ ଓ ଠିକଣା ପାଇଁ ଜେଗ୍ଭ ଗ୍ଭଲିଲା ।

ମୋତେ ଯେଉଁ ପୋଲିସ ଧରିଥିଲେ ହଠାତ୍ ସେ ମୋତେ ଅନ୍ୟ ଏକ ରୁମ୍ କୁ ଡାକନେଇ ଚେୟାରରେ ବସେଇଲେ । କଛି ସମୟ ପରେ ଜଣେ ସବ୍ ଇନସପେକ୍ଟର ମୋ ନିକଟକୁ ଆସି ସମ୍ମୁଖ ଚେୟାରରେ ବସିଲେ ଓ ମାଚସ୍ ଜଳେଇ ସିଗାରେଟ୍ ଟାଣୁ ଟାଣୁ କହିଲେ "ତାହେଲେ ଆପଣ ଜଣେ ଲେଖକ?"

"ଆଜ୍ଞା.... ।"

"ଆପଣଙ୍କ ନାଁ କଣ?"

ମୁଁ ନାଁ କହିଲି । ସେ ପୁଣିଥରେ ମୋ ନାଁକୁ ଦୋହରାଇ କହିଲେ, "ମୁଁ ବି କେବେ କେବେ ଲେଖେ । ତେବେ ଆପଣ କେହି ବଙ୍ଗାଳି ଲେଖକଙ୍କୁ ଜାଣିଛନ୍ତି?"

"ହଁ, ରବିନ୍ଦ୍ରନାଥ ଟାଗୋର, ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟ, ସୁନିଲ ବଙ୍ଗୋପାଧ୍ୟାୟ, ଶକ୍ତି ଚଟ୍ଟୋପାଧ୍ୟାୟ.... ।"

"ଆପଣ ଶକ୍ତି ଚଟ୍ଟୋପାଧ୍ୟାୟଙ୍କୁ ଜାଣିଛନ୍ତି?"

"ଆଜ୍ଞା, ବହୁତ ଭଲଭାବେ, ବଡ କ୍ରାନ୍ତିକାରୀ କବି ସେ ।"

"ଇଓ ଆର୍ ରାଇଟ୍ । ହି ଇଜ୍ ଏ ରିଭ୍ୟୁଲୁସନାରୀ ପଏଟ୍ ଏଣ୍ଡ ଭେରି ରେଏଲିଷ୍ଟିକ୍ ।"

"ଆଫକୋର୍ସ, ସେଇ ରିଏଲିଷ୍ଟିକ୍ ପାଇଁ ହିଁ ଜୀବନଟା ଭୟଭୀତ ହୋଇପଡେ । ଆଉ ଦେଖୁନାହାନ୍ତି ଯଥାର୍ଥ ଲେଖିବାପାଇଁ ମୋତେ କେମିତି ଏଠିକୁ ଆସିବାକୁ ହୋଇଛି ।

ମୋ କଥା ଶୁଣି ସବ୍ ଇନସପେକ୍ଟର ଖୁବ୍ ଜୋରରେ ହସି ହସି କହିଲେ, "ଯଥାର୍ଥ....ମାନେ ଯଥା-ଅର୍ଥ!! ଏ ଯଥାର୍ଥ ଆଜିର ସମାଜରେ ଏଭଳି ଏକ ଶବ୍ଦ ହୋଇଯାଇଛି ଯାହାକି ଆଖିରେ ଦେଖି କାନରେ ଶୁଣି ଚୁପ୍ ରହିବାକୁ ହୋଇଥାଏ । ତେବେ ଯଥାର୍ଥକୁ କେବଳ ଉପଭୋଗ କରି ବୁଝିହୁଏ । ଅସଲ କଥା ହେଉଛି ସୋନାଗାଛି ଭଳି ସ୍ଥାନର ପ୍ରକୃତ ଯଥାର୍ଥ ଜାଣିବାକୁ ହେଲେ ଆମ ପାଖକୁ ଆସନ୍ତୁ । ଆମକୁ ପଚାରନ୍ତୁ । ଆମେ ବତେଇବୁ ଏଭଳି ଦେହ ବିକ୍ରି ହେଉଥିବା ସ୍ଥାନର ଯଥା-ଅର୍ଥ ।"

"ହୁଏତ ଆପଣ ଠିକ୍ କହୁଛନ୍ତି । କିନ୍ତୁ ଯେଉଁ ଅନୁଭବ ମୋତେ ଆଜି ହୋଇଛି, ତାହା କେବଳ ଆପଣଙ୍କ ସହିତ ବାର୍ତ୍ତାଳାପ କରିଥିଲେ ହୋଇପାରି ନଥାନ୍ତା ।"

ସବ୍ ଇନସପେକ୍ଟର କିଛି କହିବାପାଇଁ ପ୍ରସ୍ତୁତ ହେଉଥାନ୍ତି । ଏତିକିବେଳେ ଜଣେ କନେଷ୍ଟବଳ ଆସି କହିଲା, "ବଡ ସାହେବ ଡାକୁଛନ୍ତି ସାର୍ ।"

"ଠିକ୍ ଅଛି, ମୁଁ ଆସୁଛି । ହଁ ଶୁଣ୍ । ୟାଙ୍କୁ ବାହାରେ ନେଇ ଛାଡିଦେ ।" କହୁ କହୁ ସେ ମୋ ସହ ହାତ ମିଳାଇ ସେଠାରୁ ଗ୍ଲଲିଗଲେ ।

ଥାନା ସମ୍ମୁଖରେ ଥିବା ଗଳ ର୍ସ୍ତାରୁ ବାହାରି ଟ୍ରାମ୍ ର୍ଗ୍ୱେଡ ପାଖେ ପହଞ୍ଚିଛି ପଛରୁ ସେଇ ପୋଲିସ୍ ସାରିରନ୍ ମାଡିଆସିଲ୍ । ମୋ ଭିତରେ ପୁଣିଥରେ ସୋନାଗାଛିରେ ଶୁଣିଥିବା ଆୱାଜ ସୃଷ୍ଟିହେଲ୍, "ଆରେ ହାଲ୍ଲାଗାଡି ଆସିଲ୍ରେ.... ।"

କଣ ହେଲ୍ କେଜାଣି । ମୁଁ ଆକସ୍ମିକ ଭ୍ୱବେ ଦୌଡିଯାଇ ଆଗରେ ଯାଉଥିବା ଟ୍ରାମକୁ ଧରି ଲଟକଗଲି.... ।

ସବୁବେଳେ ସେଇ କାହାଣୀକୁ ନେଇ ଏତେ ମଗ୍ନ ହୁଅନ ଭ୍ୱଇ । ଲେଖକଟିଏ ହେବା ବଦଳରେ ର୍ଗ୍ୱେଗୀ ହୋଇଯିବ ଯେ.... ।" ରମାର କଥାରେ ଭ୍ୱବନାରୁ ଫେରି ସହଜ ହେବାକୁ ଚେଷ୍ଟାକଲି ମୁଁ ।

ସନ୍ଧ୍ୟା ସମୟରେ ଗ୍ଲ ଓ ବିସ୍କୁଟ୍ ଧରି ମାଁ ରୁମ୍ ଭିତରକୁ ଆସିଲ୍ । ତାକୁ ଦେଖିବାକ୍ଷଣି ଯଥାଶିଘ୍ର ନବନ୍ଧକୁ ଫାଇଲ୍ ଭିତରେ ଲୁଚେଇଦେଲି । ଗ୍ଲ-ବିସ୍କୁଟ୍ ମୋ ହାତରେ ଧରେଇ ମା' କହିଲ୍, "ଗ୍ଲ ପିଇସାରି ରମା ସାଙ୍ଗରେ ମାର୍କେଟ୍ ଯା । ସକାଳଠୁ ସେ ମୋ ସାଙ୍ଗରେ ଲ୍‌ଗିଛି ସପିଙ୍ଗ୍ ପାଇଁ । ମୋ ଆଣ୍ଠୁରେ ଏତେ ବଥା ହେଉଛି ଯେ ମୁଁ ଯାଇପାରିବିନ ।"

ଗ୍ଲ ପିଇସାରି ମା'ର ହୁକୁମ୍ ଅନୁସାରେ ରମାକୁ ସ୍କୁଟରରେ ବସେଇ ନଉମାର୍କେଟ୍ ଗଲି । ସ୍କୁଟର ଧର୍ମତଲ୍ଲା ମେଟ୍ରୋ ସିନେମା ହଲ୍ ସମ୍ମୁଖରେ ଯାଉଥାଏ ବି ପୁଣି କାହାର ଖୁବ୍ ଜୋର ଡାକର୍ ଶୁଭିଲ୍, "ଆରେ ଦୋକାନ ଉଠାଅରେ, ହାଲ୍ଲାଗାଡି ଆସୁଛି.... ।"

ହାଲ୍ଲାଗାଡିର ନାଁ ଶୁଣିବାମାତ୍ରେ ମୁଁ ସଂକୁଚିତ ହୋଇ ଗୋଟିଏ ସାଇଡରେ ସ୍କୁଟର ଅଟକେଇଲି । ଆମ ସାମନାରେ ପୋଲିସ ଭେନ୍ ଆସି ଠିଆହେଲ୍ । ପୋଲିସମାନେ ଫୁଟପାଥରେ ବିକ୍ରି କରୁଥିବା ଦୋକାନୀମାନଙ୍କୁ ଲ୍‌ଠିମାରି ଗୋରୁପଲ ଘଉଡାଇଲ୍ ପରେ ଘଉଡାଉଥାନ୍ତି ।

ମୁଁ ପୋଲିସଙ୍କ କାର୍ଯ୍ୟପ୍ରଣାଳୀ ଦେଖୁଥାଏ । ହଠାତ୍ ରମା ମୋ କାନ୍ଧରେ ହାତ ରଖି ହଲେଇଲ୍ । ମୁଁ ରମାକୁ ଦେଖିବାରୁ ସେ ଜଣେ ନରୀହପ୍ରାଣୀ ଭଳ ଭେନ ଭିତରକୁ ହାତ

ଦେଖାଇ ଇଶାର୍ କରୁଥାଏ । ଭେନ୍ ଭିତରେ ତିନିଜଣ ଝିଅଙ୍କ ଭିତରେ ଅଞ୍ଜଳି ବି ବସିଥାଏ । ମୁଁ ସ୍କୁଟର ଷ୍ଟାଣ୍ଡମାରି ଭେନ୍ ପାଖରେ ଠିଆହୋଇଥିବା ଇନସପେକ୍ଟର ପାଖକୁ ଯାଇ ପଚାରିଲି, "ସାର୍, ଏମାନଙ୍କୁ କାହିଁକି ଭେନରେ ପୁରେଇଛନ୍ତି?"

"ଶାଳି କଲଗାର୍ଲସ୍ । ଏବେ ଜଷ୍ଟ ହୋଟେଲରୁ ଧରା ହୋଇଛନ୍ତି ।"

"କଲ୍ ଗାର୍ଲସ୍"! ଶବ୍ଦଟା ମୋ ମୁଣ୍ଡ ଭିତରେ ଚକ୍ରାକାର ହେବାକୁ ଲାଗିଲା । ଭେନ୍ ଭିତରେ ମୁଣ୍ଡ ତଳକୁ କରି ବସିଥିବା ଅଞ୍ଜଳିକୁ ଦେଖିବାପାଇଁ ମୋ ଆଖି ଧୂଆଁଳିଆ ହୋଇଯାଉଥାଏ ।

"ଚାଲ୍ ଭାଇ ଫେରିଯିବା, ଆଜି ଆଉ କିଛି ସପିଙ୍ଗ୍ କରିବାନି ।"

ରମା କଥାରେ ଘରକୁ ଫେରିଆସିଲି । ତଥାପି ଅଞ୍ଜଳିର ସ୍ୱର ମୋ ଭିତରେ ବାରମ୍ବାର ଶୁଭୁଥାଏ, "ବିନା ଅନୁଭବରେ ନିବନ୍ଧ କେମିତି ଲେଖିବ?"

ଅଞ୍ଜଳିର ସ୍ୱରଭିତରେ ଆହୁରି କେତେଗୁଡିଏ ସ୍ୱର ଯେମିତି ମିଶିଯାଉଥାଏ, "କରେ ମୋସାଏ ବସିବିନା...ଆରେ ନଜର ତୋ ଉଠା ରାଜା ।"

ସତରେ ମୋତେ ଜଣା ହେଉଥାଏ ମୁଁ ଯେମିତି ସୋନାଗାଛିର ସେହି ପରିତ୍ୟକ୍ତ ଗଳି ଭିତରେ ଚାଲିଛି । ଯେଉଁଠି ସଜବାଜ ହୋଇ ବେଶ୍ୟାମାନଙ୍କର ଲମ୍ବା ଭିଡ ଲାଗିଛି । କିନ୍ତୁ ପ୍ରତି ବେଶ୍ୟା ଚେହେରା ଭିତରେ ଅଞ୍ଜଳିର ଚେହେରାକୁ ମୁଁ ଯେମିତି ବାରମ୍ବାର ଦେଖିପାରୁଛି ।

ହଠାତ୍ ମୁଣ୍ଡଟା ମୋର ଭାରି ହୋଇଗଲା । ସହସା ମୁଁ ଫାଇଲରୁ ବେଶ୍ୟାଙ୍କ ବିଷୟରେ ଲେଖିଥିବା ନିବନ୍ଧ ବାହାରକଲି ଆଉ ଖଣ୍ଡ ଖଣ୍ଡ କରି ଚିରି ଝରକା ବାହାରକୁ ଫିଙ୍ଗିବାକୁ ଲାଗିଲି.... ।

ଯୋଗ ଫର ଲାଇଫ, ସେକ୍ଟର-୧, ସଲ୍ଟ ଲେକ୍, କୋଲକତା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ବନ୍ଦ କୋଠରୀ



ମାମାଜିନ ପ୍ରଧାନ

ଅସଂଖ୍ୟ ଶବ୍ଦ ଯେତେ ଭାସୁଛନ୍ତି,
ଶବ୍ଦକୋଶରୁ ବାହାରି କୋଠରୀ ସାରା ।
ନିର୍ଜୀବ ବସ୍ତୁ ଯେତେ ପଡିଛନ୍ତି,
ନିଜ ନିଜ ସ୍ଥାନେ ହୋଇ ବେସାହାରା ।
ଭାସି, ଭାସି ଏଣେ ତେଣେ
ପରସ୍ପର ସହ ଛନ୍ଦି ହେଉଛନ୍ତି ।
ପରସ୍ପର ସହ ଧସ୍ତାଧସ୍ତି ହୋଇ
ମୁଁ କିଏ, ମୁଁ କିଏ ପଚାରୁଛନ୍ତି?
ଟେବୁଲ ଉପରେ ଲ୍ୟାପଟପ, ପାଣି ବୋତଲ
ନୋଟପେଡ୍ ଆଉ ଦୁଇ ଖଣ୍ଡ ବହି ।
କାନ୍ଥର ବାମ ପାର୍ଶ୍ୱରେ ଏଲ୍.ଇ.ଡି ଟି.ଭି.
ଏବଂ ଅନ୍ୟ ଏକ ପାର୍ଶ୍ୱରେ ଭାଲୁ କଣ୍ଢେଇ ।
କିଛି ସାର୍ଟ୍, ପ୍ୟାଣ୍ଟ୍ ହ୍ୟାଙ୍ଗରରେ ଝୁଲୁଛନ୍ତି
ଆଉ କିଛି ଅସଜଡା ହୋଇ ପଡିଛନ୍ତି ଆଲମିରା ଥାକରେ ।
ଘୁରି ଘୁରି ଶୋଇ ଯାଉଛନ୍ତି ଖଟିଆ ଉପରେ
ପୁଣି କେବେ ଉଙ୍କି ଚାହୁଁଛନ୍ତି ଦୁନିଆଁକୁ ଝରକା ଫାଙ୍କରେ ।
ଅସଂଖ୍ୟ ଶବ୍ଦ ଯେତେ ।



ବାଲିଛାଇ, ଗଞ୍ଜାମ, ଓଡିଶା

# ଅପାତତଃ ବଞ୍ଚିଛି ଯେତେ ଦିନ



ଦିଲ୍ଲୀପ କୁମାର ଘୋଷ

ତୁମ ଭିତରେ ମୁଁ
ବା
ମୋ ଭିତରେ ତୁମେ
ଜମା କହିପାରିବିନି କଏ କେତେ ଜମି ଯାଇଛି
ତଥାପି ଆମ ଭଲ ପାଇବାରେ କଦମ୍ବ ଗଛକୁ
ସୁରକ୍ଷା ଦେବା କଥା
ଦୁକୁଦୁକ ଥିବା ଯାଏ ଛାତିରେ ॥ ୧ ॥



ଏ ପ୍ରେମର ମାହୋଲକୁ
ହାତଛଡା ନ କରି ଭିଡି ରଖିବି ଛାତିରେ
ବାଙ୍କତକ ଜୀବନ ଥିବା ପର୍ଯ୍ୟନ୍ତ
ଯଦିଓ ଆଜିକାଲି କାତି ଲାଗିଗଲାଣି
ପାନପତ୍ର ସାଇଜ୍ ର ହୃଦୟରେ
ଯେମିତି ଆକାଶକୁ ଜାବୁଡି ଧରିଥାଏ ମାଟି
କାଶତଣ୍ଡିକୁ ଗେଲ କରେ ପବନ
କଳଙ୍କର ଅନ୍ଧାର ଓ ପୁନେଇ ଜହ୍ନର ଭିଡାଭିଡିରେ ॥ ୨ ॥

ସେଇଠୁ

ମୁଁ ବର୍ତ୍ତମାନ ନିରୁତ୍ତର ତୁମର ପ୍ରତ୍ୟେକ ପ୍ରଶ୍ନ ପାଇଁ

ତୁମ ଭିତରେ ମୁଁ ଅଛି କି ନା ମୂଳୁ ଜାଣିନି

କିନ୍ତୁ,

ମୋ ଭିତରେ ତୁମେ ଜମେଇଛ ଆସ୍ଥାନ

ଏଟା ଶହେ ପ୍ରତିଶତ ସତ,

ତଥାପି ସ୍ୱପ୍ନରେ ଗୁଡି ଉଡେଇବା ଛାଡିବି ନାହିଁ

ଜଣେ କବିତାର ସୌଦାଗର ହିସାବରେ

ଏ ମତଲବୀ ଦୁନିଆରେ

ଆପାତତଃ ବଞ୍ଚିଛି ଯେତେଦିନ ॥ ୩ ॥

ଅଧ୍ୟାପକ, ଇତିହାସ ବିଭାଗ,

ଜଳେଶ୍ୱର ମହିଳା(ଡିଗ୍ରୀ) ମହାବିଦ୍ୟାଳୟ, ଜଳେଶ୍ୱର

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି, ତେବେ ଆମକୁ ସଂପର୍କ କରନ୍ତୁ ।

ଆମକୁ ସଂପର୍କ କରିବାର ଠିକଣା ହେଲା: vedantimagazine@gmail.com & editor.vedantimagazine@gmail.com.

Whatsapp & Mobile: 9594993733

# ରହ ଶୁଣୁ!
# ଗୋଟେ କଥା ଅଛି



ରାଧାକାନ୍ତ ଦାଶ

ଗାଆଁର ଶେଷଆଡକୁ ଧୋବାତୁଠ । ଗଙ୍ଗା ପୋଖରୀର ଧୋବାତୁଠ କଥା ନିଆରା । କୋଉ ଯୁଗରେ ନଡେଇ ଧୋବଣୀ ଏ ବରଗଛକୁ ଚିଲିକା ଆରପାରିରୁ ଉଡେଇ ଆଣି ଏଠି ରଖିଛି ବୋଲି ଲୋକେ କହନ୍ତି । ଭାଗିଆ ସେଇ ଧୋବା ତୁଠରେ ଗାଆଁ ଲୋକଙ୍କର ଲୁଗାପଟା ଧୋଇ ସଫା କରେ । ଭଗିଆ ପୁରୁଷ ହେଲେ ମଧ ସେ ଏ କାମ କାହିଁକି କରେ । ତା ସ୍ତ୍ରୀ ରମା ବର୍ଷାଦିନେ ସେଇ ତୁଠରେ ବୁଡି ମରିଯାଇଥିଲା । ରମା ଚାଲିଯିବାପରେ ସେ କାମର ଭାର ସମ୍ଭାଳ ନେଇଛି ଭଗିଆ । ଗାଆଁର ଲୋକ କହନ୍ତି, **“**ଆରେ**,** ତୁ କେତେଦିନ ଏମିତି ଖଟିବୁ**?** ଆଉ ଗୋଟେ ବାହା ହେଇଯା ।**”** କିନ୍ତୁ ଭଗିଆ କହେ**,** **“**ବାହା ହେଇଯିବି**!** ହେଲେ ରମା ମୋତେ କଣ ଭାବିବ**?”** ଭଗିଆ ରମାକୁ ଭଲ ପାଉଥିବାରୁ ସେ ତାର ଅନୁପସ୍ଥିତିରେ ମଧ ତା ଉପସ୍ଥିତିକୁ ଅନୁଭବକରେ ।

ମୋରେ ଗ୍ରାଜୁଏଟ ସରିବାର ଦୁଇବର୍ଷ ହେଲାଣି କିନ୍ତୁ ଚାକିରି ଅଭାବରୁ ବେକାର ହୋଇ ଘରେ ବସିଥାଏ । ଘରେ କହନ୍ତି**,** **“**ତୁ ଯଦି କିଛି ଚାକିରି ବାକିରି ନକରି ଘରେ ବସିବୁ ତେବେ ଘର କେମିତି ଚାଲିବ**?”** ମୁଁ କିଛି ନକହି ଘରୁ ବାହାରି ଆସେ । ବାହାରେ କିଛି ସମୟ ବୁଲାବୁଲି କରି ଯାଏ ଗଙ୍ଗା ପୋଖରୀ ଆଡେ । ବରଗଛ ମୂଳେ ବସି ଅନ୍ୟମନସ୍କ ହୋଇ ପୋଖରୀକୁ ଟେକା ଫିଙ୍ଗିଲାବେଳେ**,** ଧୋବାତୁଠରେ ଲୁଗା କାଚୁ କାଚୁ ଭଗିଆ କହେ**,** **“**କଣ ଘରେ କିଛି କହିଲେ ବୋଲି ରାଗିକି ଚାଲି ଆସିଛୁ କି**?”** ଆଶ୍ଚର୍ଯ୍ୟ ହୋଇଭାବେ ସେ କେମିତି ଆଜିର କଥା ଜାଣିଲା**!** ମୁଁ କିଛି ନ ଶୁଣିଲା ଭଳି କିଛି ନ କହି ପାଣିକି ଟେକା ଫିଙ୍ଗୁଥାଏ ଓ ଦେଖୁଥାଏ ଗୋଟେ ଛୋଟ ଟେକା କେତେ ବଡ ଭଉଁରୀ ସୃଷ୍ଟି କରୁଛି ।

ଭଗିଆ ସହିତ ବନ୍ଧୁତା ମୋର କାହିଁ କେତେ ଆଗରୁ । ମୁଁ ସବୁଦିନ ଭଗିଆ ପାଖରେ ବସେ । ଆମ ଭିତରେ ଆମ ଗାଆଁର ସନଆ ଘରୁ କଥା ଆରମ୍ଭ ହୋଇ ସରେ ଯାଇ ବିଧାନସଭା ଓ ପାର୍ଲାମେଣ୍ଟରେ । କିଛି କଥା ଓ କିଛି ଗୁଲି ଖଟିରେ କେତେବେଳେ ସମୟ ବିତିଯାଏ ଜଣାପଡେନ । ମୋର ପ୍ରାୟ ସମୟ ସେଇଠି କଟେ । ମୁଁ ପୋଖରୀ ବରଗଛ ମୂଳେ ବସେ ଓ ଭଗିଆ ଲୁଗା କାଚୁ କାଚୁ ପଗ୍ଚରେ, **"**ତୁ ତ ବଡ ହୁଲୁଣି କିଛି କାମ ଧନ୍ଦା କର । କେତେଦିନ ବାପାଙ୍କର ବୋଝ ହୋଇ ରହିଥିବୁ**?"** ମୁଁ କହେ, **"**ତୁ ତ ଜାଣୁ, ଆମ ରାଜ୍ୟରେ ଗୋଟେ ଗ୍ଚକରି ବାହାରିଲା ବେଳକୁ ଲମ୍ବା ଲାଇନ, ସେଥିରେ ପୁଣି**....**ଛାଡ ସେକଥା । ଆଚ୍ଛା କହିଲୁ, ଟୁକୁନାର କଣ ହେଇଥିଲା କରେ**?** ସେ ଆଜି ହଠାତ୍ ମରିଗଲା**!"** ପାଣି ଭିତରେ ଲୁଗା କଚ୍ଚା ବନ୍ଦକରି ଗୁଣ୍ଡି ଟିକେ ଖାଇ ଭଗିଆ କହେ, **"**ସବୁଦିନ ମଦ ପିଇଲେ କଣ ହେବ**?** ରୋଜ ପେଟେ ପିଇ ଦେଇ ଆସି ତା ସ୍ତ୍ରୀକୁ ଗାଳି ଗୁଲଜ ମାଡଧର କରେ, ମରିଗଲା ଭଲ ହେଲା । ତା ପିଲା ଦିଓଳ ଦି ମୁଠା ଭଲରେ ଖାଇବେ ।**"** ମୁଁ ଦୀର୍ଘଶ୍ୱାସ ଛାଡି କହିଲି, **"**ଆହା**!** ବିଚରା ଚ୍ଚଲିଗଲା ।**"** ସବୁଦିନ ଆମର ଏମିତି ସମୟ କଟେ । ବସ୍ ଷ୍ଟାଣ୍ଡରୁ ଆସୁଥିବା ଲୋକମାନେ ଅନେକ ସମୟରେ ସନ୍ଦେହ ଦୃଷ୍ଟିରେ ଆମକୁ ଦେଖନ୍ତି, ହେଲେ ଆମର ସେଥିକି ଦୃଷ୍ଟି ନଥାଏ ।

ମୋର ସାଙ୍ଗ ପ୍ରକାଶ ମୋ ପାଇଁ କୋଲକତାରେ କିଛି ଗ୍ଚକରି ବୁଝିଛି । ଅନ୍ୟ କର୍ମ ସଂସ୍ଥାନ ନଥିବାରୁ ବାଧ୍ୟ ହୋଇ କୋଲକାତା ଗ୍ଚକରିରେ ମୁଁ ଯୋଗଦିଏ । ଦୀର୍ଘ ଦୁଇବର୍ଷ ହେଲାଣି ମୁଁ ଗାଆଁକୁ ଆସିନ । ଘରେ ବୋଉର ଜିଦ୍, ଏଥର ଦଶହରାରେ ନିଶ୍ଚୟ ଗାଁକୁ ଯିବାକୁ ପଡିବ । ପୂଜା ଛୁଟି ଆସିଲା । ଟ୍ରେନ୍ ରେ କୋଲକତାରୁ ଭୁବନେଶ୍ୱର ଆସି ବସ୍ ରେ ଘରକୁ ଫେରିଲି । ବସ୍ ରୁ ଆସି ଗାଁ ରେ ପହଞ୍ଚିଲା ବେଳକୁ ଦିନ ଦୁଇଟା, କେହି ଲୋକବାକ ନାହାନ୍ତି । ଆମ ଘରଠୁ ବସ୍ ଷ୍ଟାଣ୍ଡ ଅଳ୍ପ କିଛି ବାଟ ହୋଇଥିବାରୁ ମୁଁ ଚ୍ଚଲି ଚ୍ଚଲି ଫେରୁଥାଏ । ଗାଁ ମୁଣ୍ଡରେ ମୋର ଭଗିଆ କଥା ମନେ ପଡିଗଲା । ମୁଁ ଘରକୁ ନଯାଇ ରାସ୍ତାଠାରୁ ଅଳ୍ପ ଦୂରରେ ଥିବା ଗଙ୍ଗା ପୋଖରୀ ଆଡକୁ ଚ୍ଚଲିଲି । ମୁଁ ଯାଇ ପହଞ୍ଚିଲି

ଧୋବାତୁଠରେ । ଭଗିଆ ଲୁଗା ଧୋଇବାରେ ବ୍ୟସ୍ତ । ସେ ମୋତେ ଦେଖି ବହୁତ ଖୁସି ହେଲା । ମୁଁ ଯାଇ ବସିଲି ବରଗଛର ସେଇ ପିଣ୍ଡିରେ ।

ଭଗିଆ ଲୁଗା ସଫା ବନ୍ଦ କରି ଆସି ମୋ ପାଖେ ବସିଲା । ଭଗିଆ ପଚାରିଲା, "କୋଉଠି ରହୁଛୁ? କଣ କାମ କରୁଛୁ? କାଇଁ ଆସୁ ନଥିଲୁ?" ଏକାବେଳେ ଏତେଗୁଡା ପ୍ରଶ୍ନ ମୋତେ ପଚାରିଥିଲା । ପ୍ରତି ଉତ୍ତରରେ ମୁଁ କହିଥିଲି, "ନୂଆ ନୂଆ ଚାକରିରେ ଛୁଟି ଟିକେ କମ୍ ମିଳୁଥିଲା । ସେଥିପାଇଁ ଆସିପାରୁ ନଥିଲି । ଅଚ୍ଛା କହିଲ ଆମ ଗାଁ ରେ ସବୁ ଭଲ ତ?" ସେ କହିଲା, "ହଁ, ଦୁଇବର୍ଷ ଭିତରେ ସେ ଦନେଇ ବୁଢା, ହରିଆ ଆହୁରି କେତେ ଲୋକ ମରିହଜି ଗଲେଣି । ଆରେ ଜାଣିଛୁ, ସେଇ ଯୋଉ ବାପି......ତାର ଛୁଆପିଲା ନଥିଲା । ଏବେ ତାର ଝିଅଟିଏ ହେଇଛି । ଯାହାହେଉ ଭଲ ହେଲା, ଝିଅଟିଏ ହୋଇଗଲା ।" ଏମିତି କଛି କଥାରେ ଘଣ୍ଟାଏ ବିତିଗଲାଣି । ଘଣ୍ଟା ଦେଖିଲାବେଳକୁ ସମୟ ତିନଟା ବାଜିବା । ମୁଁ କହିଲି, "ମୁଁ ଘରକୁ ଯାଉଛି, କାଲି କଥା ହେବା, ହେଲା ।" ଭଗିଆ ଏକଥା ଶୁଣି କହିଲା, "ଯିବୁ ତ ଏତେ ବ୍ୟସ୍ତ କଣ ପାଇଁ, ଏତେ ଦିନ ପରେ ଆସିଛୁ ଆଉ ଟିକେ ରହ ।" ମୋର ବସିବାକୁ ଇଛା ଥିଲେ ମଧ୍ୟ ମୁଁ ଫେରିଆସିଲି ଘରକୁ । ଭଗିଆ ପଛରୁ ଡାକୁଥିଲା, "ରହ, ଶୁଣୁ! ଗୋଟେ କଥା ଅଛି ।" ହେଲେ ମୁଁ, "କାଲି କାଲି" କହି ଘରକୁ ଫେରିଲି । ଗାଁ ରେ ପଶୁ ପଶୁ ବାନା ସାରେ ଦେଖା ହୋଇଗଲେ । ମୁଁ ସାରଙ୍କୁ ପ୍ରଣାମ କରିବାରୁ ସାର ଚଷମା ଟେକ ମୋତେ ଦେଖିଲେ, କହିଲେ, "ଆରେ ତୁ ଏତେ ଦିନ ପରେ ଗାଁରେ । ମୋତେ ତ ଆଉ ଭଲରେ ଦେଖାଯାଉନ । ହେଲେ ତୁ ଏବେ କଣ କରୁଛୁ?" ମୁଁ କହିଲି, "ସାର! ମୁଁ ଏବେ କୋଲକୋତାରେ ଚାକରି କରିଛି, ଆଜି ଗାଁକୁ ଆସିଛି ।" ବାନାସାରେ ଆମ ସ୍କୁଲର ହେଡ୍ ମାଷ୍ଟର ଥିଲେ । ମୁଁ ତାଙ୍କ ପାଖେ ପଢିଛି, ଭଲ ଲୋକ । ସବୁବେଳେ ଗୋଟିଏ କଥା କହନ୍ତି – ମିଛ କୁହନ । ସତ କୁହ ଓ ଆଦର୍ଶ ମଣିଷ ହେବାକୁ ଚେଷ୍ଟା କର । ସେ ମୋତେ କହିଲେ, "ତୁ ଚାକରି କଲୁଣି ହେଲେ କେବେ ମିଛ କହିବୁ ନାହିଁ । ଭଲ କାମ କରେ ଯେମିତି ଆମ ଗାଁ ର ନା ସେଠା ଲୋକ ଜାଣିବେ ।" ମୁଁ ବାନା ସାରଙ୍କଠୁ ବିଦାୟ ନେଇ ଘରଆଡେ ଚାଲିଲି । ଘରେ ପହଞ୍ଚି ଗାଧୋଇ ପାଧୋଇ ଖାଇବାକୁ ବସିଲି । ବୋଉ ମୋ

ପାଇଁ ପଖାଳ ବାଢ଼ି ଦେଲା । ମୁଁ କହିଲି, "ଆଲୋ ସେଇ ଧୋବାତୁଠ ପାଖରେ ଭଗିଆ ଦେଖା ହେଇଗଲା । ତା ସହିତ ଟିକେ ବସିପଡିଲି ।" ବୋଉ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "ଆରେ, କୋଉ ଭଗିଆ?" ମୁଁ କହିଲି, "ହଁ ମ ସେଇ ଯିଏ ଆମ ଲୁଗା ସଫା କରେ ।" ବୋଉ କହିଲା, "ଗଲା ପୂର୍ଣ୍ଣିମାରେ ସେ ପା ମରିଯାଇଛି । ସକାଳୁ ତା ଶବକୁ ଲୋକେ ଧୋବାତୁଠରେ ଭସୁଥିବାରେ ଦେଖି କାଢ଼ିଲେ ।" ମୁଁ ମୋ ପାଟି ପାଖକୁ ନେଉଥିବା ଭାତ ଗୁଣ୍ଡାକ ଅଧାରୁ ଖସି ପଡିଲା । ମୁଁ ପାଟି କରି ଉଠିଲି, "ଭଗିଆ ମରିଯାଇଛି! ହେ, ତୁ ଏ କଣ କହୁଛୁ? ମୁଁ ଏବେ ତା ସହିତ କଥା ହେଇ ଫେରୁଛି ।" କାହିଁକି କେଜାଣି ଏମିତି କଥା ଶୁଣି ମୋତେ ଖାଇବାକୁ ଇଛା ହେଲାନି । ମୁଁ ଗାଁ ଲୋକଙ୍କଠୁ ଶୁଣିବାକୁ ପାଇଲି ଭଗିଆ ପୂର୍ଣ୍ଣିମା ସନ୍ଧ୍ୟାରେ ତା ସ୍ତ୍ରୀ ରମାକୁ ମନେପକାଇ ବଡ ପାଟି କରି ବାହୁନି ବାହୁନି କାନ୍ଦୁଥିଲା ।

ମୁଁ କିଛି ଭାବି ପାରୁନଥିଲି । ତା ପରଦିନ ଯାଇ ଧୋବାତୁଠରେ ବସିଲି । ଧୋବାତୁଠ ଶୁନଶାନ । ତୁଠ ପଥର ଖାଲି । ମୋ ଛାତି ଭିତରୁ କୋହ ଆସୁଥିଲା । ଭଗିଆର ସ୍ମୃତି ମୋ ସ୍ମୃତି ଭିତରେ ଚେଇଁ ଉଠୁଥିଲା । ଆଖିକଣରେ ଅଜାଣତରେ ଲୁହ ଜକେଇ ଆସୁଥିଲା । ମୁଁ ବିଶ୍ୱାସ କରିପାରୁ ନଥିଲି ଭଗିଆର ଅବର୍ତ୍ତମାନକୁ । ମୋ ଦୁଃଖସୁଖର ସାଥି ଥିଲା ଭଗିଆ । ମଲାପରେ ମଧ୍ୟ ମୋ ସହ କଥା ହେବାପାଇଁ ଫେରି ଆସିଥିଲା ଆରପାରିରୁ । ତାର ଶେଷକଥା ମୋ କାନରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା –"ରହ ଶୁଣୁ! ଗୋଟେ କଥା ଅଛି ।"

ରତନପୁର ଶାସନ, କୁହୁଡି, ଖୋର୍ଦ୍ଧା



# ଜନ୍ମଭୂମି



ବିଜୟ ପଣ୍ଡା

ସମୟାନୁକ୍ରମେ ପାରିପାର୍ଶ୍ୱିକ ପରିସ୍ଥିତିର ପରିବର୍ତ୍ତନ
ପାଶ୍ଚାତ୍ୟ ସଭ୍ୟତା ଅଭିମୁଖେ ଏ ଜୀବନ,
ବିତ୍ତଶାଳୀ ଏ ମଣିଷ
ପରିବର୍ତ୍ତିତ ଜୀବନଧାର୍‌,
ତଥାପି ଏ ହୃଦୟ
କାହିଁ ଶୂନ୍ୟତାରେ ଭର୍‌??
ଚଳ ଚଞ୍ଚଳ ଏ ମନ,
ବ୍ୟସ୍ତ ବିବ୍ରତ ଜୀବନ
ହୃଦୟ ଡାକେ ବ୍ୟାକୁଳେ
ଫେରିବାକୁ ମାଟି ମା କୂଳେ । ॥




ବିବେକ କରେ ଆହ୍ୱାନ,
ଏକାନ୍ତରେ ନୀରବରେ
ବାରମ୍ବାର ପ୍ରଶ୍ନକରେ
ଜନ୍ମଭୂମି ପାଇଁ
କବା ତୋର ଅବଦାନ??
ଜୀବନର ସୂର୍ଯ୍ୟ, ଅସ୍ତଗାମୀ କର୍ମଭୂମିରେ,
ସବୁକଛି ଥାଇ,
ଲାଗେ ଶୂନ୍ୟହସ୍ତ
ମନପ୍ରାଣ କାହିଁ
ଜନ୍ମଭୂମି ପାଇଁ ଝୁରେ ॥

"ଏ" ବ୍ଲକ, ବିନାୟକ ନଗର, ବାଙ୍ଗାଲୋର

# ପଥରିଆ ମୁନୁଷ



ଫିରୋଜ କୁମାର ପଟେଲ



ଭିନ୍ ଭିନ୍ ହଇ
ଦରମଗ୍ ଲେଖେ
ବାଟେ ପଡିଥିଲେ,
ଦୁନଆଁର ପାହାର ଖାଉଥିମା
ବିଶ୍ୱାସର ଅଠା ନ
ଚପକଲେ ଦୁହେ
ଘର ବନଯିମା ॥

ରାଗେ ରିସେ
ଯଦି ଜୁଝେଇ ହେଲାଁ
ନା ତୋର କଛି ହେବା
ନା ମୋର କଛି ହେବା
ହେଲେ,
ସାରା ଦୁନଆ ନ ଜୁଏ ଜଲିଯିବା ।

ମନ ବଲି
ଜିନଷଟେ ଥିଲେ ବି;
ବଡା ଅଜବ୍....
ଆମେ ପଥରିଆ ମୁନୁଷ ।

ଅବନକେଲା, ସୁନ୍ଦରଗଡ, ଓଡିଶା



# ଟଙ୍କା ଭ୍ଇରସ୍

ସୂରଜ କୁମାର ମେହେର

## ପ୍ରଥମ ଦୃଶ୍ୟ

**(*ଗଣେଷଙ୍କ ଆଗରେ ଜଣେ ବ୍ୟକ୍ତି ଆସି ଲମ୍ବ ହୋଇ ପଡ଼ିଗଲେ*)**

ବ୍ୟକ୍ତି- ହେ ଗଜାନନ , ହେ ସିଦ୍ଧି ବିନାୟକ , ହେ ପାର୍ବତୀ ନନ୍ଦନ ଜୟ ହେଉ ତୁମର ପ୍ରଭୁ , ଜୟ ହେଉ । ହେ ଗଣ ,ତୁମେ ତ' ସବୁ ଜାଣୁଛ ,ସବୁ ଦେଖୁଛ ,ସବୁ ବୁଝୁଛ ....ମୋର ଦେଶର ଏ କ ଅବସ୍ଥା ହେଲାଣି ପ୍ରଭୁ ! ଯହିଁ ଦେଖିବ ଦୁର୍ନିତି ,ଯହିଁ ଦେଖିବ ଭ୍ରଷ୍ଟାଗ୍ଭର । ଲାଞ୍ଚ ନ' ଦେଲେ କାମ ହେଉନ ,କ ଲାଞ୍ଚ ନ' ନେଲେ କାମ ହେଉନ । ପୋଲିସ୍ ଠୁ ନେଇ ମନ୍ତ୍ରୀ ଯାଏଁ ,ଅଫିସର୍ ଠୁ ନେଇ ଯନ୍ତ୍ରୀ ଯାଏଁ ସମସ୍ତେ ଦୁର୍ନିତିଗ୍ରସ୍ତ ,ଲାଞ୍ଚୁଆ , ହୋଇଗଲେଣି ପ୍ରଭୁ । ଟଙ୍କା ଟଙ୍କା ହୋଇ ସମସ୍ତେ ବାୟା । ଟଙ୍କା ତ' ଖାଉଛନ୍ତି ,ହେଲେ କାମ ବି କରୁନାହାନ୍ତି ...। ହେ ପ୍ରଭୁ ,ମୋ ଦେଶ କୁ ରକ୍ଷା କର ପ୍ରଭୁ । ଏ ଲାଞ୍ଚୁଆଙ୍କ ଦାଉରୁ ରକ୍ଷା କର । ମୁଁ ତୁମ ପାଖରେ ୧୦୮ ନଡ଼ିଆ ଚଢ଼େଇବି ପ୍ରଭୁ । ତୁମ ପାଖରେ ନିତି ଗ୍ଭଶିଲଡୁ ଭୋଗ ଲଗେଇବି । ମୋ ଗୁହାରି ଶୁଣ ପ୍ରଭୁ ,ମୋ ଦେଶ ପ୍ରତି ଦୟା କର .....

ଆକାଶବାଣୀ- ମୂର୍ଖ !

**(*ବ୍ୟକ୍ତି ଜଣକ ଆଶ୍ଚର୍ଯ୍ୟ ହୋଇ ଗ୍ଭରି ଆଡ଼େ ଆଖି ଘୁରେଇ ଆଣିଲା* )**

ଆରେ ପାଷାଣ୍ଡ ,ଗ୍ଭରିଆଡ଼େ ଏଣ୍ଡୁଅ ଭଳ ଅନାଉଛୁ କଣ ? ମୁଁ କହୁଛି ...... ବିଘ୍ନରାଜ ଗଣେଷ....

(*ଏତିକ ବେଳେ ଘଣ୍ଟ ,ହୁଳହୁଳରେ ଗୁରିଆଡ଼ ପ୍ରକମ୍ପିତ ହୋଇଉଠିଲା*)

ବ୍ୟକ୍ତି - (*ଆଶ୍ଚର୍ଯ୍ୟ ହୋଇ*) ପ୍ରଭୁ ଆପଣ ! ଆପଣ ମୋ କଥା ଶୁଣି ମୋ ପାଖକୁ ଆସିଛନ୍ତି ....ମୁଁ ଧନ୍ୟ ହେଲି ପ୍ରଭୁ ...ମୁଁ ଧନ୍ୟ ହେଲି .....

ଆକାଶବାଣୀ - ଆରେ ମନୁଷ୍ୟ ...ମୁଁ ତ' ସଦା ସର୍ବଦା ତୋ ଗୁରିପାଖେ ରହିଛି .....ଏବେ ଆସିଲି ବୋଲି କଣ କହୁଛୁ ....ଆରେ ମୂର୍ଖ ....ଲାଞ୍ଚୁଆଙ୍କ କବଳରୁ ଦେଶକୁ ରକ୍ଷା କର ପ୍ରଭୁ ବୋଲି ମୋ ପାଖକୁ ଧାଇଁଛୁ ....ହେଲେ ଏଠି ଆସି ପୁଣି ମୋତେ ହିଁ ଲାଞ୍ଚ ଦେଉଛୁ । ପ୍ରଭୁ ମୋର ଏଇ କାମ କରିଦିଅ ଏୟା ଦେବି , ପ୍ରଭୁ ସେଇ କାମ କରି ଦିଅ ସେୟା ଦେବି ....। ଆରେ ମନ୍ଦବୁଦ୍ଧି ....ତୁମ ମଣିଷ ମାନଙ୍କ ଭଳି କଣ ଆମକୁ ମଧ୍ୟ ଲାଞ୍ଚୁଆ ଭାବିଛ ? ତୁମେ ଲାଞ୍ଚ ଦେଉଛ ବୋଲି ସିନା ଅନ୍ୟମାନେ ଲାଞ୍ଚ ନେଉଛନ୍ତି ...ତୁମେ ସମସ୍ତେ ଲାଞ୍ଚ ଦେବା ବନ୍ଦ କରିଦେଖ ....ଅନ୍ୟ ମାନେ କେମିତି ଲାଞ୍ଚ ନେବେ ....ମୂର୍ଖ !

ବ୍ୟକ୍ତି - କ୍ଷମା କର ପ୍ରଭୁ ,କ୍ଷମା କର ...ଏ ହାତଗୁଞ୍ଜା ଦେବା ଅଭ୍ୟାସଟା ଆମ ରକ୍ତରେ ମିଶି ଗଲାଣି ...ସହଜେ ଯାଉଛି କୋଉଠି ? ହେଲେ ପ୍ରଭୁ ... ଆପଣ ହିଁ ରକ୍ଷା କରି ପାରିବେ ମୋ ଦେଶକୁ ଏ ଦୁର୍ନିତିଗ୍ରସ୍ତ ,ଲାଞ୍ଚୁଆ , ଟଙ୍କାଲୋଭୀ ଲୋକମାନଙ୍କ ଠାରୁ ...ଦୟା କର ପ୍ରଭୁ ....ଦୟା କର....

ଆକାଶବାଣୀ - ଠିକ୍ ଅଛି ମନୁଷ୍ୟ ....ମୁଁ ତୋ ପ୍ରାର୍ଥନାରେ ଖୁସି ହେଲି । କାରଣ ତୁ ତୋ ନିଜ ପାଇଁ ନ' ମାଗି ତୋ ଦେଶ ପାଇଁ ,ଏ ସମାଜର ମଙ୍ଗଳ ପାଇଁ କଛି ମାଗୁଛୁ ....ତା' ହେଲେ ଦେଖ ...ଆଗକୁ ଆଗକୁ ଏ ଦୁର୍ନିତିଗ୍ରସ୍ତ ଲୋକଙ୍କର , ଏ ଟଙ୍କାଖିଆ ନେତା ,ଅଫିସର ,ପୋଲିସ୍ ମାନଙ୍କର କଣ ଅବସ୍ଥା ହେଉଛି....

ବ୍ୟକ୍ତି - ଜୟ ହେଉ ତୁମର ପ୍ରଭୁ ,ଜୟ ହେଉ .....ଗଣପତି ବାପ୍ପା ...ମୋରିୟା ... ମଙ୍ଗଲ ମୂର୍ତ୍ତି ...ମୋରିୟା...

## ଦ୍ୱିତୀୟ ଦୃଶ୍ୟ

**(*ବୈଠକଘରେ ନେତା ଆଉ ତାଙ୍କ ସଚବ କଥାବାର୍ତ୍ତା କରୁଛନ୍ତି*)**

ନେତା- କହୋ ସେକ୍ରେଟାରୀ ବାବୁ ,ସେ ଯେଉଁ ଗରୀବ କୁଟୀର ସ୍କିମ୍ ରୁ କେତେ କଣ ଲାଭ ହେବାର ଆଶା ଅଛି କାଇଁ ଜଣେଇଲନ ତ' ? ଆଉ ସେ ସରକାରଙ୍କ ନୂଆ ଯୋଜନା ...ମମମମମମ୍ ....କଣ ତା' ନାଆ .....ହଁ .. ମୋ ଘର ,ମୋ ପାଇଖାନା .....ତା ବଜେଟ୍ ଟା କେତେ ? ଏ ଯୋଡ଼ାକ ଯାକ ଯୋଜନା ମୋ ବିଭାଗ Under ରେ ଆସୁଛି ପର୍‌ ?

ସଚବ- ହଁ ସାର୍ ...ଏ ଯୋଡ଼ାକ ଯାକ ପ୍ରୋଜେକ୍ଟ ଆମ ବିଭାଗ ହିଁ Handle କରିବ ... । ଗରୀବ କୁଟୀର ପ୍ରୋଜେକ୍ଟ ଟା ସାତ ଶହ କୋଟି ଟଙ୍କାର ଆଉ ମୋ ଘର ମୋ ପାଇଖାନା ଯୋଜନା ଟା ତିନଶହ ପନ୍ଦର କୋଟି ର ...।

ନେତା- ଓଃ ..ଗୁଡ୍ ଗୁଡ୍ ....ତେବେ ଦେଖ... ସେ କୁଟୀର ଯାହା ହେଉ କ ତାହା , ସେ ପାଇଖାନା ଯେମିତି ହେଉ କ ସେମିତି ...ମୋର ଯା' ଆସ ନାହିଁ ....ଏ ମୂର୍ଖ ଲୋକ ଗୁଡ଼ାଙ୍କୁ ଯେତେ ପାଇଖାନା କରିକ ଦେଲେ କଣ ହେବ .... ଅପରିଛନ୍ନିଆ ଗୁଡାକ ସେଇ ଅନ୍ଧାରିଆ ଦେଖି କେନାଲ କଡ଼ କ ରାସ୍ତା କଡ଼ ରେ ହିଁ ପରାକ୍ରମ ଦେଖେଇବେ ...ହଁ ..ତେବେ ଛାଡ଼ ସେ କଥା ...କହି ରଖୁଛି ...ଏ ଯୋଡ଼ାକ ଯାକ ସ୍କିମ ମିଶି ମୋଟ୍ ଏକ ହଜାର ପନ୍ଦର କୋଟି ଟଙ୍କାର ....। ତେଣୁ ସବୁ କାମ ଧାମ ସରିବା ପରେ ଯେମିତି ସାତ ଶହ ରୁ ଆଠ ଶହ କୋଟି ଯାଏଁ ପକେଟ ଗରମ କରିବାର ଅଛି । ଆରେ ବାବୁ , ସବୁ କଣ ମୁଁ ଏକା ହଜମ କରିବି ...ମୋ ଉପର ତଳ ସମସ୍ତଙ୍କ କଥା ବି ତ ବୁଝିବାର ଅଛି ନା ନାଇଁ ? କଣ ବୁଝିଲ ତ' ? ହାଃ ହାଃ ହାଃ....

ସଚବ- (*ଦାନ୍ତ ଦେଖେଇ*) ହଁ ଆଜ୍ଞା ....ନଶ୍ଚୟ ....ଆପଣ ବ୍ୟସ୍ତ ହୁଅନ୍ତୁନ ....ମୁଁ ସବୁ ବ୍ୟବସ୍ଥା କରିଦେବି....

ନେତା- ତେବେ କାଲି ସକାଳକୁ ସବୁ ଏଷ୍ଟିମେଟ୍ କରି ମୋ ପାଖକୁ ଆଣନ୍ତୁ ...OK ?

ସଚିବ - OK ସାର୍ ....Good Night !

ନେତା - Good Night Good Night..... ଟଙ୍କା ମିଳିଲେ ତ ନାଇଟ୍, ଡେ ସବୁ ଗୁଡ୍ .... ହାଃ ହାଃ ହାଃ.....

*(ସଚିବ ଗ୍ଲଲିଗଲେ ,ଆଉ ନେତା ଗୁଣୁ ଗୁଣୁ ହୋଇ ଗୀତ ଗାଇ ଗାଇ ସେଇ ଚେୟାର୍ ଉପରେ ହିଁ ଶୋଇ ପଡ଼ିଲେ)*

*ନା ବାପ୍ ବଡ଼ା ନା ଭୟା....*
The Only thing is that
*କ ଭାଇ ,ସବ୍ ସେ ବଡ଼ା ରୁପୟା....*

*(ମଞ୍ଚ ଅନ୍ଧାର)*

## ତୃତୀୟ ଦୃଶ୍ୟ

*(ସକାଳ ହେଲା ,କାଉ କା କା ରାବି ଉଠିଲା ...ଆଉ ସେଇ ଶବ୍ଦ ରେ ନେତାଙ୍କର ବି ନିଦ ଭାଙ୍ଗିଲା ,*
*ନେତା ମହାଶୟ ଅଳସ ଭାଙ୍ଗି ସେଇ ଚେୟାର ଉପରେ ପୁଣି ସଳଖ ହୋଇ ବସିଲେ । ଏତିକି ବେଳକୁ ତାଙ୍କ ସଚିବ ଆସି ପହଞ୍ଚିଲେ)*

ସଚିବ - ଗୁଡ୍ ମର୍ଣ୍ଣିଙ୍ଗ ସାର୍ ।

ନେତା - ଟଙ୍କା ଟଙ୍କା । *(ନେତା ନିଜେ ବି ଚମକି ପଡ଼ିଲେ ନିଜ ସ୍ୱର ଶୁଣି )* *(ଗୁଡ୍ ମର୍ଣ୍ଣିଙ୍ଗ୍)*

ସଚିବ - *(ଆଶ୍ଚର୍ଯ୍ୟ ହୋଇ)* ଏଁ ।

ସାର୍ ,ଏହି ଏଷ୍ଟିମେସନ୍ ଟା ଆଣିଥିଲି ....ଦେଖନ୍ତୁ । (*ହାତ କୁ ଫାଇଲ୍ ବଢ଼େଇ ଦେଲା*(

ନେତା- ଟଙ୍କା ଟଙ୍କା ଟଙ୍କା ଟଙ୍କା ।
(*ହଉ ଆଣ ଆଣ*)

ସଚବ- ସାର୍ ,କଣ ହେଲା ,ଆପଣ ଏମିତି କଣ ଖାଲି ଟଙ୍କା ଟଙ୍କା କହୁଛନ୍ତି !?

ନେତା- ଟଙ୍କା ଟଙ୍କା ଟଙ୍କା ଟଙ୍କା ।
(*କେ ଜାଣି ,ମୁଁ ବି ଜାଣି ପାରୁନ ଏ କଣ ହେଉଛି*।)

ସଚବ- (*ଗୁଣୁ ଗୁଣୁ*) ଏ ଟଙ୍କା ଲୋଭୀ ନେତା ବାୟା ହେଇ ଗଲାଣି ବୋଧେ ! ଖାଲି ଟଙ୍କା ଟଙ୍କା ଟଙ୍କା ଟଙ୍କା ହିଁ ହେଉଛି....
ହଉ ସାର୍ ଆପଣ ତେବେ ଏ ଫାଇଲ୍ ଦେଖନ୍ତୁ ,ମୁଁ ଆସୁଛି ...*ସେଠାରୁ ସେ ଧାଇଁ ଧାଇଁ ପଳେଇଲା*

ନେତା - ଟଙ୍କା ଟଙ୍କା ଟଙ୍କା ଟଙ୍କା ।
(*ଆରେ କୁଆଡ଼େ ଯାଉଛ ,ଶୁଣ ଶୁଣ.*)

(*ବ୍ୟସ୍ତ ହୋଇ* (ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ।)
*ମୁଁ କାହିଁକି କିଛି କହି ପାରୁନ ,ଯାହା କହିଲେ ଖାଲି ଟଙ୍କା ଟଙ୍କା ବାହାରୁଛି* ।

(*ସେ ମୁଣ୍ଡରେ ହାତ ଦେଇ ବସି ପଡ଼ିଲେ*)

## ଚତୁର୍ଥ ଦୃଶ୍ୟ

*(ଟେବୁଲ୍ ଉପରେ ଫାଇଲ୍ ଗଦା ହେଇଛି ,ଅଫିସର କାମ ନ' କରି ଟଙ୍କା ଗଣିବାରେ ବ୍ୟସ୍ତ ,ଜଣେ ଲେଡିଜ୍ ପ୍ରବେଶ କଲେ)*

ଲେଡିଜ୍ - ସାର୍ ନମସ୍କାର ।

ଅଫିସର୍- *(ଚଷମା ଫାଙ୍କରୁ ମୁଣ୍ଡ ଉଠେଇ ଦେଖିଲେ)* ନମସ୍କାର । କ ହୋ ମାଡାମ୍ , କଣ ହେଲା,କାହିଁକି ନିଜ ଚନ୍ଦ୍ର ବଦନ ଦେଖାଇଲ ?

ଲେଡିଜ୍ - ହେଁ ହେଁ ହେଁ ସାର୍ .....ମୁଁ ଅନୁଷ୍କା ପାଣିଗ୍ରାହୀ ।

ଅଫିସର- ଆଚ୍ଛା ...କଣ ହେଲା କୁହ ...?

ଲେଡିଜ୍- ଆଜ୍ଞା ମୋ ଫାଇଲ୍ ଟା ବହୁତ ଦିନ ହେଲା ଆପଣଙ୍କ ଟେବୁଲ୍ ରେ ପେଣ୍ଡିଙ୍ଗ୍ ରହିଲାଣି । ଟିକେ ମୋ ବିଲ୍ ଗୁଡ଼ାକ Sanction କରିଦେଇଥିଲେ ଭଲ ହେଇଥା'ନ୍ତା ।

ଅଫିସର୍- ହେଁ ହେଁ ହେଁ ....କରିବା କରିବା ....ବ୍ୟସ୍ତ କାହିଁକି ....ଦେଖୁଛନ୍ତି ନା କେତେ କାମ ଅଛି ...ଫୁରସତ୍ ମିଳୁଛି କୋଉଠି ?

ଲେଡିଜ୍- ନାଇଁ ସାର୍ ....ପଇସା ପତ୍ର ଟିକେ ଦରକାର ଥିଲା ....

ଅଫିସର୍- ଟଙ୍କା କା'ର ଦରକାର ନାଇଁ କ ମାଡାମ୍ ...ସମସ୍ତଙ୍କର ଦରକାର ଅଛି ... *(ହାତ ମଳ ମଳ)* କହିଛି ଗୁ ପାଣି ଖର୍ଚ୍ଚ ମିଳଥିଲେ ମୁଁ ବି ଟିକେ ଅଧିକ ସମୟ ଦେଇ ତୁମ କାମ କରି ଦେଇଥାଆନ୍ତି । ନା କଣ କହୁଛନ୍ତି ...ହେଁ ହେଁ ହେଁ....

ଲେଡିଜ୍- ନିଶ୍ଚୟ ନିଶ୍ଚୟ ସାର୍ ...ନିଶ୍ଚୟ ଦେବି...*(ସେ ନିଜ ପର୍ସରୁ ଟଙ୍କା କାଢି ବଢେଇଲେ )*

ଅଫିସର୍- ନା ନା ନା ନା ନା ..ଟେବୁଲ୍ ଉପରେ ନୁହେଁ ....ତଳୁ ..ତଳୁ ) ....*ଲେଡିଜ୍ ଜଣକ ଟେବୁଲ୍ ତଳୁ ଟଙ୍କା ବଢେଇଲେ*

*(ଅଫିସର୍ ଟଙ୍କା ଗଣିବାରେ ବ୍ୟସ୍ତ ହେଇଗଲେ)*

ଲେଡିଜ୍- ସାର୍ ...ଏବେ ଟିକେ ମୋ ବିଲ୍ Sanction କରି ଦେବେ ଶିଘ୍ର ....

ଅଫିସର୍ - ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା) ....*ଅଫିସର୍ ନିଜେ ଚମକି ପଡ଼ିଲେ , ଲେଡିଜ୍ ଜଣକ ମଧ୍ୟ*

(*ନଷ୍ଟୟ ନଷ୍ଟୟ ...ତୁମେ ବ୍ୟସ୍ତ ହୁଅନ...*)

ଲେଡିଜ୍- ସାର୍ ଦେଲି ପର୍ ଏବେ ...ଟେବୁଲ୍ ତଳୁ ତ' ନେଲେ ..ପୁଣି କଣ ଟଙ୍କା ଟଙ୍କା ...?

ଅଫିସର୍ - ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା......

(*ହଁ ହଁ ..ମୁଁ ମନା କଲିକି ...ମୁଁ ବି ଜାଣି ପାରୁନି ମୁଁ କାହିଁକି ଏମିତି ଟଙ୍କା ଟଙ୍କା କହୁଛି ଯେ*)

ଲେଡିଜ୍- ଓଫ୍ ହୋ ...ଆପଣ କେତେ ଲୋଭୀ ..ଏବେ ପର୍ ଟଙ୍କା ଦେଲି ...ପୁଣି ଟଙ୍କା ଟଙ୍କା ବୋଲି ଲାଞ୍ଚ ହଲେଇଲେଣି ...Stupid, nonsense, ଲାଞ୍ଚୁଆ.. . (*ସେ ଲେଡିଜ୍ ଜଣକ ସେଠାରୁ ରାଗି ଚାଲିଗଲେ*)

(*ଅଫିସର ଜଣକ କଥା କହିବାକୁ ଚେଷ୍ଟା କରି ଖାଲି ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ହିଁ ଚାଲୁଥାନ୍ତି* ।)

## ପଞ୍ଚମ ଦୃଶ୍ୟ

(*ଜଣେ ଲୋକ ଥାନା ଭିତରକୁ ବ୍ୟସ୍ତ ହୋଇ ପଶି ଆସିଲେ*)

ବ୍ୟକ୍ତି - ସାର୍ ,ସାର୍ ...ଗୁଟେ ରିପଟ୍ ଲେଖାମି ସାର୍ ....

ପୋଲିସ୍- କ ରିପୋଟ୍ କ ହୋ ବାବୁ ....?

ବ୍ୟକ୍ତି - ସାର୍ ଆମର୍ ଘରୁ ଚୁରି ହେଇଚେ ସାର୍ ....ଗ୍ଲେର୍ ସବ୍ ଚୁରେଇକି ପଲେଇଚେ....

ପୋଲିସ୍- ଆଚ୍ଛା ..ସବୁ ନେଇ ଯାଇଛି ...ଟୋଟାଲ୍ କେତେ ଟଙ୍କାର ସମ୍ପତ୍ତି ହେବ ?

ବ୍ୟକ୍ତି - ଲାକ୍ଷେ ଦେଢ୍ ଲାକ୍ଷ ଟଙ୍କାର ଜିନଷ୍ ଆଜ୍ଞା ...

ପୋଲିସ୍- ହମମମମ୍ ....ତୁମେ ଦେଖିଛ ସେ ଗ୍ଲେର କୁ ? ତା'ର କଛି ଫୋଟୋ ଆଣିଛ ?

ବ୍ୟକ୍ତି- କାଇଁ କଥା କହୁଛନ୍ ସାର୍ ....ଗ୍ଲେର୍ ର ଫୋଟୁ ଫେନ୍ କେନୁ ଆନମି ...? ପୁତା କେ ଦେଖିଥିଲେ କ ଚହ୍ନି ଥିଲେ ମୁଇଁ ନଜେ ନ ଛେଛି ଦି ଥିତିଁ ....!

ପୋଲିସ୍- (*ରାଗିକି ସ୍ୱରରେ*) ଚୁପ୍ ଚୁପ୍ ...ଥାନାରେ ଆସି ଦାଦା ପଣିଆ ଦେଖଅଛୁ ? ଦେଖିବୁନା ଏଇନେ ଠୁଙ୍କିଦେବି ତୋତେ ଭିତରେ ? ଆରେ ...ଚହ୍ନିନ ରେ ମୁଁ କଏ ....

ବ୍ୟକ୍ତି- ନାଇଁ ସାର୍ ନାଇଁ ନାଇଁ ...ହେନ୍ତା ଟିକେ ରିଶମି ମାଡ଼େ କହିଦେଲି ...ସରି ସରି ...ଆପଣ୍ ଖାଲି ସେ ଗ୍ଲେର୍ କେ ଟିକେ ଧରିକ ମୋର ଜିନଷ୍ ପତର ମୁକଲେଇ ଆଣୁନ୍....

ପୋଲିସ୍- ହମମମମ୍ ....ହଉ ...ଦେଖିବା ...ହେଲେ ମୋତେ କେତେ ଟଙ୍କା ଦେବୁ?

ବ୍ୟକ୍ତି- ଏଁ ....ଆପଣ ବି ଗ୍ଲେର୍ କେ ଧରବାର ଲାଗି ଟଙ୍କା ନେବେ ଆଜ୍ଞା ?

ପୋଲିସ୍- ଆବେ ନ' ହେଲେ ମୁଁ କଣ ତୋ ବୋପାର ଗ୍ଲକର ହେଇଛି ଯେ ମାଗଣାରେ ତୋ କାମ ପାଇଁ ଏଠି ସେଠି ଘୁରି ବୁଲିବି ?

ବ୍ୟକ୍ତି- (*ଡରିଯାଇ*) ଦେମିଁ ଆଜ୍ଞା ଦେମିଁ ...କେତେ ଦେମିଁ କହୁନ୍....

ପୋଲିସ୍- ହମମମମ୍ ... **10%** ଦେ ..ମାନେ **15000**ଟଙ୍କା ...କଣ ବୁଝିଲୁ ତ' ?

ବ୍ୟକ୍ତି- ହଁ ଆଜ୍ଞା ....(*ନଜ ପକେଟ୍ ଝାଡ଼ି ଯାହା ଟଙ୍କା ଥିଲା ପୋଲିସ୍ କୁ ଦେଲା*) (*ପୋଲିସ୍ ଜଣକ ଟଙ୍କା ଗଣିବାରେ ବ୍ୟସ୍ତ ହେଇଗଲେ*)

ବ୍ୟକ୍ତି- ଆଜ୍ଞା ,ମୋର ଜିନଷ୍ ତିନେ କେବ୍ ତକ୍ ମିଲବା ?

ପୋଲିସ୍- ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା .. (*ନଜେ ବି ଚମକ ପଡ଼ିଲା*)

(*ଆରେ ଖୋଜିବିରେ ବାବୁ ,ମିଳବ ,ମିଳବ ...*)

ବ୍ୟକ୍ତି- ଇ ବୁଆ ..ଇଛେନ୍ କା ପରେ ଦେଲିଁ ....ଫେନ୍ ଘାଏ ଟଙ୍କା ଟଙ୍କା ..ଆଜ୍ଞା ମୋର ଜିନଷ୍ କେଭେ ମିଲବା ?

ପୋଲିସ୍- *ରାଗି ଯାଇ* (ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା...)

*ଆବେ କହିଲି ପରା ଖୋଜିବି ,ମୁଣ୍ଡ ଖା ନା କହୁଛି ....ଶିଘ୍ର ମିଳବ..*

ବ୍ୟକ୍ତି - (*ଗୁଣୁଗୁଣୁ ହୋଇ*) ଇ ପୁଲିସ୍ କେ ନ ପାରି ହୁଏ ବୁଆ ...ଫେନ୍ ଘାଏ ରିସମି ହେଲ୍ନ ....ଖାଲି ପଏସା ପଏସା ବଲିକ ପାଗଲ୍ ହେଇଗଲ୍ନ କାଇଁସେ ...ପଲ୍ସିଁ ଇନୁ) ....*ଏତିକ ରେ ଡ଼ରି ଯାଇ ସେ ସେଠୁ ପଳେଇଲା*(

(*ପୋଲିସ୍ ଜଣକ ହାବିଲଦାର୍ କୁ ଡାକିବାକୁ ଚେଷ୍ଟା କଲା ..ହେଲେ ସେଇ ଟଙ୍କା ଟଙ୍କା ଚଲ୍ଲେଇଲା*)

## ଷଷ୍ଠ ଦୃଶ୍ୟ

ନ୍ୟୁଜ୍ ରିଡର୍ - ନମସ୍କାର । ହଟ୍ ନ୍ୟୁଜ୍ ଚ୍ୟାନେଲ୍ ରୁ ମୁଁ ମିସ୍ ସିମରନ୍ ଭ୍ରଓ ଆପଣଙ୍କ ସାମ୍ନାରେ । ବର୍ତ୍ତମାନ ର ତାଜା ଖବର ...ଦେଶ ସାରା ଏକ ନୂଆ Virus ର ଆତଙ୍କ ଦେଖା ଦେଇଛି । ହଁ ଆଜ୍ଞା ...ଏକ ନୂଆ ଭାଇରସ୍ – ଟଙ୍କା ଭାଇରସ୍ । ଆଉ ଏ ଭାଇରସ୍ ର ବିଶେଷତ୍ଵ ହେଲା ,ଏହା କେବଳ ଦୁର୍ନିତିଗ୍ରସ୍ତ ,ଲାଞ୍ଚୁଆ ,ଟଙ୍କାଲୋଭୀ ନେତା ,ଅଫିସର ,ପୋଲିସ୍ ,ଡକ୍ଟର , ଇଂଜିନିୟର ଆଦିଙ୍କୁ ହିଁ ଆକ୍ରାନ୍ତ କରୁଛି । ସାଧାରଣ ଲୋକ ,ସଚ୍ଚୋଟ ଲୋକଙ୍କୁ ଏହା କିଛି କରୁନାହିଁ । ଏହି ଭାଇରସ୍ ର ପ୍ରଭାବରେ ସଂପୃକ୍ତ ଦୁର୍ନିତିଗ୍ରସ୍ତ, ଲାଞ୍ଚୁଆ ବ୍ୟକ୍ତି କିଛି ବି କଥା କହିଲେ କେବଳ ଟଙ୍କା ଟଙ୍କା ହିଁ କହୁଛନ୍ତି । ଟଙ୍କା ଶବ୍ଦ ଛଡ଼ା ଅନ୍ୟ କୌଣସି ଶବ୍ଦ ସେମାନେ କହି ପାରୁ ନାହାନ୍ତି । ଦେଶର ବଡ଼ ବଡ଼ ବୈଜ୍ଞାନିକ ,ଡାକ୍ତର ମାନେ ମଧ୍ୟ ଏ ଭାଇରସ୍ ର କୌଣସି ଉପଚାର ଖୋଜି ପାଇ ପାରିନାହାନ୍ତି । ଏବେ ଯାଏଁ ପ୍ରାପ୍ତ ଖବର ଅନୁଯାୟୀ ଦେଶର **95**ପ୍ରତିଶତ ନେତା **80** ,ପ୍ରତିଶତ ସରକାରୀ , ବେସରକାରୀ ଅଫିସର୍ ଓ କର୍ମଚାରୀ ,ପ୍ରାୟ **75**ପ୍ରତିଶତ ପୋଲିସ୍ **55** , ପ୍ରତିଶତ ଡକ୍ଟର ଓ ଇଂଜିନିୟର ଏହାର ଶିକାର ହେଲେଣି । ଦେଶ ସାରା କେବଳ ସେମାନଙ୍କର ହିଁ ଟଙ୍କା ଟଙ୍କା ଶବ୍ଦ ଶୁଣା ଯାଉଛି ? କେତେ ଜଣ ବିଶେଷଜ୍ଞ ଏହାକୁ ବିଦେଶୀ ଶକ୍ତିର ଆକ୍ରମଣ କହୁଥିଲା ବେଳେ କେତେଜଣ ଏହାକୁ ଆତଙ୍କବାଦର ନୂଆ ରୂପ ବୋଲି କହୁଛନ୍ତି । ଆମେ ଏମିତି କିଛି ନେତା ଅଫିସର୍ ଆଉ ପୋଲିସ୍ ଙ୍କୁ ଆମ ଷ୍ଟୁଡ଼ିଓ କୁ ନିମନ୍ତ୍ରଣ କରିଛୁ । ଆସନ୍ତୁ ଦେଖିବା ତାଙ୍କ ଅବସ୍ଥା କଣ ?

(*ନେତା ,ଅଫିସର୍, ପୋଲିସ୍ ଙ୍କୁ ପଚ୍ଚାରିଲେ*) ଆଚ୍ଛା ଆପଣ କୁହନ୍ତୁ .. ଆପଣ ମାନଙ୍କ ଏ ଅବସ୍ଥା କେମିତି ହେଲା ?

(*ତିନହେଁ ଏକ ସଙ୍ଗେ*)ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା ଟଙ୍କା....

ଦେଖିଲେ ତ' ଆପଣ ମାନେ ...ଏମାନେ କଭଳ ଭାବେ ଏ ଟଙ୍କା ଭାଇରସ୍ ଦ୍ଵାରା ଆକ୍ରାନ୍ତ । ଯାହା ଜଣା ପଡୁଛି ଏ ଟଙ୍କା ଭାଇରସ୍ ଯୋଗୁଁ ଦେଶର ସବୁ ଦୁର୍ନିତିଗ୍ରସ୍ତ ଲୋକଙ୍କ ମୁଖା ଖୋଲିଯିବ । ହେଲେ କଣ ହେବ ଏ ମାନଙ୍କ ଭବିଷ୍ୟତ ? ଏମାନେ କଣ ଏପରି ଭାବେ ସବୁ ଦିନ ପାଇଁ କେବଳ ଟଙ୍କା ଟଙ୍କା କହୁଥିବେ ? କେଉଁଠୁ ଆସିଲା ଏ ଟଙ୍କା ଭାଇରସ୍ ? ଆଶା କରାଯାଏ ଆପଣ ମାନଙ୍କୁ ଏ ସମସ୍ତ ପ୍ରଶ୍ନର ଉତ୍ତର ଖୁବ୍ ଶିଘ୍ର ମିଳବ ।

ସେଥିପାଇଁ ଦେଖୁଥାନ୍ତୁ କେବଳ ଆମରି ଚ୍ୟାନେଲ୍ – ହଟ୍ ନ୍ୟୁଜ୍ । କମ୍ବା Log in କରନ୍ତୁ ଆମ ୱେବ୍ ସାଇଟ୍ www.hotnews.com ରେ । ନମସ୍କାର!

(*ଦୃଶ୍ୟ ଅନ୍ତରାଳରୁ ଗୀତର ସ୍ଵର ଭାସି ଆସିଲ*)

*ଟଙ୍କା ଟଙ୍କା ହେଲେ ଲାଗେ କଣ୍ଠରେ ଏ ଚେଙ୍କା,*
*ଟଙ୍କା ଲୋଭୀ ଲୋକଙ୍କର ସ୍ଵର ହେଲା ବଙ୍କା...*

*ଟଙ୍କା ଭାଇରସ ଏବେ ବ୍ୟାପେ ଦେଶ ସାରା,*
*ଲୋଭୀ ଆଉ ଲାଞ୍ଚୁଆଙ୍କୁ ଛାଡ଼େ ନାହିଁ ପରା...*

*ଭ୍ରଷ୍ଟାଚାରୀ ,ଲାଞ୍ଚୁଆଙ୍କ ରକ୍ଷା ନାହିଁ ଆଉ,*
*ଟଙ୍କା ଭାଇରସ ଖାଲି ହୁଏ ରାଉ ରାଉ ..*

*ଧନ୍ୟ ଧନ୍ୟ ଧନ୍ୟ ତୁମେ ଟଙ୍କା ଭାଇରସ*
*ଚୋର ,ଠକ ,ଲାଞ୍ଚୁଆଙ୍କ କରି ଦିଅ ନାଶ..*

## ସପ୍ତମ ଦୃଶ୍ୟ

(ଦୃଶ୍ୟ ଅନ୍ତରାଳରେ କେବଳ ଟଙ୍କା ଟଙ୍କା ର ଧ୍ୱନୀ ଶୁଣା ଯାଉଛି )

(*ପ୍ରଥମ ବ୍ୟକ୍ତି ଜଣକ ପୁଣି ସେହି ଗଣେଶ ଠାକୁର ଙ୍କ ଆଗରେ ଆସି ପହଞ୍ଚି ଗଲା* )

ବ୍ୟକ୍ତି - ହେ ଗଣନାଥ ,ହେ ଗଜାନନ ...ରକ୍ଷା କର ପ୍ରଭୁ ରକ୍ଷା କର ...ଏ ଟଙ୍କା ଟଙ୍କା ଶବ୍ଦରେ ଆଉ ରହି ହେଉନ । ମୋ ଦେଶରେ ଏତେ ଭ୍ରଷ୍ଟାଚାରୀ , ଏତେ ଦୁର୍ନିତିଗ୍ରସ୍ତ ଲୋକ ଅଛନ୍ତି ! ବାପ୍ ରେ ବାପ୍ ....ବଞ୍ଚିବା କଷ୍ଟ ହେଇ ଗଲାଣି ....। ଏହାର କଣ କିଛି ଉପଚାର ନାହିଁ ? କିଛି ତ' କରନ୍ତୁ ପ୍ରଭୁ ....

ଆକାଶବାଣୀ - ଉଫ୍ ...ଏ ମଣିଷ ମାନେ ବି ନା .....ମୁଣ୍ଡ ଖରାପ କରି ଦେଲେଣି ...। ପ୍ରଥମେ ଭ୍ରଷ୍ଟାଚାରୀଙ୍କୁ ଧରାପକାଅ ଧରାପକାଅ କହି ରଡ଼ି ଛାଡୁଥିଲେ ... ଧରା ପକେଇବାରୁ ଏବେ ରକ୍ଷାକର ରକ୍ଷାକର ବୋଲି ଚିଲ୍ଲେଇଲେଣି ....। ଏ ମଣିଷ ଗୁଡ଼ାକ ନିଜେ ବି ଜାଣି ନାହାନ୍ତି ଏ ମାନେ କଣ ଚାହାଁନ୍ତି ।

ହଉ ହେଲା ହେଲା ...ତୁମେ ଗୋଟିଏ କାମ କର ବତ୍ସ ...ଏ ଦେଶରେ ଲୋକ ମାନେ ଡାକ୍ତରଙ୍କୁ ବିଶ୍ୱାସ କରନ୍ତୁ କି ନ' କରନ୍ତୁ ସାଧୁ ସନ୍ନ୍ୟାସୀଙ୍କୁ ନିଶ୍ଚୟ ବିଶ୍ୱାସ କରନ୍ତି । ତୁମେ ଜଣେ ସାଧୁ ଙ୍କ ବେଶରେ ଯାଅ ,ମିଡିଆ କୁ କୁହ ମୋତେ ଠାକୁରଙ୍କ ସ୍ୱପ୍ନାଦେଶ ହେଇଛି । ଏ ଟଙ୍କା ଭାଇରସ୍ ର କେବଳ ଗୋଟିଏ ହିଁ ଔଷଧ ଅଛି । ନିଜକୁ ଭ୍ରଷ୍ଟାଚାର ରୁ ଦୂରରେ ରଖିବା , ନିଜ ଉପରେ ଯେଉଁ ଦାଇତ୍ୱ ଦିଆଯାଇଛି ତାହା ନିଃସ୍ୱାର୍ଥ ଭାବେ ,ସଚ୍ଚୋଟ ହୋଇ ପାଳନ କଲେ ଏ ଭାଇରସ୍ ରୁ ମୁକ୍ତି ମିଳିବ । ଯାଅ ,ଏ ଦେଶକୁ ଦୁର୍ନିତିମୁକ୍ତ କର ,ଖୁସିରେ ରୁହ ।

ବ୍ୟକ୍ତି - ଜୟ ହେଉ ତୁମର ପ୍ରଭୁ ,ଜୟ ହେଉ ....ଗଣପତି ବାପ୍ପା ..ମୋରିୟା .... ମଙ୍ଗଳ ମୂର୍ତ୍ତି ...ମୋରିୟା....

(*ସେହି ବ୍ୟକ୍ତି ଜଣକ ସେଠାରୁ ପ୍ରସ୍ଥାନ କଲା*)

## ଅଷ୍ଟମ ଦୃଶ୍ୟ

ରିପୋର୍ଟର - ବାବା ...ଆମେ ଶୁଣିବାକୁ ପାଇଲୁ ଆପଣଙ୍କୁ ଭଗବାନଙ୍କର ସ୍ୱପ୍ନାଦେଶ ହୋଇଛି ? ଆପଣଙ୍କ ପାଖରେ ଏ ଟଙ୍କା ଭାଇରସ୍ ର ନିରାକରଣ ଉପାୟ ଅଛି ?

ସନ୍ନ୍ୟାସୀ - ଜୟ ଗଣପତି ବାପ୍ପା ,ଜୟ ହେଉ ତୁମ ...
ହଁ ଆଜ୍ଞା ହଁ ...ଆପଣ ମାନେ ଠିକ୍ ଶୁଣିଛନ୍ତି ....ମୋତେ ଭଗବାନ ଗଣେଶ ଙ୍କ ସ୍ୱପ୍ନାଦେଶ ହୋଇଛି ...ଏ ଯେଉଁ ଟଙ୍କା ଭାଇରସ୍ ର ଆତଙ୍କରେ ଆମ ଦେଶର ସବୁ ଭ୍ରଷ୍ଟ ବ୍ୟକ୍ତି ମାନେ ଥରହର ,ତାଙ୍କର ମୁକ୍ତି ପାଇଁ ଗଣପତି ବାପ୍ପା ମୋତେ ଉପାୟ ବତେଇଦେଇଛନ୍ତି....

ରିପୋର୍ଟର - ତେବେ କୁହନ୍ତୁ ବାବା କୁହନ୍ତୁ ...ଏ ଭାଇରସ୍ ରୁ ମୁକ୍ତି ପାଇବାର ଉପାୟ କଣ କୁହନ୍ତୁ ....ଏ ଉପାୟ ଶୁଣିବା ପାଇଁ ନେତାଠାରୁ ମନ୍ତ୍ରୀ ଯାଏଁ , ଅଫିସରଠାରୁ ଯନ୍ତ୍ରୀ ଯାଏଁ ,ଛୁଆ ଠାରୁ ବୁଢ଼ା ଯାଏଁ ,ଗରିବ ଠାରୁ ଧନୀ ଯାଏଁ ସଭିଏଁ ଅପେକ୍ଷା କରିଛନ୍ତି ...ଆପଣ ଉପାୟ କୁହନ୍ତୁ ।

ସନ୍ନ୍ୟାସୀ - ବାଳକେ ,ଏ ଭାଇରସ୍ ର କେବଳ ଗୋଟିଏ ଔଷଧ ଅଛି ।

*ସଚ୍ଚୋଟ ଲୋକଙ୍କ ପାଖ ନ'ମାଡ଼ଇ*
*ଏହି ଭାଇରସ କେବେ,*
*ଲାଞ୍ଚ ମାଗ ନାହିଁ ,ଭଲକାମ କର,*
*ଏ ରୋଗ ନ' ହେବ ତେବେ ।*

କହିବାର ଅର୍ଥ ଏୟା ଯେ ,ଯେତିକି ଭ୍ରଷ୍ଟ ଲୋକ ଏ ରୋଗରେ ଆକ୍ରାନ୍ତ ଅଛନ୍ତି ଯଦି ସେମାନେ ନିଜ ନିଜ ଦାଇତ୍ୱକୁ ବିନା ସ୍ୱାର୍ଥରେ ପାଳନ କରିବେ ,କେବେ ବି କୌଣସି ଘୋଟାଲା କରିବେ ନାହିଁ ,କାହାଠୁ ଲାଞ୍ଚ ନେବେ ନାହିଁ ,ଗୃହା ପାଣି ଖର୍ଚ୍ଚ କ କମିଶନ ଆଶା ରଖିବେ ନାହିଁ ,ତେବେ ଏ ରୋଗରୁ ତୁରନ୍ତ ମୁକ୍ତି ମିଳିବ । ଆଉ ଲାଞ୍ଚ ନେଲେ ,ଭ୍ରଷ୍ଟାଚାର କଲେ ,

କମିଶନ ଖାଇଲେ ଏ ଭାଇରସ୍ ପୁଣି ମାଡ଼ି ବସିବ । ଏହା ପ୍ରଭୁ ଗଣେଶଙ୍କ ଆଦେଶ ...ଜୟ ଗଣପତି ବାପ୍ପା ,ଜୟ ଗଣେଶ ।

(*ଏହା ପରେ ସନ୍ନ୍ୟାସୀ ସେଠାରୁ ପ୍ରସ୍ଥାନ କଲେ*())

ରିପୋର୍ଟର- ତେବେ ଶୁଣିଲେ ତ' ଆପଣ ମାନେ ...ଯେଉଁ ଭ୍ରଷ୍ଟ ଲୋକ ଏ ରୋଗରେ ଆକ୍ରାନ୍ତ ସେମାନେ ନଜକୁ ଭ୍ରଷ୍ଟାଗ୍ନରରୁ ଦୂରେଇ ରଖନ୍ତୁ ,ଲାଞ୍ଚ କୁ କୁହନ୍ତୁ ନା ନା ,କାମ କୁ କୁହନ୍ତୁ ହଁ ହଁ । ହଟ୍ ନ୍ୟୁଜ୍ ଚ୍ୟାନେଲ୍ ରୁ ମୁଁ ମିସ୍ ସିମରନ୍ ରାଓ ଆପଣଙ୍କ ସାମ୍ନାରେ ।

## ନବମ ଦୃଶ୍ୟ

(*ନେତା ତାଙ୍କ ସଚବ କୁ ସଙ୍କେତ କରି କଛି ବୁଝାଇବାକୁ ଚେଷ୍ଟା କରୁଛନ୍ତି*)

ନେତା- ଟଙ୍କା ଟଙ୍କା ଟଙ୍କା (*ସଂକେତରେ ଘର ଆଉ ପାଇଖାନା ନର୍ମାଣ କରିବାକୁ କହୁଛନ୍ତି*) ଟଙ୍କା ଟଙ୍କା ଟଙ୍କା...

ସଚବ- ଏଁ ..ଇଏ କଣ କରୁଛନ୍ତି ଆଜ୍ଞା ! ଘର ....ଓଃ ଗ୍ରାମ୍ୟ କୁଟୀର କଥା କହୁଛନ୍ତି ...? ଆଉ ଇଏ କଣ ....ଓଃ ...ମୋ ଘର ,ମୋ ପାଇଖାନା ଯୋଜନା କଥା କହୁଛନ୍ତି....? ଆପଣଙ୍କ ପକେଟ ଭରି ହେଇଯିବ ଆଜ୍ଞା , ମୁଁ ପୁରା ହିସାବ କରି ଆପଣଙ୍କୁ ଦେଇଥିଲି ନା ...ଆପଣ କାହିଁକ ଚନ୍ତା କରୁଛନ୍ତି....

ନେତା- *ରାଗରେ* (ଟଙ୍କା ଟଙ୍କା ଟଙ୍କା).. (*ମୁଣ୍ଡ କୁ ନା ନା କଲା ଭଳ ହଲେଇଲେ*)

ସଚବ- ଏଁ ..ଟଙ୍କା ଦରକାର ନାହିଁ ...ଓଃ ବୁଝିଲି ....ଆପଣ ଚାହୁଁଛନ୍ତି ସବୁ ଯୋଜନାରେ କଛି ବି ହେରଫେର ନ'କରି ଭଲ ଭାବେ କରିବା ପାଇଁ ... ଆଚ୍ଛା...

ନେତା- ହଁ ..ଟଙ୍କା ..ଏବେ ବୁଝିଲ... ଟଙ୍କା ...କେତେ ବେଳୁ ...ଟଙ୍କା ....ଏହା ବୁଝାଇବାକୁ ଚେଷ୍ଟା କରୁଛି ....ଟଙ୍କା ....

(*ନଜ ଶବ୍ଦ ଶୁଣି ସେ ନଜେ ବି ଆଶ୍ଚର୍ଯ୍ୟ ହେଲେ ଆଉ ଖୁସିରେ ଡେଇଁ ପଡ଼ିଲେ*)

ସଚବ- ହେଇଟି ସାର୍ ...ଭଲକାମ କରିବା କଥା କହୁ କହୁ ଆପଣଙ୍କ ପାଟି ଠିକ୍ ହେବାକୁ ଲାଗିଲାଣି ...ଟଙ୍କା ଭାଇରସ୍ ଛାଡ଼ିକି ଯାଉଚ ...ଆପଣଙ୍କ ଉପରେ ଗଣେଶ ଙ୍କ ଦୟା ହେଇଚ .....ଆଜି ହିଁ ତାଙ୍କୁ ଦର୍ଶନ କରିବାକୁ ଯାଆନ୍ତୁ....

ନେତା- ହଁ ସେକ୍ରେଟାରୀ ବାବୁ ...ଠିକ୍ କହିଲେ ....ମୁଁ ଆଜି ହିଁ ଯିବି ...ହେଲେ ଆପଣ ଏ ଯୋଜନାର କାମ ସବୁ ଫଟାଫଟ୍ ସାରନ୍ତୁ ..ଆଉ ଧ୍ୟାନ ଦେବେ ଯେମିତି ତିଳେ ବି ଦୁର୍ନ୍ନିତି ନ' ହୁଏ ।

ସଚବ- ନଶ୍ଚୟ ସାର୍ ।

## ଦଶମ ଦୃଶ୍ୟ

(*ଅଫିସ୍ ର ଦୃଶ୍ୟ*)

ଲେଡିଜ୍- ସାର୍ ! ନମସ୍କାର ।

ଅଫିସର- ଟଙ୍କା... (*ନମସ୍କାର*)

ଲେଡିଜ୍- ଓଫ୍ ହୋ ...ଆପଣଙ୍କୁ ଟଙ୍କା ଭାଇରସ୍ ଛାଡ଼ିନ ବୋଧେ ...? ମୋ ବିଲ୍ ଟା Sanction କଲେ କ ସାର୍ ?

ଅଫିସର୍- (*ମୁଣ୍ଡ ହଲେଇ ,ବିଲ୍ ଆଉ କଛି ଟଙ୍କା ସେହି ମାଡାମ୍ କୁ ବଢେଇଲେ*)

ଲେଡିଜ୍- କଣ କରି ନାହାନ୍ତି ..ଓଃ କରି ଦେଇଛନ୍ତି ...ଆରେ ଏ ପଇସା ପୁଣି କଣ ?

ଅଫିସର- ଆପଣ ..ଟଙ୍କା ...ଯେଉଁ ...ଟଙ୍କା ...ଦେଇଥିଲେ ...ଟଙ୍କା...ଟେବୁଲ୍ ତଳେ .....ଟଙ୍କା .....ଦେଇଥିଲେ ....ଟଙ୍କା ....ସେଇ ଟଙ୍କା ...ଆପଣଙ୍କୁ ଫେରଉଛି ଟଙ୍କା.....

ଲେଡିଜ୍- ଓଃ ...ଆପଣ ତ' ପୁର୍ବ ସୁଧୁରି ଗଲେ ....ଜୟ ଟଙ୍କା ଭାଇରସ ...ଜୟ ଗଣେଷ ....ଆଉ ଆପଣଙ୍କ ପାଟି ବି ଠିକ୍ ହେଇଗଲାଣି ଧିରେ ଧିରେ ....

ଅଫିସର୍- ହାଃ ହାଃ ହାଃ ....ହଁ ...ସବୁ ସେଇ ଗଣେଷ ଙ୍କ ଇଚ୍ଛା ...ଆଜି ଠୁ ଲାଞ୍ଚ କୁ ଦୂରୁ ଜୁହାର ...ଆଉ ଗୋଟେ ଜୁହାର ଦେବି ଗଣେଷଙ୍କୁ ...ଆଜି ହିଁ ଯିବି .....

ଲେଡିଜ୍- ନିଶ୍ଚୟ ସାର୍ ..ନିଶ୍ଚୟ.... (*ହସି ହସି ସେ ଲେଡିଜ୍ ଜଣକ ସେଠୁ ଗୁଲିଗଲେ*)

## ଏକାଦଶ ଦୃଶ୍ୟ

(*ଥାନା ର ଦୃଶ୍ୟ*)

ବ୍ୟକ୍ତି- ଆଜ୍ଞା ଜୁହାର ...ମୋର ଜିନିଷ୍ ମିଲଲା ଭାଲ୍ ....?

ପୋଲିସ୍- ଟଙ୍କା ଟଙ୍କା ଟଙ୍କା.. (*ମିଳିଲା ମିଳିଲା*)

ବ୍ୟକ୍ତି- ଇ ବୁଆ ..ଇତାଙ୍କୁ ଏବ୍ ତକ୍ ଭାଇରସ୍ ନୁହେଁ ଛାଡ଼ି....

ପୋଲିସ୍- (*ଠିଆ ହୋଇ ସେ ବ୍ୟକ୍ତି ଜଣଙ୍କୁ ଟଙ୍କା ବିଡ଼ାଏ ଦେଲେ*)

ବ୍ୟକ୍ତି- ଆଜ୍ଞା ..ଇଟା କାଇଁଟା ....?

ପୋଲିସ୍- ତୁମେ ଯେଉଁ ...ଟଙ୍କା ....ଦେଇଥିଲ ...ଟଙ୍କା ...କମିଶନ ଭାବେ ... ଟଙ୍କା ....ସେୟା ନେଇଯାଅ ....ଟଙ୍କା.....

ବ୍ୟକ୍ତି- କାଁ ହେଲା ସାର୍ ...ଇଟା ଫେରେଇ ଦେଲେ ଯେ ....ମୋର ଜିନିଷ୍ ନାଇ ମିଲଲା ଭାଲ୍ ....?

ପୋଲିସ୍- ଆରେ ବାବୁ ..ତୁମ ଜିନିଷ ବି ମିଳିଲା ...ସେୟା ବି ନେଇ ଯାଅ ...ଆଉ ତୁମେ ଦେଇଥିବା ଏ ଟଙ୍କା ବି ନେଇ ଯାଅ...

ମୋର କମିଶନ ଲୋଡ଼ା ନାହିଁ ...ମୁଁ ସେ ଲାଞ୍ଚ କୁ ବି ଜୁହାର କରୁଛି ଆଉ ସେ ଗଣେଷଙ୍କୁ ବି ...

ବ୍ୟକ୍ତି- ଆପଣଙ୍କର୍ ଗୁଡ୍ ତଲେ ଲକ୍ଷେ ମୁଣ୍ଡିଆ ଆଜ୍ଞା ....ଜୁହାର ...ଜେ ଗଣେଷ .. ଜେ ଗଣେଷ ......

## ଶେଷ ଦୃଶ୍ୟ

***(ନେତା ,ଅଫିସର ଆଉ ପୋଲିସ ଗଣେଷଙ୍କ ଆଗରେ କାନ ଧରି ବସ ଉଠ ହେଉଛନ୍ତି)***


**ଏକ ସାଙ୍ଗରେ ଗାଇଲେ...**

*ନେବୁନ ଲାଞ୍ଚ ,ଗ୍ଲ ପାଣି ଖର୍ଚ୍ଚ*
*ଖାଇବୁ ନାହିଁ ଟଙ୍କା,*
*ଆହେ ଗଣେଷ ,ଦିଅ ଆଶିଶ*
*ବୁଦ୍ଧି ନ'ହେଉ ବଙ୍କା ।*

*ଦେଶର ହିତେ କରିବୁ କାମ*
*ଘୋଟାଲା ହେବ ନାହିଁ,*
*ହୋଇଲେ ଲୋଡ଼ା ଦେବୁରେ ପ୍ରାଣ*
*ଦେଶର ହିତ ପାଇଁ ।*
*ଦେଶର ହିତ ପାଇଁ ।*
*ଦେଶର ହିତ ପାଇଁ ।*
*ଦେଶର ହିତ ପାଇଁ ।*

॥ ନମସ୍କାର ॥

**)** *ମଞ୍ଚ ଅନ୍ଧାର* **(**



# ବାଜୀଆ ଅମର ରହେ



କିଶୋର ପଣ୍ଡା

ମେଲାଣୀ ନେଇ ସେ ମାଆର ପଣତ ତଳୁ
ଘନ ଅନ୍ଧାରରେ ଘାଟକୁ ଯାଉଛି ଆଜି,
ଛୋଟିଆ ପିଲାଟା କେମିତି ଜଗିବ ସେଠି
ମାଆର ମନଟା ସନ୍ତାପେ ଯାଉଛି ଭାଜି ।।୧।।

ବିଜୁଳୀ ଚମକେ ବରଷା ଭିଜାଏ ଦେହ
ଘଡ଼ଘଡ଼ି ନାଦେ ଚମକି ଯାଉଛି ଛାତି,
ଅଜଣା ଆତଙ୍କେ ଥରୁଛି ପରାଣ ମନ
ମନେମନେ ଭାବେ କେମିତି ପାହିବ ରାତି ॥୨



ସଞ୍ଜ ନଇଁଗଲେ ଛାଡ଼େନାହିଁ କାନୀ ମୋର
ଅନ୍ଧାରକୁ ଦେଖି ଧନ ମୋର ଭାରି ଡ଼ରେ,
ଆଜିକିଆଁ ସିଏ ଏମିତି ବଦଳି ଗଲା
ଏକାଏକା ଯାଏ ଅନ୍ଧାରେ ନଈର ତୀରେ ॥୩

ଏଡ଼ିକି ଜିଦିଆ ଆଗଭର ପଣେ ଗଲା
ନିଦ ଆସୁନାହିଁ ଭାବି ମୋ ବାଜୀଆ କଥା,
କେମିତି ସହିବ ସାରା ରାତି ବର୍ଷା ମାଡ଼
ସାଥୀରେ ନେଲାନ ପଖୀଆ କି ଅବା ଛତା ॥୪

ନିଦନାହିଁ ଆଜି ଓଜନିଆ ଆଖିପତା
ରୁକ୍ମଣୀ ମାଆ ମୁଁ କେମିତି ଶୋଇବି କୁହ,

ଭର୍ ନଈକୂଳେ ଖୋଲ୍ ଆକାଶର ତଳେ
ସାଗ୍ରାତି ସେଠି ଘାଟ ଜଗିବ ମୋ ପୁଅ ॥୫

ଗଛ ପତରରୁ ଶୁଭୁଛି ବିକଟ ଧ୍ୱନୀ
କାଳଆ କୁକୁର କାନ୍ଦୁଛି ବାହୁନ ଆଜି,
ବାପ ହୋଇ ତୁମେ ଏଡ଼ିକ ନଷ୍ଠୁର ସତେ
କଅଁଳା ଛୁଆକୁ ଛାଡ଼ିବାକୁ ହେଲ ରାଜି ॥୬

ସାଗ୍ ମୂଲକକୁ ନେଇଗଲେ ଆସି ଛଳେ
ମଣିଷରୂପୀ ସେ ନୃସଂଶ ଦାନବ ଦଳ,
ଗୋର୍ ଫଉଜକୁ ତଡ଼ିବାକୁ କର ପଣ
ତଡ଼ିବାକୁ ତାଙ୍କୁ ସତେକ ପାଇବ ବଳ ॥୭

ନଷ୍ଠୁର ନୁହେଁ ମୁଁ କହୁଛି ବାଜୀଆ ବୋଉ
ଛାତି ପରେ ରଖି ପର୍ବତ ପ୍ରମାଣେ ବୋଝ,
ବାଜିଆକୁ ଆଜି ପଠେଇଛି ଘାଟପରେ
କରିବାକୁ ଯୁଦ୍ଧ ମେଳୀଆ ହେଲେଣି ସଜ ॥୮

ତୁଚ୍ଛାଟାରେ ତୁମେ ଡ଼ରୁଛ କାହିଁକ କୁହ
କା'ପୁରୁଷ ନୁହେଁ ପୁଅ ଆମ ବୀର ବାଜୀ,
ଫିରୀଙ୍ଗୀ ସେନାକୁ କରେଇ ଦେବନ ପାରି
ହାରିବନ ସେତ ଜିତିବ ଜୀବନ ବାଜୀ ॥୯

ସତ ହେଉ ତୁମ କଥା ଆହେ ବାଜୀବାପା
ବୁଢ଼ୀ ଠାକୁରାଣୀ ପଣତ ଘୋଡ଼େଇ ଥାଉ,
ଭଲରେ ଭଲରେ ଫେରିଆସୁ ଧନ ମୋର
ତା'ମୁହଁକୁ ଗ୍ରହିଁ ବାକ ଦିନ ଆମ ଯାଉ ॥୧୦

ପାହିଲ୍‌ଣି ଦେଖ ତମସା ରଜନୀ ଘୋର
ଗଛ ପତରରୁ ଶୀତଳ ସମୀର ବହେ,
ଝଟକୁଛି ଦେଖ ପାହାନ୍ତିଆ କୁଆଁତାର୍
ଦୂରରୁ ଶୁଭିଲ୍-"ବାଜୀଆ ଅମର ରହେ" ॥୧୧

ଚମକ ପଡ଼ିଲ୍ ବାଜୀଆର ବାପା କ୍ଷଣେ
ଦାଣ୍ଡ ଦୁଆରରେ ପିଟିଦେଲ୍ ମୁଣ୍ଡ ତା'ର,
ନୀରବି ଗଲ୍ ଯେ ପକ୍ଷୀର କାକଳୀ ଆଜି
ଲହଡ଼ି ଭାଂଗିଲ୍ ଲୋହିତ ରକତ ଧାର ॥୧୨

ଡ଼କାପାରି ଆଜି କାନ୍ଦୁଛି ବାଜୀଆ ମାଆ
ହାଏରେ ଦଇବ ଇଏ ତୁ କଅଣ କଲୁ,
ଏକୋଇରବଳା ବିଶିକେଶନ ସେ ମୋର
ରଙ୍କୁଣୀ ଧନକୁ କାହିଁକି ଛଡ଼େଇ ନେଲୁ ॥୧୩



ଅଫେର୍ ଯାଇଜେ ଗୁଲିଗଲ୍ ଧନ ମୋର
ଅନ୍ଧର ଲଉଡ଼ି ହଜିଗଲ୍ ମୋର କାହିଁ,
ପୁନହର୍ ଏଇ ଜୀବନେ କି ଅବା ଆଶା
ଜନ୍ତରଣ କାହିଁ ଛାଡ଼ିଲ୍ ମୋତେ ନ ନେଇ ॥୧୪

ଦୁନଆଁ କରିବ ଜୟଜୟକାର ତା'ର
ଇତିହାସେ ସିନା ଲେଖାହେବ ତା'ର ନାଆଁ,
ମା'ଆଖିର ଲୁହ କଏସେ ପୋଛିବ ଆଉ
ଏତେବଡ଼ ଦୁଃଖ କେମିତି ସହିବ ମାଆ ॥୧୫

(୧୧ନଭେମ୍ବରରେ ବରପୁତ୍ର ବାଜୀରାଉତଙ୍କ ପୂଣ୍ଣ ଶ୍ରାଦ୍ଧତିଥୀ ଉପଲକ୍ଷେ ଲିଖିତ)

ବାଲିକୁଦା, ଜଗତସିଂହପୁର

# ସନ୍ଦେହି ପ୍ରିୟତମା



ପ୍ରକାଶ ସାହୁ

ମୋତେ ଗୋଟେ ପ୍ରଶ୍ନ ସବୁବେଳେ,ବିଚଳତକରୁଛି ।
ଭୋଜନ ବେଳେ,ସ୍ନାନ ବେଳେ,
ପଠନ ବେଳେ ବି ସେହି ପ୍ରଶ୍ନ ।
ଏ ପ୍ରଶ୍ନ ମୋ ଉପରେ ସବାର ହୋଇଛି ଯେପରି ସୁନ୍ଦରି,
ତରୁଣୀ ଉପରେ ପ୍ରେତାତ୍ମା ସବାର କରିଥାଏ ।
ଯେପରି ପ୍ରେତାତ୍ମା ର ନର୍ଦ୍ଦେଶାନୁସାରେ ,
ତାର ଗତିବିଧି ପରିବର୍ତ୍ତିତ ହୋଇଥାଏ ,
ଅନୁରୂପ ର ପ୍ରଭାବ ମୋ ଉପରେ ପଡିଛି ।
ମୋ ମନ ବ୍ୟସ୍ତ ବିବ୍ରତ ର, ଗନ୍ତାଘର ପାଲଟିଯାଇଛି ।
ଆଖିରୁ ନିଦ ହଜିଯାଇଛି ।
ତାହା ଏପରି ଏକ ପ୍ରଶ୍ନ ଯାହାର ଉତ୍ତର ,
କେବଳ  ମୋତେ ହିଁ ଦବାକୁ ପଡିବ ।
ହୁଏତ ଅନ୍ୟ କାହାର ସାହାଯ୍ୟ ନଆଯାଇପାରେ ।
ଯଦି ପରିହାସ ର ସାମ୍ନା କରିବାକୁ ପଡେ ।
ସେ ଭୟ ର ଫାସ ରେ ବି ମୁଁ କବଳତ ।
ହଁ ସେହି ପ୍ରଶ୍ନ ପ୍ରତ୍ୟେକ ପ୍ରେମିକ,ପ୍ରେମିକା   ପାଇଁ ସାଧାରଣ ।
ସେହି ପ୍ରଶ୍ନ ଯେଉଁ ପ୍ରଶ୍ନ ର,
କାୟାଜାଲ ରେ ଥରେ ଫସିଗଲେ ମୁକୁଳବା ,
ଅତ୍ୟନ୍ତ କାଠିକର ପାଠ ।

ସେହି ପ୍ରଶ୍ନ ମୋ ଅନ୍ତରାତ୍ମା ରେ ବାରମ୍ବାର ଆଘାତ ଦେଇଚାଲିଛି ।

ଯାହା ନିରନ୍ତର ଭାବ ରେ ମୋ ଦୁଇ କାନ ରେ ପ୍ରତିଧ୍ଵନି କରୁଛି ।

ତୁମକୁ କେମିତି ମୋର,

ବିଶ୍ଵାସଭାଜନ କରାଇପାରିବି ?

କଣ ଆଉ ପ୍ରଚେଷ୍ଟା କରାଯାଇପାରେ ?

କଣ ଆଉ ପରିକ୍ଷ କରାଯାଇପାରେ କି?

ପ୍ରମାଣ ଦିଆ ଯାଇପାରେ ?

ସିତାଦେବୀ ଯେପରି ନିଜର ପରୀକ୍ଷା ,

ଦେବାକୁ ଯାଇ ନିଜ କୁ ଅଗ୍ନି ପାଖରେ ସମର୍ପଣ କରିଥିଲେ ।

ସେହି ଏକଲବ୍ୟ ଯେ ଗୁରୁଭକ୍ତି ର,

ପରିଚୟ ଦବା କୁ ଯାଇ ନିଜର ଆଙ୍ଗୁଳି ଅର୍ପଣ କରିଥିଲେ ।

ମୁଁ ବି ପ୍ରସ୍ତୁତ ଅଛି ଯେକୌଣସି ପରୀକ୍ଷଣ ଦବା ପାଇଁ ।

ମୁଁ କିଛି ବି କରିବାକୁ ,

ପ୍ରସ୍ତୁତ ଅଛି ତୁମର ବିଶ୍ଵାସଭାଜନ ହବା ପାଇଁ ।

ଅସମ୍ଭବ କୁ ସମ୍ଭବ କାରନାମା କରିବା ପାଇଁ ପ୍ରସ୍ତୁତ ଅଛି ।

ଯେମିତି ବି ହଉ ମୋତେ ମୁକ୍ତି,

ଦରକାର ସେ ପ୍ରଶ୍ନ ର ଅନିଷ୍ଟ ପ୍ରାଦୁର୍ଭାବ ରୁ,

ସେ ଅଦୃଶ୍ୟ କାୟାଯାଲ ରୁ ।

ମୁଁ ଯେଉଁଠି ବି ଗଲେ,

ଏପରି ନିର୍ଜନ ଶୁନସାନ ସ୍ଥାନ କୁ ବି ସେଠାକାର,

ଶାନ୍ତ ପରିବେଶ,ସୁଧ ଜଳବାୟୁ ବି ପ୍ରଶ୍ନ କରୁଛି,

ମୁଁ ଏଯାବତ କୌଣସି ସମାଧାନ ପାଇଲି କି ନାହିଁ ।

କେବେ କେବେ ମୁଁ ହୃଦୟ କୁ ପଚାରୁଛି, କେବେଆତ୍ମା କୁ ,

କେବେ ମନ କୁ କଣ ଏହାର ସମାଧାନ ?

କିପରି ତାର ଦ୍ଵନ୍ଦ କୁ ଦୂର କରାଯାଇପାରିବ?

ଶ୍ରବଣ ମାସ ର ଝିପ ଝିପ ବର୍ଷା ର ଦିନ କଲେଜର

ବିଜ୍ଞାନ ବିଭାଗ ର, ଶେଷ ପ୍ରିରିଅଡ଼ ରେ ସେ ,
ମୋତେ ପ୍ରଶ୍ନ କରିଥିଲା ଏମିତି "ତମେ ମୋତେ
ପ୍ରକୃତ ରେ ଭଲ ପାଅ କ ନାହିଁ ?"
"ମୋ ସହିତ
ତମେ ଛଳନା କରୁନାହଁ ତ?"
"ଜୀବନ ର ଚଲା ପଥରେ ମୋତେ ଅଧା ବାଟେ
ମୋତେ ଛାଡ଼ି ଗ୍ଲଲି ଯିବ ନାହିଁ ତ?"
ଏତେ ସବୁ ପ୍ରଶ୍ନ ବାଣ ରେ ମୁଁ ,
ଭାରସାମ୍ୟ ହରାଇ ବସିଛି ,ମୁଁ ବାକ ଶୂନ୍ୟ ହୋଇଯାଇଛି,
ମୁଁ କଣ ପ୍ରଭୁ ହନୁମାନ ଙ୍କ ପରି ,
ନିଜ ଛାତି ଚରି ତାକୁ ଦେଖେଇ ପାରିବି ନା ମୁଁ ,
ମୋ ମନ ର ଭାବନା କୁ ବହି ରେ ଛପାଇ ତାକୁ ପଢିବାକୁ କହିବି ।
ମୁଁ କଣ ଆଇନଷ୍ଟାଇନ ଙ୍କ ପରି ,
ପରିକ୍ଷଣ କରି ପ୍ରମାଣ କରାଇପାରିବି ?
ଜନ ନେପିଏର ଙ୍କ ପରି ଲଗ ସାରଣୀ ତିଆରି ,
ପାଇଁ ନିଜ ଜୀବନ ବିତାଇ ଦେବୀ ?
ମେଣ୍ଡେଲିଭି ଙ୍କ, ବଂଶନୁକ୍ରମ ପରି ଥତ୍ୟ ଉନ୍ମୋଚନ କରିବି ?
ଆଉ ମୁଁ ସେକସପିଏର ଙ୍କ ପରି ରୋମାଣ୍ଟିକ କବିତା,
ଲେଖି ତୁମ ପାଖେ ବିଶ୍ୱାସଭାଜନ ହୋଇପାରିବି ?
ମୋର କଣ କରିବା ଉଚତ ?ଗୋଟେ ବଳିଷ୍ଠ ପ୍ରମାଣ ଦବା ପାଇଁ ।
ତୁମର ଆଶଙ୍କା କୁ ଦୂର କରିବା ପାଇଁ ।
ମୁଁ କେମିତି ପ୍ରମାଣ କରାଇପାରିବି।
ଯେ ମୋ ମନରେ ତୁମ ପାଇଁ କେତେ ଭଲ ପାଇବା ଅଛି ।
ମୋ ହୃଦୟ ରେ କାହାର ନାଁ ଲେଖା ହୋଇଛି ।
କାହା କଥା ଭାବି ମୋର ଦିନରାତି ବିତୁଛି ।
କେମିତି କୁହ କେମିତି ତୁମ ସେ ସନ୍ଦେହ ର ଆଖି କୁ ,
ମୁଁ ସେହି ଦୁନଆ କୁ ଦୃଶ୍ୟମାନ କରାଇପାରିବି,

ଯେଉଁଠି ଥିବ କେବେଳ ପ୍ରେମ ଆଉ ବିଶ୍ୱାସ ,
ଆଉ କସର୍ତ ଭଲ ପାଇବା ।ସେହି ଝିପ ଝିପ,
ବର୍ଷା ର ସନ୍ଧ୍ୟାରେ ମୁଁ ନର୍ଜନ କଲେଜ ଖେଳ ,
ପଡିଆ ରେ ଏକୁଟିଆ ଘୁରି ବୁଲୁଛି ।
ତୁମ ପ୍ରଶ୍ନ ର ଉତ୍ତର ସନ୍ଧାନ ରେ ।
କେବେ ପୁଣି କତ କତ ଅନ୍ଧାର,
ସ୍ୱତିରେ କଲେଜ ହଷ୍ଟେଲ ଛାତ ଉପରେ ମୁଁ ,
ଏକୁଟିଆ ବସି ରହୁଛି ।ଆକାଶ ରେ ଜହ୍ନ କୁ ଦେଖୁଛି ।
କାଳେ ତା ପାଖେ ଏହାର ଉତ୍ତର ଥିବ ।କନ୍ତୁ,
ଜହ୍ନ କଳା ବାଦଲ ରେ ନଜ କୁ ଲୁଗ୍ଭଇ ଦେଉଛି ।
ସତେ, ଯେପରି ତା ପାଖ ରେ ମୋ ପ୍ରଶ୍ନ ର ଉତ୍ତର ନାହିଁ ।
କାହାର ବି ସହାଗ୍ ମୋତେ ମିଳୁନାହିଁ ।
ସତରେ, କଣ ଯଦି ମୁଁ ଅସମର୍ଥ ହୁଏ ତମେ ମୋ ଠୁ,
ଦୁରେଇଯିବ ଆଉ କାହାର ହାତ ଧରି ମୋତେ,
ଏକା କରି ଗ୍ଭଲିଯିବ ଏହାର ବିକଳ୍ପ ଆଉ କଣ?
ଶେଷ ରେ ମୁଁ କଣ ଭ୍ବିନେବି ଆମ ପ୍ରେମ ର
ସେତୁ କେବେ ଅତ୍ୟନ୍ତ ଦୁର୍ବଳ ଯାହା କେବେ ବି,
ଭ୍ଙ୍ଗି ପାରେ ପରିଶେଷରେ ରେ ମୁଁ କଣ ତୁମକୁ,
ଭ୍ବିନେବି ତମେ ବି ସେହି ମାନଙ୍କଭିତରୁ ଜଣେ,
ମୁଁ କଣ ତୁମକୁ ସନ୍ଦେହି ପ୍ରିୟତମା ର ଆଖ୍ୟା ଦେବୀ?

ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ

# ଟିକଲି

**(ଲଘୁ ଗଳ୍ପ)**



ମମତା ସାମଲ

ମନେ ପଡୁଛି କଛି ଦିନ ତଳର କଥା। ମୁଁ ଓ ମୋ ସହକର୍ମୀ ବ୍ରହ୍ମପୁର ରେଳ ଷ୍ଟେସନରେ ଭୁବନେଶ୍ୱର ଯିବାପାଇଁ ପ୍ରଶାନ୍ତି ଏକ୍ସପ୍ରେସକୁ ଅପେକ୍ଷା କରି ବସିଥାଉ। ଦୁଇଜଣ ଯାକ ଗପରେ ଭୋଳ ହୋଇ ଯାଇଥିଲୁ ।ହଠାତ ଏକ ପାଞ୍ଚ ଛଅ ବର୍ଷର ଝିଅର ଡାକରେ ଆମ ଗପରେ ବିରତି ପଡିଲା।

"ମା...." ହାତ ବଢ଼େଇ କଛି ମାଗୁଥିଲା।



"କଣ ହେଲା?"

"ଦିଅ...!"

"କଣ...?"

"ଟିକଲି...!"

"ଟିକଲି....?" ଏପରି ଏକ ଅପ୍ରତ୍ୟାଶିତ ଓ ଅସ୍ୱାଭିବିକ ଦାବିରେ ଆଶ୍ଚର୍ଯ୍ୟ ହୋଇଗଲି।

"ନାଁ... ମୋ ପାଖରେ ନାହିଁ।"

"ହଁ...ଅଛି।"

"କାଇଁ..."

"ତୁମ କପାଳରେ।" ମୋ କପାଳକୁ ଅନାଇ ନାଲି ଟିକଲିକୁ ନବା ପାଇଁ ଅଳ କରୁଥାଏ। ଛୋଟ ଝିଅଟିର ଛୋଟ ଦାବିରେ ମୁଁ ବିମୁଢ଼ ହୋଇ ଯାଇଥିଲି।

"ସେଇଟା ମୋର। ମୁଁ ଦେବିନାହିଁ।" ସେ ବା କଣ ବୁଝିବ.. ଏକ ସଧବା ନାରୀ ପାଇଁ ଟିକଲିର ମୂଲ୍ୟ କେତେ?

"ନାଇଁ ଦିଅ।" କୁନ ଝିଅଟା ଜିଦି କରୁଥାଏ। କଣ କରିବି? ଏତେ ଛୋଟ ଅଳକୁ ପୁରଣ କରିବାକୁ ମୁଁ ଅସମର୍ଥ ଥିଲି।କପାଳରୁ କାଢି ଟିକଲି ଦେବାପାଇଁ ମୋର ସତସାହସ ନ ଥିଲା

ବା ତା ମନରେ ଦୁଃଖ ଦେବାକୁ ଇଚ୍ଛା ବି ନ ଥିଲା । ମନେ ପଡିଲା.. ବେଳେବେଳେ ମୁଁ ମୋ ପର୍ସରେ ଟିକଲି ରଖେ । ଖୋଜିଲି...ମିଳଲା ନାହିଁ । ଝିଅଟାର ଆଶାୟୀ ଆଖିକୁ ଅଣଦେଖା କରି ପାରୁ ନ ଥାଏ । ଦ୍ୱନ୍ଦ୍ୱରେ ପଡି ଯାଇଥାଏ । ପୁଣି ତନତନ କରି ପର୍ସକୁ ଉଣ୍ଡାଳଲି ଏବଂ ଖୋଜି ଗ୍ଲିଲି । ଭାଗ୍ୟକୁ ଟିକଲି ପ୍ୟାକେଟଟା ଥିଲା । ଭାରି ଖୁସି ହୋଇଗଲି... ତାକୁ ପ୍ୟାକେଟ୍ ଦେଇଦେଲି ।ସେ ଖୁସି ହୋଇ ଡେଇଁ ଡେଇଁ ପଳାଇଗଲା । ତା ଖୁସି ଆମ ମୁହଁରେ ହସ ଚହଟେଇ ଦେଇଥିଲା ।ଆମେ ପୁଣି ଗପରେ ମଜ୍ଜିଗଲୁ ।

ଟ୍ରେନ ଆସିବା ସମୟ ହୋଇଗଲା ।ଟ୍ରେନ ପୋଜିସନଙ୍କର ଆନାଉନ୍ସମେଣ୍ଟ ହେଉଥାଏ । ଆମେ ଦୁହେଁ ଠିକଣା ଯାଗାରେ ଠିଆ ହୋଇଗଲୁ ଟ୍ରେନରେ ଚଢ଼ିବୁ ବୋଲି ।ଅପେକ୍ଷା କରିଥାଉ ଟ୍ରେନକୁ ।ହଠାତ ସେ କୁନ ଝିଅଟି ପୁଣି ସେଠାରେ ପହଞ୍ଚିଗଲା ଏବଂ ଟିକଲି ପାଇଁ ଅଳ କଲା ।

"ଆରେ... ତତେ ପରା ଟିକଲି ଦେଇଥିଲି ।"

ଅଳ୍ପ ସମୟ ପୂର୍ବରୁ କଥା ହେଇ ଥିବାରୁ ମୋ ସ୍ୱର ବାରିପାରି ସେ ମୋ ମୁହଁକୁ ଅନାଇଲା ଓ ମତେ ଚଂହିପାରି ଫିକକରି ହସିଦେଲା । ମତେ ତା କପାଳ ଦେଖାଇଲା । ତା କପାଳରେ ମୁଁ ଦେଇଥିବା ଟିକଲିଟି ଶୋଭା ପାଉଥାଏ । ତାପରେ ସେ ବି ହସି ହସି ପଳାଇଗଲା । ଭାରି ଭଲ ଲାଗିଲା ।ମୋ ସହକର୍ମୀ ଓ ମୁଁ ବହେ ହସିଲୁ । ଟ୍ରେନଟା ପହଁଚଗଲା । ଆମେ ନର୍ଦ୍ଧାରିତ ବଗିରେ ଚଢ଼ିଗଲୁ ଓ ସିଟରେ ବସିପଢ଼ିଲୁ । ଟ୍ରେନ ସିଟି ବଜାଇ ବ୍ରହ୍ମପୁର ଛାଡିଦେଲା । ମୁଁ କୁନ ଝିଅ କଥା ଭାବି ଭାବନାରେ ମଜ୍ଜି ଯାଇଥିଲି । ମୋ ମୁହଁ ଆତ୍ମତୃପ୍ତିର ହସରେ ଝଲସି ଯାଇଥିଲା । ଘଟଣାଟି ମନର ଆଢୁଆଳରୁ ଗ୍ଲିଯାଇଥିଲେ ମଧ୍ୟ ସମୟେ ସମୟେ ସେଇ ସ୍ମୃତି ମନକୁ ଆହ୍ଲାଦିତ କରୁଥିଲା ।

45, ସାମନ୍ତ ବିହାର
ଭୁବନେଶ୍ୱର



ଶୁଭମ ନାୟକ

# ମହାବାହୁ



ଦେଉଳ ସମ୍ମୁଖେ ନତି ଛିଡା ହୁଂ
ଭିକ୍ଷା ବୃତ୍ତି କରୁଥାଏ
ତୁମ ନାମ ଗାଇ କମାଏ କଉଡି
ସକାଳ ରୁ ସଂଜ ଯାଏ ।

କା ଆଗେ କହିବି ଦୁଃଖ ମୋର ସବୁ
କଏ ବା ଶୁଣିବ ଆଉ
ସମସ୍ତେ ନିଜ ନିଜ କର୍ମେ ବ୍ୟସ୍ତ
ମୋ ଦୁଃଖ ଶୁଣିବେ କାହୁଁ ।

ମୋର ଦୁଇ ନେତ୍ରୁ ଝରେ କେତେ ଅଶ୍ରୁ
ହେଲେ ଓଠ ପିଇ ଯାଏ
କେବେ ଅବା ଶୂନ୍ୟ ହସ୍ତେ ଗୃହ ଫେରେ
ଉପାସ ରେ ନିଦ୍ରା ଯାଏ ।

ପାପୀ ପେଟେ ପାଇଁ ଆସି ଅଛି ଧାଇଁ
ତୁମେ ସିଂହ ଦ୍ୱାର ଡେଇଁ
ମହାପ୍ରସାଦ ପାଇବି ନା ନାହିଁ
ମୋତେ ଏହା ଜଣା ନାହିଁ ।

ଦିନ ଥାଉ ଥାଉ ଆସ ମହାବାହୁ
ଦେଉଳେ ନ ବସ ଆଉ
ଦୁଃଖ କଷ୍ଟ ସବୁ ଦୂର କର ପ୍ରଭୁ
ଡାକ ଶୁଣ ମହାବାହୁ ।

ତସଲ୍ଡିହି, ସୁନ୍ଦରଗଡ, ଓଡିଶା

# ମଶାନ୍ ଘାଟ୍



ପ୍ରସନ୍ନ କୁମାର ଭୁଏ (ପ୍ରୟାସ)

ଆଏଁଖ ଖୁଲ୍ ଥିଲେ ଦିନ୍,
ମୁନୁଷ୍ ଭିତରେ କେତେ ଭିନ୍,
ଆଏଁଖ୍ ମୁଜି ଥିଲେ ଅଂଧାର୍ ରାଏତ୍,
ଫୁଲ୍ ଭିନ୍ ଭିନ୍ ମୁନୁଷ୍ ଜାଏତ୍ ।

ଟାଏଟ୍ କୁନେ ଡେରି ଥିଲେ କାନ୍,
ଶୁନବୁ କେତେ ନାମ୍ ଆର ବଦନାମ୍,
ରୁଆ ଖାପି ଥିଲେ କାନ,
ଘର ହେବା ଗୃଏର୍ ଧାମ୍ ।



ଗୁଟେଠାନୁ ଆଇଚୁ ଆମେ କରି ନାଟ୍,
ନାଟ୍ ସାଏଲେ ଧରମା ହଜର୍ ବାଟ୍,
କେ ପିଚୁ, କେ ମୁରୁମ୍, କେ ଧରସା ବାଟ୍,
ମିଶିଯିମା ଦିନେ, ହଇଯିମା ସଭେ ମାଏଟ୍ ।

"ତୋର ମୋର" "ମୁଇଁ ତୁଇଁ" କରସୁଁ ନାଟ୍,
ମନେ ଇରଷା ହେସି ଦେଖି ଲୁକକର ଠାଟ୍,
ଦୁରଲଭ୍ ମୁନୁଷ୍ ଆମେ ଗିଆନ୍ ହେଲ୍ ଭଟ୍,
ଟିକାସି ହେଲ୍ ମୁନୁଷ୍ ପିଟ୍ ଉପରେ ଲାତ୍ ।

ଭାଇ ଭାଇ ସେଭେ ହାତେ ଦେ ହାତ୍,
"ସେବା" ଉପକାରେ ଦି ଟିକେ ସାଥି,
ଖାଲି ହାତେ ଆଇଛୁ ଯିବୁ ଖାଲି ହାତ୍,
"ନାଁ"ଟେ ଥିଲେ "ନାଁ" ରହିବା ଗଲେ ମଶାନ୍ ଘାଟ୍ ।

ରାଞ୍ଚି, ଝାରଖଣ୍ଡ

# ପ୍ରଥମ ପ୍ରେମର ବଳ



ବିକେଶ ସାହୁ

ଧୀରେ ଧୀରେ ମଦନର ସାଇକେଲର ବେଗ ବଢ଼ିବାରେ ଲାଗିଲା ତାରି ସାଙ୍ଗ କୁ ହୃଦୟର ସ୍ପନ୍ଦନ ବି ଜୋର ଜୋର ବହିବାରେ ଲାଗୁଥାଏ ।ତଥାପି ସେ ସବୁ ପ୍ରତି ତାର ଖାତିର ନାହିଁ। ଆହୁରି ଜୋର ରେ ସାଇକେଲଟା ର ପାଇଡେଲ ଘୁମେଇବାରେ ଲାଗିଲା ସହର ଅଭିମୁଖେ ।କାହାରିକୁ ବି ତାରି ନଘା ନ ଥାଏ କେବଳ ଯେ ଆଗକୁ ଆଗକୁ ଅତିକ୍ରମ କରି ଚାଲିଥାଏ ।ପବନର ତଳେ ତଳ ମିଳାଇ ଯାଉଥାଏ ସେଇ କଳା ମଚ ମଚ ପିଚୁ ରାସ୍ତା ଉପରେ। ଅଠର ବର୍ଷର ଯୁବକ, ଦେହରେ ଅପୂର୍ବ ବଳ । ଜୋରରେ ସାଇକଲ ଚାଲୁଥାଏ ଆଗକୁ। ସେଇ ଯିବା ଭିତରେ ଯେ ତାର ସେଇ ଅଭୁଲା ଅତୀତର ସ୍ମୃତି ଗୁଡାକ ଭାସିଯାଉଥାଏ ତାରି ଆଖି ଆଗରେ।ପ୍ରତିଟି ମୁହୂର୍ତ୍ତ ଜଳଜଳ ହୋଇ ଆଜିବି ତା ଆଖି ରେ ସ୍ପଷ୍ଟ ପ୍ରତୀୟମାନ ହୋଇ ଉଠୁଛି ।ହୃଦୟ ଭିତର ଗଛିତ କୋହ ତକ ସବୁ ଛାତିଭିତରେ ତୋଳ ଦେଇଛନ୍ତି ବିଦ୍ରୋହ । ସେଇ ଅତୀତ ଜୀବନର ଅଭୁଲା ଅମାନିଆ ସ୍ମୃତି ସବୁ ମଦନକୁ ପାଗଳ କରିଦେଉଥାଏ ।ଶତ ଚେଷ୍ଟା ସତ୍ୱେ ସେ ସବୁ କୁ ସେ ତ ଭୁଲି ପାରି , କେତେ ଥର ଯେ ଚେଷ୍ଟା କରିଛି, ହେଲେ ସବୁବେଳେ ସେ ହାରିଯାଇଛି ତାର ନରୀହ ହୃଦୟ ପାଖରେ । କେତେ ଥର ଯେ ତା ଠୁ ନଜକୁ ଦୂରେଇ ବା କୁ ଚେଷ୍ଟା କରିଛି ହେଲେ ହୃଦୟ ଟା ତ କେବେ ମନାଲାନ । ମାନବ ବା କେମିତି ସେ ପରା ତାର ପ୍ରଥମ ପ୍ରେମ । ପ୍ରଥମ ପ୍ରେମ କୁ କଣ କଏ କେବେ ଭୁଲିପାରେ। ଅମାନିଆ ମନଟା ତ ଜମାରୁ ମନୁନ ହୃଦୟ ବା କେମିତି ମାନନ୍ତା ଯେ । ଭୁଲିବାର ସେଇ ଶତ ଚେଷ୍ଟା ସତ୍ୱେ ମଧ ଭାସି ଆସି ଠକ ଠକ କବାଟ ବଡାଉଛି ମଦନ ର ସେଇ ଅତୀତ ଜୀବନର ମେଞ୍ଚା ମେଞ୍ଚା ଅଭୁଲା ସ୍ମୃତି ସବୁ। ଚାହିଁବି ତ ଭୁଲି ପାରେନା ସେସବୁ କୁ, କେମିତିବା ଭୁଲିପାରିଥାନ୍ତା । ସେତେବେଳେ ପୁଣି ମନେ ପଡି ଯାଉଥାଏ ତା ଦଶମ ଶ୍ରେଣୀ ବେଳର କଥା କେତେ ଯେ ସୁନ୍ଦର ଜୀବନ ଜୀଉଁଥିଲା ସେ । ନ ଥିଲା ଦୁଖଃ ନ ଥିଲା ଯନ୍ତ୍ରଣା ନା କାହାରିକୁ ଭୟ ନା

ଥିଲା କୌଣସି ଆବଦ୍ଧତା। କେତେ ସ୍ୱାଧୀନ ଜୀବନ ଜିଉଥିଲା ସିଏ। ବାପା ମା ଙ୍କର ଆଲିଅଳ ପୁଅ ଥିଲା ମଦନ । ବାପା ତାର ଜଣେ କୃଷକ ହେଲେ ମଧ୍ୟ ଜଣେ ମଣିଷ ପରି ମଣିଷ ଟିଏ । ଛନ୍ଦ କପଟ ଜାଣନ୍ତି ନାହିଁ, ଦୟା ଧର୍ମ ରେ ଦେବତା ତୁଲ୍ୟ । ସେଇଥି ପାଇଁ ଆଖ ପାଖ ସମସ୍ତେ ତାଙ୍କୁ ଚହ୍ନନ୍ତି । ବାରମାସ ସବୁଦିନ ସେ ନିଜ ଜମିରେ ଚାଷ କରି ସୁନା ର ଫସଲ ଫଳନ୍ତି ତା ପୁଣି ବିନା ରାସାୟନିକ ସାର ଦେଇ । ସେଇ କାରଣ ରୁ ସମସ୍ତେ ତାଙ୍କ ବାଡିରୁ ହିଁ ସାଗସବଜି କଣାକଣି କରନ୍ତି । କାହା ଠୁ ଟଙ୍କାଟିଏ ନେବାତ ଦୂରର କଥା ବରଂ ଆହୁରି ଦେଇଦିଅନ୍ତି, ତା ପୁଣି ବିନା ଟଙ୍କାରେ ।ମାଆ ଲକ୍ଷ୍ମୀ ଙ୍କ କୃପାରୁ ଟଙ୍କା ପଇସାର ବି କିଛି ଅଭାବ ନଥିଲା । ମଦନର ସବୁ ଆବଶ୍ୟକତା ସେ ପୂରଣ କରୁଥିଲେ । ଯାହା ଚାହୁଁଥିଲା ସଙ୍ଗେ ସଙ୍ଗେ ମିଳିଯାଉଥିଲା । ବାପା ଙ୍କ ରୋଜଗାର ରେ ତିନି ପ୍ରାଣୀ ଆରାମ ରେ ଚଲି ଯାଉଥିଲେ ।ନ ଥିଲା ତ କିଛି ବି ଅଭାବ ଅସୁବିଧା ।

ଗାଁ ବିଦ୍ୟାଳୟରେ ମଦନର ଦଶମ ଶ୍ରେଣୀ । ପାଠ ପଢ଼ାରେ ବି ମଦନର ବରାବରି କରିବାକୁ କୌଣସି ପିଲା ନ ଥିଲେ। ପ୍ରତିଟି କ୍ଷେତ୍ର ରେ ଆଗୁଆ । ନମ୍ର, ସମାୟାନୁବର୍ତ୍ତି ଓ ସରଳ ପିଲା ଟିଏ । ଶେଷ କୁ ପ୍ରଥମ ଶ୍ରେଣୀ ରେ ଉତ୍ତୀର୍ଣ୍ଣ ହୋଇ ଦଶମ ପାସ କଲା ।ଗାଁ ଟା ସାରା ମଦନା ର ବାଃ ..ବାଃ...ଶୁଭି ଗଲା । ସେ ଦିନ କେତେ ଯେ ଖୁସି ଥିଲା ମଦନା । ତା ପରେ ଆସିଲା କଲେଜ ଜୀବନ ।ଗାଁ ରୁ ପାଞ୍ଚ କିଲୋମିଟର ଦୂରରେ କଲେଜ । ସାଇକେଲ ରେ ଯିବା ଆସିବା ଭଲ ସୁବିଧା ଥିଲା । ରାସ୍ତା ଘାଟ ବି ବହୁତ ଉନ୍ନତ । ସେଇ କଲେଜରେ ଆରମ୍ଭ କରିଛି ମଦନା ତାର କଲେଜ ଜୀବନ । ନୂଆ ଜାଗା ନୂଆ ଲୋକ ଓ ଏତେ ଗୁଡିଏ ପିଲା ଭିତରରେ ପ୍ରଥମେ ପ୍ରଥମେ ବ୍ୟସ୍ତ ହୋଇପଡୁଥିଲା । କିଛି ଦିନ ଗଲାପରେ ସବୁ କିଛି ପୂର୍ବପରି ହୋଇଗଲା ।ସେଇଥି ମଧ୍ୟ ମଦନା ନିଜ କମାଲ ଦେଖେଇବାରେ ଲାଗିଲା । ସମସ୍ତ ଙ୍କ ଠାରୁ ସେ ଥିଲା ଦୁଇପାଦ ଆଗରେ ।

ସେଇ ସ୍ମୃତି ତକ ତାରି ଅନିଚ୍ଛା ସତ୍ତ୍ୱେ ବି ମାନେପଡି ଯାଉଥାଏ । ଚେଷ୍ଟା କଲେ ବି ରୋକିପାରୁନି ସେସବୁ କୁ ।ସେମିତି ଏକ ଦିନର କଥା ସମୟ ପ୍ରାୟ ୯ ଟା ପାଖାପାଖି ମଦନ କଲେଜ ପାଇଁ ବାହାରି ଥାଏ । ସେଇ ଆସିବା ରାସ୍ତାରେ ହିଁ ତାର ଚମ୍ପା ସହ ପ୍ରଥମ ମିଳନ । କେତେ ସରଳ ସୁନ୍ଦର ଓ ସୁଶୀଲ ଝିଅଟିଏ ସେ । ସେ ଦିନ ସତେ କେତେ

ସୁନ୍ଦର ନ ଲାଗୁଥିଲା । ବୋଧେ ତା ସାଇକେଲର ଚେନ ତା ଖୋଲି ଯାଇଥିଲା ବ୍ୟସ୍ତ ହୋଇ ଅଟକାଇ ଥିଲା ମଦନ କୁ । ମଦନ ବି ଅଟକ ତାକୁ ସାହାର୍ଯ୍ୟ କରିଥିଲା । ତା ପରଠୁ ଦୁହିଁଙ୍କ ମଧ୍ୟରେ ଭଲ ସଂପର୍କ ଟିଏ ସୃଷ୍ଟି ହୋଇ ଗଲା । ଚମ୍ପା ମଧ୍ୟ ମଦନ ର ପୋଢ଼ଶୀ ଗାଁ ର ରମନାଥ ବାବୁଙ୍କ ଝିଅ । ସେ ବି ବାପା ମା ଙ୍କ ଅଲିଅଳ ଝିଅ। ଧନ ଦୌଲତ କୋଉଥିରେ କମିନାହିଁ । ଅଜସ୍ର ସମ୍ପତି ର ମାଲିକ। ଆଖ ପାଖ ତିନ ଚାରିଖଣ୍ଡ ଗାଆଁରେ ରମନାଥ ବାବୁ ଙ୍କୁ କଏ ବା ନ ଜାଣେ । ବାପ ଅଜା ଙ୍କ ଅମଳରୁ ଅର୍ଜିଯାଇଥିବା ଦଶ ଏକର ଜମିର ମାଲିକ ସିଏ। ଝିଅର କୌଣସି ଅଭାବ ରଖନ୍ତି ନ ରମାକାନ୍ତ ବାବୁ । ମା ଛେଉଣ୍ଡ ଚମ୍ପା, ପାଞ୍ଚ ବର୍ଷ ବୟସରେ ହିଁ ମାଆ କୁ ହରେଇଛି। ହେଲେ ତାର ଅନୁଭବ ହେବାକୁ ଦେଇ ନାହାନ୍ତି ରମାକାନ୍ତ ବାବୁ ।

ଧୀରେ ଧୀରେ ଦୁହିଁଙ୍କ ବନ୍ଧୁତା ଘନଷ୍ଠ ହେବାରେ ଲାଗିଲା । ଦୁହେଁ ଏକା ସାଙ୍ଗରେ କଲେଜ ଯାଉଥିଲେ ଆସୁଥିଲେ । ଦୁହିଁ ଙ୍କ ମଧ୍ୟରେ ଭଲ ସମ୍ପର୍କଟିଏ ସୃଷ୍ଟି ହୋଇଗଲା । ଦୁଇ ଗାଁର ରାସ୍ତା ମିଶିଥିବା ପୋଲ ପାଖରେ ମଦନା ପ୍ରତିଦିନ ଚମ୍ପାକୁ ଅପେକ୍ଷା କରେ ତା ପରେ ଦୁହେଁ ମିଶିକ କେତେ ହସ ଖୁସି ରେ କଲେଜ ଯାଉଥିଲେ । କେତେ ଯେ ହସ କୌତୁକ, କେବେ ରାଗ ରୁଷା ତ କେବେ ପୁଣି ଦୁହିଁଙ୍କ ମଧ୍ୟରେ ଝଗଡା, ଗାଳ ରେ ଚାଲି ଯାଉଥାଏ ଦିନ। ଆଜି କଥା ପୁଣି କାଲିକ ନ ଥାଏ । କଲେଜ ରେ ମଧ୍ୟ ଦୁହେଁ ସମୟ ମିଳଲେ ଏମକାଠି ବସି କେତେ ଜ ଗପ ସପ କରୁଥିଲେ । ଏମିତି କେତେ ବେଳେ ଯେ ଗୋଟିଏ ବର୍ଷ ବିତିଗଲା କଛି ଜଣାପଡିଲା ନ । ସେଇ ଗୋଟିଏ ବର୍ଷ ଭିତରେ କେତେବେଳେ ସେଇ ବନ୍ଧୁତା ଧୀରେ ଧୀରେ ପ୍ରେମର ରୂପ ନେଇ ସାରିଥିଲା ମଦନ ବୁଝି ପାରିନଥିଲେ ।ଯେଉଁ ଦିନ ଚମ୍ପା ଆସୁନ ଥିଲା ତାକୁ କାହିଁକ କେଜାଣି ଭଲ ଲଗୁନ ଥିଲା । ଚମ୍ପା କୁ ନଦେଖିଲେ ସେ ଶାନ୍ତି ରେ ରହିପାରୁନ ଥିଲା। ସବୁବେଳେ କେବଳ ତାକୁ ଚମ୍ପା କଥା ହିଁ ମନେ ପଡୁଥିଲା ।ଏମିତି ଦୁଇ ତିନ ମାସ ବିତିଗଲା । ମଦନା ବୁଝିସାରିଥିଲା ଯେ ଚମ୍ପା କୁ ସେ ପ୍ରେମ କରି ବସିଛି। ପଢା ପଢି ରେ ଆଉ ଜମା ତା ମନ ଲଗୁ ନ ଥାଏ। ଏ ପଟେ ଆଗକୁ ପରୀକ୍ଷା । କଣ କରିବ କଛି ବୁଝି ପାରୁନ ଥାଏ । ରାତିସାରା ନିଦ ହେଉନ ଥାଏ । ଆଗ ଅପେକ୍ଷା ଶୀଘ୍ର ସେ ପୋଲ ପାଖକୁ ଆସି ଚମ୍ପା କୁ ଅପେକ୍ଷା କରୁଥିଲା ।

ଏମିତି ବିତି ଗ୍ଚାଲିଥାଏ ସମୟ। କିନ୍ତୁ ଏପଟେ ଚମ୍ପାର ବି ଠିକ ସେଇ ଅବସ୍ଥା । ଚମ୍ପା ବି ମନରେ ମନରେ ମଦନ କୁ ଭଲ ପାଇ ବସିଥାଏ । ହେଲେ କିଛି କହିପାରୁ ନ ଥାଏ । ଚମ୍ପା ସେ ସବୁ କିଛି ଜାଣିପାରୁନ ଥାଏ । ଆଉ କେତେ ଦିନ ପରେ ପରିକ୍ଷା ତା ପରେ ଆଉ କେବେ ମଦନ ସହିତ ଦେଖା ହେବ କି ନା ସେଇ କଥା ଭାବି ଭାଙ୍ଗି ପଡୁଥାଏ । ଏ ପଟେ ଅବସ୍ଥା ବି ଠିକ ସେଇଆ । ତାକୁ ମଧ ସେଇ ଗୋଟିଏ ଚିନ୍ତା ସବୁବେଳେ ବ୍ୟତିବ୍ୟସ୍ତ କରି ପକାଉଥିଲା । ସେ ଆଉ ସ୍ଥିର ହୋଇ ରହି ପାରୁନ ଥିଲା । କେବଳ ଚମ୍ପା କଥା ହିଁ ମନେ ପଡୁଥାଏ । ମା ବାପା ମଧ ପୁଅର ଏମିତି ଅବସ୍ଥା ଦେଖି ତାକୁ ପଚାରିଲେ ହେଲେ କିଛି କହିଲାନି। ଅନେକ ବୁଝାଇଲେ, ହେଲେ ସେ କଣ ଆଉ ତା ଅଧୀନରେ ଥିଲା ଯେ ସେସବୁ ବୁଝାନ୍ତା । ତା ମନ ପ୍ରାଣ ସବୁ ତ ସେ ଚମ୍ପା ପାଖରେ ବିକି ସାରିଛି ।ଧୀରେ ଧୀରେ ମଦନା ଚମ୍ପା କୁ ପ୍ରେମ କରିବା କଥା ସମଗ୍ର କଲେଜ କୁ ବ୍ୟପିଗଲା ।ତା ସାଂଗ ସାଥି କେତେଯେ ଟାହିଟାପରା କଲେ ମଦାନକୁ। ହେଲେ ଚମ୍ପା ଏକଥା ଜାଣିନି । ଯେତେ ଝା ହେଲେ ବି ଚୁପଚାପ ସହି ଯାଉଥାଏ ମଦନ । ଯିଏ ଯାହା କହିଲେ ବି ତାର କିଛି ଖାତିର ନାହିଁ । ଶେଷରେ ଏ କଥା ସେ ଚମ୍ପା କୁ କହିବା କୁ ସ୍ଥିର କଲା । ହେଲେ ସାହସ ହେଉନ ଥାଏ । ଚମ୍ପା ର ବାପା ଯଦି ଜାଣିବେ ତା ହେଲେ କଣ ହେବ ଭାବି ତାକୁ ଭୟ ବି ଲାଗୁଥାଏ ।ହେଲେ ନ କହିବି ସେ ରହି ପାରୁନ ଥାଏ ।

ଏମିତି କିଛି ଦିନ ବିତିଯାଇଛି। ଦିନକର କଥା, ଦୁହେଁ କଲେଜ ରୁ ଫେରୁଥିବା ସମୟରେ ମଦନା ସବୁକଥା କହିବାକୁ ଦୃଢ ନିଷ୍ପତି ନେଇଛି । ହେଲେ ତାର ସାହସ ହେଉନ ଥାଏ । ଯଦି ସେ ରାଗିଯାଇ ବନ୍ଧୁତା ଭାଙ୍ଗି ଦିଏ ତା ହେଲେ ସେ ଆହୁରି ଏକା ହୋଇଯିବ । ଏବେ ତ ଚମ୍ପା ବିନା ତାର ନିଶ୍ୱାସ ନେବା ବି କଷ୍ଟ କର ହୋଇପଡିଲାଣି। ଅନେକ ଥର ଚେଷ୍ଟା କଲା ହେଲେ କିଛି କହିପାରିନ ଥିଲା । ଏପଟେ ପାରିକ୍ଷା ମାତ୍ର ଆଉ କେଇଟି ଦିନ ରହିଲା। କିନ୍ତୁ ମଦନା ଏ ଯାଏ ବହି ବି ଛୁଇଁନି।କଣ କରିବ କିଛି ବୁଝି ପାରୁନ ଥାଏ।

ଏପଟେ ଚମ୍ପାର ବି ସେଇ ଅବସ୍ଥା । ମଦନ ବିନା ଗୋଟିଏ ଦିନ ବି ରହିବା ତା ପାଇଁ ସମ୍ଭବ ହେଉନ ଥାଏ । ହେଲେ କଣ କରିବ ବାପା ଙ୍କୁ ଡରି ସେ କିଛି କହୁନ ଥାଏ । ଶେଷକୁ ଆସିଲା ପରୀକ୍ଷାର ବେଳ। ପରୀକ୍ଷା ଶେଷ ହୋଇ ଯାଇଛି । ଦୁହିଁ ଙ୍କ କଲେଜ

ଆସିବା ବି ବନ୍ଦ ହୋଇଗଲା । ହେଲେ ଦୁହିଁ ଭିତରେ ଥିବା ପ୍ରେମ ଆହୁରି ଗଭୀର ହେବାରେ ଲାଗିଲା ।

ଏମିତି ଗଢିଗଲା ସମୟ । ପରିକ୍ଷା ର ଫଳାଫଳ ପ୍ରକାଶ ପାଇଲା । ଦୁହିଁଙ୍କ ଭଲ ମାର୍କ ରଖି ପାରିଲେ ନ । ସେଇଥି ପ୍ରତି କଛି ଖାତିର ନାଇଁ । ମଦନ ବାପାଙ୍କୁ ଗୃଷ କାମରେ ସାହାଯ୍ୟ କଲା । ତାର ଭବିଷ୍ୟତ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଗଲା । ଏପଟେ ଚମ୍ପା ପାଇଁ ବର ଖୋଜା ଗ୍ଲିଲା, କାହିଁକନା ଗ୍ମନାଥ ବାବୁ ଙ୍କ ବୟସ ବି ହୋଇ ଆସୁଥାଏ ।ଶେଷ ରେ ବିବାହ ଠିକ ହୋଇ ଗଲା । ହେଲେ ଚମ୍ପା ବାପାଙ୍କୁ ମନା ବି କରି ପାରୁନ ଥାଏ । ଉଭୟେ ଉଭୟ ଙ୍କୁ ଜୀବନ ଠୁ ବି ବେଶି ଭଲ ପାଉଥିଲେ ହେଲେ ଏକଥା କଏ କାହାରିକୁ କହି ନାହାନ୍ତି ଏ ଯାଏ ।

ଚମ୍ପାର ବିବାହ ପାଖେଇ ଆସିଲା । ମଦନ କୁ ବି ନିମନ୍ତ୍ରଣ ଦିଆଯାଇଛି ଆସିବାକୁ । ସେଇ ଉଦେଶ୍ୟ ରେ କଛି ଉପହାର କଣିବାକୁ ସେ ଯାଇଛି ସହର ଅଭିମୁଖେ ।

ସହର ରେ କଣା କଣି କରି ସାରି । ବାହାରି ପଡ଼ିଲା ଚମ୍ପାର ଗାଁ କୁ । ଯାଇ କ ପହଞ୍ଚି ଗଲା ଚମ୍ପା ଘର ସାମନାରେ । ତାକୁ ଟିକେ ଦେଖିବାକୁ ତା ମନରେ କେତେ ଯେ ଇଛା ବଷାବାନ୍ଧି ସାରିଛି । ମୁଖ୍ୟ ଫାଟକ ଦେଇ ଭିତର କୁ ଯାଇଛି ହେଲେ ସୁନ ସାନ ଲାଗୁଥାଏ । କଛି ବୁଝି ପାରୁନ ଥାଏ । ଯେପରି ସବୁ କଛି ନିସ୍ତବ୍ଧ । ଅନେକ ଲୋକ ରୁଣ୍ଡ ହୋଇ ଥିବାର ସେ ଲକ୍ଷ୍ୟ କଲା । ପାଖକୁ ଯାଇଛି ଅତି ଧୀରେ ଧୀରେ ପାଦ ପକେଇ । ଦେଖିଲା କଏ ଜଣେ ତଳେ ପଡି ରହିଛି । ତାରି ପାଖରେ ବସି କଏ ଜଣେ ବିକଳ କଣ୍ଠରେ କାନ୍ଦୁଛି । ମଦନ ର ଦେହ ଥରି ଉଠୁଥାଏ । ହେଲେ ପାଖକୁ ଯାଇଛି ଆଉ ଯେତେବେଳେ ଦେଖି ଦେଇଛି ତାର ହୋସ ଉଡି ଗଲା। ସତେକ ତା ମୁଣ୍ଡରେ ବଜ୍ର ପାତ ହୋଇଛି । ସେମିତି ଢଳ ପଡିଛି ସେଇଠି ତାର ଶରୀର ।

ଭୂଷଲାଡ଼, ସିନ୍ଦେକେଲା, ବଲାଙ୍ଗୀର

# ପଶୁ



ସିପୁନୁ ଜେନା

ଏଇ ତ ଆସିଛି
ଅହଂକାରରେ ଭିଜିଯାଇ
ଗର୍ବରେ ବୁଡ ପକେଇବି
ସ୍ୱପ୍ନକୁ ପରଖିବି ପାଖରୁ
ପଶୁର ରକ୍ତ ବୁନ୍ଦାରେ.....

ପାଣିର ଗାର ପରି
କଜ୍ଜଳ ଗାରରେ
ସଜେଇବି ଅସତ୍ୱ ଲୁହ
ତତଲ୍ ବାମ୍ଫରେ ଶେକବି
କ୍ଷତରେ ଭତ୍ ଏ ଦେହ.....

ରାତିଟେ ବିତିଯାଉ
ପୁଣି ଥରେ କହିବି ସେଇ କଥା
ପସନ୍ଦ ନ ହେବ କେମିତି
ଜଞ୍ଜାଲ ସବୁ ଲଦେ ଦେଇ
ଲୋଟିନେବୁ ସବୁ ମଜ୍ଜା.....!

କୁଢ କୁଢ ପଙ୍କରେ
ପଦ୍ମ ନାଡଟେ ଉଠିଛି କି ନାହିଁ
କଢକୁ ଛିଣ୍ଡେଇ
ଶୋଷିନେଲେ ସବୁ ମହୁ
କାହାର କୋଉଠୁ ଦ୍ୱନ୍ଦ?

ଅସତ୍ୱ ବର୍ଷାକୁ
ଲୋମ ଟାଙ୍କୁରି ଉଠେ
କଅଁଳ ହାତର ସ୍ପର୍ଶ
ଛାତି ଥରେଇ ପାରେ ବୋଲି
ମନରେ ଆସୁଛି ପାପ.....!!!

ତର୍କାବେଡା, କଡଲ୍, ମେରମଣ୍ଡଳୀ,
ଢେଙ୍କାନାଳ



# ଗୁଂଗୀଝିଅ

ଦିପୁନ୍ ପୁହାଣ

ଗୁଂଗୀଝିଅ କହିବି ଶୁଣିପାରୁନ ବୋଲି,
ବୁଝିପାରୁନ ମଣିଷର ଭାଷା ।

ଗୁଂଗୀଝିଅ ଆଖିନଚ୍ଚାଏ, ଓଠ ଥରାଏ,
ଗୁଂଗୀଝିଅ ହାତଠାରି ଡାକେ,
ଗୁଂଗୀଝିଅ ହସେ,
ଗୁଂଗୀଝିଅ କାନ୍ଦେ
ଆଖିରେ ସ୍ୱପ୍ନ ଲେସି ଓଠରେ ହସ ଖୁଂଦି
ଗୁଂଗୀଝିଅ କ'ଣ ସବୁ କହେ,
ଗୁଂଗୀଝିଅର ଯେତେ ଶବ୍ଦ, ଯେତେ ବାର୍ତ୍ତା
ଯେତେ ଠାର, ଯେତେ ଚକ୍ରାର,
ଆଉ କଏ ଶୁଣୁକ ନଶୁଣୁ,
ଫେରିଆସି ତା' ଛାତିରେ ଦାଉଁକନା ପିଟି ହୁଏ,
ତା' କଲିଜା ଫାଟିଯାଏ,
ଗୁଂଗୀଝିଅକୁ ବଡ ଅକ୍ତାମାକ୍ତା ଲାଗେ ।

ଗୁଂଗୀଝିଅ ଆଉ ଗୁଂଗୀଝିଅ ନୁହେଁ,
ସେ ପାଲଟିଯାଏ ମଣିଷ ଭିତରେ ସଂପୂର୍ଣ୍ଣ ଏକାକୀ,
କେଉଁ ଅଜଣାଗ୍ରହର ଜୀବ,
ମଣିଷକୁ ବୁଝିବାରେ ସେ ଖର୍ଚ୍ଚ କରିଦିଏ

ତାର ତମାମ୍ ବୟସ ।
ହେଲେ ଗୁଂଗୀଝିଅକୁ ବୁଝିପାରେନା ମଣିଷ ।

ଗୁଂଗୀଝିଅ ନିଛାଟିଆ ରାସ୍ତାଦେଇ ଘରକୁ
ଫେରିବାବେଳେ କେହି ତାର ହାତ ଭିଡିଧରେ,
ଗୁଂଗୀଝିଅ ବୁଝିପାରେନା,
ବୁଝେଇପାରେନା, ଶବ୍ଦ କରିପାରେନା ।
ଗୁଂଗୀଝିଅର ଛାତିରୁ ଲୁଗା ଖସିଯାଏ,
କପାଳରୁ ଝାଳ ବହିଯାଏ,
ଯୌନାଂଗରୁ ରକ୍ତର ସୁଅ ଛୁଟେ,
ଗୁଂଗୀଝିଅ ବୁଝିବା ପୂର୍ବରୁ
ଗୁଂଗୀଝିଅ ଅବୁଝା ରହିଯାଏ ।



କାଲେ କିଛି ବୁଝିପାରିବ ଗୁଂଗୀଝିଅ,
କାଲେ ପାଟି ଖୋଲିଦେବ ଗୁଂଗୀଝିଅ ବୋଲି,
କାହାର ଦି'ଟା ଶକ୍ତହାତ ଗୁଂଗୀଝିଅର ଟଂଟିଚପେ
କିନ୍ତୁ ହାଏ,
ଗୁଂଗୀଝିଅ ଶୁଣିପାରେନ କି ବୁଝିପାରେନ
ମଣିଷର ଭାଷା ।

ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ଆତ୍ମାର ବୈଜ୍ଞାନିକ ବିଶ୍ଳେଷଣ



ବାଲ୍ମୀକି ନାୟକ

ମନୁଷ୍ୟ ନିଜର ବିକଶିତ ଚିନ୍ତାଧାରା ଯୋଗୁଁ ପଶୁପକ୍ଷୀ ଜଗତରୁ ଅଲଗା ହୋଇପାରିଛି । ମଣିଷକୁ ସାମାଜିକ ପ୍ରାଣୀ ବୋଲି କୁହାଯାଏ, କାରଣ ସେ ନିଜର ଆବଶ୍ୟକତାକୁ ପୂରଣ କରିବା ପାଇଁ ପରସ୍ପର ଉପରେ ନିର୍ଭର କରୁଛି । ଆଦି ମାନବ ଯେତେବେଳେ କୌଣସି ମୃତ ପଶୁକୁ ଦେଖୁଥିଲା, ସେତେବେଳେ ସେ ଭାବୁଥିଲା ଯେ ଏହାର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ତ ଠିକ୍ ଠାକ୍ ଅଛି, ତେବେ ସେ ହଲଚଲ ହେଉନି କାହିଁକି? ସେତେବେଳେ ତା' ମନରେ ଗୋଟିଏ ବିଚାର ସୃଷ୍ଟି ହେଲା: ଏହି ଶରୀରରୁ ନିଶ୍ଚୟ କୌଣସି ଗୋଟିଏ ସୂକ୍ଷ୍ମତତ୍ତ୍ୱ ବାହାରିଯାଇଛି, ଯେଉଁଥିପାଇଁ ସେ କୌଣସି କ୍ରିୟା କରିପାରୁନାହିଁ । ସେହି ବିଚାର ଅନୁସାରେ, ଉକ୍ତ ସୂକ୍ଷ୍ମ ତତ୍ତ୍ୱର ନାମ ହେଲା ଆତ୍ମା ବା Soul, ଯାହାକୁ ଆଜି ବି ମଣିଷ ବିଶ୍ୱାସର ସହିତ ମାନିନେଇଛି । ଏହି ବିଚାରଧାରାରୁ ହିଁ ଆଧ୍ୟାତ୍ମବାଦର ଜନ୍ମ ହୋଇଛି । ମଣିଷ ଭାବିଲା, ଏଇ ପୃଥିବୀ ଉପରେବି କୌଣସି ଏକ ସ୍ଥାନରେ ପରମାତ୍ମା ନାମକ ଏକ ଶକ୍ତି ଅଛି, ଯାହା ହାତରେ ସୃଷ୍ଟିର ନିୟନ୍ତ୍ରଣ ଶକ୍ତି ରହିଛି । କିନ୍ତୁ ବୈଜ୍ଞାନିକମାନେ ଏହାର ବିପରୀତ ବିଚାରଧାରା ବ୍ୟକ୍ତ କରୁଛନ୍ତି – ସୃଷ୍ଟିର କୌଣସି ଐଶ୍ୱରୀୟ ସୃଷ୍ଟିକର୍ତ୍ତା ନାହିଁ; ସୃଷ୍ଟିର ରଚନା କେବଳ ଭୌତିକ ସଂରଚନା ପ୍ରକ୍ରିୟା ଦ୍ୱାରା ହୋଇଛି । ଏହି ଦୁଇଟି ବିପରୀତ ବିଚାରଧାରା ଆଜି ପର୍ଯ୍ୟନ୍ତ ପରସ୍ପରକୁ ବିରୋଧ କରିଆସିଛି । ଆଧ୍ୟାତ୍ମବାଦୀଙ୍କ ସଂଖ୍ୟା କିନ୍ତୁ ବହୁତ ଅଧିକ, ଯେଉଁମାନେ ମାନୁଛନ୍ତି ଯେ, କୌଣସି ଏଇ ଅଦୃଶ୍ୟ ଶକ୍ତି ହିଁ ଏହି ସୃଷ୍ଟିକୁ ସଂଚାଳନ କରୁଛି ଏବଂ ପ୍ରତ୍ୟେକ ଶରୀରରେ ଗୋଟିଏ ଆତ୍ମା ଅବସ୍ଥାନ କରୁଛି, ଯାହାଦ୍ୱାରା ସେ ଜୀବିତ ରହିପାରୁଛି ।

ଚକସ୍ତା ବିଜ୍ଞାନ କିନ୍ତୁ ଉକ୍ତ ଧାରଣାକୁ ଅମୂଳକ ମନେକରୁଛି । ଶରୀରରେ ଆତ୍ମା ନାମକ କୌଣସି ବସ୍ତୁର ଅବସ୍ଥାନ ନାହିଁ। କେବଳ ଭୌତିକ ଏବଂ ରସାୟନ କ୍ରିୟା ହିଁ ଜୀବନ ସୃଷ୍ଟିର କାରଣ । ପ୍ରାରମ୍ଭ କାଳରୁ ଜୀବନ ଏକ କୋଶିକାରୁ ତିଆରି ହୋଇଛି । "ଆମିବା" ହେଉଛି ଏହାର ଉଦାହରଣ । ଧୀରେଧୀରେ ବିକାଶ ଲାଭ କରି ଜୀବନ ଦୁଇଟି କୋଶିକାରେ ତିଆରି ହେଲା । ଗୋଟିଏ କୋଶିକା ଲାଭ କରି ଜୀବନ ଦୁଇଟି କୋଶିକାରେ ତିଆରି ହେଲା । ଗୋଟିଏ କୋଶିକା ନର **(Male)** ଓ ଦ୍ୱିତୀୟଟି ନାରୀ **(Female)** ହେଲା । ଶରୀର ମଣିଷର ହେଉବା ପଶୁପକ୍ଷୀଙ୍କର ହେଉ, ଏହି ଦୁଇ କୋଶିକାର ସଂଯୋଗରେ ହିଁ ତିଆରି ହେଉଛି । ଏଥିରେ ଆତ୍ମା ନାମକ କୌଣସି ବସ୍ତୁ ନାହିଁ। ଏଥିପାଇଁ ପୂର୍ବଜନ୍ମ ଅଥବା ପୁନର୍ଜନ୍ମର କଳ୍ପନା ସମ୍ପୂର୍ଣ୍ଣ ମିଥ୍ୟା ବା କଳ୍ପନା ଛଡା ଆଉ ଇଛି ନୁହେଁ। ପ୍ରତ୍ୟେକଟି କୋଶିକା ନିଜେନିଜେ ଏକ ସ୍ୱତନ୍ତ୍ର ଜୀବନ । ଆଧ୍ୟାତ୍ମବାଦୀଙ୍କ ଦ୍ୱାରା ସ୍ୱର୍ଗର ଲୋଭ କିମ୍ବା ନର୍କର ଭୟ ପଛରେ କୌଣସି ବୈଜ୍ଞାନିକ ସତ୍ୟତା ନାହିଁ । ବେଳେବେଳେ ଟିଭି ଚ୍ୟାନେଲ କିମ୍ବା ସମାଚାର ପତ୍ରରେ ଖବର ପ୍ରକାଶ ପାଏ ଯେ, ଗୋଟିଏ ବିଶିଷ୍ଟ ବାଳକର ଏଇଟା ଦ୍ୱିତୀୟ ଜନ୍ମ ହୋଇଛି । ପରେ ଉକ୍ତ ବାଳକର ବୀଜ୍ଞାନିକ ପଦ୍ଧତିରେ ପରୀକ୍ଷଣ କଲାପରେ ଜଣାପଡେ, ସେମିତି କିଛି ସତ୍ୟତା ନାହିଁ। କେବଳ ଶୁଣାକଥାକୁ ତର୍କ ପ୍ରୟୋଗ ନ କରି ବିଶ୍ୱାସ କରୁଥିବା ଲୋକମାନଙ୍କ ସଂଖ୍ୟା ଅଧିକ, ସେଥିପାଇଁ ଗୁଜବ ଖୁବ୍ ଶୀଘ୍ର ପ୍ରସାରିତ ହୁଏ ।

ଗୋଟିଏ ପ୍ରଚଳିତ କାହାଣୀ ମୁଁ ପିଲାଦିନରୁ କେତେଥର ଶୁଣିଆସିଛି । କାହାଣୀଟି ଏହିପରି – "ଆମେରିକାରେ ଜଣେ ବୈଜ୍ଞାନିକ ମରିବା ପୂର୍ବରୁ ଗୋଟିଏ ସ୍ୱୀକାରୋକ୍ତି ଲେଖାଇ ଦେଇଥିଲେ ଯେ, ସେ ମରିବା ପୂର୍ବରୁ ତାଙ୍କୁ ଗୋଟିଏ ବାୟୁରୁଦ୍ଧ କାଚ ବାକ୍ସରେ ବନ୍ଦ କରି ଦିଆଗଲା । ଅକ୍ସିଜେନ ଅଭାବରୁ ହୁଏତ ସେ ମୃତ୍ୟୁବରଣ କଲେ କିନ୍ତୁ କାଚ ବାକ୍ସଟି ଚଟ୍ କରି ଫାଟିଗଲା । ତା'ମାନେ ସେହି ବୈଜ୍ଞାନିକଙ୍କ ଆତ୍ମା ସେହି ଫାଟ ଦେଇ ଶୂନ୍ୟରେ ମିଳାଇଗଲା ।

ଥରେ ମୁଁ ଏବଂ ମୋ ବନ୍ଧୁ ବାଂଗାଲୋରର ଏକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୋଟିଏ ମ୍ୟାଜିକ୍ ସୋ ଦେଖାଇଲୁ । ଉକ୍ତ ସୋ ପରେ ସ୍କୁଲ ହଲରେ ପ୍ରାୟ ପଇଁଚାଳିଶ ଅଣ ଅଧ୍ୟାପକ ଅମା ହୋଇଥିଲେ । ସେମାନଙ୍କ ଆଗରେ ମୁଁ ଆଧ୍ୟାତ୍ମବାଦ ଏବଂ ଭୌତିକବାଦ ଉପରେ ଭାଷଣ ଦେଇଥିଲି । ଉକ୍ତ ଗୋଷ୍ଠୀକୁ ମୁଁ କାଚବାକ୍ସରେ ବୈଜ୍ଞାନିକଙ୍କ ମୃତ୍ୟୁ କାହାଣୀଟି ଶୁଣାଇ କହିଲି, - କୌଣସି ଦେଶର ସରକାର ସେତେବେଳେ ଇଚ୍ଛା ମୃତ୍ୟୁକୁ ଅନୁମତି ଦେଇ ନଥିଲେ । ଏହାକୁ ଗୋଟିଏ ଅପରାଧ **(Crime)** ବୋଲି ଧରାଯାଉଥିଲା । ସେଥିପାଇଁ ଏହି କାହାଣୀରେ କୌଣସି ସତ୍ୟତା ନାହିଁ । ଦ୍ୱିତୀୟରେ ମୁଁ କେତୋଟି ଉଦାହରଣ ଦେଇ ବୁଝାଇଲି, -ଗୋଟିଏ ସାଧାରଣ ଛୋଟ ପକ୍ଷୀଟିକୁ ଧରି ଗୋଟିଏ କାଚ ବୋତଲରେ ରଖି, ମୁହଁକୁ ବାୟୁ ନପଶିବା ଭଳି ଠିପି ଦେଇ ବନ୍ଦ କରିଦିଅ । କିଛି ସମୟ ପରେ ପକ୍ଷୀଟି ଅକ୍ସିଜେନ୍ ଅଭାବରୁ ବୋତଲ ଭିତରେ ହିଁ ମୃତ୍ୟୁବରଣ କରିବ, ବୋତଲଟିର କିଛି କ୍ଷତି ହେବନି । ସେହିଭଳି ଅନେକ ସଂଖ୍ୟାରେ ପିମ୍ପୁଡିମାନଙ୍କୁ ଧରି ଗୋଟିଏ କାଚ ବୋତଲରେ ଭର୍ତ୍ତି କରି ବାୟୁରୁଦ୍ଧ କରି ମୁହଁରେ ଠିପି ବନ୍ଦ କରିଦିଅ । ଆପଣ ଦେଖିବେ, କିଛି ସମୟ ପରେ ପିମ୍ପୁଡି ଗୁଡିକ ଅକ୍ସିଜେନ ଅଭାବରୁ ମରିଯିବେ, ଅଥଚ କାଚ ବୋତଲର କିଛି ବି କ୍ଷତି ହେବନି । କାଚ ବୋତଲରେ ରହିଥିବା ପିମ୍ପୁଡିମାନଙ୍କର ଆତ୍ମା ଅଦି ବୋତଲଟିକୁ ଭାଙ୍ଗି ପାରିଲାନାହିଁ, ତା ହେଲେ ଉକ୍ତ ବୈଜ୍ଞାନିକଙ୍କର ଏକମାତ୍ର ଆତ୍ମା କାଚ ବାକ୍ସଟିକୁ ଭାଙ୍ଗି ବାହାରି ଯାଇଥିବା ମିଥ୍ୟା ପ୍ରମାଣିତ ହେଉଛି । ଆଉଗୋଟିଏ ଉଦାହରଣ ଦେଖନ୍ତୁ:- କୌଣସି ପକ୍ଷୀର ଅଣ୍ଡା ଉପରେ ମା ପକ୍ଷୀଟି ବସି କିଛି ଦିନ ଉଷୁମ ନ କଲେ ଅଣ୍ଡାରୁ ଛୁଆ ବାହାରେ ନାହିଁ । ଅଣ୍ଡା ଭିତରେ ଥିବା ଶାବକ ଯଦି ବିନା ଉତ୍ତାପରେ ଖୋଳଟିକୁ ଭାଙ୍ଗି ବାହାରି ପାରେନାହିଁ, ତା ହେଲେ ମୃତ୍ୟୁପରେ ଥଣ୍ଡା ପଡିଯାଇଥିବା ମଣିଷ ଶରୀର କପରି ବା କାଚ ବାକ୍ସଟିକୁ ଭାଙ୍ଗି ଦେଇପାରିବ**?** ଏଇସବୁ ଉଦାହରଣରୁ ଆମେ ବୁଝିବା ଉଚତ ଯେ, ଆମ ଶରୀର ଭିତରେ ଆତ୍ମା ନାମକ କୌଣସି ବସ୍ତୁ ନାହିଁ; ଆମର ଶରୀର କେବଳ କିଛି ଜୀବକୋଷର ସମଷ୍ଟି ମାତ୍ର ।

ବର୍ତ୍ତମାନ ମୁଁ ଆପଣଙ୍କ ସମ୍ମୁଖରେ ଆଉ କଛି ଉଦାହରଣ ଦେବାକୁ ଚାହୁଁଛି ଗୋଟିଏ କୁଷ୍ଠରୋଗୀର କୁଷ୍ଠଗ୍ରସ୍ତ ଅଙ୍ଗରେ ଯଦି ଆପଣ ଛୁଞ୍ଚି ମୁନରେ ଫୋଡିବାକୁ ଚେଷ୍ଟା କରନ୍ତି, ସେ କୌଣସି କଷ୍ଟ ଅନୁଭବ କରେ ନାହିଁ । କାରଣ ରକ୍ତ ଅଙ୍ଗରେ ଥିବା ଜୀବକୋଷ ମୃତ ଅବସ୍ଥାରେ ପହଞ୍ଚିସାରିଛନ୍ତି ।  ଏହି ତଥ୍ୟ ପ୍ରମାଣିତ କରୁଛି ଯେ, ଆମର ମସ୍ତିଷ୍କକୁ ଜୀବକୋଷ ଦ୍ୱାରା ହିଁ ସୂଚନା ମିଳଥାଏ; କୌଣସି ତଥାକଥିତ ଆତ୍ମା ଦ୍ୱାରା ନୁହେଁ। ଯେତେବେଳେ କୌଣସି ରୋଗୀକୁ ଅପରେସନ କରିବାକୁ ପଡିଥାଏ, ସେତେବେଳେ ଡାକ୍ତର ଅପରେସନ ସ୍ଥାନରେ ଜୀବକୋଷକୁ ନଶ୍ଚେତକ ଇଞ୍ଜେକସନ୍ ଦେଇ ସୁପ୍ତ କରିଦିଅନ୍ତି । ତା ଫଳରେ ଅପରେସନ ଚାଲିଥିବା ସମୟରେ ରୋଗୀକୁ ଆଦୌ କଷ୍ଟ ହୋଇ ନ ଥାଏ । ଏହି ତଥ୍ୟ ପ୍ରମାଣିତ କରୁଛି ଯେ, ଆମର ମସ୍ତିଷ୍କକୁ କଷ୍ଟ ହେଉଥିବା ସୂଚନା ଆତ୍ମାଦ୍ୱାରା ନୁହେଁ କେବଳ ଜୀବକୋଷ ଦ୍ୱାରା ନର୍ମିତ ସୂକ୍ଷ୍ମତନ୍ତୁ ଦ୍ୱାରା ହିଁ ପ୍ରେରିତ କରାଯାଇଥାଏ। ଯେତେବେଳେ କୌଣସି ଦାନ୍ତ ଡାକ୍ତର ଖରାପ ଦାନ୍ତଟିକୁ ଓପାଡିବାକୁ ଚାହାନ୍ତି, ସେ ପ୍ରଥମେ ଉକ୍ତ ଦାନ୍ତ ମୂଳରେ ଗୋଟିଏ ନଶ୍ଚେତକ ଉଞ୍ଜେକସନ୍ ଦେଇ ସେଠିକା ଜୀବକୋଷକୁ ସୁପ୍ତ କରିଦିଅନ୍ତି । ଏହା ଫଳରେ ଦାନ୍ତଟିକୁ ଓପାଡିବା ସମୟରେ ରୋଗୀକୁ ଆଦୌ କଷ୍ଟ ହୋଇ ନଥାଏ । ଏହିଭଳ ଆହୁରି ଅନେକ ଉଦାହରଣ ଦିଆଯାଇପାରିବ ଯାହାଦ୍ୱାରା ପ୍ରମାଣ କରିହେବ ଯେ, ଆମର ଶରୀର କେବଳ ଅନେକ ଜୀବକୋଷ ଦ୍ୱାରା ଗଠିତ; କୌଣସି ଆତ୍ମାର ଅବସ୍ଥାନ ଶରୀର ଭିତରେ ନାହିଁ ।

ସ୍ୱିଜରଲ୍ୟାଣ୍ଡର ଡ. ବିଲମୁଡ "ଡଲି" ନାମକ ଗୋଟିଏ ମେଣ୍ଢାର କ୍ଲୋନ ତିଆରି କରିଥିଲେ । ଗୋଟିଏ ମେଣ୍ଢାର ଗୋଟିଏ ମାତ୍ର ସେଲ୍ ରୁ ଜୀନ୍ ନେଇ ଉକ୍ତ ମେଣ୍ଢାର ପ୍ରତିରୂପ ତିଆରି କରିଥିଲେ । ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଉକ୍ ଜୀନ୍ ରେ ଦ୍ୱିତୀୟ ଆତ୍ମା ଆସିଲା କେଉଁଠୁ? ଜୀନ୍ ଦୁଇଟି ପଦାର୍ଥରୁ ତିଆରି ହୁଏ: ନ୍ୟୁକଲିକ୍  ଏସିଡ୍ ଏବଂ ପ୍ରୋଟିନ୍ । ଏହି ଦୁଇଟି ହିଁ ଜୀବନର ମୌଳକ ପଦାର୍ଥ । ମେଣ୍ଢା ପରେ ମୂଷା, ଗାଈ ଏବଂ ମଇଷିର ବି କ୍ଲୋନ୍ ତିଆରି ହୋଇପାରିଛି । ଏହାଦ୍ୱାରା ଧର୍ମଗୁଡିକର ପ୍ରତିଷ୍ଠିତ ମାନ୍ୟତା ବା

ବିଶ୍ୱାସକୁ ବହୁତ ବଡ ଧକ୍କା ଲାଗିଛି । ଅନେକ କଟ୍ଟରବାଦୀ ଧାର୍ମିକ ଗୁରୁ ବ୍ୟସ୍ତ ହୋଇ ଚିନ୍ତା ବ୍ୟକ୍ତ କଲେ ଯେ, ମଣିଷ ବର୍ତ୍ତମାନ ଭଗବାନଙ୍କ କାମ କରିବାକୁ ଆରମ୍ଭ କରିଦେଇଛି । ଫଳରେ ଧର୍ମ ଦ୍ୱାରା ପ୍ରଚାରିତ ପୁରୁଣା ଆସ୍ଥା ଓ ମାନ୍ୟତା ସବୁ ମିଥ୍ୟା ପ୍ରମାଣିତ ହେବାକୁ ଲାଗିଛି କାରଣ ଧର୍ମ ନାମରେ ଚାଲୁଥିବା ବ୍ୟବସାୟପାଇଁ ଏହା ଏକ ଭୟାନକ ଆହ୍ୱାନ ହୋଇ ଦେଖାଦେଇଛି ।

ବୈଜ୍ଞାନିକ ଡାରଓ୍ୱିନ୍ ଯେତେବେଳେ ମାନବ ବିକାଶର ନୂଆ ତଥ୍ୟ ପ୍ରକାଶ କଲେ, ସେତେବେଳେ ମଧ୍ୟ ଧାର୍ମିକ ଲୋକମାନଙ୍କ ମଧ୍ୟରେ ଚାଞ୍ଚଲ୍ୟ ଖେଳିଯାଇଥିଲା । ତାଙ୍କର ପ୍ରକାଶିତ ପୁସ୍ତକ ଉପରେ ପ୍ରତିବନ୍ଧକ ଲାଗୁ ହୋଇଗଲା, କାରଣ ଏହାଦ୍ୱାରା ଧର୍ମଗୁରୁ ପୋପମାନଙ୍କର ଆସ୍ଥା ବା ମାନ୍ୟତାକୁ ଆଘାତ ଲାଗିଥିଲା । ବର୍ତ୍ତମାନ ଦୁନିଆର ସମସ୍ତ ଶିକ୍ଷା ଅନୁଷ୍ଠାନରେ ଡାରଓ୍ୱିନଙ୍କ ସିଦ୍ଧାନ୍ତକୁ ପାଠ୍ୟ ତାଲିକାରେ ମହତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଉଛି । ଡାରଓ୍ୱିନ୍ "ବିଗଲ" ନାମକ ଗୋଟିଏ ଛୋଟ ଜାହାଜରେ ସାଢେ ଛଅବର୍ଷ ପର୍ଯ୍ୟନ୍ତ ସମୁଦ୍ର ଭିତରେ ବୁଲିବୁଲି ଅସ୍ଥି, ପିଞ୍ଜରା ଓ ଫସିଲ୍ ସଂଗ୍ରହ କରିଥିଲେ, ଯାହାଦ୍ୱାରା ପ୍ରମାଣିତ ହୋଇପାରିଲା ଯେ, ଆମର ଅସ୍ତିତ୍ୱ କେବଳ ଜୀବର ବିକାଶ ଯୋଗୁଁ ହିଁ ହୋଇଛି । ସାରା ଦୁନିଆରେ ଆଜି ଏହି ସିଦ୍ଧାନ୍ତକୁ ମାନ୍ୟତାପ୍ରାପ୍ତ ହୋଇଛି ।

ଶୋଷଣ କର୍ତ୍ତାମାନେ ଦୁନିଆକୁ ଦୁଇ ଭାଗରେ ବାଣ୍ଟି ଦେଇଥିଲେ – ଶୋଷକ ଏବଂ ଶୋଷିତ ବର୍ଗ । ଶୋଷକ ବର୍ଗ ଭାଗ୍ୟବାଦର ଆଳରେ ଦୀର୍ଘକାଳ ଯାଏଁ ଜନତାଙ୍କୁ ଶୋଷଣ ବା ଲୁଣ୍ଠନ କରିଆସିଛି । ସମଗ୍ର ବିଶ୍ୱକୁ ପରିଚାଳିତ କରୁଥିବା ଗୋଟିଏ ଅଦୃଶ୍ୟ ଶକ୍ତି ହିଁ ସମସ୍ତ ଜୀବଜଗତର ଜୀବନ ଡୋର ଧରିରଖିଛି ବୋଲି ଆମକୁ ଶିକ୍ଷା ଦିଆଯାଇଥିଲା । ଆମେ ସମସ୍ତେ ଗୋଟିଏ ଗୋଟିଏ କାଠ ପୁତ୍ତଳିକା ଏବଂ ସମସ୍ତଙ୍କ ଜୀବନ ଡୋର ଉକ୍ତ ରଚନାକାର ହାତରେ ରହିଛି ବୋଲି ବିଶ୍ୱାସ କରିବାକୁ କୁହାଯାଇଥିଲା । ସେ ଯେମିତି ଚାହିଁବ, ଆମେ ସେମିତି ନାଚିବାକୁ ବାଧ୍ୟ ହେବା ସେ ନିରାକାର, ତାର କୌଣସି ରୂପ ନାହିଁ, କିନ୍ତୁ ସେ ସର୍ବଶକ୍ତିମାନ । ଏହିଭଳି ଅସ୍ପଷ୍ଟ ଶବ୍ଦ ଜାଲ ବ୍ୟବହାର କରି ଶୋଷିତ ବର୍ଗକୁ

ପଥଭ୍ରଷ୍ଟ କର୍‌ଯାଇଛି । ଏହି ଚକ୍ରାଧାର୍‌କୁ ଜୀବିତ ରଖିବା ପାଇଁ ମନ୍ଦିର, ମସଜିଦ୍, ଗୁରୁଦ୍ୱାର, ଚର୍ଚ୍ଚ ଆଦିର ସାହାଯ୍ୟ ନିଆଯାଉଛି । ଲୋକମାନଙ୍କର ଚକ୍ଷୁନ କୋଠରିରେ ତାଲା ଲଗେଇ ଦିଆଯାଇଛି । କେବଳ ଶ୍ରଦ୍ଧା ଓ ବିଶ୍ୱାସ ଉପରେ ଗୁରୁତ୍ୱ ଦିଆଯାଉଛି । ଯିଏ ଭଗବାନଙ୍କୁ ବିସ୍ୱାସ ନ କରୁଛି, ତାକୁ ନାସ୍ତିକ କହି ଅପମାନିତ କରିବାକୁ ଚେଷ୍ଟା କର୍‌ଯାଇଛି । କୋଟି କୋଟି ଟଙ୍କା ଖର୍ଚ୍ଚ କର୍‌ଯାଉଛି ଭକ୍ତଙ୍କ ସଂଖ୍ୟା ବଢେଇବାପାଇଁ । ବଡ ବଡ ମଠ ଓ ତୀର୍ଥସ୍ଥଳଗୁଡିକୁ ସାଧୁ ଓ ମହନ୍ତମାନେ କବ୍ଜା କରି ଜୋକ ଭଳି ଲୋକମାନଙ୍କର କଷ୍ଟ ଉପାର୍ଜିତ ଧନକୁ ଶୋଷଣ କରୁଛନ୍ତି । ଜୀବନ କାଳରେ ଯାହାକୁ ପେଟପୂର୍ ଦୁଇମୁଠା ଭାତ ମିଳି ନଥିବ, ମଲାପରେ ତା ପାଇଁ ଶ୍ରାଦ୍ଧ ନାମରେ ପଣ୍ଡିତମାନେ ଲୁଟି ନେଇଯାଉଛନ୍ତି । ଦାନ, ଦକ୍ଷୀଣା ଦେଲେ ମୃତବ୍ୟକ୍ତିଙ୍କ ଆତ୍ମାକୁ ସ୍ୱର୍ଗରେ ସ୍ଥାନ ପ୍ରାପ୍ତି ହେବ; ଅପସର୍‌ମାନେ ସେବା କରିବେ ଇତ୍ୟାଦି ଲୋଭ ଦେଖାଉଛନ୍ତି । ଅନ୍ୟଥା ନରକରେ ସ୍ଥାନ ପାଇବ ଯେଉଁଠି ନାନା ପ୍ରକାର ଯନ୍ତ୍ରଣା ପାଇବ ବୋଲି ଭୟ ସୃଷ୍ଟି କ୍ରାଯାଇଥାଏ । ଏଠି ତର୍କ କରିବା ସଂପୂର୍ଣ୍ଣଭାବେ ନିଷେଦ୍ଧ । ସ୍ୱର୍ଗ ବା ନରକ କେଉଁଠି? ଏ ପ୍ରଶ୍ନ ପଚାରିବା ଅଧିକାର ନାହିଁ । କେବଳ ବିଶ୍ୱାସ କରି ଶ୍ରାଦ୍ଧ ନାମରେ ପକେଟ ଖାଲିକର ।

ବାସ୍ତବରେ ବ୍ରହ୍ମାଣ୍ଡରେ କେଉଁଠି ସ୍ୱର୍ଗ ବା ନରକର ଅବସ୍ଥାନନାହିଁ । ବର୍ତ୍ତମାନ ଖଗୋଳବିଜ୍ଞାନୀମାନେ ବିଜ୍ଞାନ ସାହାଯ୍ୟରେ କୃତ୍ରିମ ଉପଗ୍ରହ ପଠାଇ ବ୍ରହ୍ମାଣ୍ଡକୁ ପରୀକ୍ଷାନିରୀକ୍ଷା କରୁଛନ୍ତି । ଚନ୍ଦ୍ର ପୃଷ୍ଠରୁ ମାଟିର ନମୂନା ସଂଗ୍ରହ କରିଆଣିଛନ୍ତି । ମଙ୍ଗଳ ଗ୍ରହ ଉପରେ ରୋବର୍ଟ ପହଞ୍ଚି ଅନେକପ୍ରକାର ପରୀକ୍ଷଣ କରୁଛି । ଆକାଶରେ "ହବଲ" ନାମକ ଦୂରବୀକ୍ଷଣ ଯନ୍ତ୍ର ଅନେକ ଦୂର ପର୍ଯ୍ୟନ୍ତ ନିରୀକ୍ଷଣ କରି ପୃଥିବୀକୁ ବିଭିନ୍ନ ସୂଚନା ପଠାଇ ଚାଲିଛି । ଯେତେବେଳେ ଗୋଟିଏ ଧୂମକେତୁ ବୃହସ୍ପତି ଉପରେ ଖସି ପଡିଥିଲା, ସେତେବେଳେ "ଶୁମକେର" ନାମକ ଜଣେ ପ୍ରଖ୍ୟାତ୍ ଖଗୋଳ ବିଜ୍ଞାନୀ ଏହି ସୂଚନା ଦେଇଥିଲେ ଏବଂ ହବଲ ଦୂରବୀକ୍ଷଣ ଯନ୍ତ୍ର ସମସ୍ତ ଦୃଶ୍ୟ ପୃଥିବୀକୁ ପଠାଇଥିଲା । ବୃହସ୍ପତିର ଗୁରୁତ୍ୱାକର୍ଷଣ ଯୋଗୁଁ ଉକ୍ତ ଧୂମକେତୁ ଚାଳିଶ ଖଣ୍ଡ ହୋଇଯାଇଥିଲା । ଉକ୍ତ

ଦୃଶ୍ୟକୁ ଆମେ ବିଭିନ୍ନ ଟି.ଭି. ଚ୍ୟାନେଲ ସାହାଯ୍ୟରେ ଦେଖିପାରିଥିଲୁ । ଏ ଯାଏଁ ସ୍ୱର୍ଗ ବା ନରକର ଅବସ୍ଥାନ କେବେ ବି, କେଉଁଠି ବି ପରୀକ୍ଷଣ ଦ୍ୱାରା ସିଦ୍ଧ ହୋଇପାରିନାହିଁ ।

ଏହା ଏବେ ବି କେବଳ କଳ୍ପନାରେ ହିଁ ଅଛି । ଏହି କଳ୍ପନାକୁ ପୁଞ୍ଜି କରି ଧର୍ମଭୀରୁ ଜନତାଙ୍କୁ ଲୋଭ ଓ ଭୟ ଦେଖାଇ କେବଳ ଲୁଣ୍ଠନ ଚାଲିଛି । ଆମେ ଆଗରୁ ଆତ୍ମାର ଅସ୍ତିତ୍ୱ ନ ଥିବା କଥା ବର୍ଣ୍ଣନା କରିଛୁ । ଏବେ ସେହିଭଳ ଆତ୍ମାର କୌଣସି କାଳ୍ପନିକ ସ୍ୱର୍ଗ ବା ନରକକୁ ଯିବାର ତଥ୍ୟ ବି ମିଥ୍ୟା ପ୍ରମାଣିତ ହୋଇଆଉଛି । ଧନୀ ବର୍ଗ ବା ଗରିବ ବର୍ଗ କେବଳ ସାମାଜିକ ପଦ୍ଧତି ଉପରେ ନିର୍ଭର କରୁଛି । କୌଣସି ଭଗବାନ ଜନ୍ମ ସମୟରେ ଆମର ଭାଗ୍ୟ ନିର୍ଦ୍ଧାରଣ କରି ସାରା ଜୀବନ ଦୁଃଖ ଦେଉଥିବା କଥା ସଂପୂର୍ଣ୍ଣ ମିଥ୍ୟା । ଏଥିପାଇଁ ଆମେ ସତ୍ୟକୁ ଜ୍ଞାତ କରି ସାମାଜିକ ପଦ୍ଧତିକୁ ପରିବର୍ତ୍ତନ କରିବାପାଇଁ ସଂଗଠିତଭାବେ ସଂଘର୍ଷ କରିବାକୁ ହେବ । ଦୀର୍ଘ କାଳର ଉକ୍ତ ଶୋଷକମାନଙ୍କୁ ଚେତେଇ ଦେବାକୁ ହେବ ଯେ, ଆଜିର ପରିବର୍ତ୍ତିତ ପରିବେଶରେ ତୁମମାନଙ୍କର ଲୁଣ୍ଠନ କ୍ରିୟା ଆଉ ଚାଲିପାରିବନାହିଁ ।

ଆଜିକାଲି ଆମ ଦେଶର ବିଭିନ୍ନ ପ୍ରଦେଶରେ ଆମର ଅନ୍ନଦାତା ଚାଷୀମାନେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । କେତେକ ପ୍ରତିଷ୍ଠିତ ଧୂର୍ତ୍ତ ଲୋକ ଗରିବ ଜନତା ଉପରେ ସବୁପ୍ରକାର ଅତ୍ୟାଚାର କରୁଛନ୍ତି । ଅଳ୍ପ ବୟସ୍କ ଛୁଆମାନେ ଅନାଥ ହୋଇଯାଉଛନ୍ତି । ଅସହାୟା ନାରୀ ଜନନୀ ହୋଇଥିଲେ ମଧ୍ୟ ନିଜର ଅଭାବ ମେଣ୍ଟାଇବାପାଇଁ ନିଜର ଶରୀର ବିକ୍ରି କରିବାପାଇଁ ବାଧ୍ୟ ହେଉଛି ।

ପ୍ରତିଦିନ ନାରୀ ବଳତ୍କାର ଘଟଣା ଦେଖିବାକୁ ଓ ଶୁଣିବାକୁ ମିଳୁଛି । ଆଜି ବି ବିଭିନ୍ନ ପ୍ରକାରର ସୁନ୍ଦରୀ ଚୟନ କାର୍ଯ୍ୟକ୍ରମ ମାଧ୍ୟମରେ ନାରୀ ଦେହକୁ ହିଁ ଶୋଷଣ କରାଯାଉଛି । ନାରୀକୁ ବିଜ୍ଞାପନରେ ପଣ୍ୟବସ୍ତୁ ରୂପେ ଅର୍ଦ୍ଧନଗ୍ନ ଅବସ୍ଥାରେ ନିଜର ବ୍ୟବସାୟ ବଢେଇବାପାଇଁ ଉପସ୍ଥାପନ କରାଯାଉଛି । ବଡବଡ ସାଧୁସନ୍ଥମାନେ ବି ନାରୀକୁ

ଭୋଗ୍ୟବସ୍ତୁଠାରୁ ଅଧିକ ମହତ୍ତ୍ୱ ଦେଇନାହାନ୍ତି । ଉଦାହରଣ ରୂପେ ସନ୍ଥ ତୁଳସୀ ଦାସଙ୍କ ନିମ୍ନ ବକ୍ତବ୍ୟକୁ ଉଲ୍ଲେଖ କରିହେବ:

"ଢୋଲ, ଗୱାର, ଶୂଦ୍ର, ପଶୁ, ନାରୀ – ୟେ ସବ୍ ହୈ ତାଡନ କେ ଅଧିକାରୀ ।"

ଇଂଲଣ୍ଡରେ ଜଣେ ବୈଜ୍ଞାନିକ ଷ୍ଟିଫେନ ହକଙ୍ଗ ନିଜର ପୁସ୍ତକରେ ଲେଖିଛନ୍ତି, - "ଏହି ବ୍ରହ୍ମାଣ୍ଡ କୌଣସି ଭଗବାନଙ୍କ ସୃଷ୍ଟି ନୁହେଁ ବରଂ ଭୌତିକ ନିୟମର ପରିପ୍ରକାଶ ।" ଆଜି ବୀଜ୍ଞାନିକ ପରୀକ୍ଷଣ ଦ୍ୱାରା ସିଦ୍ଧ କରାଯାଇସାରିଲାଣି ଯେ, ପ୍ରୋଟନ ସହିତ ପ୍ରୋଟନକୁ ଆଘାତ ଦେଲେ ବ୍ରହ୍ମାଣ୍ଡ ଉତ୍ପତ୍ତିର ପ୍ରମାଣ ସିଦ୍ଧ ହୋଇଯାଉଛି, ସେଥିପାଇଁ ଆଜି ଦୁନିଆର ବିଗବ୍ୟାଙ୍ଗ୍ ସିଦ୍ଧାନ୍ତ ବହୁଳଭାବେ ସମର୍ଥନ ପାଇଛି । ଉପରେ ବର୍ଣ୍ଣନା କରାଯାଇଥିବା ତଥ୍ୟକୁ ଧ୍ୟାନ ଦେଲେ ବୁଝାପଡୁଛି ଯେ, ଆତ୍ମା ଅଥବା ପରମାତ୍ମା ନାମକ କୌଣସି ବସ୍ତୁର ଅସ୍ତିତ୍ୱ ନାହିଁ । ଏଥିପାଇଁ ଆମେ ଭାଗ୍ୟବାଦ ଚକ୍ରାନ୍ତର ବାହାରେ ରହି ସଂଗଠିତ ଭାବେ ସଂଘର୍ଷ କରି ଗୋଟିଏ ସୁସ୍ଥ ସମାଜକୁ ନୂଆ ରୂପ ଦେଇପାରିବା । ଯେଉଁ ସମାଜରେ ଆଜି ଆମେ ବାସ କରୁଛୁ ତାହା ଏକ ରୁଗଣ ସମାଜ, - ଯେଉଁଠି ଅଶିକ୍ଷା, ଅଜ୍ଞାନ, ଅନ୍ଧବିଶ୍ୱାସ, ବେରୋଜଗାରୀ, ଭ୍ରଷ୍ଟାଚାର ଆଦି ଅନେକ ରୋଗ ସମାଜକୁ ଗ୍ରାସ କରି ରଖିଛି ।ଆମକୁ କେବଳ ବୈଜ୍ଞାନିକ ଚିନ୍ତନ ଦ୍ୱାରା ପୃଥିବୀର ସମସ୍ତ ଜୀବଜଗତର କଲ୍ୟାଣ କରିବାକୁ ହେବ । ଏହା କେବଳ ମନୁଷ୍ୟର ହିଁ ଦାୟିତ୍ୱ; ଅନ୍ୟ ଜୀବଜଗତ ଦ୍ୱାରା ହୋଇପାରିବ ନାହିଁ । ଦେଶର ସୀମା ସୁରକ୍ଷା କରିବା ବାହାନାରେ କୋଟିକୋଟି ଟଙ୍କା ନଷ୍ଟ ନ କରି ଆମେ ଏକତ୍ରିତ ହୋଇ ମାନବ କଲ୍ୟାଣ ପାଇଁ କାମ କରିବା ଏବଂ ମାନବ ଜୀବନକୁ ସୁଖୀ କରିବା ।

କେ.ଆର. ପୁରମ, ବାଙ୍ଗାଲୋର

# କେବେ ପାହିବ ସକାଳ ?



ଅନନ୍ତ ବାଗ

କେବେ ପାହିବ ସକାଳ ?
ରାତିର ଅନ୍ଧକାର ଭିତରେ
ରହି ରହି ପାଲଟି ଗଲୁଣି
ହତ୍ୟାକାରୀ,ବିଦ୍ରୋହୀ ପୁଣି ମାଓବାଦୀ !!

ସ୍ୱାଧୀନ ଭାରତର ସ୍ୱପ୍ନ
ଦେଖିଥିଲ ଦିନେ
ଯୋଉ ସ୍ୱପ୍ନ ପାଇଁ
ହଜାର ହଜାର ରକ୍ତ ବୁହାଇଲ
ସେଇ ସ୍ୱପ୍ନ ପୂରଣ ହୋଇ ପାରିଛି କ'
ସତେ?

କଢ କଢ ଶବ ପୋଡୁଛି ଏ ମାଟିରେ
ଆଜି ବି' ସ୍ୱାଧୀନତା ପାଇଁ
ଲଢୁଅଛୁ ପ୍ରତି ସେକେଣ୍ଡରେ,
ଦୁଃଖ ,ଦାରିଦ୍ର ପୁଣି ବାତ୍ୟା,ମରୁଡି
ଗ୍ରାସୁଅଛି ଥରକୁ ଥର
ବିତ୍ତଶାଳୀମାନେ ଏବେବି
କରୁଛନ୍ତି ଏଠାରେ ଶାସନ !!

ମନୁଷ୍ୟ ଭିତରେ
ହୋଇ ପାରିଛି କ' ସୂର୍ଯ୍ୟୋଦୟ ?
ହିଂସା,ଦ୍ୱେଷରେ ଘାରିଆଡେ ଅନ୍ଧାର
ନୂତନ ଆଲୋକ ପାଇଁ
ଆଜି ସମସ୍ତେ ହାହାକାର
କେବେ ପାହିବ ସକାଳ ?

ପିତାମହୁଲ,ରାଣୀପୁର-ଝରିଆଲ,
ଅଲଣ୍ଡା, ବଲାଙ୍ଗୀର



# ବି.ଏଡ୍ - ବିନାସ



ଏମ୍. ବିଜୟ କୁମାର

ଦିନେ ନା ଦିନେ ଜରୁର ହେବା
ହେବାତ ହେବା ଜରୁର ହେବା
ଅମାନତ ଆମର ଇଁ ହକ
ଉପରୁ ତଳକେ ବିପଲବ
ଶିବଜଟାନୁ ଗଗାଁ ଝରିଲ୍
ଲେଖେଁ ମୁକତି ଦେବାର ଲ୍‌ଗି
ସୁଉଚ୍ଛ ପବିତର ପାନେ
ଝର ଝର ଝରନ ଝରବା
କାନେ କାନେ ଇଉଲଗୁଲ୍‌ନ
ଘରକେ ଘର ହୋଇ କହେବା
ଇଁ ଆଖେଁ ମୁରତି ଦେଖବା
ଦିନେ ନା ଦିନେ ଜରୁର ହେବା
ହେବାତ ହେବା ଜରୁର୍ହେବା
ଜୋର ଜାର ସେ ଆନଦୋଳନ
ସାମାଜିକ ପରିବରତନ
ପରକୁତି ନଅମ୍ ଯେତାନ
ଗୁଟେ ଗୁଟେ କରି ବଦଲବା
ସମିଆ ଜାନେ ଆଗର କଥା
ଦେଖ୍ ମୁନୁସ୍ ସୁଧରି ଯିବା
ଦିନେ ନା ଦିନେ ଜରୁର ହେବା
ହେବାତ ହେବା ଜରୁର ହେବା
ସମାଜ ନ ବିଗ୍ଯର କ୍ରାନତି

ଜାଏତ୍ କେ ଛାଡ ସମାଜଥି
ଜୁଡ ବଲି ବିବେକ କହେବା
ଜନତା ସମୁଦର ବାଗୁର୍
ଦେଖ୍ ସଭୁ ମିଶି ଏକ ହେବା

ଇଁ ସ୍ୱାଧୀନ ଚନତା ଚେତନା
ଜାଗରତ ନାଇହେଲେ କାଣା
କାହି କେନେ ବିପଲବ ହେଇଛେ
ସ୍ୱାଭିମାନ ମାନ ସନମାନ
ଲ୍‌ଗି ଏକା ଲଢେଇ ଗୃହିଛେ
କଛି ନାଇପାରେ ଜାନ ଯିଏ
ଗୁଲ୍‌ମକେ ଉପଭୁଗ୍ କରେ
ସେ କାଣା ବିପଲବ କରବା
କ୍ରାନତି ହେବତା ସୋଜ ନାଇ
ହୁଏ ମାହାଲିଆ ତାର ସୁକେ
ତନମନ ଜୀବନ ଆର ବି
ଧନ ଜନ ଏକ ହେଲେ ଲୁକେ
ବିଦର୍ହେର ନଆଁ ଛେପେଲି
ଯାଏ ଛନେକେ କୁନାକେ କୁନା
ବିପଲବ ଲ୍‌ଗିଁ ଦରକାର
ସତସାହସ ଓ ଦୃଢମନା
ତେହିଁରୁ ଯାଇ ଆନଦୋଳନ
ଜବରହେବା ପରିବର୍ତ୍ତନ

ସେଦିନେ ହେବା ଜରୁର ହେବା
ଜାନଥ ବଡେଟେ ବିପଲବ
ଭାରତ ଦେଶୁ ସମପୁରୁନ୍
ଜାତେ-ବିନାସ କରିହେବ
ଏପନ୍ ଦିନେ କ ଉପର ଜାତ୍
ତଳ ଜାଏତର ଟୁକେଲ ଏକ
ହଜୋଗଜୋଧି ବିହାହେବା
ବୁଝାଇ ସୁଜେଇ ମାଁ ବୁଆକେ
ନରଭୁଏନେ ଜବାବ ଦେବା
ସେନୁ କ୍ରାନ୍ତି ଜରୁର ହେବା
ଆମେଁଦର ଦେଖିଥିଲେଇ
ଜାଏତ-ବିନାସର ସପନା
ଜୁହାରୁ ଅଛେ ସେ କଥା ଆଜ
ବିବେକୁ ବିଗ୍ଭର କଲେସିନା
ନଅଜ୍ ମଝି ପାଏନ ସୁଦନେ
ସୁଖଲ୍ ପତରଟେ ଘସୁଛେ
ଛିନବକ ଉହୁଲେଇ ଦେବ
ତମର ବିଗ୍ଭର ତ ବଲୁଛେ
କୁଲତା ପିଲ୍‌କେ ଅଘରିଆ
ଗଣ୍ଡା ପିଲ୍‌କେ ଚମାର ନୁନ
ଏନତା ଯଦି ଗ୍ଭଲବା ଧାର୍
ସଭୁ ସମ୍ଭବ ଜିବନେ ପର୍
ବିହାର କେନ୍ତା ଜୁଟା ନଅମ୍
ଗୁଟେ ମୁନୁସ ଜାତିର ଲ୍‌ଗି
ଭ୍‌ବିଛକ ପରୀକ୍ଷା କଇଛକ
ଅସଲକଥା ଦେଉଛେ ମାଗି

ସେଦିନେ ହେବା ଜରୁର ହେବା
ହେବାତ ହେବା ଜରୁର ହେବା
ସେ ଦିନନେ ବଢେଟେ କ୍ରାନତି
ସେନଦିନେ କ ସଭୁ ଜାଏତ୍
ଗୁଟେ ଧାଡିନେ ବସି ଖାଏମା
ବିଅଁସ ଚମକ ପିବା ଦେଖି
ହଟେଇ ପାରଲେ ଜାତ୍-ପାତ୍
ବୈଗ୍ଭରିକ କ୍ରାନତିଟେ ହେବା
ସଭକେ ମୁଇଁ ଜୁଡୁଛେ ହାତ

ସାର୍ ବିଶ୍ୱକେ ଇଁ ମୋର
ଖୁଲ୍‌ମ ଖୁଲ୍
ଖୁଲ୍ ଚଠି ଲେଖିଅଛେ
ସାର୍ ବିଶ୍ୱବାସୀ ପାଇଁ
ଫେରିୟରକେ ସୁରତାକର
ନଆଁ ହୁଲ୍‌ଧରି ଆଗକେ ଗ୍ଭଲ
ଯୁଧାନ କୁଆଁର୍ କୁଆଁରୀକେ
ସପେରେସ୍ ସାଙ୍ଗେ ଇ ଆହ୍ୱାନ
ଜାଏତ-ବିନାସ କରି କରି
ଇତିହାସଟେ କର ରଚନ
ପହେଲ୍ ଜାନ ତାହାକର୍‌ନ୍
ତାର ପରେ ଯାଇ ତମେମାନ୍

ଉତ୍ତର୍, ଗଙ୍ଗୋତ୍ରିନଗର, ଭୁବନେଶ୍ୱର

# ପୁରୁଣା ଦିନର ଭିଜା ଅନୂଭୁତି




ସତ୍ୟବ୍ରତ ପ୍ରଧାନ

ମଲ୍ ଜହ୍ନର ଜୋଛନାରେ
ଗାଁ ନଈର ପୁରୁଣା ତୁଠ ରେ
ମୁକୁଳା କେଶକୁ
ମୁକୁତା ଡୋର ରେ
ଦେଉଥିଲ ଧୋଇ
ମେଂଗ୍ମେଂଗ୍ ହଳଦୀ ବଟାକୁ
ଦେହସାଗ୍ ବୋଲୁଥିଲ
କଣ ସବୁ ଗୁଣୁ ଗୁଣୁ ହୋଇ
ଫେଂରୁଥିଲ ଯେବେ ତୁମେ
ଦରଭିଜା ଫେଂନସ୍ୀ ଶାଢ଼ିରେ
ମୁଁ ବି ଭିଜୁଥିଲି
ଦେଖି ତୁମ ଅନନ୍ୟା ରୂପକାନ୍ତି
ଗାଁ ମୁଣ୍ଡ କେନାଲ ହୁଡାରେ
ଜାଣିନ
ଆଜି ତୁମେ ଆଉ
ଦରଭିଜା ଶାଢ଼ିରେ
ଫେଂରୁଥିବ କ ନାଇଁ
ହେଲେ ଆଜିବି
ମୁଁ ଭିଜି ଯାଏ
ସ୍ୱପ୍ନ ରେ ତୁମ
ଅଧା ଭିଜା ରୂପ କୁ ଯେ ଛୁଇଁ...

ସତ୍ୟବ୍ରତ ପ୍ରଧାନ

ସି.ଏଚ୍.ସି. ପୂଜାରୀଗୁଆ
ନବରଙ୍ଗପୁର, ଓଡିଶା

# ବନ୍ଧୁତାର ପ୍ରପାତ



ଜ୍ୟୋତିର୍ଦିତ୍ୟ ପୁଝାରୀ

ସଂପର୍କରେ ମଗ୍ନହେଇ ଗ୍ଲୁଥିଲି
ଏକ ରହସ୍ୟମୟ ରାସ୍ତାରେ
ପ୍ରିୟତମ ସାଥିରେ
ଅପରିମେୟ ଖୁସି ଆସି ରହିଯାଉଥିଲା
ମୋ ସଂସ୍ପର୍ଶରେ ।


ମୁଁ ବୋଝ ତୁମ ଭ୍ବନାରେ
ଶୂନ୍ୟବାଣୀ ହେଲା
ମୁଁ ଅଯୋଗ୍ୟ ତୁମ ହାସ୍ୟାତ୍ମକ ଦୃଶ୍ୟ
ଇଙ୍ଗିତ କରିଦେଲା ।



ସେଥିପାଇଁ ଏ ହୃଦୟ ଗୁଣୁଗୁଣୁ ହେଲା
ସେଇ ଗଭୀର ବନ୍ଧୁତାର ପ୍ରପାତକୁ
ଯିବାର ସାମର୍ଥ୍ୟ ନାହିଁ
ବଞ୍ଚିବାକୁ ହେବ ମତେ
ସ୍ମୃତିର ସାହାରା ନେଇ ।

କୁଲିଗାଁ, ବଡମହେଶ୍ୱର, ଖଡିଆଳ, ନୂଆପଡା

# ଶିଶୁ ବିଭାଗ





# ରେଳ ଗାଡି

ପ୍ରକାଶ ସାହୁ


ଆସ ରେ ପିଲେ ଖେଳିବା ଗୋଟେ ଖେଳ,
ଆମେ ସବୁ ମିଶି ବନାଇବା ରେଳ।
ଆଗରେ ପିଲେ ଇଞ୍ଜିନ ବନ କରିବେ ବୁକ ବୁକ
ପଛରେ ଆମେ ସବୁ ଡିବା ବନ ହେବୁ ଛୁକ ଛୁକ
ଏହି ଖେଳ ପାଇଁ ଦରକାର ନାହିଁ ତେଲ କ ତାର
ଖାଲି ଦରକାର ମନରେ ଆଗ୍ରହ ଆଉ
ବଳ।



ସିଟି ବଜାଇ ଗ୍ଭଲିବ ଆମ ନୂଆ ଗାଡି
ଦେଖ ଆଗକୁ କେମିତି ବଢିବ ରେଳ ଗାଡି।
ସଭିଏଁ କହିବେ କେମିତି ବଢିଆ ଖେଳ ଟେ
କରିଲ, ସବୁ ପିଲ୍ ଙ୍କୁ ଖୁସି କରେଇଲ।
କଟକ, ଖୋର୍ଦ୍ଧା ର ଯାତ୍ରୀ ଆଗକୁ ଆସିଲେ।
ସେଠୁ ଦହିବଗ୍ ଆଣି ଆମକୁ ଦେଲେ।
ଦହି ବଗ୍ ଖାଇ ଦହି ପାଇଁ କିଛି ଇଛା କଲେ।
ଦହି ନ ପାଇ ପାଣି ରେ ଶୋଷ ମେଣ୍ଟାଇଲେ।
ଖୋର୍ଦ୍ଧା ଷ୍ଟେସନ ଆସିବାର ଥିଲ୍।
ବାଟରେ ନନ୍ଦନକାନନ ପଡିଲ୍ ।
ଜିଦ କରିଲେ କିଛି ଯାତ୍ରୀ ଆମେ ତ,
ଆଜି ବୁଲିବୁ ଟିକେ ଏହି ଚଡିଆଖାନା।

ଉପାୟ ନ ପାଇଁ ଡ୍ରାଇଭର ଧାଇ ଗାଡି ରଖିଲା ।
ସମସ୍ତ ଙ୍କୁ ସିଏ ବୁଲାଇ ନେଲା ।
ସବୁ ବୁଲିସାରି ,ସବୁ ଦେଖିସାରି,
ସଭିଏଁ ରେଳ ରେ ସବାର ହେଲେ ।
ବିଳମ୍ବ ପାଇଁ ଡ୍ରାଇଭର ଗାଡି କୁ ସ୍ପୀଡ଼ କଲେ ।
ସିଟି ଖାଲି ବଜାଇ ବଜାଇ ।
ଇଞ୍ଜିନ କରିଲା ବୁକ ବୁକ
ଦିବା ସବୁ ହେଲା ଛୁକ ଛୁକ ।
ଟିକେଟ ଫିକେଟ କିଛି ନାହିଁ ।
ଲାଗୁଛି ଆମର କିଛି ଦାମ ନାହିଁ ।
ଆସିଲା ଯେବେ ଷ୍ଟେସନ ଖୋର୍ଦ୍ଧା
ରହିଗଲା ସବୁ ରେଳ ଗାଡି ର ଡିବା ।
ସରିଲା ଏବେ ଖେଳ ଆମର
ସଭିଏଁ ଫେରିଲେ ନିଜ ନିଜ ଘର ।

ନାବିକ, ଭାରତୀୟ ନୌସେନା



# ଆସ ଓଡିଆ ଭାଷା ଶିଖିବା

## ଓଡିଆ ବର୍ଣ୍ଣ

### ସ୍ୱର ବର୍ଣ୍ଣ

ଅ ଆ ଇ ଈ ଋ

ଏ ଐ ଓ ଔ

### ବ୍ୟଞ୍ଜନ ବର୍ଣ୍ଣ

କ ଖ ଗ ଘ ଙ ଚ ଛ ଜ

ଝ ଞ ଟ ଠ ଡ ଢ ଣ ତ

ଥ ଦ ଧ ନ ପ ଫ ବ ଭ

ମ ଯ ର ଲ ୱ ଶ ଷ ସ

ହ ଂ ଃ ଁ

### ଅତିରିକ୍ତ ବର୍ଣ୍ଣ

କ୍ଷ ଡ଼ ଢ଼ ୟ ଳ

# ଚଠି ଆଉ ମା



ପ୍ରକାଶ ସାହୁ

ସ୍ୱାମୀ ଙ୍କ ର ଦେହାନ୍ତ ପରେ ମା ଟି ନିଜ ଛୋଟ ପୁଅ ସହିତ ଏକ ଗ୍ରାମ ରେ ଜର୍ଜୀର୍ଣ୍ଣ ଅବସ୍ଥା ରେ ଥିବା ଗୋଟେ କୁଡ଼ିଆ ରେ ରହି ଆସୁଥିଲା ।ମା ଟି ର ଆଖି ରେ ତାର ପୁଅ ପାଇଁ ଅନେକ ସ୍ୱପ୍ନ ଥିଲା, ତା ପୁଅ ପାଠ ପଢିବ, ଭଲ ଚାକିରୀ କରିବା, ଏମିତି । ଯାହା ଗୋଟେ ମା ତା ପୁଅ ପାଇଁ ସବୁବେଳେ ଚିନ୍ତା କରିଥାଏ । ସେଥି ପାଇଁ ମା ଦିନ ତମାମ କାମ କରି କିଛି ଅର୍ଥ ସଞ୍ଚୟ କରି ଆଣେ । ସେଥିରେ ସେ ତାର ପୁଅ ର ଯତ୍ନ ନିଏ । ଧୀରେ ଧୀରେ ଶିଶୁ ଟି ବଡ ହୋଇ ବିଦ୍ୟାଳୟ ଯିବା ପାଇଁ ଉପଯୁକ୍ତ ହୋଇଗଲା ।ମା ବହୁତ ଚିନ୍ତା ରେ ପଡିଗଲା, ଏତେ କମ ପାରିଶ୍ରମିକ ରେ ତିନି ଟାଇମ ଖାଇବା ଯୋଗାଡ଼ କରିବା ମୁସ୍କିଲ ହୋଇପଡୁଥିଲା ।ତା ପୁଅ କୁ କେମିତି ପାଠ ପଢାଇବ **?** ପରେ ମା ଟି ଗୋଟେ ଜମିଦାର ଙ୍କ ଘରେ ଚାକରାଣୀ ଭାବେ କାମ କଲା ।ନିଜ ପୁଅ ର ଯତ୍ନ ନେବାରେ ଅସୁବିଧା ହେବାରୁ, ତା ପୁଅ କୁ ଛାତ୍ରାବାସ ରେ ରଖି ପାଠ ପଢାଇଲା । ଏମିତି ରେ ଦୁଇ ରୁ ତିନି ବର୍ଷ ବିତିଗଲା । ହଠାତ ଦିନେ ପୁଅ ଫେରି ଆସିଲା ତାର ମା ପାଖକୁ ସମସ୍ତ ବହି ପତ୍ର ଆଉ ଡ୍ରେସ ନେଇଆସିଥିଲା ସାଙ୍ଗ ରେ ।

ମା-(ବ୍ୟସ୍ତ ବିବ୍ରତ ହୋଇ) ଆରେ କାହିଁକି ଚାଲିଆସିଲୁ **?** ଏବେ ତ ବିଦ୍ୟାଳୟ ଛୁଟି ନାହିଁ। କଣ ହେଲା **?**

ପୁଅ-ମା ର ମୁହଁ କୁ ଚାହିଁ ରହିଥାଏ ।

ମା-ଆରେ ତୁ କିଛି କହୁନୁ କାହିଁକି**?** ମୁ ତୋ ପାଇଁ ନିଜ କୁ ଜମିଦାର  ପାଖରେ ବିକ୍ରି କରିଦେଲି, ଆଉ ତୁ ବିଦ୍ୟାଳୟ ଛାଡି ଚାଲିଆସିଲୁ ।

ପୁଅ-ପୂର୍ବ ପରି ମା ର ମୁହଁକୁ ଗ୍ଚହିଁ ରହିଥାଏ ।

ମା-(ଏଥର ଗ୍ରଗିଯାଇ) କଣ ହୋଇଛି ? କଛି ତ କହ ନ କହିଲେ ମୁ କେମିତି ଜାଣିବି?

ପୁଅ ମା ର ଚନ୍ତିତ ମୁହଁକୁ ଦେଖି ଗୋଟେ ଚଠି ବଢାଇ ଦେଲ୍ ।

ମା-ଏଇଟା କଣ?

ପୁଅ-ମା ଏ ଚଠି ଆମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ତୋ ପାଇଁ ଦେଇଛନ୍ତି।ଆଉ ମୋତେ ବିଦ୍ୟାଳୟ ରୁ ତଡିଦେଲେ ।

-ମୁଁ ସତ କହୁଛି ମା ମୁଁ କଛି ଭୁଲ କରିନାହିଁ ।କାହା ସହିତ ଝଗଡା କରିନାହିଁ ।

ମା ଚଠି ପଢ଼ିସାରି କଛି ସମୟ ପାଇଁ ଚୁପ ରହିଲ୍ । ତାର ଆଖିରୁ ଲୁହ ଧାର୍ ଗଡ଼ିଆସିଲ୍।

ପୁଅ- ମା ତୁ କାନ୍ଦୁଛୁ କଣ ହେଲ୍ ?କଣ ସେ ଚଠି ରେ ଲେଖା ହୋଇଛି ମା?

ମା-(ପୁଅ କୁ ନଜ ଛାତି ରେ ଗ୍ଚପି ଧରି ନଜ ଆଖି ରୁ ଲୁହ ପୋଛି)ନାହିଁ ରେ କଛି ନାହିଁ ସେମାନେ ଚଠି ରେ ଲେଖିଛନ୍ତି, ଆପଣଙ୍କ ଙ୍କ ପୁଅ ବହୁତ ଭଲ ପଢୁଛି ।ଆମେ ଆପଣଙ୍କ ପୁଅ କୁ ପଢ଼ାଇବା ପାଇଁ ସକ୍ଷମ ନୁହେଁ । ଆପଣ ଙ୍କ ପୁଅ ବଡ ହେଲେ ବହୁତ ଭଲ କରିବ। ଦୟାକରି ଆପଣ ଆପଣ ଙ୍କ ପୁଅ କୁ ଏକ ଭଲ ବିଦ୍ୟାଳୟ ଦେଖି ନାମ ଲେଖାଇ ଦିଅନ୍ତୁ ।

ମା- ମୁଁ ଆଜି ବହୁତ ଗର୍ବିତ । ତୋ ପରି ପୁଅଟିଏ ପାଇ ଥିବା ରୁ । ତୁ ବ୍ୟସ୍ତ ହୋଅନ , ମୁଁ ତୋ ନାମ ଗୋଟେ ଭଲ ବିଦ୍ୟାଳୟ ରେ ଲେଖେଇ ଦେବି ।

ପୁଅ-ମା ମୁଁ ଆଉ ପଢ଼ିବାକୁ ଛାତ୍ରବାସ ଯିବିନାହିଁ, ମୁଁ ତୋ ପାଖ ରେ ରହି ପାଠ ପଢ଼ିବି ମା।

ମା ଜମିଦାର ଙ୍କୁ କହି ପୁଅ କୁ ନଜ ପାଖ ରେ ରଖିଲ୍ । ତାର ନାମ ପାଖ ରେ ଥିବା ଏକ ସରକାରୀ ବିଦ୍ୟାଳୟ ରେ ନାମ ଲେଖାଇଦେଲ୍ । ମା ସବୁବେଳେ ତା ପୁଅ କୁ ଜଗି

ରହିଥିଲା ।ତା ପୁଅ କୁ ସବୁବେଳେ ବୁଝାଉଥିଲା, ପୁଅ ରେ ମନ ଦେଇ ପାଠ ପଢ଼। ତୋ ପାଇଁ ମୁଁ କେତେ ପରିଶ୍ରମ କରୁଛି । ତୋ ବାପା ଆଉ ଦୁନିଆରେ ନାହାନ୍ତି । ତୁ ପାଠ ପଢି ଭଲ ମଣିଷ ଟେ ହେଲେ ତୋ ବାପା ସ୍ୱର୍ଗ ରେ ଥାଇ ଖୁସି ହେବେ ।ମୋ ପରିଶ୍ରମ ସାର୍ଥକ ହବ ॥

ପୁଅ କୁ ମା ର କଥା ସବୁ ବହୁତ ପ୍ରଭାବ ପକାଇଥିଲା । ସେ ଆହୁରି ଭଲ ପଢିଲା । ସୋପାନ ପରେ ସୋପାନ ଅତିକ୍ରମ କରି ସେ ସମସ୍ତ ପରୀକ୍ଷା ରେ ସଫଳ ହେଲା ଏବଂ ସଫଳତା ରେ ଶୀର୍ଷରେ ରେ ପହଞ୍ଚି ଗଲା । ସେ ସର୍ବ ଭାରତୀୟ ପ୍ରଶାସନିକ ପରୀକ୍ଷା ରେ କୃତକାର୍ଯ୍ୟ ହୋଇ, ରାଜଧାନୀ ର ଏକ ସରକାରୀ କାର୍ଯ୍ୟାଳୟ ରେ ଉଚ୍ଚ ପଦବୀ ରେ ଚାକରୀ ପାଇଲା । ମାତ୍ର ତାର ଏ ସଫଳତା ପଛରେ ଯାହାର ହାତ ଥିଲା, ଯେ ତାକୁ ସବୁବେଳେ ବୁଝାଉଥିଲା, ଯେ ତା ପାଇଁ ଦିନ ରାତି ପରିଶ୍ରମ କରୁଥିଲା । ତାର ମା ଆଉ ଏ ଦୁନିଆରେ ନ ଥିଲା । ତାର ମା ଚାଲିଯାଇଥିଲା ତାର ବାପା ଙ୍କ ପାଖ କୁ ।ମା କଥା ମନେ ପକାଇ ସେ କାନ୍ଦିପକାଇ ଥିଲା ।

ଥରେ ସେ ନିଜ ଅଫିସ ରୁ ଛୁଟି ନେଇ ଗାଁ କୁ ବୁଲିବାକୁ ଗଲା । ଗାଁ ରେ ପହଂଚବା ପରେ ସେ ସେହି ଭଙ୍ଗା କୁଡ଼ିଆ ଘର କୁ ଗଲା, ଯେଉଁଠି ଦିନେ ସେ ତାର ମା ସହିତ ରହିଥିଲା ।

କୁଡ଼ିଆ ସଂପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥା ରେ ଥିଲା । କୁଡିଆ ଘର ର ଛାତ ପୁରା ନଷ୍ଟ ହୋଇଯାଇଥିଲା । ତଳେ ଛୋଟ ଛୋଟ ଗଛ ରେ ଭରପୁର ହୋଇଯାଇଥିଲା । ଶୀତ ତାପ ନିୟନ୍ତ୍ରୀତ ଘରେ ରହୁଥିବା ବାବୁ ଙ୍କୁ ବିଶ୍ୱାସ ହେଲାଣି ଯେ ସେ ଦିନେ ଏହି ଘରେ ରହିଥିଲେ । ଏମିତି ଘର ଭିତରେ ଚାରିଆଡେ ଆଖି ବୁଲାଉ ବୁଲାଉ ବାବୁ ଙ୍କ ରେ ଆଖି ପଡି ଯାଇଥିଲା ଗୋଟେ ଭଂଙ୍ଗା କଳଙ୍କି ଲାଗିଥିବା ଅଲମିରା ଉପରେ । ସେ ଅଲମିରା ର କବାଟ ଖୋଲି ଯାହା ଦେଖିଲା ତାହା ତାକୁ ଚମକେଇ ଦେଇଥିଲା । ଅଲମିରା ରେ ଦେଖିବାକୁ ପାଇଲା ତାର ସେହି ପୁରୁଣା ୟୁନିଫର୍ମ, ବହି, ଡ୍ରେସ, ଖାତା, ଫୋଟୋ, ସବୁ କିଛି ଧୂଳି ରେ ଆଚ୍ଛାଦିତ ହୋଇ ମଇଳା ଦେଖା ଯାଉଥିଲା ।ୟା ଭିତରେ ସେ ଏକ ଭାଗବତ

ଗୀତା ର ବହି ରେ କିଛି କାଗଜ ଟିକୁଡ଼ା ଦେଖିବାକୁ ପାଇଲା ।ପରେ ବହି ରୁ ଧୂଳି ଝାଡ଼ି ସେଥି ରୁ କାଗଜ ର ଟୁକୁଡ଼ା କୁ ବାହାର କରିଥିଲା ।


ଏ କଣ **?** ଏ ତ ସେହି ଚିଠି ଯାହା ମୁଁ ବିଦ୍ୟାଳୟ ରୁ ତଡା ଖାଇ ସାଙ୍ଗ ରେ ନେଇ ଆସିଥିଲି ଆଉ ମା କୁ ଦେଇଥିଲି। କିନ୍ତୁ ମା ଏ ଚିଠି କୁ ଏ ଯାଇ କାହିଁକି ରଖିଥିଲା ।

ସେ ଚିଠି ଖୋଲି ପଢିବାକୁ ଆରମ୍ଭ କଲା ।ଚିଠି ରେ ଏମିତି ଲେଖା ଥିଲା," ସମ୍ମାନନୀୟ ପିତାମାତା, ମୁଁ ଏ କଥା ପ୍ରକାଶ କରିବାରେ ବହୁତ ଦୁଃଖିତ। ତଥାପି ଆପଣଙ୍କ ପିଲା ର ଭବିଷ୍ୟତ ପାଇଁ ଲେଖୁଅଛି। ଆପଣ ଙ୍କ ପୁଅ ପଢା ରେ ବହୁତ ଦୁର୍ବଳ । ଆମ ବିଦ୍ୟାଳୟ ର ଶିକ୍ଷକ ଏବଂ ଶିକ୍ଷୟତ୍ରୀ ମାନେ ବହୁତ ଚେଷ୍ଟା କରିବା ପରେ ବି ଆମେ ଅସମର୍ଥ । ସେଥି ପାଇଁ ଆମେ ଆପଣଙ୍କ ପିଲା କୁ ଆମ ବିଦ୍ୟଳୟ ରୁ ବରଖାସ୍ତ କରିଦେଲୁ ।ଦୟାକରି ଆପଣ ଆପଣଙ୍କ ପିଲା କୁ ଅନ୍ୟ କେଉଁ ବିଦ୍ୟଳୟ ରେ ନାମ ଲେଖାଇଦିଅନ୍ତୁ ।

ଚିଠି ପଢି ସରିବା ପରେ ବାବୁ ଜଣ ଙ୍କ ଭୂମି ରେ ବସି ପଡ଼ିଲେ । ଆଉ ଭାବି ଲାଗିଲେ ସେଦିନେ କାହିଁକି ତା ମା କାନ୍ଦିପକାଇ ଥିଲା, କାହିଁକି ସେ ସବୁବେଳେ ମୋତେ ବୁଝାଉଥିଲା ପାଠ ପଢିବାକୁ, କାହିଁକି ସେ ସବୁବେଳେ ଚିନ୍ତା କରୁଥିଲା, କାହିଁକି ସବୁବେଳେ ଦୁଃଖ ରେ ରହୁଥିଲା । ଯେଉଁ ସବୁ ପାଇଁ ସେ ଏତେ ପରିଶ୍ରମ କରୁଥିଲା, ଏତେ ଚିନ୍ତା କରୁଥିଲା । ସେ ସବୁ ସେ ଦେଖିବା ପାଇଁ ଆଉ ଏ ଦୁନିଆରେ ନାହିଁ । ସେହି ଚିନ୍ତା ହିଁ ତା ପାଇଁ କାଳ ହେଲା । ଉଚ୍ଚ ରକ୍ତ ଚାପ ରେ ଦେହ ତ୍ୟାଗ କଲା । ମୋତେ ଛାଡ଼ି ବାପା ଙ୍କ ପାଖ କୁ ଚାଲିଗଲା । ଏମିତି ଭାବୁ ଭାବୁ ବାବୁ ଙ୍କ ଆଖି ଲୁହ ରେ ଛଳ ଛଳ ହୋଇ ଉଠିଲା ।

ଏହି ଗଳ୍ପ ରୁ ଆମେ ଶିଖିଲେ ପଢା ରେ କୌଣସି ପିଲା ନିଜ କୁ ଦୁର୍ବଳ ମନେ କରିବା ଉଚିତ ନୁହେଁ। ପରିଶ୍ରମ କରି ପଢିଲେ ସେହି ପିଲା ପରି ବି ଭଲ ମଣିଷ ହୋଇ ପାରିବ।

ନାବିକ, ଭାରତୀୟ ନୌସେନା




# ପୁସ୍ତକ ସମୀକ୍ଷା

## ତଟଶୂନ୍ୟ ଶୂନ୍ୟତା – ଏକ କାହାଣୀମୟ ଗଳ୍ପ ସଂକଳନ

**ଗାଳ୍ପିକ – ଭଗିରଥୀ ବେହେରା**
**ପ୍ରକାଶକ – ସାଇ ଯମୁନା ପବ୍ଲିକେଶନ୍ସ,**
**ଝାଞ୍ଜିରୀମଙ୍ଗଳା, କଟକ**
**ପୃଷ୍ଠା – ୧୦୮, ମୂଲ୍ୟ – ୧୦୦ ଟଙ୍କା**


ଭଗିରଥୀ ବେହେରା

ଓଡିଆ ଗଳ୍ପ, କବିତା ଓ ଉପନ୍ୟାସ ଜଗତରେ ଲେଖକ ଭଗିରଥୀ ବେହେରା ଜଣେ ଚହ୍ନାମୁହଁ। ପୂର୍ବରୁ କବିତା ସଂକଳନ "ଏକା ଏକା ହୃଦୟ" ଏବଂ ଉପନ୍ୟାସ "ମାନବ" ପାଇଁ ତାଙ୍କୁ ଅଜସ୍ର ପାଠକୀୟ ଶ୍ରଦ୍ଧା ମିଳସାରିଛି। ତେବେ ବିଭିନ୍ନ ପତ୍ରପତ୍ରିକାରେ ବେଶ କଛି ମନଛୁଆଁ ଗଳ୍ପ ଲେଖିଥିବା ଶ୍ରୀ ବେହେରାଙ୍କର ଏହା ପ୍ରଥମ ଗଳ୍ପ ସଂକଳନ। ଏଥିରେ ସ୍ଥାନ ପାଇଛି ମାତ୍ର ନଅଟି ଗଳ୍ପ। ଗଳ୍ପ ଗୁଡିରକେ ରୋମାଣ୍ଟିକ ଭାବଧାରା ରହିଥିଲେ ସୁଦ୍ଧା ସେଥିରେ ସମସାମୟିକ ସମାଜର ନିଛକ ଛବି ଦେଖିବାକୁ ମିଳେ। ପୁଣି ଜୀବନ ଦର୍ଶନର ଦର୍ପଣ ପ୍ରତିବିମ୍ବିତ କରି ଚରିତ୍ରମାନଙ୍କ ଚେହେରାମାନଙ୍କୁ।




ତାଙ୍କର ତଟଶୂନ୍ୟ ଶୂନ୍ୟତା, ନିରୁଦ୍ଧି ନାୟକ, ସନ୍ୟାସର ପଥରେ, କଦମ୍ବମୂଳର ନଗ୍ନସତ୍ୟ, ସୁନ୍ଦରୀ ଭାଉଜଙ୍କ ବାହାଘର ଓ ନୀରବ ନିଷ୍ପତ୍ତି ଗଳ୍ପ ଗୁଡିକରେ ପ୍ରେମ, ପଣୟ, ଭଲପାଇବା ଓ ହୃଦୟ ଦିଆନିଆର ସୁଗନ୍ଧିତ ପ୍ରବାହ ସବୁ ଗପଗୁଡିକୁ ଆରମ୍ଭରୁ ଶେଶ ପର୍ଯ୍ୟନ୍ତ ଆଚ୍ଛାଦିନ କରି ରଖିଛି। ଗୋଟିଏ ହୃଦୟକୁ ଅନ୍ୟ ଏକ ହୃଦୟ ସହିତ ଯୋଡିବାର ନିରୁତା ପ୍ରୟାସ ସବୁ ଗଳ୍ପରେ ସେ କରିଛନ୍ତି।

ତାଙ୍କର ପ୍ରଥମ ଗଳ୍ପ "ତଟଶୂନ୍ୟ ଶୂନ୍ୟତାରେ" ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମାନସିକ ଦ୍ୱନ୍ଦ ଓ କୁହେଳିକାର ଏକ ପରଳା ଆସ୍ତରଣରେ ଆଚ୍ଛାଦିତ । ଶେଷ ପରିଣତି ଜାଣିବାର ଉତ୍କଣ୍ଠା ଓ ବ୍ୟାକୁଳତା ପାଠକ ମନରେ ଆବେଗ ସୃଷ୍ଟିକରେ । ଏ ଗଳ୍ପରେ ନାୟିକାର ବାନ୍ଧବୀ ପ୍ରତି ସମର୍ପଣ ଏବଂ ସ୍ତ୍ରୀକୁ ହରେଇ ଜୀବନ ସମୁଦ୍ରରେ ତଟ ଆବଶ୍ୟକ କରୁଥିବା ନାୟକର ଶୂନ୍ୟତାକୁ ସଙ୍କଳନର ନାମକୁ ପ୍ରତିପାଦିତ କରିପାରିଛି ।

"ଅଚହ୍ନା ଇଲାକାର ଚହ୍ନା ପୃଥିବୀ" ଗଳ୍ପରେ ଆଦିବାସୀ ଜୀବନର ଝଲକ ଦେଖିବାକୁ ମିଳେ । ପ୍ରକୃତିର ସନ୍ତାନଙ୍କ ସରଳ, ନିଷ୍କପଟ, ଓ କଷ୍ଟସହିଷ୍ଣୁ ଜୀବନ ଅସହାୟ ମଣିଷକୁ ଆକୁଣ୍ଠିତ ଚିତ୍ତରେ ସହାୟତ୍ ଓ ସହଯୋଗର ହାତ ବଢେଇବାରେ ପଛାଏ ନାହିଁ । ଜଣେ ଫରେଷ୍ଟ ଅଫିସରଙ୍କ ବନମୟ ଜୀବନ ଅତୀତର ଘଟଣା ପୁଣିଥରେ ଭିନ୍ନରୂପ ନେଇ ସମ୍ମୁଖକୁ ଆସିବା ଏବଂ ତାକୁ ସହୃଦୟରେ ନିଜର ପୃଥିବୀର ଅଂଶ ମାନନେବାର ଚମତ୍କାର କାହାଣୀ ଏ ଗଳ୍ପକୁ ସାର୍ଥକତାରେ ଭରିଛି ।

"ଲମ୍ପଟ ଆତଙ୍କବାଦୀ" ଶ୍ରୀ ବେହେରାଙ୍କର ଅନ୍ୟ ଏକ ଚମତ୍କାର ଗଳ୍ପ । ଆତଙ୍କବାଦ ଆଜି ବିଶ୍ୱର ଏକ ଭୟଙ୍କର ସମସ୍ୟା ଭାବରେ ଉଭା ହୋଇଛି । ହତ୍ୟା, ଲୁଣ୍ଠନ ଓ ଧ୍ୱଂସ ଏମାନଙ୍କର ଶ୍ରେୟ ଓ ଧେୟ । ମରିବା ଓ ମାରିବା ତାଙ୍କ ସମ୍ମୁଖରେ ଦୁଇଟି ରାସ୍ତା । ସାଂପ୍ରତିକ ଲଭ ଜୀହାଦକୁ ନେଇ ଘଟୁଥିବା ଘଟଣାର ଏହା ଏକ ଜ୍ୱଳନ୍ତ ଉଦାହରଣ । ଗଳ୍ପର ନାୟିକା ଯେତେବେଳେ ଜାଣିପାରିଛି ତା ପ୍ରେମିକ ଜଣେ ଆତଙ୍କବାଦୀ, ସେତେବେଳେ ସେ ନିଜ ହାତରେ ହିଁ ଆତଙ୍କବାଦୀକୁ ହତ୍ୟା କରିବାର ଷଡଯନ୍ତ୍ର ରଚିଛି ।

ଭୋଗ ନୁହେଁ ତ୍ୟାଗରେ ହିଁ ଥାଏ ଜୀବନର ଚରମ ସାର୍ଥକତା । "ବସନ୍ତପର ଝିଅ" ଗଳ୍ପର ଏହି ସନ୍ଦେଶ ସମାଜ ପ୍ରତି ଉଦ୍ଧିଷ୍ଟ । ଯେଉଁଠି ସ୍ୱାମୀର ଜୀବନ ବଞ୍ଚେଇବାକୁ ସ୍ତ୍ରୀ ନିଜ ଦେହକୁ ବି ତ୍ୟାଗ କରିଦେବାରେ ପଛଘୁଞ୍ଚା ଦେଇନ, ସେଠି ତା ସ୍ୱାମୀକୁ ବଞ୍ଚଉଥିବା ମଣିଷ ତା ଦେହକୁ ସ୍ୱୀକାର କରୁନ । କାରଣ ସେ ନିଜ ସ୍ୱର୍ଗତ ପ୍ରାଣପ୍ରିୟା ପତ୍ନୀକୁ ଧୋକା ଦେବାକୁ ଚାହୁଁନ । ତ୍ୟାଗ ଓ ସମର୍ପଣ ଏବଂ ଭାରତୀୟ ମୂଲ୍ୟବୋଧର ଏକ ପ୍ରତୀକ ଏ ଗଳ୍ପ ।

"ସୁନ୍ଦରୀ ଭାଉଜଙ୍କ ବାହାଘର" ଗଳ୍ପରେ ସମାଜର ପ୍ରଚଳିତ ସାମାଜିକ ବ୍ୟବସ୍ଥା, ପରମ୍ପରା ଓ ଜାତିଆଣ ପ୍ରଥାର ସୁନ୍ଦର ପ୍ରତିଫଳନ ଘଟିଛି । ପରିଣତ ବୟସରେ ଜାତିପ୍ରଥାର କଠୋର ନିଷ୍ପତ୍ତିକୁ ମାନନେଇ ନାୟକ ନାୟିକାର ପୁନଃବିବାହ ପାଠକକୁ ନିଶ୍ଚୟ ଆଶ୍ଚର୍ଯ୍ୟ କରିବ ।

ପାରିବାରିକ ସଂସାରକୁ ଆଗକୁ ବଢେଇବାକୁ ଯାଇ ଗୋଟିଏ ଭଉଣୀର ଅନ୍ୟ ଏକ ଭଉଣୀକୁ ନିଜ ସ୍ୱାମୀକୁ ଗ୍ରହଣ କରିବାର ନୀରବ ଅନୁରୋଧ ଗଳ୍ପ "ନୀରବ ନିଷ୍ପତ୍ତି" ଯେଉଁଠି ହୃଦୟକୁ ବିଦାରେ, ସେଇଠି "ନିରୁଦ୍ଦିଷ୍ଟ ନାୟକ" ଗଳ୍ପରେ ରହସ୍ୟ ହେଇ ରହି ଯାଇଥିବା ସାଧାରଣ ମଣିଷର ଅସାଧାରଣ ପ୍ରେମର ପରାକାଷ୍ଠା ଦେଖିବାକୁ ମିଳିବ ।

ପ୍ରତ୍ୟେକ ଭଲ ଗଳ୍ପ ଗୋଟିଏ ଗୋଟିଏ ବିରଳ ମୁହୂର୍ତ୍ତର ଅନନ୍ୟ ପରିପ୍ରକାଶ । ଯେଉଁ ତିନୋଟି ବିଶେଷତାକୁ ନେଇ କାହାଣୀ ସୃଷ୍ଟି ହୁଏ ତାହା ହେଲା ଥିମ୍, ପ୍ଲଟ ଓ ଚରିତ୍ର । ଘଟଣା, ଚରିତ୍ର,ବାତାବରଣ ଆଦି ସବୁ ମିଶି କାହାଣୀଟିଏ ଗଢନ୍ତି । ଏହି ଦୃଷ୍ଟିରୁ ବିଚାର କଲେ ଶ୍ରୀ ବେହେରାଙ୍କର ଏହି ଗଳ୍ପସଂକଳନ ଏକ ସାର୍ଥକ ସୃଷ୍ଟି । କହିବାକୁ ଗଲେ "ତଟଶୂନ୍ୟ ଶୂନ୍ୟତା" – ଏକ କାହାଣୀମୟ ଗଳ୍ପ ସଂକଳନ ।

~~~~~

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି, ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା: vedantimagazine@gmail.com & editor.vedantimagazine@gmail.com.

Whatsapp & Mobile: 9594993733
~~~~~


# ଲେଖକ ପରିଚୟ





ବାଲ୍ମୀକ ନାୟକ


ହେତୁବାଦୀ ବାଲ୍ମୀକ ନାୟକ ଗଂଜାମ ଜିଲ୍ଲାର ପାଟଗ୍ରପଲ୍ଲୀ ଗ୍ରାମରେ ୧୯୫୧ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ଭାରତୀୟ ବାୟୁସେନାର ସେ ଜଣେ ଅବସରପ୍ରାପ୍ତ ଇଲେକ୍ଟ୍ରିକାଲ ଇଂଜିନିୟର । ନିଜର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଯୋଗୁଁ ଆସ୍ତିକବାଦରେ ଅନେକ ପ୍ରକାର ବିରୋଧାଭାସ ରହୁଥିବା ଦେଖି ତାଙ୍କ ମନରେ ଅସଂଖ୍ୟ ପ୍ରଶ୍ନ ଉଠିଲା । ପ୍ରଶ୍ନ ଗୁଡିକର ତର୍କ ସଂଗତ ଉତ୍ତର ନ ପାଇ ସେ ମାନସିକ ସଂତାପ ଭୋଗ କରୁଥିଲେ । ଦିନେ "ସରିତା" ନାମକ ହିନ୍ଦୀ ପତ୍ରିକାରେ ଗୋଟିଏ ହେତୁବାଦୀ ପ୍ରବଂଧ ପଢି, ତାଙ୍କ ମନରେ ଆଶାର ସଂଚାର ହେଲା । ସେ ଆହୁରି ଅନେକ ହେତୁବାଦୀ ପ୍ରବଂଧ ସଂଗ୍ରହ କରି ପଢିଲେ । ତାଙ୍କର ମନରେ ଅଧିକାଂଶ ଜଟୀଳ ଧାର୍ମିକ ପ୍ରଶ୍ନର ସହଜ ଉତ୍ତର ସେ ଖୋଜି ପାଇଲେ । ସେ ନିଜର ଜୀବନଶୈଳୀରେ ସଂପୂର୍ଣ୍ଣଭାବେ ହେତୁବାଦୀ ବିଚାରଧାରାକୁ ପାଳନ କରୁଛନ୍ତି ।


ଭିତ୍ତିହୀନ ବିଶ୍ୱାସ ଓ ଅହେତୁକ ଭୟକୁ ଦୂର କରି ବୈଜ୍ଞାନିକ ଦୃଷ୍ଟିକୋଣ ଜାଗ୍ରତ କରିବା ପାଇଁ ତର୍କ ସଂଗତ ପ୍ରବଂଧ ଲେଖି ଅନେକ ମୁକ୍ତମନା ସଂପାଦକ ଓ ପାଠକ ମହଲରେ ସେ ପରିଚିତ ହୋଇ ପାରିଛନ୍ତି । ସାହାସୀ ସଂପାଦକମାନଙ୍କ ସହଯୋଗ ଓ ସମର୍ଥନ ମିଳୁଥିବାରୁ ଓଡିଶା ତଥା ଓଡିଶାବାହାରେ ପ୍ରକାଶ ପାଉଥିବା ୬୦ରୁ ଉର୍ଦ୍ଧ ପତ୍ରିକାରେ ୨୫୦ରୁ ଅଧିକ ହେତୁବାଦୀ ପ୍ରବଂଧ ଓ ଗଳ୍ପ ପ୍ରକାଶ ପାଇଛି । ଲେଖକଙ୍କ ୫ଗୋଟି ପ୍ରବଂଧ ସଂକଳନ ପ୍ରକାଶ ପାଇ ପାଠକୀୟ ସ୍ୱୀକୃତି ଲାଭ କରିଛି ।




ହେତୁବାଦୀ ରହସ୍ୟ
ବାଲ୍ମୀକି ନାୟକ


ବାଲ୍ମୀକି ନାୟକଙ୍କ
ହେତୁବାଦର ଆବଶ୍ୟକତା
ଏଥିରେ ପାଇବେ :
ମିଥ୍ୟା ପୂଜା କାହିଁକି ?
ମୁହୂର୍ତ୍ତ ଗଣନାର ଚକ୍ରବ୍ୟୂହ


ଚମତ୍କାରର ରହସ୍ୟ
(ହେତୁବାଦୀ ବିଚାର)
ଏଥିରେ ପାଇବେ :-
ଗରିବ ଦେଶର ଧନୀ ଭଗବାନ
ହାଇଟେକ୍ ପୂଜା ପଦ୍ଧତି ଓ ଧନୀ ଭକ୍ତ
ଧାର୍ମିକ ମେଳା ଓ ପର୍ବ ବେଳେ ବିପଦ
ବାଲ୍ମୀକି ନାୟକ


ବାଲ୍ମୀକି ନାୟକଙ୍କ
ତର୍କର ଊର୍ଦ୍ଧ୍ୱରେ କିଏ
ଏଥିରେ ପାଇବେ :
ଆତ୍ମାର ବୈଜ୍ଞାନିକ ବିଶ୍ଳେଷଣ
ପିଣ୍ଡଦାନ କାହା ପାଇଁ
ଧର୍ମ ସହିତ ବିଜ୍ଞାନର ସଂଘର୍ଷ

# ଆପଣଙ୍କ ମତାମତ

ମହାଶୟ, ସର୍ବପ୍ରଥମେ ସୁଦୂର ଓଡିଶାରୁ ମୁଁ ଆପଣଙ୍କୁ ସପ୍ରେମ ନମସ୍କାର ଜଣାଉଛି । ଆପଣଙ୍କ ସାହିତ୍ୟ ବିଭାଗ ପ୍ରତି ଯେଉଁ ପ୍ରଚେଷ୍ଟା ଜାରି ରଖିଛନ୍ତି ସେଥିପାଇଁ ହଜାରେବାର ବଧେଇ । ଜଣେ ବନ୍ଧୁଙ୍କ ପାଖରୁ ଆପଣଙ୍କ ଠିକଣା ସଂଗ୍ରହ କରି କବିତାଟିଏ ପଠାଇଲି । ଲେଖା ସହିତ ଫଟୋ ଏବଂ ମୋର ତମାମ୍ ବିବରଣୀ ପଠାଉଛି । ଲେଖାଟିଏ ଆପଣଙ୍କର ମ୍ୟାଗାଜିନ୍ ରେ ସ୍ଥାନ ପାଇବାର ଆଶା ରଖିଛି । କାରଣ ମୁଁ ଆଶାରେ ବଞ୍ଚିବାକୁ ଭଲପାଏ । ମହାବିଦ୍ୟାଳୟର ପାଠପଢା, ତେଲ ଲୁଣ ସଂସାରରୁ ଲୁକ୍ତି ପାଇଲେ ଯାହା

ଯେତେବେଳେ ପାରେ କିଛି ଗାରେଇ ପକାଏ । ଏତିକି ଲେଖୁଲେଖୁ ୨୦୧୩/୧୪ ମସିହା ପବିତ୍ର ମକର ସଂକ୍ରାନ୍ତିରେ ଡ. ପ୍ରତିଭା ରାୟଙ୍କ କର କମଳରେ ମୋର ପ୍ରଥମ ପୁସ୍ତକ "ସ୍ମୃତି ଉନ୍ମୋଚତ ହୋଇଥିଲା । ଦ୍ୱିତୀୟ କବିତା ସଂକଳନ "ଅନ୍ତର୍ଦାହ"ର କାର୍ଯ୍ୟକ୍ରମ ପ୍ରାୟ ଶେଷ ପର୍ଯ୍ୟାୟରେ । ଜଗନ୍ନାଥ କରନ୍ତୁ ଆପଣଙ୍କ ପଦକ୍ଷେପ ଦୀର୍ଘଜୀବୀ ହେଉ । ରହୁଛି । ଇତି ।

ଆପଣଙ୍କର ଜଣେ ପରମ ବନ୍ଧୁ

ଦିଲ୍ଲୀପ କୁମାର ଘୋଷ

ଜଳେଶ୍ୱର, ଓଡିଶା

---

ମହୋଦୟ,

ବେଦାନ୍ତୀ ପତ୍ରିକାଟି ପ୍ରତ୍ୟେକ ମାସ ଉନ୍ନତରୁ ଉନ୍ନତତର ହେବାରେ ଲାଗିଛି । ଅନେକ ଭଲ ଲେଖା ଆପଣଙ୍କ ମାଧ୍ୟମରେ ମିଳୁଥିବାରୁ ଅନେକ ଧନ୍ୟବାଦ । ପ୍ରତି ମାସରେ ବାହାରୁଥିବା ପ୍ରିୟବ୍ରତ ପାତ୍ରଙ୍କର ଭ୍ରମଣକାହାଣୀ ଅତି ଉଚ୍ଚକୋଟିର । ଏହା ମାଧ୍ୟମରେ ଆମେ ପ୍ରତ୍ୟେକ ସ୍ଥାନର ଇତିହାସ ସହ ଭ୍ରମଣ ବିଷୟରେ ଜାଣିପାରୁଛୁ । ଲେଖିକା ପ୍ରତିଭା ପ୍ରିୟଦର୍ଶିନୀ, ବିଜ୍ଞାନୀ ଦାସ, ଶାନ୍ତିଲତା ମିଶ୍ର, ସୁଲୋଚନା ପଟ୍ଟନାୟକ, ଅନୁସୂୟା ମିଶ୍ର, ଦୀପକ ଷଡଙ୍ଗୀ  ଗଳ୍ପ ମଧ୍ୟ ଅତି ଉଚ୍ଚକୋଟିର । ଅନ୍ୟ ସମସ୍ତ କବିତା ଏବଂ ଲେଖା ମଧ୍ୟ ବହୁତ ଉଚ୍ଚକୋଟିର । ବେଦାନ୍ତୀ ପ୍ରତିମାସରେ ପଠାଉଥିବାରୁ ଆପଣଙ୍କୁ ଧନ୍ୟବାଦ । ସାହିତ୍ୟର ଜୟ ହେଉ ।

ଆପଣଙ୍କ ସହ ଲେଖକ ଏବଂ ଲେଖିକାମାନଙ୍କୁ ମୋର ଅନେକ ଅନେକ ସାଧୁବାଦ ।

ଧନ୍ୟବାଦ,

ମନୋଜ କୁମାର ପରିଡା, ବାଙ୍ଗାଲୋର

# ବିଦେଶ ଖବର

ସାଉଦି ଆରବରେ ଓଡ଼ିଆ ଅନୁଷ୍ଠାନର ସାଂସ୍କୃତିକ କାର୍ଯ୍ୟକ୍ରମ ସାଉଦି ଆରବର ରାଜଧାନୀ ରିୟାଦଠାରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଗଠିତ ରିୟାଦ ଓଡିଶା ସାମାଜିକ ତଥା ସାଂସ୍କୃତିକ ସଂଗଠନର (ରୋଜା) ୯ମ ବାର୍ଷିକ ଉତ୍ସବ ହୋଇଯାଇଛି | ରାଷ୍ଟ୍ର ବାହାରେ ଓଡ଼ିଆ କଳା ଓ ସାଂସ୍କୃତିକ ପ୍ରଚାର, ପ୍ରସାର ଦିଗରେ ଏହି ଅନୁଷ୍ଠାନ ବିଗତ କଛିବର୍ଷ ଧରି ଅନେକ ପ୍ରୟାସ ଜାରି ରଖିଛି | ଗତ ଅକ୍ଟୋବର ୧୩ ତାରିଖରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ଶିଳ୍ପପତି ଡ଼କ୍ଟର ଦେବ ମହାନ୍ତି ଓ ରିୟାଦ ସ୍ଥିତ ଦରତସଲାମ ଇଣ୍ଟରନେସନାଲ୍ ଦିଲ୍ଲୀ ପବ୍ଲିକ ସ୍କୁଲର ପ୍ରିନସିପାଲ ମାଇରାଜ ମହମ୍ମଦ ଖାନ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ | ଉଭୟ ଅତିଥି ସଂଗଠନର ବିଦେଶ ମାଟିରେ ଓଡ଼ିଆ ସଂସ୍କୃତି ଓ ସଦ୍ଭାବନାର ପ୍ରସାର ପାଇଁ ଅନୁଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିଥିଲେ |




ନଜର ସଭାପତି ଅଭିଭାଷଣରେ ଆଧ୍ୟକ୍ଷ ଶ୍ରୀ ଦେବାଶିଷ ରାଉତ ଓଡ଼ିଶାର କଳାକୁ କପରି ବିଦେଶଭୂମିରେ ବଜାୟ ରଖି ପାରିବା ତାହା ଉପରେ ମହତ୍ୱ ଦେଇଥଲେ | ସଂଗଠନର ପରାମର୍ଶ ଦାତା ଡକ୍ଟର ମହମଦ ଫଜଲ ହକ ଓ ସମଶେର ଅଲି ଉତ୍କଳୀୟ ସଂସ୍କୃତି ତଥା ନବ ଓଡିଶା ଉପରେ ଆଲୋକପାତ କରିଥିଲେ | ଏହି ଅବସରରେ ଶତାଧିକ ଦର୍ଶକଙ୍କ ଉପସ୍ଥିତିରେ ରୋଜାର ବାର୍ଷିକ ସ୍ମରଣିକା ଉନ୍ମୋଚନ ପରେ ଉପସଭାପତି ଶ୍ରୀ ସରୋଜ ପାଣିଗ୍ରାହୀ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିବାବେଳେ ଉପସଭାପତି ରାଜିକ ବକୀଲ ଧନ୍ୟବାଦ ଅର୍ପଣ କରିଥିଲେ |



ପ୍ରାରଂଭିକ କାର୍ଯ୍ୟକ୍ରମକୁ ଶ୍ରୀମତୀ ବିଲ୍କିସ୍ନ ଅଲିଙ୍କ ତତ୍ତ୍ୱାବଧାନରେ ମନହିଲ, ରାୟନ ଓ ତସନମ ସଂଯୋଜନା କରିଥିଲେ | ଉତ୍କଳିକା (ଜୁବେଲ ଓ ଇପି ) ଅନୁଷ୍ଠାନରୁ ଆସିଥିବା ପ୍ରଭାସୀ ଓଡ଼ିଆ ଅତିଥିମାନଙ୍କ ଉପସ୍ଥିତି ସଂଗଠନର ସମସ୍ତ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲା| ଶେଷରେ ସଭ୍ୟମାନଙ୍କ ପରିବାର ଦ୍ୱାରା ଅତ୍ୟନ୍ତ ମନମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା | ସାଂସ୍କୃତିକ ସଚିବ ଆଜିମୁଦିନ ଖାନ, ସହସଚିବ ପି.କେ. ଦାସ, ନୃତ୍ୟ ନିର୍ଦ୍ଦେଶିକା ଡ଼କ୍ଟର ଚନ୍ଦନା ପଟନାଏକ, ଶ୍ରୀମତୀ ଦୀପା ପାଣିଗ୍ରାହୀ ଓ ଶ୍ରୀମତୀ ଭାବନା ରାଉତ (ଜେନା) ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା| ସାଂସ୍କୃତିକ କାର୍ଯ୍ୟକ୍ରମର ମଂଚ ସଂଚାଳକ କାର୍ଯ୍ୟ ଯୁବ ସଦସ୍ୟ ଶ୍ରୀ ବିବେକ, ଶ୍ରୀ ସିରେପାଣି, ଶ୍ରୀ ଯୁଗଳ, ଶ୍ରୀ ସମ୍ବିତ, ଶ୍ରୀ ଅଭିଶେଖ, ଶ୍ରୀମତୀ ଦୀପିକା ଓ ଶ୍ରୀମତୀ ଭାବନା ଅତ୍ୟନ୍ତ ସୁଚାରୁ ଭାବେ କରିଥିଲେ |

~ ~ ~

# ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୧୧/୨୦୧୭ | ଗରୁଡ ଦ୍ୱାଦଶୀ ଓ ତୁଳସୀ ବିବାହ |
| ୦୨/୧୧/୨୦୧୭ | ବଡ ଓଷା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା |
| ୦୩/୧୧/୨୦୧୭ | ଚନ୍ଦ୍ରପୂଜା ଓ ଉପବାସ |
| ୦୪/୧୧/୨୦୧୭ | ରାସ ପୂର୍ଣ୍ଣିମା, ବାଲିଯାତ୍ରା, କେଦାର ବ୍ରତ, କାର୍ତ୍ତିକେଶ୍ୱର ପୂଜା ଓ କାର୍ତ୍ତିକ ବ୍ରତ ସମାପନ |
| ୫/୧୧/୨୦୧୭ | ଛାଡ ଖାଇ |
| ୦୮/୧୧/୨୦୧୭ | ସୀତା ବିବାହ |
| ୧୧/୧୧/୨୦୧୭ | ପ୍ରଥମାଷ୍ଟମୀ ଓ କାଞ୍ଜିଅଁଳା ନବମୀ |
| ୧୪/୧୧/୨୦୧୭ | ଉତ୍ପନା ଏକାଦଶୀ, ଶିଶୁ ଦିବସ ଓ ହଳ ନଷେଧ |
| ୧୬/୧୧/୨୦୧୭ | ବିଛା ସଂକ୍ରାନ୍ତି, କାର୍ତ୍ତିକେୟ ପୂଜା, ଗୁରୁବାର ଓଷା ଆରମ୍ଭ |
| ୧୭/୧୧/୨୦୧୭ | ଶ୍ରୀମନ୍ଦିରରେ ଦେବଦୀପାବଳୀ ଆରମ୍ଭ, ଚନ୍ଦ୍ରକ୍ଷୟ ଓ ନଶିପାଳନ |
| ୧୮/୧୧/୨୦୧୭ | ଅମାବାସ୍ୟା, ମଧଦେବ ଦୀପାବଳୀ ଉତ୍ସବ ଓ ହଳ ନଷେଧ |
| ୧୯/୧୧/୨୦୧୭ | ଦେବଦୀପାବଲ୍ୟୁତ୍ସବ ସମାପ୍ତି |
| ୨୦/୧୧/୨୦୧୭ | ଚନ୍ଦ୍ରଦର୍ଶନ |
| ୨୩/୧୧/୨୦୧୭ | କୁରଳ ପଞ୍ଚମୀ, ଗୁରୁ ପଞ୍ଚମୀ ବ୍ରତ ଓ ଶରଣ ଆରମ୍ଭ |
| ୨୪/୧୧/୨୦୧୭ | ଓଢଣ ଓ ପ୍ରାବରଣ ଷଷ୍ଠୀ |
| ୨୮/୧୧/୨୦୧୭ | ଶରଣ ଶେଷ |
| ୩୦/୧୧/୨୦୧୭ | ମୋକ୍ଷଦା ଏକାଦଶୀ, ଲକ୍ଷ୍ମୀ ନାରାୟଣ ବ୍ରତ ଓ ହଳ ନଷେଧ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com / editor.vedantimagazine@gmail.com



ଆସିଛି ଇଲିସି ମାଛ,
ଖାଇବା ଯଦି ଆସ
ଭଜା କି ତିଅଣ ଖାଇବ,
ଆଗ ଜଣେଇ ଦେବ

(ବିଜେତା: ପ୍ରକାଶ ସାହୁ,
ବିଶାଖାପାଟନମ୍ ନାଭାଲ ବେସ୍, ଆନ୍ଧ୍ର ପ୍ରଦେଶ)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଷୟର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: **vedantimagazine@gmail.com** । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**